

ଇଶାନ୍‌ଙ୍କ ବିସ୍ଫୋରକ ବ୍ୟାଟିଂ; ପାକିସ୍ତାନ ଧରାଶାୟୀ

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-231 ♦MONDAY ♦16 FEBRUARY 2026 ♦PAGE-12 ♦₹ 7.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୨୩୧ ♦ସୋମବାର ♦୧୬ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦






10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ସଞ୍ଚୟ 28 ଫେବୃଆରୀ 2026 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉଦ୍ଧୃତ ମୋଟ ସଞ୍ଚୟ ହେଉଛି କ୍ୟାଶ୍ ବ୍ୟାଙ୍କଜନିତ ସଞ୍ଚୟ । ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 5 ମାଗଣା ସର୍ଭିସ୍ (3 ଷ୍ଟାଣ୍ଡାର୍ଡ ମାଗଣା ସର୍ଭିସ୍ ଓ 2 ଅତିରିକ୍ତ ମାଗଣା ସର୍ଭିସ୍) । ମାଗଣା ସର୍ଭିସ୍ ଙ୍କ ସଞ୍ଚୟସବୁ ନିର୍ଦ୍ଧାରିତ ଲେବର୍ ଚାର୍ଜେସ୍ ଉଦିଷ୍ଟ । ପ୍ରଯୁଜ୍ୟ ଅଫର୍‌ସବୁ ମଡେଲ/ପ୍ରଦେଶ ଅନୁସାରେ ଭିନ୍ନ ହୋଇପାରେ । ଶୂନ୍ୟ ପିଏଫ୍ ରେ ସଞ୍ଚୟ, ଫାଇନାନ୍ସର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଭିନ୍ନ ହୋଇପାରେ । ଫାଇନାନ୍ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ । ପଲ୍‌ସର 125 ଅଫର୍ ନିଅନ୍ ଓ କାର୍ବନ୍ ଫାଇବର୍ ମଡେଲ୍ ସହାଣେ ।

**Authorised Dealers for BAJAJ Auto Ltd.: Jeypore:** DURRANI TRADERS 9124212491 • **Nabarangapur** DURRANI TRADERS 9124212490 , • Raighar DURRANI TRADERS 8260225498• **Bhawanipatna** KALINGA AUTO SERVICE 8763863692 • **Bolangir** URBASI BAJAJ 7381052046. • **Rayagada** SITA RAMA BAJAJ 7205631185, • **Gunupur** SITA RAMA BAJAJ 9437771070.


# ଶିବ ପଞ୍ଚାକ୍ଷରୀରେ ଗଗନପବନ ପ୍ରକମ୍ପିତ

ଭୁବନେଶ୍ୱର, ୧୫।୨ (ସମିସ): ଗାଁଠୁ ସହର, ପୀଠରୁ ମନ୍ଦିର; ସବୁ କିଛି ଓ ସବୁଆଡ଼ ଶିବମୟ। ସବୁଠି ନାହିଁ ନଥିବା ଭିଡ଼। ଭକ୍ତଙ୍କ ଗହଳି ଓ କୋଳାହଳରେ ଫାଟି ପଡୁଛି ଶିବାଳୟ। ଶିବପଞ୍ଚାକ୍ଷରୀ ମନ୍ତ୍ରରେ ପ୍ରକମ୍ପିତ ଗଗନପବନ। ଶାନ୍ତିଶୃଙ୍ଖଳାର ସହ ଆଜି ରାଜ୍ୟବ୍ୟାପୀ ପବିତ୍ର ମହାଶିବରାତ୍ରି ଭକ୍ତିସହକାରେ ପାଳିତ ହୋଇଯାଇଛି। କାଁ ଭାଁ କେଉଁଠି ଅବ୍ୟବସ୍ଥାକୁ ବାଦ୍ ଦେଲେ ମହାଦେବଙ୍କ ନୀତିକାନ୍ତି ସୁରୁଖୁରୁରେ ସଂପାଦିତ ହେବା ସହ ନିର୍ଦ୍ଧାରିତ ସମୟରେ ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଛି। ଭୁବନେଶ୍ୱରର ପ୍ରସିଦ୍ଧ ଏକାମ୍ରକ୍ଷେତ୍ରଠାରୁ ଆରମ୍ଭ କରି ଭଦ୍ରକର ବାବା ଆଖଣ୍ଡଳମଣିଙ୍କ ଆରଡ଼ି କ୍ଷେତ୍ର, ପୁରୀରେ ଶ୍ରୀଲୋକନାଥ, କପିଳାସରେ ବାବାଚନ୍ଦ୍ରଶେଖର, କଟକ ଧବଳେଶ୍ୱର, ବଲାଙ୍ଗିରର ପ୍ରସିଦ୍ଧ ହରିଶଙ୍କର, ରାଉରକେଲା ବେଦବ୍ୟାସ ପୀଠ ସମେତ ରାଜ୍ୟର ପ୍ରମୁଖ ଓ ଛୋଟବଡ଼ ଶୈବପୀଠକୁ ଆଜି ଭୋର୍‌ରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା।

ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ ପାଇଁ ଗତକାଲି ରାତି ୨ଟାରୁ ଶ୍ରଦ୍ଧାଳୁମାନେ ଧାଡ଼ି ଲଗାଇଥିଲେ। ହାତରେ କେତକୀ, ଦୁଦୁରା, କିଆ ଫୁଲ ସହ ବେଲପତ୍ର, କ୍ଷୀର ଧରି ଲିଙ୍ଗରାଜଙ୍କ ଦର୍ଶନ ପାଇଁ ଅପେକ୍ଷା କରିଥିଲେ। ଭୋର ୩ଟାରୁ ସାଢ଼େ ୩ଟା ମଧ୍ୟରେ ମନ୍ଦିରର ପହୁଡ଼ ଖୋଲିବା ପରେ ମହାଦେବଙ୍କ ମଙ୍ଗଳ ଆଳତି ଓ ଅବକାଶ ହୋଇଥିଲା। ପରେ ସାଢ଼େ ୩ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ସାହାଣମେଲା ଦର୍ଶନ ଚାଲିଥିଲା। ପରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ସେହିପରି ଆଠଗଡ଼ର ଆରାଧ୍ୟ ବାବା ଧବଳେଶ୍ୱରଙ୍କ ପୀଠରେ ମଧ୍ୟ ଭକ୍ତଙ୍କ ନାହିଁ ନଥିବା ଭିଡ଼ ହୋଇଥିଲା। କେତକୀ ଫୁଲରେ ସଜେଇ ହୋଇ ବଡ଼ସିଂହାର ବେଶରେ ଶ୍ରଦ୍ଧାଳୁଙ୍କୁ ବାବା ଧବଳେଶ୍ୱର ଦର୍ଶନ ଦେଇଥିଲେ। ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସର ଶ୍ରୀଚନ୍ଦ୍ରଶେଖରଜୀଉ ମହାଦେବଙ୍କ ଦର୍ଶନ ପାଇଁ ମଧ୍ୟ ଶ୍ରଦ୍ଧାଳୁଙ୍କ ଲମ୍ବାଲାଇନ୍ ଦେଖିବାକୁ ମିଳିଥିଲା। ସେହିପରି ପଶ୍ଚିମ ଓଡ଼ିଶାର ପ୍ରମୁଖ ଶୈବପୀଠ ବଲାଙ୍ଗୀରର ହରିଶଙ୍କର, ଭଦ୍ରକ ଆରଡିର ବାବା ଆଖଣ୍ଡଳମଣି, କୋରାପୁଟର ଗୁପ୍ତେଶ୍ୱର ପୀଠ, ବାଲେଶ୍ୱରର ପଞ୍ଚଲିଙ୍ଗେଶ୍ୱର, ଚନ୍ଦନେଶ୍ୱର ଓ ଭୁଷଣ୍ଡେଶ୍ୱର, ସମ୍ବଲପୁରର ହୁମା, ନୟାଗଡ଼ର ବାବା ଲଡୁକେଶ୍ୱର, ପୁରୀର ବାବା ଲୋକନାଥ, ଜଗତସିଂହପୁରର ବାବା ଗୋରେଖନାଥ ଏବଂ ରାୟଗଡ଼ାର ପାତାଳେଶ୍ୱର ମନ୍ଦିର ସମେତ ରାଜ୍ୟର ସମସ୍ତ ଶୈବପୀଠରେ ଯଥାବିଧି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହେବା ସହିତ ମଧ୍ୟରାତ୍ରରେ ମହାଦୀପ ଉଠିଥିଲା।


ଶ୍ରୀଲିଙ୍ଗରାଜ, ଭୁବନେଶ୍ୱର


ଲୋକନାଥ, ପୁରୀ


ଆଖଣ୍ଡଳମଣି ପୀଠ, ଭଦ୍ରକ


ଭୁଷଣ୍ଡେଶ୍ୱର, ବାଲେଶ୍ୱର

# ଜାଗରରେ ସେବାୟତଙ୍କୁ କପିଳାସ ପୀଠ ମନା

**■ ନୀତିକାନ୍ତି ୪ ଘଣ୍ଟା ବିଳମ୍ବ, ଭକ୍ତ ମହଲରେ ଅସନ୍ତୋଷ**
**■ ଦେଓଗାଁ ଜଗନ୍ନାଥ ମନ୍ଦିରରେ ଦେଲେ ଧାରଣା**

ଗଁଦିଆ, ୧୫।୨ (ସମିସ): ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସରେ ଜାଗର ପର୍ବରେ ଦେଖିବାକୁ ମିଳିଛି ବ୍ୟାପକ ଅବ୍ୟବସ୍ଥା। ପୀଠର ବାରବାଙ୍କ ନିକଟରେ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଓ ମନମାନିକୁ ନେଇ ତାତିଥିଲେ ସେବାୟତ। ମୁଖ୍ୟ ସେବାୟତ ଓ ଛତିଶା ନିଯୋଗକୁ ପର୍ବତ ଶିଖରରେ ବିରାଜମାନ ମହାପ୍ରଭୁଙ୍କ ମନ୍ଦିରକୁ ଯିବାକୁ ଦିଆଯାଇନଥିଲା। ଏପରିକି, ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମଧ୍ୟ ଛଡ଼ାଯାଇନଥିଲା। ଏହାର ପ୍ରତିବାଦରେ ସେବାୟତମାନେ ନୀତିକାନ୍ତି ବନ୍ଦ କରି କପିଳାସ ପାଦଦେଶରେ ଜଗନ୍ନାଥ ମନ୍ଦିରରେ ଧାରଣାରେ ବସିଥିଲେ। ଫଳରେ ନୀତିକାନ୍ତି ୪ଘଣ୍ଟା ବିଳମ୍ବ ହୋଇଥିଲା। ଏନେଇ ଭକ୍ତଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସଦର ଏସ୍‌ଡିପିଓ ଓ ଦେବୋତ୍ତର ଇନ୍ସପେକ୍ଟର୍ ପହଞ୍ଚି ବୁଝାସୁଝା କରିବା ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ଉପଜିଲ୍ଲାପାଳ ଘଟଣାସ୍ଥଳରେ ପହଞ୍ଚି କ୍ଷମା ପ୍ରାର୍ଥନା କରିଥିଲେ। ପୁଲିସର ଏଭଳି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇ ଆସନ୍ତା ୨୦ ତାରିଖ ବସିବାକୁ ଥିବା ବୈଠକରେ ସେବାୟତ, ଛତିଶାନିଯୋଗ ଓ ପ୍ରଶାସନ ଉପସ୍ଥିତିରେ ଅବ୍ୟବସ୍ଥାକୁ ବିଶଦ୍ ଆଲୋଚନା ପାଇଁ ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହେବା ସହ ନୀତିକାନ୍ତି ଆରମ୍ଭ ହୋଇଥିଲା।

ସୂଚନାଯୋଗ୍ୟ, ଗତବର୍ଷ ମଧ୍ୟ ଏଭଳି ପରିସ୍ଥିତି ଉପୁଜିଥିଲା। ବାରମ୍ବାର ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ହେଉଥିବାରୁ ଏହାର ସ୍ଥାୟୀ ସମାଧାନ ଦାବି କରିଛନ୍ତି ସମସ୍ତ ସେବାୟତ। ପୂର୍ବରୁ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସେବାୟତମାନେ ସେମାନଙ୍କ ପରିଚୟପତ୍ର ଦେଖାଇ ଯିବା ବ୍ୟବସ୍ଥା ହୋଇଥିଲା। କିନ୍ତୁ, ପ୍ରଥମ ବାଙ୍କରେ ନିୟୋଜିତ ପୁଲିସ କର୍ମଚାରୀମାନେ ତାଙ୍କୁ ଯିବାକୁ ଦେଇ ନ ଥିଲେ। ଯାହାକୁ ନେଇ ଏପରି ପରିସ୍ଥିତି ଉପୁଜିଥିଲା।



# ଦକ୍ଷିଣା ପାଇଁ ଏତେ ଜୁଲମ୍ କାହିଁକି?

**■ ଜାଗରରେ ତିକ୍ତ ଅନୁଭୂତି ନେଇ ଘରକୁ ଫେରିଲେ ଦମ୍ପତି**
**■ ମନକୁ ଗଲାନି ପାଉଣା; ଭୋଗଥାଳି ପେଲିଦେଲେ ସେବାୟତ**

ପୁରୀ, ୧୫।୨(ସମିସ): ଦକ୍ଷିଣା ପାଇଁ ଜୁଲମ୍। ପବିତ୍ର ଜାଗରରେ ଶ୍ରୀଲୋକନାଥଙ୍କ ପୀଠରୁ ଆଜି ଏକ ଦମ୍ପତି ଏମିତି ତିକ୍ତ ଅନୁଭୂତି ନେଇ ଫେରିଛନ୍ତି। ପିପିଲି ଦାଣ୍ଡମୁକୁନ୍ଦପୁରର ଲକ୍ଷ୍ମୀଧର ମିଶ୍ର ତାଙ୍କ ରୋଗିଣା ପତ୍ନୀଙ୍କୁ ଧରି ଆଜି ପ୍ରଭୁ ଲୋକନାଥଙ୍କ ଦର୍ଶନ ପାଇଁ ଆସିଥିଲେ। ଇଚ୍ଛା ଥିଲା, ଠାକୁରଙ୍କୁ ଦର୍ଶନ କରି ନିଜ ଦୁଃଖକଷ୍ଟ ଜଣାଇବେ। ହେଲେ ପୀଠରେ ପହଞ୍ଚିବା ପରେ ଦର୍ଶନ ପାଇଁ ତାଙ୍କୁ ନାକେଦମ୍ ହେବାକୁ ପଡ଼ିଥିଲା। ଦକ୍ଷିଣା ପାଇଁ ତାଙ୍କୁ ଏକପ୍ରକାର ଜୁଲମ୍‌ର ଶିକାର ହେବାକୁ ପଡ଼ିଥିଲା ବୋଲି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଲକ୍ଷ୍ମୀଧର।

ସେ ଅଭିଯୋଗ କରିଛନ୍ତି, 'ମୁଁ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ହୋଇଥିବା ବେଳେ ମୋ ସ୍ତ୍ରୀ ଜଣେ ରକ୍ତ କର୍କଟ ରୋଗୀ। ଆମ ଦୁଇଜଣଙ୍କୁ ଭିତରକୁ ଯିବା ପାଇଁ ୧ ହଜାର ଟଙ୍କା ମାଗିଲେ। ହେଲେ ଏତେ ଟଙ୍କା ଆମେ ଦେବାକୁ ସକ୍ଷମ ନ ଥିଲୁ। ତେଣୁ ୨୦୦ ଟଙ୍କା ଦେଇ ୨ଟି ଟିକେଟ୍ କରି ସ୍ୱତନ୍ତ୍ର ଟିକେଟଧାରୀଙ୍କ ପାଇଁ ଉଦ୍ଦିଷ୍ଟ ଲାଇନରେ ଗଲୁ। ହେଲେ ଭିତରେ ଭୋଗ ଲାଗିବା ପାଇଁ ସେବାୟତ ୨୦୦ ଟଙ୍କା ମାଗିଲେ। ମୁଁ ୨୦ ଟଙ୍କା ଥାଳିରେ ପକାଇଲି। ସେ ୨୦ ଟଙ୍କା ମୋ ପକେଟରେ ପୂରେଇ ଦେଲେ ଏବଂ ଭୋଗକୁ ପେଲିଦେଲେ। କହିଲେ ୨୦୦ ଦିଅ, ନହେଲେ ଭୋଗ କରିପାରିବ ନାହିଁ। ଦୁର୍ଭାଗ୍ୟର କଥା ହେଉଛି, ଭୋଗ ଆଣିପାରିଲୁ ନାହିଁ, ସେହିଠାରେ ରହିଗଲା। ପୁଲିସ ଆମକୁ ଭିଡ଼ି ବାହାର କରିଦେଲେ'।

ସେ ଆହୁରି ମଧ୍ୟ କହିଥିଲେ, ତାଙ୍କ ପତ୍ନୀଙ୍କ ଦେହ ଅସୁସ୍ଥ ଯୋଗୁ ସେ ମାନସିକ ରଖିଥିଲେ। ସେଥିପାଇଁ ପ୍ରଭୁ ଲୋକନାଥଙ୍କୁ ଦର୍ଶନ କରିବାକୁ ଆସିଥିଲେ। କିନ୍ତୁ ଠାକୁରଙ୍କୁ ଠିକ୍ ଭାବେ ଦର୍ଶନ ହେଲା ନାହିଁ, ବରଂ ସେମାନଙ୍କୁ ଜୁଲମର ଶିକାର ହେବାକୁ ପଡ଼ିଲା। ଏବେ ଚିନ୍ତା କରୁଛି ଯଦି କେବେ ମାନସିକ ରଖିବୁ, ଦୁଆର ମୁହଁରେ ଦୀପ ଜାଳି ଠାକୁରଙ୍କୁ ମୁଣ୍ଡିଆଟିଏ ମାରିଦେବୁ। ଆଜି ଜାଗର ପାଇଁ ଅବଶ୍ୟ ଭକ୍ତଙ୍କ ଭିଡ଼ ଥିଲା। ହେଲେ ମହାଶିବରାତ୍ରୀ ଭଲ ଦିନ ଭାବି ଠାକୁରଙ୍କୁ ଦୁଃଖ ଜଣାଇବା ପାଇଁ ଆସିଥିଲୁ। କିନ୍ତୁ, ଏଠି ଆସି ଯାହା ଅନୁଭବ କଲୁ, ପାଖରେ ଯଦି ପଇସା ଅଛି ଦର୍ଶନ ମିଳିବ ନ ହେଲେ ନାହିଁ ବୋଲି ଲକ୍ଷ୍ମୀଧର କ୍ଷୋଭର ସହ କହିଛନ୍ତି।

# ଜଳିଗଲା ଶୀତଳ ଭଣ୍ଡାର

କୁଚିଣ୍ଡା,୧୫।୨(ସମିସ): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍ ବାଉଁଶଲଗା ପଞ୍ଚାୟତ ନୁନିଆଁମୁଣ୍ଡାସ୍ଥିତ ଲାଠ୍ ଶୀତଳ ଭଣ୍ଡାରରେ ରବିବାର ସକାଳ ପ୍ରାୟ ୬ଟାରେ ଭୟଙ୍କର ଅଗ୍ନିକାଣ୍ଡ ଘଟି କୋଟି କୋଟି ଟଙ୍କାର କ୍ଷତି ହୋଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନଥିଲେ ସୁଦ୍ଧା ସର୍ଟ ସର୍କିଟ୍ ଯୋଗୁଁ ଏହି ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ପାଖରେ ପାଣି ନ ଥିବାରୁ ଦମକଳ ବାହିନୀଙ୍କୁ ଦୂରରୁ ପାଣି ଆଣିବାକୁ ପଡ଼ିଥିଲା। ମହୁମାଛି ଆକ୍ରମଣ ଯୋଗୁଁ ନିଆଁ ଲିଭାରେ ବାଧା ସୃଷ୍ଟି ହୋଇଥିଲା। ସକାଳ ପ୍ରାୟ ୬ଟାରେ କର୍ମଚାରୀମାନେ ମୋଟର ଚାଲୁ କରିବାକୁ ଯାଇଥିଲେ; ମାତ୍ର ତାହା ୧୦ ମିନିଟ ଭିତରେ ବନ୍ଦ ହୋଇ ଯାଇଥିଲା। ପରେ ଚାଲୁ କରିବାରୁ ଆଉ ଚାଲି ନଥିଲା। ତେଣୁ ଭିତରକୁ



ଦେଖିବାକୁ ଗଲା ବେଳକୁ ସେଠାରେ ଧୂଆଁ ବାହାରୁଥିଲା। କର୍ମଚାରୀଙ୍କଠାରୁ ସୂଚନା ପାଇ ଶୀତଳ ଭଣ୍ଡାର ମାଲିକ ଅନୁଭବ ଲାଠ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଗୋବିନ୍ଦପୁର ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିକାଣ୍ଡ ଏତେ ଭୟାବହ ଥିଲା ଯେ ଝାରସୁଗୁଡ଼ା ଜିଲ୍ଲା ଲଇକେରା ଓ କିର୍ମିରା ଅଗ୍ନିଶମ ବିଭାଗକୁ ମଧ୍ୟ ନିୟୋଜିତ କରାଯାଇଥିଲା। ପ୍ରାୟ ୬ଟି ଦମକଳ ଏଥିରେ ନିୟୋଜିତ ହୋଇଥିଲେ। ଗୋଦାମରେ ଭରପୂର ମାତ୍ରାରେ ମହୁଲ, ଶୁଖିଲା ଲଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ରହିଥିଲା। ସେ ସବୁ ସମ୍ପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଶୀତଳ ଭଣ୍ଡାର ମଧ୍ୟ ସମ୍ପୂର୍ଣ୍ଣ ପୋଡ଼ି ଯାଇଛି। ଏହି ଅଗ୍ନିକାଣ୍ଡରେ ୧୫କୋଟିରୁ ଅଧିକ ଟଙ୍କାର କ୍ଷତି ହୋଇଥିବା ଅନୁମାନ କରାଯାଉଛି।

# ହାତୀ ଆକ୍ରମଣରେ ଜଣେ ମୃତ

ବାଲିବନ୍ଧ/ଯୋଡ଼ା, ୧୫।୨(ସମିସ): କେନ୍ଦୁଝର ବନଖଣ୍ଡ ଚମ୍ପୁଆ ରେଞ୍ଜ ବାମେବାରୀ ବନାଞ୍ଚଳ ଝୁମ୍ପୁରା ବ୍ଲକ୍ ନୟାଗଡ଼ ନିକଟସ୍ଥ ଶରଧାପଙ୍କ ଗ୍ରାମର ଜଣେ ଯୁବକ ହାତୀପଲଙ୍କ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ମୃତକ ହେଲେ, ସନ୍ତୋଷ ମାଝୀ (୩୪)। ସନ୍ତୋଷ ଗତକାଲି ସନ୍ଧ୍ୟାରେ କୌଣସି କାମରେ ନେଙ୍କଡ଼ାପାଲି ଗ୍ରାମକୁ ଯାଇଥିଲେ। ସେଠାରୁ କାମ ସାରି ଫେରୁଥିବା ବେଳେ ଏକ ହାତୀପଲ ହାବୁଡ଼ରେ ପଡ଼ିଯାଇଥିଲେ। ସେ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଗୋଟିଏ ହାତୀ ତାଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେଇଥିଲା।

**ସାଇବର ଅପରାଧୀଙ୍କ ଉପରେ ପୁଲିସର 'କବଚ' ପ୍ରହାର**

# ୭୩ ବେନାମୀ ଆକାଉଣ୍ଟ ଜବତ, ୬ ଗିରଫ

**■ ୫୧ ଜଣଙ୍କୁ ଆଇନଗତ ନୋଟିସ୍**
**■ ସାଇବର ଠକେଇ ନେଟୱର୍କକୁ ଧ୍ୱଂସ କରିବାକୁ ପୁଲିସର ବଡ଼ ପଦକ୍ଷେପ**

କଟକ,୧୫।୨(ସମିସ): ସାଇବର ଅପରାଧର ନେଟୱର୍କକୁ ସମ୍ପୂର୍ଣ୍ଣ ରୂପେ ନିଶ୍ଚିହ୍ନ କରିବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଅଭିଯାନ 'ଅପରେସନ ସାଇବର କବଚ'। ଏହି ଅଭିଯାନ ଅଧୀନରେ ଆଜି ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଚଢ଼ଉ କରାଯାଇ ସାଇବର ଠକେଇରେ ବ୍ୟବହାର ହେଉଥିବା 'ବେନାମୀ ବ୍ୟାଙ୍କ ଆକାଉଣ୍ଟ' ଚିହ୍ନଟ କରାଯାଇଛି। ସମଗ୍ର ରାଜ୍ୟରେ ମୋଟ ୭୩ଟି ସନ୍ଦିଗ୍ଧ ଆକାଉଣ୍ଟ ଯାଞ୍ଚ ହେବା ସହ ଠକେଇରେ ସହାୟତା କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ସ୍ୱତନ୍ତ୍ର ଅଭିଯାନରେ ପୁଲିସକୁ ବଡ଼ ସଫଳତା ମିଳିଛି।

ବୌଦ୍ଧ ଜିଲ୍ଲାରେ ସର୍ବାଧିକ ୪୫ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରାଯିବା ସହ ୪୫ଜଣଙ୍କୁ ନୋଟିସ୍ ଜାରି ହୋଇଛି। ସେହିପରି, ମାଲକାନଗିରିରେ ୨୦ଟି ଏବଂ ସୁନ୍ଦରଗଡ଼ରେ ୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରାଯାଇଛି। ପୂର୍ବରୁ ରୁଜୁ ହୋଇଥିବା ମାମଲାରେ ତଦନ୍ତ କରିବା ପରେ ପ୍ରମାଣ ମିଳିବାରୁ ସୁନ୍ଦରଗଡ଼ ପୁଲିସ ୬ଜଣ ସାଇବର ଅପରାଧୀଙ୍କୁ ଗିରଫ କରିଛି। କଟକ ଯୁପିଡି ଅଞ୍ଚଳରେ ମଧ୍ୟ ୬ଟି ମ୍ୟୁଲ୍ ଆକାଉଣ୍ଟ ଯାଞ୍ଚ କରାଯାଇ ନୂତନ ମାମଲା ରୁଜୁ ହେବା ସହ ୬ ଜଣଙ୍କୁ ନୋଟିସ୍ ଦିଆଯାଇଛି। ଅପରେସନ ସାଇବର କବଚକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ସମ୍ପୃକ୍ତ ଜିଲ୍ଲାର ଏସପି ଏବଂ ଡିସିପିମାନେ ପ୍ରତ୍ୟକ୍ଷ ଭାବେ ଏହାର ନେତୃତ୍ୱ ନେଉଛନ୍ତି। ଜିଲ୍ଲା ସାଇବର ଟିମ୍ ସହାୟତାରେ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଉଛି। ସନ୍ଦିଗ୍ଧ ଆକାଉଣ୍ଟଧାରୀଙ୍କୁ ଧରିବା ସହ ସେମାନଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବା ପାଇଁ ରାଜ୍ୟବ୍ୟାପୀ ୫୧ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି।


ସୂଚନାଯୋଗ୍ୟ, ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ସାଇବର ଅପରାଧୀଙ୍କ ଆର୍ଥିକ ଭିତ୍ତିଭୂମିକୁ ନଷ୍ଟ କରିବା। ସାଇବର୍ ଠକେଇର ଶିକାର ହେଉଥିବା ସାଧାରଣ ଜନସାଧାରଣଙ୍କୁ ସୁରକ୍ଷା ଦେବା ପାଇଁ ଓଡ଼ିଶା ପୁଲିସ ସର୍ବଦା ପ୍ରସ୍ତୁତ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ଏହି ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି ସୂଚନା ମିଳିଛି।

# ଆରପାରିରେ ଗୀତା ପଟ୍ଟନାୟକ

କଟକ, ୧୫।୨(ସମିସ): ଆଉ ନାହାନ୍ତି ଓଲିଉଡ୍‌ର ବିଶିଷ୍ଟ କଣ୍ଠଶିଳ୍ପୀ ତଥା ଆକାଶବାଣୀ ଓ ଦୂରଦର୍ଶନର ଟପ୍-ଗ୍ରେଡ୍ ଗାୟିକା ଗୀତା ପଟ୍ଟନାୟକ। 'ଫୁର୍ କିନା ଉଡ଼ିଗଲା ବଣି' ସଂଗୀତର ମୂର୍ଚ୍ଛନାରେ ଅଗଣିତ ଶ୍ରୋତାଙ୍କୁ ବାନ୍ଧି ରଖିଥିବା ଗୀତାଙ୍କ ଜୀବନ ପକ୍ଷୀ ଉଡ଼ିଯାଇଛି ଆରପାରିକୁ। ସେ ଗୁରୁତର ଭାବେ ଅସୁସ୍ଥ ହୋଇ କଟକର ଏକ ଘରୋଇ ହସ୍ପିଟାଲର ଆଇସିୟୁରେ ଚିକିତ୍ସିତ ହେଉଥିବା ବେଳେ ଆଜି ସନ୍ଧ୍ୟା ୬ଟା ୧୮ରେ ତାଙ୍କର ପରଲୋକ ଘଟିଛି। ତାଙ୍କୁ ୭୧ ବର୍ଷ ହୋଇଥିଲା।

ଗତ ୧୨ତାରିଖରେ ଭୁବନେଶ୍ୱରରେ ଏକ ସାହିତ୍ୟ କାର୍ଯ୍ୟକ୍ରମରେ ସେ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସେଠାରେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରୀକ୍ଷାରୁ ଗୀତାଙ୍କ ମସ୍ତିଷ୍କାଘାତ ହୋଇଥିବା ଜଣାପଡ଼ିଥିଲା। ପରେ କଟକର ଏକ ଘରୋଇ ହସ୍ପିଟାଲକୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଆଜି ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା କ୍ଷଣି ଓଡ଼ିଶା ସଂଗୀତ ଓ ସାହିତ୍ୟଜଗତରେ ଶୋକର ଛାୟା ଖେଳି ଯାଇଛି। ଓଲିଉଡ୍‌ର କଳାକାର, ଓଡ଼ିଆ ସଂଗୀତପ୍ରେମୀ ଏବଂ ବନ୍ଧୁ ପରିବାରବର୍ଗ ହସ୍ପିଟାଲ୍‌ରେ ଗୀତାଙ୍କ ଶେଷ ଦର୍ଶନ କରିଥିଲେ। ଆସନ୍ତାକାଲି ସତୀଚଉରାଠାରେ ତାଙ୍କ ଶେଷକୃତ୍ୟ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି।

ଗୀତା ଓଡ଼ିଆ ସଂଗୀତ ଜଗତର ଜଣେ ଉଜ୍ଜ୍ୱଳମୟ ତାରକା। ନିଜର ସୁମଧୁର କଣ୍ଠ ପାଇଁ ସେ ଓଡ଼ିଶାର ଘରେଘରେ ପରିଚିତ। ବିଭିନ୍ନ ଓଡ଼ିଆ ସିନେମା, ଭଜନ, ଜଣାଣ, ଓ ଲୋକଗୀତରେ କଣ୍ଠଦାନ କରିଛନ୍ତି। ତାଙ୍କର ଅନେକ ଲୋକପ୍ରିୟ ଗୀତ ଅତ୍ୟନ୍ତ ଭକ୍ତିପୂର୍ଣ୍ଣ ଏବଂ ଆବେଗପୂର୍ଣ୍ଣ। ଶ୍ରୀ ଜଗନ୍ନାଥଙ୍କ ଭଜନ ଏବଂ ଅନ୍ୟାନ୍ୟ ଭଗବାନଙ୍କ ଜଣାଣ ଗାଇ ସେ ଓଡ଼ିଆଙ୍କ ହୃଦୟ ଜିଣିଥିଲେ। ୧୯୫୪ ମସିହା ଡିସେମ୍ବର ୧୦ ତାରିଖରେ ଗୀତା କଟକ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ। ଗୀତା ପ୍ରଥମେ ରେଡିଓରୁ ସ୍ୱରସମ୍ରାଜ୍ଞୀ ଲତା ମଙ୍ଗେସକର୍‌ଙ୍କ ଗୀତ ଶୁଣି ନିଜେ ନିଜେ ଗାଇବାକୁ ଚେଷ୍ଟା କରିଥିଲେ। ସେହି ସମୟରେ ତାଙ୍କର ଜଣେ ସମ୍ପର୍କୀୟ ଭଉଣୀ ଗୀତ ଶିଖୁଥିଲେ। ଦିନେ ସେ ତା' ସାଙ୍ଗରେ ଯାଇ ଗୁରୁଙ୍କ ନିକଟରେ ଗୀତ ଗାଇଲେ। ତାଙ୍କୁ ଗୁରୁ କହିଲେ ତୁ ଭଲ ଗାଉଛୁ-ଅଭ୍ୟାସ କଲେ ନିଶ୍ଚିତ ଭଲ ହେବ। ସେବେଠାରୁ ଗୀତାଙ୍କର ବଢ଼ିଯାଇଥିଲା ସଙ୍ଗୀତ ଆଗ୍ରହ। ଆଉ ତା' ପରେ ସେ ପଛକୁ ବୁଲି ଚାହିଁନଥିଲେ।



ସେ ୧୯୭୫ରେ 'କଟକ କଳା ବିକାଶ କେନ୍ଦ୍ର'ରେ ନାମ ଲେଖାଇଥିଲେ। ତାଙ୍କର ପ୍ରଥମ ଗୁରୁ ଥିଲେ ରଘୁନନ୍ଦ ଏବଂ ତା' ପରେ ରାଖାଲ ଚନ୍ଦ୍ର ମହାନ୍ତି ଓ ବାଳକୃଷ୍ଣ ଦାସଙ୍କଠାରୁ ଗୀତ ଶିଖିଥିଲେ। କଳା ବିକାଶ କେନ୍ଦ୍ରରେ ୬ ବର୍ଷ ଗୀତ ଶିଖିଥିଲେ। ଆଉ ସେଠାରୁ 'ସଙ୍ଗୀତ ଭୂଷଣ' ପାସ୍ କରିଥିଲେ। ତା' ପରେ ଶିଶୁ ସଂସାର ଓ କିଶୋର ଚକ୍ରରେ ନିୟମିତ ଗୀତ ଗାଇବା ଆରମ୍ଭ କରିଥିଲେ। ସେ ୧୯୭୧ ମସିହାରେ ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ହୋଇଥିଲେ। ଆକାଶବାଣୀରେ ତାଙ୍କର ପ୍ରଥମ ଗୀତ ଥିଲା 'ଜଗବନ୍ଧୁ ପରି ଜଣେ ସାମନ୍ତ'। ଅକ୍ଷୟ ମହାନ୍ତିଙ୍କ ପ୍ରଥମ ଗୀତ ଗାଇଥିଲେ 'ବଜାଏ ବେଣୁ'। ତା' ପରେ ଅକ୍ଷୟ ମହାନ୍ତିଙ୍କ ନିର୍ଦ୍ଦେଶନାରେ ବହୁତ ଗୀତ ଗାଇଥିଲେ। ସେ ମାତ୍ର ୧୫ ବର୍ଷ ବୟସରେ 'ଅଦିନ ମେଘ' ଚଳଚ୍ଚିତ୍ରରେ ପ୍ରଥମ ପ୍ରଚ୍ଛଦପଟ୍ଟ ଗାୟିକା ଭାବେ ଗୀତ ଗାଇଥିଲେ।

# ଶୋକ ବ୍ୟକ୍ତ କଲେ ମୋହନ, ନବୀନ

ଭୁବନେଶ୍ୱର,୧୫।୨(ସମିସ): ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ଦେହାନ୍ତ ବିଷୟରେ ଜାଣି ଅତ୍ୟନ୍ତ ଦୁଃଖିତ। ତାଙ୍କର ବିୟୋଗ ଓଡ଼ିଶାର ସଙ୍ଗୀତ ଓ ସଂସ୍କୃତି ପାଇଁ ଏକ ଅପୂରଣୀୟ କ୍ଷତି। ଏହି ଦୁଃଖଦ ସମୟରେ ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାର ସଦଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ଉଲ୍ଲେଖ କରିଛନ୍ତି। ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ୍ସରେ ଉଲ୍ଲେଖ କରିଛନ୍ତି, ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ତାଙ୍କ ସୁମଧୁର କଣ୍ଠ ଓଡ଼ିଆ ସଙ୍ଗୀତକୁ ଘରେ ଘରେ ପହଞ୍ଚାଇଛି। ଅନେକ ଲୋକପ୍ରିୟ ସଙ୍ଗୀତ ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନଙ୍କ ପ୍ରତି ନବୀନ ସମବେଦନା ଜଣାଇଛନ୍ତି।

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-231 •MONDAY •16 FEBRUARY 2026 •PAGE-12 •₹ 7.00

•ବର୍ଷ-୪୩ •ସଂଖ୍ୟା-୨୩୧ •ସୋମବାର •୧୬ ଫେବୃଆରୀ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦



ସଅଳ ଉଠିଲା ଶ୍ରୀଲିଙ୍ଗରାଜଙ୍କ ମହାଦୀପ

# ଦର୍ଶନରେ ବିଶୃଙ୍ଖଳା

## ଭିଭିଆଇପିଙ୍କ ସୁବିଧା ପାଇଁ ଶ୍ରଦ୍ଧାଳୁ ହନ୍ତସନ୍ତ

## ପୁଲିସ-ସେବାୟତଙ୍କ ମଧ୍ୟରେ ଗଣ୍ଡଗୋଳ

■ ଭୁବନେଶ୍ୱର, ୧୫।୨ (ସମିସ): ମହାଶିବରାତ୍ରୀ ପାଇଁ ଏକାମ୍ର କ୍ଷେତ୍ରାଧିପତି ଶ୍ରୀ ଲିଙ୍ଗରାଜ ମନ୍ଦିରରେ ଆଜି ହୋଇଛି ପ୍ରବଳ ଭିଡ଼ । ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଶୀଘ୍ର ମହାଦୀପ ଉଠିଥିଲେ ହେଁ, ଦିନସାରା ହଜାର ହଜାର ଭକ୍ତ ପୂଜା ପାଇଁ ମନ୍ଦିରରେ ଘଣ୍ଟାଘଣ୍ଟା ଧାଡ଼ି ଲଗାଇଥିବା ସତ୍ତ୍ୱେ ଠାକୁରଙ୍କୁ ଦର୍ଶନ ପାଇ ନିରାଶ ଫେରିଥିବା ଅଭିଯୋଗ ହୋଇଛି । ଭିଆଇପି ଓ ଭିଭିଆଇପିମାନଙ୍କ ଦର୍ଶନ ପାଇଁ ସାଧାରଣ ଭକ୍ତଙ୍କୁ ପ୍ରଶାସନ ପାତରଅନ୍ତର କରିଛି। ଭିଭିଆଇପିମାନେ ଅଧ ଘଣ୍ଟା ମଧ୍ୟରେ ଦର୍ଶନ ଓ ପୂଜାର୍ଚ୍ଚନା କରି ଫେରୁଥିବାବେଳେ ସାଧାରଣ ଲୋକମାନଙ୍କୁ ଠାକୁରଙ୍କ ଦର୍ଶନ ପାଇଁ ଛଅରୁ ଆଠଘଣ୍ଟା ପର୍ଯ୍ୟନ୍ତ ଧାଡ଼ିରେ ଅପେକ୍ଷା କରିବାକୁ ପଡ଼ିଛି । ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ପୁଲିସ-ସେବାୟତଙ୍କ ମଧ୍ୟରେ ଗଣ୍ଡଗୋଳ ମଧ୍ୟ ଦର୍ଶନରେ ବିଭ୍ରାଟ ସୃଷ୍ଟି କରିଛି ।

ରାତି ନ ପାହୁଣୁ ଠାକୁରଙ୍କ ଦର୍ଶନ ପାଇଁ ହଜାର ହଜାର ଲୋକ ସିଂହଦ୍ୱାରରେ ଧାଡ଼ି ଲଗାଇଥିବା ସତ୍ତ୍ୱେ ଭିଭିଆଇପି, ଭିଆଇପି ଏବଂ ସ୍ୱତନ୍ତ୍ର ପାସ୍‌ଧାରୀ ଦକ୍ଷିଣ ଦ୍ୱାର ବାଟେ ପ୍ରବେଶ ବ୍ୟବସ୍ଥା କରାଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେହିପରି ସେବାୟତଙ୍କ ପରିବାର ଲୋକେ ମଧ୍ୟ ସେହି ଦ୍ୱାରରେ ପ୍ରବେଶ କରିବାର ବ୍ୟବସ୍ଥା ହୋଇଛି । ମାତ୍ର ଉଚ୍ଚ ପଦସ୍ଥ ପୁଲିସ କର୍ମଚାରୀ, ପ୍ରଶାସନିକ ଅଧିକାରୀଙ୍କ ସହ ସେମାନଙ୍କ ସମ୍ପର୍କୀୟ, ବନ୍ଧୁବାନ୍ଧବ, ଏପରିକି ଘରୋଇ ପରିଚାରକମାନଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥାକୁ ଲୋକମାନେ ଗ୍ରହଣ ପରିପାରି ନାହାନ୍ତି। ଭିଆଇପିମାନଙ୍କ ଦର୍ଶନ ପାଇଁ କାହିଁକି ସାଧାରଣ ଲୋକେ ଘଣ୍ଟା ଘଣ୍ଟା ଧାଡ଼ିରେ ଠିଆ ହେବେ ଓ ଠାକୁର କ'ଣ ଖାଲି ଭିଆଇପିଙ୍କର ବୋଲି ମଧ୍ୟ ଅନେକେ ପ୍ରଶ୍ନ କରିଛନ୍ତି । ବୟସ୍କ ବ୍ୟକ୍ତି, ମହିଳା ଓ ଛୋଟ ପିଲା ଧାଡ଼ିରେ ଅସୁସ୍ଥ ହୋଇ ପଡ଼ିଥିବା ଦେଖାଯାଇଛି। ▶ପୃଷ୍ଠା-୭

# ଆଣ୍ଠେଇଲା ପାକିସ୍ତାନ

## ଟି-୨୦ ବିଶ୍ୱକପ୍‌ରେ ଭାରତ ୬୧ ରନ୍‌ରେ ବିଜୟୀ



■ କଲମ୍ବୋ, ୧୫।୨ (ଏଜେନ୍ସି): କଲମ୍ବୋର ରଣସିଂହେ ପ୍ରେମଦାସା ଷ୍ଟାଡିୟମ୍‌ରେ ରବିବାର ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ର ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଭାରତ ୬୧ ରନ୍‌ରେ ପାକିସ୍ତାନକୁ ପରାସ୍ତ କରିଛି। ଭାରତକୁ ହରାଇବା ଲାଗି ପାକିସ୍ତାନ ଯେଉଁ ଦମ୍ଭ ଦେଖାଇଥିଲା ତାହା ଭାରତ ପ୍ରତିହତ କରିବାରେ ସମର୍ଥ ହୋଇଛି। କଲମ୍ବୋର ମନ୍ଥର ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୭ ୱିକେଟରେ ୧୭୫ ରନ୍ କରିଥିଲା। ଜବାବରେ ପାକିସ୍ତାନ ଭାରତୀୟ ବୋଲରଙ୍କୁ ଉଚିତ ମୁକାବିଲା କରି ନ ପାରି ୧୧୪ ରନ୍‌ରେ ଆଉଟ ହେବା ସହ କ୍ରମାଗତ ପଞ୍ଚମ ପରାଜୟ ବରଣ କରିଥିଲା। ଏହା ପୂର୍ବରୁ ଖେଳାଯାଇଥିବା ଏସିଆ କପ୍‌ରେ ଭାରତ ୩ଥର ଓ ୨୦୨୪ ବିଶ୍ୱକପ୍‌ରେ ଥରେ ପାକିସ୍ତାନକୁ ପରାସ୍ତ କରିଥିଲା। ୪୦ ବଲ୍‌ରୁ ୭୭ ରନ୍ କରିଥିବା ଇଶାନ କିଶାନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏହି ମ୍ୟାଚ୍‌ରେ ଭାରତର ସ୍ପିନର୍‌ମାନେ ୬ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ପେସର୍‌ମାନଙ୍କୁ ୪ଟି ୱିକେଟ୍ ମିଳିଥିଲା।

ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନ ସହ ହୋଇଥିବା ୯ମ ମୁକାବିଲାରୁ ଭାରତ ୮ମ ବିଜୟ ହାସଲ କରିଛି।

# କାଲିଠୁ ବିଧାନସଭାର ବଜେଟ ଅଧିବେଶନ

## ସରକାରଙ୍କୁ ଘେରିବା ପାଇଁ ବିରୋଧୀଙ୍କ ହାତରେ ମାଳମାଳ ପ୍ରସଙ୍ଗ

■ ଭୁବନେଶ୍ୱର, ୧୫।୨ (ସମିସ): ଦିନକ ପରେ ଅର୍ଥାତ ମଙ୍ଗଳବାରଠାରୁ ଆରମ୍ଭ ହେବ ବିଧାନସଭାର ବଜେଟ୍ ଅଧିବେଶନ। ଲମ୍ବା ଅବଧିର କାର୍ଯ୍ୟ ଦିବସକୁ ନେଇ ଆରମ୍ଭ ହେବାକୁ ଥିବା ଏଥର ଅଧିବେଶନ ବେଶ୍ ରୋଚକ ହୋଇପାରେ। କାରଣ, ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ବଜେଟ ସହ ଏହି ଅଧିବେଶନରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆସିବାର ସମ୍ଭାବନା ରହିଛି। ୧୭ ତାରିଖରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମ୍ ପାଟି ଗୃହକୁ ସମ୍ବୋଧନ କରିବେ। ଏହାପରେ ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ବଜେଟ ଉପସ୍ଥାପନ



କରିବେ। ବଜେଟ ଅଧିବେଶନ ୨ଟି ପର୍ଯ୍ୟାୟରେ ପ୍ରାୟ ଦେଢ଼ ମାସ ଧରି ଚାଲିବ।

ଗୃହକୁ ସୁରୁଖୁରୁରେ ଚଳାଇବା ପାଇଁ ଆସନ୍ତାକାଲି (ସୋମବାର) ପୂର୍ବାହ୍ନ ସାଢ଼େ ୧୧ଟାରେ ବାଚସ୍ପତି ସୁରମା ପାଢ଼ୀଙ୍କ

## ଆଜି ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ

## ସନ୍ଧ୍ୟାରେ ବିଜେଡି, କଂଗ୍ରେସ ବିଧାୟକ ଦଳ ବୈଠକ

ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ବସିବା ନେଇ ସ୍ଥିର ହୋଇଛି। ଉକ୍ତ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀଦଳ ମୁଖ୍ୟସଚେତକ ସରୋଜ କୁମାର ପ୍ରଧାନ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ▶ପୃଷ୍ଠା-୭

## ଦିଲ୍ଲୀରେ ନୂଆ ଓଡ଼ିଶା ଭବନ

# ୧୮ ମାସରେ ପଡ଼ିଲାନି ଖଣ୍ଡିଏ ଇଟା

## ତାରକା ହୋଟେଲକୁ ସରକାର ଭଡ଼ା ଗଣୁଛନ୍ତି କୋଟିକୋଟି ଟଙ୍କା

## ଦୁଇଟି ଅତିଥି ଭବନ ଥିବା ସତ୍ତ୍ୱେ ହୋଟେଲ ରହଣିକୁ ନେଇ ପ୍ରଶ୍ନ

## ତାରକା ହୋଟେଲରେ ଓଡ଼ିଶାକୁ ଲଜ୍ଜିତ କଲେ ଓଡ଼ିଆ ଅଧିକାରୀ

■ ଭୁବନେଶ୍ୱର, ୧୫।୨ (ସମିସ): ନୂଆଦିଲ୍ଲୀସ୍ଥିତ ଚାଣକ୍ୟପୁରୀରେ ଓଡ଼ିଶା ଭବନକୁ ଅସୁରକ୍ଷିତ ଘୋଷଣା କରି ୨୦୨୪ ସେପ୍ଟେମ୍ବର ମାସରେ ଭାଙ୍ଗି ଦିଆଗଲା। ସେହି ସ୍ଥାନରେ ୪୭୬୧ବର୍ଗମିଟର ଅଞ୍ଚଳରେ ୭ ମହଲା ବିଶିଷ୍ଟ ନୂଆ ଅଟ୍ଟାଳିକା ନିର୍ମାଣ କରାଯିବ ବୋଲି କୁହାଗଲା। ନୂଆ ଅଟ୍ଟାଳିକାରେ ମୋଟ ୪୫ ସୁଇଟ୍ ଓ କୋଠରୀ ନିର୍ମାଣ ନିମନ୍ତେ ନକ୍ସା ବି ପ୍ରସ୍ତୁତ ହେଲା। ନୂତନ ଓଡ଼ିଶା ଭବନ ତୁରନ୍ତ ନିର୍ମାଣ ନିମନ୍ତେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଲେ; ମାତ୍ର ଇତିମଧ୍ୟରେ ୧୮ ମାସ ବିତି ଯାଇଥିଲେ ବି ନୂଆ ଭବନ ପାଇଁ ଇଟାଖଣ୍ଡେ ପଡ଼ି ପାରିଲା ନାହିଁ। ପରିଣତିସ୍ୱରୂପ ଦାପ୍ତରିକ କାର୍ଯ୍ୟରେ ଦିଲ୍ଲୀ ଯାଉଥିବା ମନ୍ତ୍ରୀ, ଅଧିକାରୀ, ସରକାରୀ କର୍ମଚାରୀଙ୍କୁ ବିଳାସପୂର୍ଣ୍ଣ ଅଶୋକା ହୋଟେଲ ରହିବା ପାଇଁ ବ୍ୟବସ୍ଥା କରାଯାଉଛି ଏବଂ ଏ ବାବଦରେ ରାଜ୍ୟ ରାଜକୋଷରୁ ପ୍ରତି ମାସରେ ବିପୁଳ ଅର୍ଥ ବ୍ୟୟ ହେଉଛି। ଚାଣକ୍ୟପୁରୀ କୌଟିଲ୍ୟ ମାର୍ଗରେ ଓଡ଼ିଶା ନିବାସ ଓ ସେକ୍ଟର ୧୬ରେ ଓଡ଼ିଶା ସଦନ ନାମରେ ଓଡ଼ିଶା ସରକାରଙ୍କ ଦୁଇଟି ଅତିଥି ଭବନ ଥିବା ସତ୍ତ୍ୱେ ତାରକା ହୋଟେଲରେ ରାଜ୍ୟ ସରକାରୀ ଅଧିକାରୀ, କର୍ମଚାରୀଙ୍କ ରହଣି ବ୍ୟବସ୍ଥା କରାଯିବା ରାଜ୍ୟବାସୀଙ୍କ ପାଇଁ ଅବୋଧ୍ୟ ହୋଇଛି। ଏହି ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ସରକାର ଯାତାୟତ ଖର୍ଚ୍ଚ ବହନ କରୁଛନ୍ତି, ଦିଲ୍ଲୀରେ ଏୟାରପୋର୍ଟରୁ ନେବା ଆଣିବା ସହ ଅନ୍ୟାନ୍ୟ କାର୍ଯ୍ୟ ଓ ବୁଲାବୁଲି ପାଇଁ ଗାଡ଼ି ବ୍ୟବସ୍ଥା ହୋଇଛି; ମାତ୍ର ତାରକା ହୋଟେଲରେ ▶ପୃଷ୍ଠା-୭

# ବଢ଼ିଲା ଖରା

## ୩୬ ଡିଗ୍ରୀ ଛୁଇଁଲା ପାରଦ

■ ଭୁବନେଶ୍ୱର, ୧୫।୨ (ସମିସ): ରାଜ୍ୟରେ ଦିନର ତାପମାତ୍ରା ବଢ଼ିବାରେ ଲାଗିଛି। ସୋମବାର ଝାରସୁଗୁଡ଼ାରେ ପାରଦ ୩୬ ଡିଗ୍ରୀ ଛୁଇଁଛି। ଏହାସହିତ ସମ୍ବଲପୁର ୩୪.୫, ଢେଙ୍କାନାଳରେ ତାପମାତ୍ରା ୩୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଭୁବନେଶ୍ୱରରେ ତାପମାତ୍ରା ୩୩.୬ ଡିଗ୍ରୀ ରେକର୍ଡ ହୋଇଛି। କ୍ରମାଗତ ଭାବେ ସୂର୍ଯ୍ୟଙ୍କ କିରଣ ପ୍ରଖର ହେବା ସହିତ ରାଜ୍ୟକୁ ଶୁଷ୍କ ପବନର ପ୍ରବାହ ବୃଦ୍ଧି ପାଉଛି। ଏହା ତାପମାତ୍ରା ବୃଦ୍ଧି ହେବାରେ ସହାୟକ ହେଉଛି। ଏହି ସ୍ଥିତି ଆଗକୁ ଜାରି ରହିବା ସହ ଆସନ୍ତା ସପ୍ତାହେ ମଧ୍ୟରେ ଆର୍ଥାତ ୨୩ ତାରିଖ ସୁଦ୍ଧା ରାଜ୍ୟର କିଛି ସ୍ଥାନରେ ତାପମାତ୍ରା ୩୭ରୁ ୩୮ ଡିଗ୍ରୀ ଛୁଇଁବାର ସମ୍ଭାବନା ରହିଛି। ଅନ୍ୟପଟେ ଉପକୂଳ ଓଡ଼ିଶାରେ ବାୟୁମଣ୍ଡଳ ବର୍ତ୍ତମାନ କିଛି ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରଭାବ ରହିଛି। ଏହା ପ୍ରଭାବରେ ସୋମବାର ରାଜ୍ୟର କିଛି ସ୍ଥାନରେ ଘନ କୁହୁଡ଼ି ଦୃଶ୍ୟମାନ ହୋଇଛି। ଉପକୂଳ ଓଡ଼ିଶା ଯଥା ଭଦ୍ରକ, ▶ପୃଷ୍ଠା-୭




# ସ୍ନାତକ ଫଳ ପୂର୍ବରୁ ପିଜି ଆବେଦନ

■ ଭୁବନେଶ୍ୱର, ୧୫ ।୨(ସମିସ): ସ୍ନାତକ ବା ଯୁକ୍ତ ପରୀକ୍ଷାଫଳ ପ୍ରକାଶ ପାଇବା ପୂର୍ବରୁ ସ୍ନାତକୋତ୍ତର ନାମଲେଖା ପାଇଁ ଆବେଦନ ଆରମ୍ଭ ହେବ। ପରୀକ୍ଷାଫଳ ପ୍ରକାଶ ପାଇବା ପରେ ଛାତ୍ରଛାତ୍ରୀମାନେ ମାର୍କ ଅପ୍‌ଡେଟ୍ କରିବେ। ମେ' ପ୍ରଥମ ସପ୍ତାହରେ ସ୍ନାତକୋତ୍ତର ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା ସିପିଇଟି

## ଜୁଲାଇ ୧୦ରୁ ପାଠପଢ଼ା

ଅନୁଷ୍ଠିତ ହେବ। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ସାରି ଜୁଲାଇ ୧୦ ତାରିଖ ସୁଦ୍ଧା ପିଜି ପାଠ୍ୟକ୍ରମ ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ଲକ୍ଷ୍ୟ ରଖିଛି।

ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜୁଲାଇ ୧୦ ରୁ ପିଜି ପାଠପଢ଼ା ଆରମ୍ଭ କରିବାକୁ ଆଗୁଆ ନାମଲେଖା ପ୍ରକ୍ରିୟା କରାଯିବ। ଆସନ୍ତା ଏପ୍ରିଲ ୩୦ ତାରିଖ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ▶ପୃଷ୍ଠା-୭



### ଧର୍ମ ପରିବର୍ତ୍ତନ କରିଥିବା ଲୋକଙ୍କୁ ଗାଁ ଶ୍ମଶାନ ମନା

# କୋପେନା ଗ୍ରାମରେ ଉତ୍ତେଜନା, ପଡ଼ିରହିଛି ଛାତ୍ରଙ୍କ ମୃତଦେହ

ଉମରକୋଟ,୧୫।୨ (ସମିସ): ଜଣେ ୧୩ ବର୍ଷର ଛାତ୍ରଙ୍କ ମୃତ୍ୟୁ ଘଟି ୧୨ ଘଣ୍ଟାରୁ ଅଧିକ ସମୟ ବିତଗଲାଣି। କିନ୍ତୁ ଶବର ଅନ୍ତିମ ସତ୍କାର ହୋଇପାରୁନି। ଧର୍ମ ପରିବର୍ତ୍ତନ କରିଥିବାରୁ ଗ୍ରାମର ଲୋକେ ଏହି ପରିବାରର ମୃତଦେହକୁ ଶ୍ମଶାନରେ ସତ୍କାର କରିବାକୁ ମନା କରି ଦେବାରୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଗ୍ରାମରେ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି। ଏପରି ଅଭାବନୀୟ ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଅନ୍ତର୍ଗତ କୋପେନା ଗ୍ରାମରେ।

ସୂଚନା ଅନୁସାରେ କୋପେନା ଗ୍ରାମର ଜଣାଶୁଣା ବ୍ୟକ୍ତି ଟୁନା ସାନ୍ତାଙ୍କ ୧୩ ବର୍ଷର ପୁଅ ଇସ୍ମାଇଲ ସାନ୍ତାଙ୍କର ଆଜି ବୋଡ଼ି ଭୋରୁ କୋପେନା ଗ୍ରାମରେ ଅକାଳ ମୃତ୍ୟୁ ଘଟିଥିଲା। ଗ୍ରାମରେ ଧର୍ମାନ୍ତରୀକରଣକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ବ୍ୟାପକ ଅସନ୍ତୋଷ ଲାଗି ରହିଛି। ଗ୍ରାମର ଆଦିବାସୀଙ୍କ ଅଭିଯୋଗ ହେଲା ଏହି ଗ୍ରାମରେ ରହିଥିବା ପ୍ରାୟ ୧୦୦ ପରିବାରରୁ ୩୦ ସାନ୍ତା ପରିବାର ହିନ୍ଦୁ ଧର୍ମ ପରିତ୍ୟାଗ କରି ଖ୍ରୀଷ୍ଟିଆନ ଧର୍ମକୁ ଅବଲମ୍ବନ କରିଛନ୍ତି। ଏପରିକି ଠିକ୍ ୧୮ ଦିନ ତଳେ ଗାଁ ରେ ଥିବା ମାଟି ଦେବତା ମନ୍ଦିରରେ ଏକ ୭ ଦିନିଆ ଯଜ୍ଞ କରିବା ପାଇଁ ନିଷ୍ପତି ନିଆଯାଇଥିବା ବେଳେ ନିକଟରେ ଥିବା ଚର୍ଚ୍ଚ ନ ଘୁଞ୍ଚିବା ପର୍ଯ୍ୟନ୍ତ ଯଜ୍ଞ ହେଇ ପାରିବ ନାହିଁ ବୋଲି ଜଣେ ବାବା କହିବା ପରେ ଉତ୍ତେଜନା ଆହୁରି ବଢି ଯାଇଥିଲା। ପ୍ରଶାସନର ତତକ୍ଷଣାତ୍ ପଦକ୍ଷେପ ଯୋଗୁଁ ଶାନ୍ତି କମିଟି କରି ଉତେଜନା ପରିସ୍ଥିତିକୁ ସାମୟିକ ଭାବେ ଶାନ୍ତ କରିବାରେ ସଫଳ ହେଇ ଥିଲେ। ସେହି ଦିନ ଠାରୁ କୋପେନା ଗ୍ରାମରେ ପୋଲିସ ମୁତୟନ କରାଯାଇଛି। ତେବେ ସାନ୍ତା ପରିବାର ପକ୍ଷରୁ ଚର୍ଚ୍ଚ ସ୍ଥାନାନ୍ତରକୁ ନେଇ ୧୫ ଦିନ ସମୟ ମାଗିଥିଲେ ହେ ବର୍ତ୍ତମାନ ସୁଦ୍ଧା କୌଣସି ନିଷ୍ପତି ନେଇ ନାହାନ୍ତି।



ଆଜି ପରିସ୍ଥିତି ଯେତେ ବେଳେ ଛାତ୍ରର ମୃତ ଶରୀରକୁ ପୋତିବାକୁ ଗ୍ରାମବାସୀ ବିରୋଧ କରିଥିଲେ। ସେମାନେ ଏପରିକି ମାଟି ଖୋଳୁ ଥିବା ବ୍ୟକ୍ତି ଠାରୁ କୋଡ଼ିକି ଗଇନ୍ତି ଇତ୍ୟାଦି ଛଡାଇ ଫିଙ୍ଗି ଦେଇଥିଲେ। ଖବର ପାଇଁ ଉମରକୋଟ ତହସିଲଦାର ମେଗବାନ ବାଗ , ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ, ଅତିରିକ୍ତ ପୋଲିସ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ କୁମାର ସେନ, ସରପଞ୍ଚ ପର୍ସୁ ଗଣ୍ଡ,ପୋଲିସ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର, ଆଇଆଇସି ବିପିନ କୁମାର ବାଗ, ରାଇଘର ,ଝରିଗାଁ , କୁନ୍ଦେଇ ଇତ୍ୟାଦି ଥାନାର ଆଇଆଇସି ଓ ପୋଲିସ ଫୋର୍ସ କୋପେନାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ବି ଗାଁ ଲୋକେ କଥା ଶୁଣି ନ ଥିଲେ। ଗ୍ରାମବାସୀଙ୍କ କହିବା ହେଲା ଏହି ଗ୍ରାମର ମୌଜାରେ ପୋତିବାକୁ ଦେବୁନି। ପୁଲିସର ସୁରକ୍ଷାରେ ପରିବାର ଲୋକେ ଟୁନା ସାନ୍ତାଙ୍କ ନିଜ ପଟ୍ଟା ଜମିରେ ପୁଅର ଶବକୁ ପୋତିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ଗ୍ରାମବାସୀଙ୍କ ପ୍ରବଳ ବିରୋଧ ଯୋଗୁଁ ସମ୍ଭବ ହେଇ ପାରିଲା ନାହିଁ। ମିଳିଥିବା ଶେଷ ସୂଚନା ଅନୁସାରେ ପରିବାର ଲୋକେ ଖ୍ରୀଷ୍ଟିଆନ ଧର୍ମକୁ ଛାଡି ହିନ୍ଦୁ ଧର୍ମ ର ନ ମିଶିବା ପର୍ଯ୍ୟନ୍ତ ଶବ ପୋତିବା ପାଇଁ ଦେବୁନି ବୋଲି ଜିଦ୍‌ରେ ଅଟଳ ରହିଛନ୍ତି ଗ୍ରାମବାସୀ। କୋପେନା ଗାଆଁ ରେ ସକାଳୁ କାହା ଘରେ ଚୁଲି ଜଳି ନାହିଁ। ସମସ୍ତେ ଭୋକିଲା ଅଛନ୍ତି। ତୁରନ୍ତ ଗ୍ରାମରୁ ଶବକୁ ନେଇ ଯିବା ପାଇଁ ଗ୍ରାମବାସୀ ଦାବି କରୁଛନ୍ତି। ତେବେ ଏହି ଖବର ଲେଖା ଯିବା ବେଳକୁ କୌଣସି ସମାଧାନର ବାଟ ବାହାରି ପାରି ନାହିଁ। ଶବଟି ବର୍ତ୍ତମାନ ସୁଦ୍ଧା ଟୁନା ସାନ୍ତାଙ୍କ ଜମି ରେ ପଡ଼ି ରହିଛି। ପରିସ୍ଥିତି ଉତ୍ତେଜନାମୂଳକ ରହିଛି। କୋପେନା ଗ୍ରାମ ଏବେ ପୁଲିସ ଛାଉଣୀରେ ପରିଣିତ ହେଇଯାଇଛି।

## ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲା ନାଗରିକ କମିଟି ଓ ବଣିକ ସଂଘର ସମ୍ବର୍ଦ୍ଧନା

ନବରଙ୍ଗପୁର,୧୫।୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ନବରଙ୍ଗପୁର ଗ୍ରସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ନବରଙ୍ଗପୁର ଜିଲ୍ଲା ନାଗରିକ କମିଟି ଜିଲ୍ଲା ବଣିକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ନବରଙ୍ଗପୁର ଜିଲ୍ଲା ନାଗରିକ କମିଟି ସଭାପତି ତଥା ଜିଲ୍ଲା ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର, ସମ୍ପାଦକ ରାମ ପ୍ରସାଦ ପାତ୍ର ଏବଂ ଜିଲ୍ଲା ବଣିକ ସଂଘ ସଭାପତି ମାନସ ରଞ୍ଜନ ଦାସ (କାହ୍ନୁ), ସମ୍ପାଦକ ପି.ଏଲ୍. ମୂର୍ତ୍ତି ଓ ଅନ୍ୟ ସଭ୍ୟ କୃତଜ୍ଞତା ଜ୍ଞାପନ କରିଥିଲେ। ଏଥି ସହିତ ପ୍ରତିଶ୍ରୁତି ରକ୍ଷା କରି ଜିଲ୍ଲା ପାଇଁ ଭେଷଜ ମହାବିଦ୍ୟାଳୟ ସ୍ଥାପନ ନେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ଉଭୟ ଜିଲ୍ଲା ସଂଘ।

## ଛନ୍ଦକବି ରଘୁନାଥ ପଟ୍ଟନାୟକଙ୍କ ସ୍ମୃତିଚାରଣ ଉତ୍ସବ



ନବରଙ୍ଗପୁର,୧୫।୨ (ସମିସ): ନବରଙ୍ଗପୁର ଜିଲ୍ଲା ଧୋଡ୍ରାସ୍ଥିତି ସହିଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱର୍ଗତ ଛନ୍ଦ କବି ରଘୁନାଥ ପଟ୍ଟନାୟକଙ୍କ ୧୦୦ତମ ଜନ୍ମ ସ୍ମୃତିଚାରଣ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି । ସ୍ୱର୍ଗତ ଛନ୍ଦକବି ରଘୁନାଥ ପଟ୍ଟ ନାୟକ ଜଣେ ସୁନାମଧନ୍ୟ କବି, ସାହିତ୍ୟିକ, ସଂସ୍କୃତିପ୍ରେମୀ ତଥା ନବରଙ୍ଗପୁର ଓ ଉମରକୋଟ ଅଞ୍ଚଳରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଯୁଗବାଣୀ ସମ୍ବାଦ ପତ୍ରିକର ସେ ସମ୍ପାଦକ ଥିଲେ। ଏହି କାର୍ଯ୍ୟକ୍ରମକୁ ସୁରେନ୍ଦ୍ର ନାଥ ଦାସ ପ୍ରଦୀପ ପ୍ରଜ୍ୱଳିତ କରି ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ପରମା ପୂଜାରୀ ଅତିଥି ଭାବରେ ରମେଶ ଚନ୍ଦ୍ର ସାହୁ , ମୁଖ୍ୟ ବକ୍ତା ବଲ୍ଲଭ ରାଉତ, ପି ରାବଣା ରାଓ ଏବଂ ସମ୍ମାନିତ ଅତିଥି ଭାବରେ ଦେବନାରାୟଣ ବାରିକ, ପ୍ରଫୁଲ ରାଉତ, ପିତାମ୍ବର ବେଉରିଆ,ଟୁଟୁବାବୁ ପଟ୍ଟନାୟକ, ବାବୁଲା ସାହୁ, ମୋତି ଭୋମିକ, ଭୂୟାଁ ସାର ସହ ଅଞ୍ଚଳର କବି, କବୟିତ୍ରୀଙ୍କ ସହ ବହୁ ସାହିତ୍ୟ ପ୍ରେମୀ ଯୋଗଦେଇ ଛନ୍ଦ କବି ରଘୁନାଥଙ୍କ ସ୍ମୃତିଚାରଣ କରିବା ସହ ନିଜ ନିଜ କବିତା ପାଠ କରିଥିଲେ । ଅନୁଷ୍ଠାନ ତରଫରୁ ଦେବନାରାୟଣ ବାରିକ ଓ ପୂର୍ଣ୍ଣ ଚନ୍ଦ୍ର ସେଠୀଙ୍କୁ "ଛନ୍ଦକବି ରଘୁନାଥ ପଟ୍ଟନାୟକ ସମ୍ମାନରେରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ନିରୁପମା ସ୍ୱାଇଁ କରିଥିବା ବେଳେ ଶିକ୍ଷକ କେଦାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।

## ଏକ କିଲୋମିଟର ତଳକୁ ଖସିଲା ଟ୍ରକ୍ , ଚାଳକ ମୃତ

ଲକ୍ଷ୍ମୀପୁର,୧୫।୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ମାଇନିଙ୍ଗ ଉପରେ ଘଟିଛି ଏକ ଭୟଙ୍କର ଦୁର୍ଘଟଣା। ରାତି ପ୍ରାୟ ୯ଟା ସମୟରେ ଏକ ବକ୍ସାଇଟ ବୁହା ହାଇୱା ନିଜ ବକ୍ସାଇଟ ଲୋଡ଼ କରିବାକୁ ମାଳି ଉପରକୁ ପ୍ରକାଶ ମିଣିଆକା (୨୪) ନାମକ ଡ୍ରାଇଭର ଶନିବାର ରାତିରେ ନେଇ ଯାଉଥିଲେ। ପାହାଡ ଉପରୁ ପ୍ରାୟ ଏକ କିଲୋମିଟର ତଳକୁ ଖସି ଯାଇଥିଲା ଗାଡ଼ିଟି। ଡ୍ରାଇଭରଙ୍କର ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଛି। ରବିବାର ସକାଳେ ପୋଲିସ୍ ସହ ସ୍ଥାନୀୟ ତହସିଲଦାର ନୈବେଦ୍ୟ କୁମାର ଭୋଇ ଘଟଣା ସ୍ଥଳକୁ ଯାଇ ଲୋକଙ୍କୁ ବୁଝାସୁଝା କରି ରେଡ୍‌କ୍ରସ୍ ପାଣ୍ଠିରୁ ୨୦ହଜାର ଟଙ୍କା ପ୍ରଦାନ କରିଛନ୍ତି। ଗାଡି ମାଲିକ ଓ କର୍ଯ୍ୟରତ ମୈତ୍ରୀ ସଂସ୍ଥା ପକ୍ଷରୁ ୩ ଲକ୍ଷ ଟଙ୍କା ଅର୍ଥିକ ସହାୟତା ମୃତ ପ୍ରକାଶର ସ୍ତ୍ରୀ ଙ୍କୁ ଦିଆ ଯାଇଥିଲା। ସଂସ୍ଥା ଚାଲୁଥିବା ପର୍ଯ୍ୟନ୍ତ ମାସିକ ୧୦ହଜାର ଟଙ୍କା ଭତ୍ତା ଆକାରରେ ଦିଆଯିବା ପାଇଁ ମଧ ସ୍ଥାନୀୟ ନେତା ମାନେ ସ୍ଥିର କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ମଧ ୪ ଲକ୍ଷ ଟଙ୍କା ସରକାରୀ ସହାୟତା ରାଶି ପ୍ରବାଦ ପାଇଁ କୁହା ଯାଇଥିଲା। ମୃତ ଗାଡି ଚାଳକର ଏକ ଛୋଟ ପୁଅ ରହିଛି । ତାର ପାଠପଢା ଉପରେ ମଧ ଦୃଷ୍ଟି ସରକାର ଦାୟିତ୍? ନେବା ପାଇଁ କୁହା ଯାଇଥିଲା। ମୃତ ଗାଡି ଡ୍ରାଇଭର ନିଜ ଘର ଲକ୍ଷ୍ମୀପୁର ବ୍ଲକ ଚମ୍ପି ପଞ୍ଚାୟତ ଅନ୍ତର୍ଗତ ଟିଟିଖୋଲା ଅଟେ। ବିଜେଡ଼ି ଜିଲ୍ଲା ସଭାପତି ଝିନ ହିକକା ଜିଲ୍ଲାପାଳ ଠାରୁ ଆରମ୍ଭ କରି ସମସ୍ତଙ୍କୁ ଯୋଗାଯୋଗ କରି ମୃତକଙ୍କ ପରିବାର କିପରି ଆର୍ଥିକ ସହାୟତା ପାଇ ପାରିବେ ସହଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ କିପରି ସହାୟତା ପାଇ ପାରିବେ ତାହା ପୂର୍ବତନ ବିଧାୟକ କୈଳାସ କୁଲେସିକା ସହଯୋଗ କରିବେ ବୋଲି କହିଥିଲେ। ବିଜେଡିର ବ୍ଲକ ସଭାପତି ବିପିନ ମାଣ୍ଡିଙ୍ଗା ଓ କଂଗ୍ରେସର ଜିଲ୍ଲାପରିଷଦ ସଭ୍ୟା ପିଙ୍କି ହିମେରିକା ମଧ ଲୋକଙ୍କ ସହିତ ରହି ସମସ୍ତ ବିଷୟରେ ସହଯୋଗ କରିଥିଲେ।

## ବଞ୍ଜାରା ସମାଜର ସେବାଲାଲଙ୍କ ଜୟନ୍ତୀ

କୋରୁକୋଣ୍ଡା,୧୫ ।୨(ସମିସ); ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ତୁମୁଷା ପଲ୍ଲି ଗ୍ରାମପଞ୍ଚାୟତ ଅଧୀନ ଚିଡ଼ପାଲି ଗ୍ରାମରେ ବସବାସ କରୁଥିବା ବଞ୍ଜାରା ସମାଜ ପକ୍ଷରୁ ତାଙ୍କର ଭଗବାନ ସନ୍ଥଶ୍ରୀ ସେବାଲାଲ ମହାରାଜଙ୍କ ୨୮ ୭ତମ ଜୟନ୍ତୀ ଆଜି ପାଳନ କରାଯାଇଛି। ଏହି ଗ୍ରାମରେ ମୋଟ ୩୫ ପରିବାର ରହିଥିବା ବେଳେ ପ୍ରତ୍ୟେକ ବର୍ଷ ନିଜର ଭଗବାନଙ୍କ ଜୟନ୍ତୀ ଖୁବ ଆଡମ୍ବରରେ ପାଳନ କରିଥାନ୍ତି। ମାଲକାନଗିରି ଜିଲ୍ଲାରେ ବଞ୍ଜାରା ସମାଜର ମୋଟ ୧୭ ଗ୍ରାମ ରହିଥିବାବେଳେ ସବୁ ଗ୍ରାମରେ ଏହି ଜୟନ୍ତୀ ପାଳନ କରାଯାଏ। ସେହିପରି ଆଜି ଚିଡ଼ପାଲି ଗ୍ରାମର ବଞ୍ଜାରା ସମାଜ ପକ୍ଷରୁ ନିଜର ପାରମ୍ପରିକ ରୀତିନୀତି ସହ



ପାରମ୍ପରିକ ବସ୍ତ୍ର ପରିଧାନ କରି ହାତରେ ପତାକା ଧରି ଭଗବାନ ଶ୍ରୀ ସେବାଲାଲ ଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଅବସରରେ ସମାଜର ସମସ୍ତ ମହିଳା ମାନେ ଏକ କଳସ ଯାତ୍ରା ରେ ବାହାରି ନିକଟସ୍ଥ ନଦୀରୁ ଜଳ ସଂଗ୍ରହ କରି ନିଜର ଭଗବାନ ଙ୍କ ନିକଟରେ କଳସ ସ୍ଥାପନା କରିଥିଲେ। ଏହାପରେ ନିଜ ସମାଜର ନିୟମାନୁଯାୟୀ ମହିଳା ମାନେ ଚାଉଳ ଏବଂ ଗହମରେ ଭୋଗ ରୋଷେଇ କରି ନିଜର ଭଗବାନଙ୍କ ନିକଟରେ ଅର୍ପଣ କରିଥିଲେ। ବଞ୍ଜାରା ସମାଜର ଏହି ପୂଜା ବହୁ ନିଆରା ଢଙ୍ଗରେ ପାଳନ ହେଉଥିବା ବେଳେ ଏହାକୁ ଦେଖିବା ନିମନ୍ତେ ଆଖପାଖ ଅଞ୍ଚଳର ଗ୍ରାମବାସୀ ଙ୍କ ଭିଡ଼ ଜମିଥିଲା। ଆଜିର ଏହି ଜୟନ୍ତୀ ପାଳନରେ ବଞ୍ଜାରା ସମାଜ ମୁଖ୍ୟ ଖାଉରିଆ ଧାରାବତ, ଭିମା ଲାଉଡ଼ିଆ, ନରସିଂହ ଧାରାବତ, ଶଙ୍କର ଖରା, ଭିମଲାଲ ଖରା, ଅର୍ଜୁନ ଘୁଗଲଟ, ଧାନସିଂ ଲାଉଡ଼ିଆ, ଡାସଲିଲ ଲାଉଡ଼ିଆ, ଚମ୍ପା ଲାଉଡ଼ିଆ ଓ ଆମକୀ ଧାରାବତଙ୍କ ସମେତ ସମାଜର ବହୁ ମହିଳା ଏବଂ ପୁରୁଷମାନେ ଉପସ୍ଥିତ ଥିଲେ।

## ଦେଶୀ ବନ୍ଧୁକରୁ ଗୁଳି ଫୁଟି ଯୁବକ ଗୁରୁତର

ନନ୍ଦପୁର,୧୫।୨(ସମିସ): ଦେଶୀ ବନ୍ଧୁକରୁ ଗୁଳି ଫୁଟି ଜଣେ ଯୁବକ ଗୁରୁତର ହୋଇ ଲମତାପୁଟ ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛି। ପାଡୁଆ ପୁଲିସ ଦେଶୀ ବନ୍ଧୁକ ଜବତ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁସାରେ ପାଡୁଆ ଥାନା ଅନ୍ତର୍ଗତ ବାଡେଲ୍ ଗ୍ରାମ ପଞ୍ଚାୟତ ଅଧୀନସ୍ଥ କଟଲାପୁଟ ଗ୍ରାମର ଲାଇବନ୍ ଖରାଙ୍କ ନିଜ ଦେଶୀ ବନ୍ଧୁକରୁ ଫୁଟି ଗୁରୁତର ହୋଇଛନ୍ତି। ପୁଲିସ ବିନା ଲାଇସେନ୍ସରେ ବନ୍ଧୁକ ରଖିବା ମାମଲା ରୁଜୁ କରିବା ସହ ଦେଶୀ ବନ୍ଧୁକ ଜବତ କରିଛନ୍ତି । ପକ୍ଷୀ ଶିକାର ଓ ବାର୍ହା ଶିକାର ନିମନ୍ତେ ଦେଶୀ ବନ୍ଧୁକ ରାତିରେ ସଫା କରିବା ସମୟରେ ଗୁଳି ଫୁଟି ଯାଇଥିଲା ବୋଲି କହିଛନ୍ତି ଥାନା ଅଧିକାରୀ ଅଶୋକ କୁମାର ବିଶୋଇ । ତେବେ ଅଧିକ ତଦନ୍ତ ନେଇ ଏସ ଆଇ ଦୀପକ କୁମାର ବାରିକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବିନା ଲାଇସେନ୍ସରେ ବନ୍ଧୁକ ରଖିବା ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି ବୋଲି କହିଛନ୍ତି ଆଇଆଇସି ଶ୍ରୀ ବିଶୋଇ । ପୂର୍ବରୁ ଏହି ଅଞ୍ଚଳ ମାଓ ଅଧ୍ୟୁଷିତ ରହିଥିବା ସହ ପୁଲିସ୍ ମାଓ ଗୁଳି ବିନିମୟ ହୋଇ ସାରିଛି। ଦେଶ ବନ୍ଧୁକ ଫୁଟିବା ଘଟଣା ପାଡୁଆ ପୁଲିସ ପାଇଁ ପୁଣି ସତର୍କ ଘଣ୍ଟି ହୋଇଥିବା କୁହାଯାଉଛି।

## ବିଭିନ୍ନ ଶୈବପୀଠରେ ଶିବରାତ୍ରୀ



ନନ୍ଦପୁର,୧୫।୨(ସମିସ): ପବିତ୍ର ମହାଶିବରାତ୍ରି ଓ ଜାଗର ଅବସରରେ ନନ୍ଦପୁର ଓ ସୁବାଇର ଅଞ୍ଚଳର ବିଭିନ୍ନ ଶୈବ ପୀଠରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି। ବଡ଼ି ଭୋରୁ ଶିବ ମନ୍ଦିରଗୁଡ଼ିକରେ ଭକ୍ତମାନଙ୍କର ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଛି। ଅଞ୍ଚଳ ହର ହର ମହାଦେବ ଧ୍ୱନିରେ ଗୁଞ୍ଜରିତ ହୋଇଥିଲା। ନନ୍ଦପୁର ସହର ସ୍ଥିତ ପ୍ରାଚୀନ ନୀଳକଣ୍ଠେଶ୍ୱର ମନ୍ଦିର ଓ ଧବଳେଶ୍ୱର ଓ ସୁବାଇ ଶିବ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା, ରୁଦ୍ରାଭିଷେକ ଓ ଚାରି ପ୍ରହର ପୂଜା ଆଦି ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ମହାଦୀପ ଉତ୍ତୋଳନ ସହ ଜାଗର କାର୍ଯ୍ୟକ୍ରମ ସହ ସାରା ରାତି ଭଜନ, କୀର୍ତ୍ତନ ଓ ନାମସଂକୀର୍ତ୍ତନର କାର୍ଯ୍ୟକ୍ରମ ରଖାଯାଇଥିଲା। କେତେକ ସ୍ଥାନରେ ଶିବ-ପାର୍ବତୀ ବିବାହ ଉତ୍ସବ କାର୍ଯ୍ୟକ୍ରମ ରହିଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଭକ୍ତମାନଙ୍କ ସୁବିଧା ପାଇଁ ପାନୀୟଜଳ, ପ୍ରସାଦ ସେବନ ଓ ବ୍ୟାପକ ଶୃଙ୍ଖଳା ବ୍ୟବସ୍ଥା କରାଯାଇଛି।

# ମହାଶିବରାତ୍ରୀ ପାଇଁ ଉତ୍ସବମୁଖର ଶୈବପୀଠ









ବୈପାରୀଗୁଡ଼ା,୧୫।୨(ସମିସ): ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶୈବ ପୀଠ ଗୁପ୍ତେଶ୍ୱର ଠାରେ ଭକ୍ତଙ୍କ ଗହଳି ଜମିଛି କ୍ଷ। ଏଠାରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି । ଜାଗର ଅବସରରେ ରାଜ୍ୟ ସରକାର ଗୁପ୍ତେଶ୍ୱରପୀଠର ଭିତିଭୂମିର ଉନ୍ନତି ପାଇଁ ୨୩ କୋଟି ୯୩ ଲକ୍ଷ ଟଙ୍କା ଅନୁଦାନ ରାଶି ଘୋଷଣା କରିଛନ୍ତି ବୋଲି କୋଟପାଡ଼ ବିଧାୟକ ରୁପୁ ଭତ୍ରା ପ୍ରତିକ୍ରିୟା ଦେଇଛନ୍ତି । ଏହି ଅବସରରେ ଗୁପ୍ତେଶ୍ୱର ପୀଠରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ କୋଟପାଡ଼ ବିଧାୟକ। ଶ୍ରୀ ଭତ୍ରା ନିଜ ଧର୍ମପତ୍ନୀଙ୍କ ସହ ଗୁପ୍ତେଶ୍ୱର ଗୁମ୍ଫା ଭିତରେ ଥିବା ମହାଦେବଙ୍କ ଦର୍ଶନ କରି ଆଶୀଷ ଗ୍ରହଣକରିଛନ୍ତି। ଦେବୋତ୍ତର ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଆଜି ଶିବରାତ୍ର ପାଇଁ ଦକ୍ଷିଣ ଓଡ଼ିଶାର ଗୁପ୍ତେଶ୍ୱର ପୀଠ ଚଳ ଚଞ୍ଚଳ ଥିବା ବେଳେ ପୀଠଟି ଲୋକାରଣ୍ୟ ହୋଇଛି । ପାହାନ୍ତିଆରୁ ସାହାଣମେଲା ଦର୍ଶନ ଆରମ୍ଭ ହୋଇଥିବା ବେଳେ ଶ୍ରଦ୍ଧାଳୁମାନେ ଲମ୍ବା ଧାଡିରେ ଆସି ମନ୍ଦିରରେ ମହାଦେବଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଛନ୍ତି । ମହାଦୀପ ଉଠିବା ପର୍ଯ୍ୟନ୍ତ ଭକ୍ତଙ୍କ ସମାଗମ ରହିବ। ପୀଠରେ ପଡୋଶୀ ରାଜ୍ୟ ଆନ୍ଧ୍ର ଓ ଛତିଶଗଡ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। ଶୃଙ୍ଖଳିତ ଦର୍ଶନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଜାଗର ପାଇଁ ପୀଠରେ ବିଭିନ୍ନ ସମସ୍ୟା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି ଏବଂ ଟ୍ରାଫିକ ବ୍ୟବସ୍ଥା ଆଲୋକୀକରଣ, ସୁରକ୍ଷା ଦୃଷ୍ଟିରୁ ସାତ ପ୍ଲାଟୁନ ପୋଲିସ ମୁତୟନ କୋରାଯାଇଛି ବୋଲି କହିଛନ୍ତି ସ୍ଥାନୀୟ ଦେବୋତ୍ତର ବିଭାଗୀୟ ଅଧିକାରୀ। ପୀଠରେ ଜୟପୁର ଉପଜିଲ୍ଲାପାଳ ଏ ଶଯ୍ୟା ରେଡି, ଜୟପୁର ଦେବୋତ୍ତର ବିଭାଗ ଅଧିକାରୀ, ଜୟପୁର ଏସଡିପିଓ, ବୈପାରୀଗୁଡା ବିଡ଼ିଓ ସୁବ୍ରତ ସାହୁ, କୁନ୍ଦୁରା ବିଡ଼ିଓ ପି.ମନସ୍ୱିତା, ବୈପାରୀଗୁଡା ତହସିଲଦାର ସଂଗ୍ରୀ ଚୌଧୁରୀ, ଗ୍ରାମ୍ୟ ପାନୀୟ ଜଳ ଓ ପରିମାଣ ବିଭାଗ, ବୈପାରୀଗୁଡା ଜୟପୁର ଏବଂ କୁନ୍ଦୁରା ଥାନା ଅଧିକାରୀ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବନ ବିଭାଗ, ଖାଦ୍ୟ ଓ ଯୋଗାଣ ବିଭାଗ, ବିଦ୍ୟୁତ ବିଭାଗ, ବୈପାରୀଗୁଡା ବ୍ଲକ ସମସ୍ତ ଷ୍ଟାଫ, ରାମଗିରି ବିରୋଖମ୍ବ ଯୁବକ ସଙ୍ଘ, ଗୁପ୍ତେଶ୍ୱର ଯୁବକ ସଙ୍ଗ, ବୈପାରୀଗୁଡା ଫ୍ରେଣ୍ଡସ ୟୁନିଟ କ୍ଳବ, ଏମବିକେ, ସିଆରପି ପରିଚାଳନା କମିଟି ଏବଂ ଗ୍ରାମବାସୀ ସମସ୍ତେ ସହଯୋଗ କରିଥିଲେ।

**କୋରାପୁଟ :** ମହାଶିବରାତ୍ରୀ ବା ଜାଗର ପାଇଁ କୋରାପୁଟ ସହରର ସମସ୍ତ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। ଫୁଲ ଓ ଆଲୋକ ମାଳାରେ ସଜେଇ ହୋଇଛି ସହରର ବିଭିନ୍ନ ଶିବ ମନ୍ଦିର। ରଙ୍ଗୀନ ଆଲୋକ ମାଳାରେ ଝଲଟୁଛି ଶୈବପୀଠ। ମହାଶିବରାତ୍ରୀ ପାଇଁ ଆଜି କୋରାପୁଟ ସହର ଉତ୍ସବମୁଖର ହୋଇଉଠିଛି। ଗାଁରୁ ସହର ସବୁଠି ଆନନ୍ଦ, ଉତ୍ସାହ ସହ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିବା ସହ ଜାଗର



ଜାଳିଛନ୍ତି। ଭକ୍ତମାନେ ପରିବାର ତଥା ସଂସାରର ମଙ୍ଗଳକାମନା କରିଛନ୍ତି। ଶିବରାତ୍ରୀ ପାଇଁ ଆଜି ଭୋରରୁ ବିଭିନ୍ନ ଶିବ ମନ୍ଦିରରେ ପ୍ରବଳ ଗହଳି ଆରମ୍ଭ ହୋଇଯାଇଥିଲା। କୋରାପୁଟର ଜଗନ୍ନାଥ ମନ୍ଦିର ପରିସରରେ ଥିବା ଶବରେଶ୍ୱର, ଓଏମପି କଲୋନି, କଳାନିକେତନ ଛକର ଆଖଣ୍ଡଳମଣି , ରଥଶର୍ମା କଲୋନୀ, ରାଉଳ ଶିବ ମନ୍ଦିର, ମୃତ୍ତିକା ସଓରକ୍ଷଣ କଲୋନୀ, ପୂଜାରୀପୁଟ, ରେଳବାଇ, ଗୋପନଗର ଚନ୍ଦ୍ରଶେଖର, କେଦାର ସ୍ୱପ୍ନେଶ୍ୱର, ଭବାନୀନଗରସ୍ଥିତ ବଣକେଶ୍ୱର ଆଦି ମନ୍ଦିରରେ ଭକ୍ତ ମାନେ ଧାଡ଼ିରେ ଯାଇ ଦର୍ଶନ କରୁଥିଲେ। ଲୋକମାନେ ସେମାନଙ୍କ ପରିବାର ସହ ମନ୍ଦିରକୁ ଯାଇ ପୁଜାର୍ଚ୍ଚନା କରିଥିଲେ। କୋରାପୁଟ ଶାବର ଶ୍ରୀକ୍ଷେତ୍ର ପରିସରରେ ଶ୍ରୀ ଶବରେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁମାନେ ଧାଡ଼ି ବାନ୍ଧି ଦର୍ଶନ କରିଥିଲେ। ଭକ୍ତିମୟ ପରିବେଶ ମଧ୍ୟରେ ସମସ୍ତ ଶୈବପୀଠ ଗୁଡ଼ିକରେ ପୂଜାର୍ଚ୍ଚନା ଚାଲିଥିଲା।। ମଧ୍ୟରାତ୍ରରେ ପ୍ରଭୁଙ୍କ ମହାଦୀପ ଉଠିଥିଲା। ହରିହର ଭେଟ ନୀତି ହୋଇଥିଲା। ସହରର ସମସ୍ତ ଶୈବ ମନ୍ଦିରରେ ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ସନ୍ଧ୍ୟା ଆଳତି ଯିବା ନେଇ ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି। ଶାବର ଶ୍ରୀକ୍ଷେତ୍ର ମନ୍ଦିରରେ ଜାଗର ଉପଲକ୍ଷେ ମନ୍ଦିରରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶାବର ଶ୍ରୀକ୍ଷେତ୍ର ଜିଲ୍ଲାର ପ୍ରମୁଖ ତୀର୍ଥକ୍ଷେତ୍ର ହୋଇଥିବା ଯୋଗୁଁ ପ୍ରଶାସନ ପକ୍ଷରୁ ମଧ କଡ଼ା ବ୍ୟବସ୍ଥା କରାଯାଇଛି। ସେହିପରି ମହାଦେଇପୁଟ ନିକଟସ୍ଥ ଏକଡେଲି ଓ ପୋଡାଗଡ ନିକଟସ୍ଥ ଆମଲି ଆମ୍ବଗୁଡାରେ ଥିବା ଶିବ ମନ୍ଦିରରରେ ଶିବରାତ୍ରି ପାଇଁ ବ୍ୟାପକ ଆୟୋଜନ ହୋଇଥିଲା। ବିଭିନ୍ନ ସ୍ଥାନରୁ ହଜାର ହଜାର ଲୋକ ଏହି ମନ୍ଦିରକୁ ଯାଇ ପ୍ରଭୁଙ୍କ ଆରାଧନା କରିଥିଲେ। ବିଳମ୍ବିତ ରାତିରେ ମହାଦୀପ ଉଠିବା ପର୍ଯ୍ୟନ୍ତ ଭକ୍ତମାନେ ଉଜାଗର ରହି ଦୀପ ଜାଳିଥିଲେ। ମହାହୀପ ଉଠିବା ପରେ ସେମାନଙ୍କ ବ୍ରତ ଶେଷ କରିଥିଲେ।

**ଡାବୁଗାଁ :** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ଚଚରାଗୁଡା ପଞ୍ଚାୟତ ଅଧୀନ କେଲିଆ ଶୈବ ପୀଠରେ ମହା ଶିବରାତ୍ରି ମହାଡମ୍ବରରେ ରବିବାର ପାଳିତ ହୋଇଯାଇଛି। ଶ୍ରଦ୍ଧାଳୁ ମାନେ ଝାଡେଶ୍ୱର ମହାଦେବଙ୍କୁ ଦର୍ଶନ କରିବା ନିମନ୍ତେ ସକାଳୁ ଲମ୍ବା ଧାଡିରେ ଛିଡା ହୋଇଥିଲେ। ଏହି କେଲିଆ ଶୈବ ପୀଠକୁ ଡାବୁଗାଁ ବ୍ଲକ ସମେତ ଜିଲାର ବିଭିନ୍ନ ବ୍ଲକ ଓ ପଡୋଶୀ ଜିଲା କୋରାପୁଟ, କଳାହାଣ୍ଡି ଏବଂ ପଡୋଶୀ ଛତିଶଗଡ ରାଜ୍ୟରୁ ମଧ ଭକ୍ତମାନେ ଆସି ଝାଡେଶ୍ୱର ମହାଦେବଙ୍କୁ ଦର୍ଶନ କରିଥିଲେ । ରାତ୍ରି ପ୍ରାୟ ୯ ଘ. ସମୟରେ ମହାଦୀପ ଉଠିଛି। ରାତ୍ରିରେ ଭକ୍ତଙ୍କ ମନୋରଞ୍ଜନ ନିମନ୍ତେ ୨ ଟି ଆଦିବାସୀ ନାଟକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଏଥିରେ ପ୍ରାୟ ୩୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏଥିରେ ନବରଙ୍ଗପୁର ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ବିଧାୟକ ଭୁଜବଳ ମାଝି, ପାପଡାହାଣ୍ଡି ଜିଲାପରିଷଦ ସଭ୍ୟ ଲିପିକା ମାଝି, ବ୍ଲକ ଅଧକ୍ଷା ବୀଣା ମାଝି, ପୂର୍ବତନ ବ୍ଲକ ଅଧକ୍ଷ ବଂଶୀଧର ମାଝି, ନବରଙ୍ଗପୁର ଆରକ୍ଷୀ ଅଧିକ୍ଷକ ମଦକର ସନ୍ଦିପ ସମ୍ପଦ, ଉମରକୋଟ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶୁଭେନ୍ଦୁ ଶବର, ମନ୍ଦିର ଉନ୍ନୟନ କମିଟି ସଭାପତି ତଥା ତହସିଲଦାର ଗୀତା ମୁର୍ମୁ, ସମ୍ପାଦକ ଦେବରାଜ ପାତ୍ର, କୋଷାଧକ୍ଷ ଜି ସାଇରାଜୁ, ସୁରେନ୍ଦ୍ର କୁମାର ମିଶ୍ର, ଏମ. ସୂର୍ଯ୍ୟ ନାରାୟଣ ଶୁବୁଦ୍ଧି, ଭଗବାନ ଖୁଣ୍ଟିଆ, ଧର୍ମାନନ୍ଦ ନାୟକ, ନରସିଂ ମାଝି, ଭଗବାନ ମାଝି, ଭାଗୀରଥୀ ମାଝି, ପଦ୍ମଚରଣ ମାଝି ଓ କମିଟି କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଡାବୁଗାଁ ଥାନା ଅଧିକାରୀ ରଘୁନାଥ ମାଝିଙ୍କ ସମେତ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଦଳ ଭକ୍ତ ମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଥିଲେ। ଡାବୁଗାଁ ବ୍ଲକ ରଙ୍ଗତୁଳି କଳାକାର ସଂଘ ତରଫରୁ ଭକ୍ତ ମାନଙ୍କୁ ପଣା ବଣ୍ଟନ କରଯାଇଥିଲା। ଏଠାରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା କ୍ଷ ଏହା ସହ ଡାବୁଗାଁ ଶିବ ମନ୍ଦିର ,ବାଘବେଡା, ଜୁନାପାଣି, ବଡଓଲମା ଓ ବିରିଶୋଲା ଶିବ ମନ୍ଦିର ରେ ମଧ ଶିବରାତ୍ରି ପାଳିତ ହୋଇଯାଇଛି।

**ପୋଡ଼ାଗଡ଼ :** କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। କୋରାପୁଟ ସଦର ବ୍ଲକ ଅଧିନସ୍ଥ ମସ୍ତିପୁଟ ପଞ୍ଚାୟତ ଅନ୍ତର୍ଗତ ବାରିଗୁଡ଼ାରେ ବାବା ବଟେଶ୍ୱର ନାମରେ ପୂଜା ପାଉଛନ୍ତି ମହାଦେବ। ଏହି ଶୈବପୀଠ ଭାରତ ମାଳା ରାସ୍ତା ନିକଟ ପାହାଡରେ ଅବସ୍ଥିତ। ଏହି ଶୈବପୀଠରେ ପ୍ରତି ସୋମବାର ଓ ଗୁରୁବାର ଦିନ ବାବାଙ୍କର ପୂଜା ଅର୍ଚ୍ଚନା କରାଯାଇ ଥାଏ। ଆଜି ମହାଶିବରାତ୍ରି ଥିବାରୁ ଶହ ଶହ ଭକ୍ତ ମାନଙ୍କର ଆଗମ ଦେଖିବାକୁ ମିଳିଥିଲା। ସେହିପରି ଏକ ନିଆରା ଶୈବ ପୀଠ ହେଉଛି ମହାଦେବ ଶିବ ଶଙ୍କର ମନ୍ଦିର । ଯାହାକି ବାରିଗୁଡ଼ା ଆଦିବାସୀ ସାହିରୁ ମାତ୍ର ୫୦୦ ମିଟର ଦୂରରେ ଅବସ୍ଥିତ। ଏଠିକାର ପରିବେଶ ମନୋରମ। ଯାହାକି ଦୁଇ ପାହାଡ ମଝିରେ ରହିଛି। ଭକ୍ତ ମାନେ ପୂଜା ଅର୍ଚ୍ଚନା କରିବା ପରେ ନିକଟରେ ଥିବା ପାହାଡ ବୁଲି ପ୍ରକୃତିକୁ ଉପଭୋଗ କରିଥାନ୍ତି। ଉକ୍ତ ମନ୍ଦିରର ପୂଜାରୀ ସଦା ଗୋଲାରୀ କହିଛନ୍ତି, ଏହି ମନ୍ଦିରରେ ଭକ୍ତ ଯାହା ମାନସିକ କରିଥାନ୍ତି ତାହା ପୁରଣ ହୋଇଥାଏ। ଆଜି ମହାଶିବରାତ୍ରି ଥିବାରୁ ଶହ ଶହ ଭକ୍ତ ମାନଙ୍କର ସମାଗମ ଦେଖିବାକୁ ମିଳିଛି।

**କୋଷାଗୁମୁଡା :** ଆଜି ପବିତ୍ର ମହାଶିବରାତ୍ରି କୋଷାଗୁମୁ?। ଅଞ୍ଚଳରେ ଥିବା ଶୈବପୀଠ , ମହାକାଳେଶ୍ୱର(ଛେଲିପଦର), ଟୋଙ୍କେଶ୍ୱର (କୋଷାଗୁମୁଡ଼ା), ସିଦ୍ଧେଶ୍ୱର(ଜୁନାପାଣି), ଗୁପ୍ତେଶ୍?ର(ତାରାଗାଁ), ପାତାଳେଶ୍ୱର(ବାଲେଙ୍ଗା), କପିଳେଶ୍ୱର(କୋଡ଼ିଙ୍ଗା), ଝାଡେଶ୍ୱର(ଚଟାହାଣ୍ଡି) ଅଞ୍ଚଳରେ ଥିବା ପ୍ରତ୍ୟେକ ମନ୍ଦିରରେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଶୈବପୀଠରେ ଶ୍ରଦ୍ଧାଳୁ ବଡିଭୋରରୁ ଭିଡ଼ ଜମାଇଥିଲେ। ମନ୍ଦିର ପ୍ରାଙ୍ଗଣରେ ପୂଜା ଦୋକାନ, ଖେଳ ଦୋକାନ, ଜଳଖିଆ ଦୋକାନର ଭିଡ ପରିଲକ୍ଷିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ କୋଷାଗୁମୁଡ଼ା ପୋଲିସ ଓ କୋଡ଼ିଙ୍ଗା ପୋଲିସ ବ୍ୟବସ୍ଥା କରିଥିଲେ। ନବରଙ୍ଗପୁର ଜିଲ୍ଲାସଦର ମହକୁମାଠାରୁ ପ୍ରାୟ ୩୫ କିଲୋମିଟର କୋଷାଗୁମୁଡା ଠାରୁ ୨ କିଲୋମିଟର ରାସ୍ତାରେ ପଡେ ଏହି ବହୁ ପୁରାତନ ଶୈବପୀଠ "ବାବା ଟୋଙ୍କେଶ୍ୱର" ଙ୍କ ମନ୍ଦିର। ଆଜିର ଏହି ପବିତ୍ର ଶିବରାତ୍ରୀ ପାଳନ କରିବାକୁ ଦୂର ଦୁରାନ୍ତ ର ଶ୍ରଦ୍ଧାଳୁ ଆସିଥିଲେ। ପଡୋଶୀ ଛତିଶଗଡ଼ ରାଜ୍ୟର ,ପଡୋଶୀ କୋରାପୁଟ, ମାଲକାନଗିରି, କଳାହାଣ୍ଡି, ସ୍ଥାନୀୟ କୋଡ଼ିଙ୍ଗା, ଟେମ୍ରା, ବଡ ଆମ୍ଭଡା, ରାଜୋଡା, ଚୁର୍ଚ୍ଚୁଣ୍ଡା, ସନ୍ତୋଷପୁର ଭଳି ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଦିନ ଥିଲା ଶ୍ରଦ୍ଧାଳୁ ମାନେ ଏହି ସ୍ଥାନରେ ପିକନିକ ଓ ବିଭିନ୍ନ ବ୍ରତ ପୂଜା ପାଇଁ ଆସର ଜମାଉଥିଲେ। ବର୍ତ୍ତମାନ ଏହି ଶୈବପୀଠ ସମ୍ପୂର୍ଣ୍ଣ ଭାବେ ଅବହେଳିତ ଭଗ୍ନ ଅବସ୍ଥାରେ ରହିଛି।

**ସୁନାବେଡ଼ା:** ପବିତ୍ର ମହାଶିବରାତ୍ରି ଓ ଜାଗର ଅବସରରେ ସୁନାବେଡ଼ା ବିଭିନ୍ନ ଶୈବ ପୀଠରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି। ବଡ଼ି ଭୋରରୁ ଶିବ ମନ୍ଦିରଗୁଡ଼ିକରେ ଭକ୍ତମାନଙ୍କର ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଛି। ଅନ୍ୟ ଶିବ ମନ୍ଦିର ଅପେକ୍ଷା ଚିକାପାର ଶିବ ମନ୍ଦିରରେ ହଜାର ହଜାର ସଂଖ୍ୟାରେ ଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା ଏବଂ ହର ହର ମହାଦେବର ଧ୍ୱନିରେ ପରିବେଶ ଗୁଞ୍ଜରିତ ହୋଇଥିଲା। ସୁନାବେଡ଼ା ସହର ସ୍ଥିତ ପ୍ରାଚୀନ ଚିକାପାର ମନ୍ଦିର, ପୋଲିସ କ୍ୟାମ୍ପ, ସୁନାବେଡ଼ା -୧ , ହାଉସିଂବୋର୍ଡ , ହନୁମାନ ବଜାର , ଜଡାଗୁଡ଼ା, ହାଲ ସ୍ଥିତ ବେଲ ପାହାଡ ଓ ଜର୍ସିଫାର୍ମ ଶିବ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା, ରୁଦ୍ରାଭିଷେକ ଓ ଚାରି ପ୍ରହର ପୂଜା ଆଦି ଆୟୋଜିତ କରାଯାଇଛି। ପୂଜକ ମାନଙ୍କ ଦ୍ୱାରା ବେଦ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଦୁଧ, ଦହି, ମଧୁ, ଘିଅ ଓ ବେଲପତ୍ର ଦ୍ୱାରା ଭଗବାନ ଭୋଳାଶଙ୍କରଙ୍କ ଅଭିଷେକ କରାଯିବାର କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାବେଳେ ମହାଦୀପ ଉତ୍ତୋଳନ କାର୍ଯ୍ୟକ୍ରମ ରଖାଯାଇଛି। ଶିବରାତ୍ରି ଉପଲକ୍ଷେ ସମଗ୍ର ସୁନାବେଡ଼ା ଅଞ୍ଚଳ ଭକ୍ତିମୟ ମହଲରେ ବୁଡି ରହିଥିବା ବେଳେ ଭକ୍ତମାନେ ଭଗବାନ ଶିବଙ୍କ ଆଶିର୍ବାଦ ପ୍ରାପ୍ତି ନିମନ୍ତେ ପ୍ରାର୍ଥନା, ପୂଜାର୍ଚ୍ଚନା ଓ ଜାଗର ପ୍ରସ୍ତୁତିରେ ବ୍ୟସ୍ତ ରହିଛନ୍ତି।

# ବିଭିନ୍ନ ସ୍ଥାନରେ ଶିବରାତ୍ରୀ; ଦୀପ ଜାଳି ଉଜାଗର ରହିଲେ ଶ୍ରଦ୍ଧାଳୁ









ମାଲକାନଗିରି,୧୫ ।୨(ସମିସ):

ମହା ଶିବରାତ୍ରି ଅବସରରେ ସାରା ଦେଶରେ ଶୈବପୀଠ ଗୁଡିକ ଭକ୍ତିମୟ ପରିବେଶ ମଧ୍ୟରେ ଚଳଚଞ୍ଚଳ ହୋଇପଡିଥିବା ବେଳେ ମାଲକାନଗିରି ଜିଲ୍ଲାରେ ମଧ୍ୟ ବିଭିନ୍ନ ଶୈବ ପୀଠରେ ସକାଳୁ ସକାଳୁ ଦେଖିବାକୁ ମିଳିଛି ଶ୍ରଦ୍ଧାଳୁ ମାନଙ୍କ ଭିଡ଼। ମାଲକାନଗିରି ଜିଲ୍ଲା ସଦର ମହକୁମା ନିକଟସ୍ଥ ମଲ୍ଲିକେଶ୍ୱର ଶୈବ, ଯଦୁଗୁଡାର ଐତିହାସିକ ଶୈବ ପୀଠ, ହର ଗୌରି ପୀଠ ସହ ବିଭିନ୍ନ ଶୈବ ପୀଠରେ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ବିଶେଷ କରି ଜିଲ୍ଲାର ପୁରାତନ ଓ ପୁରାଣ ବର୍ଣିତ ଶୈବ ପୀଠ ମଲ୍ଲିକେଶ୍?ରରେ ଭକ୍ତ ମାନଙ୍କ ପ୍ରବଳ ସମାଗମ ହୋଇଛି। ଏହି ଶୈବ ପୀଠ ପାହାଡ ଉପରେ ଥିବା ବେଳେ ହଜାର ହଜାର ଭକ୍ତ ପ୍ରଭୁଙ୍କ ଦର୍ଶନ ପାଇଁ ଶତାଧିକ ପାହଞ୍ଚ ଚଢି ଏହି ପୀଠରେ ପହଞ୍ଚିଛନ୍ତି। ଦିନ ତମାମ ଏହି ପୀଠରେ ଭକ୍ତଙ୍କ ଭିଡ଼ ଲାଗିବା ସହ ପାହାଡ ତଳେ ନାନା ଦୋକାନ, ନାଟକ ଆଦିର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ମଲ୍ଲିକେଶ୍ୱର ଶୈବପୀଠରେ ଭକ୍ତମାନେ ଶାନ୍ତି ଶୃଙ୍ଖଳା ସହ ଠାକୁରଙ୍କ ଦର୍ଶନ କରିବା ପାଇଁ କମିଟି ପକ୍ଷରୁ ମଧ୍ୟ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପ୍ରତିବର୍ଷ ମଲ୍ଲିକେଶ୍ୱର ଶୈବ ପୀଠରେ ଏହି ସମୟରେ ଭକ୍ତ ତଥା ମାନସିକ ଧାରି ମାନେ ମଲ୍ଲିକେଶ୍ୱର ପୀଠରେ ଜାଗର ଦୀପ ଜାଳି ରାତିତମାମ ପୂଜାର୍ଚ୍ଚନା କରନ୍ତି। ଛୋଟ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୃଦ୍ଧା ମାନେ ମଧ୍ୟ ଖୁସିର ସହ ଏହି ପାହାଡ଼ ଚଢ଼ି ଶୈବ ପୀଠ ଦର୍ଶନ କରିଥାନ୍ତି। ଏଠାରେ ସେଚ୍ଛାସେବୀ ସଂଗଠନ ତରଫରୁ ଭକ୍ତ ମାନଙ୍କ ପାଇଁ ପିଇବା ପାଣି ଓ ଭୋଗର ବ୍ୟବସ୍ଥା ମଧ୍ୟ କରାଯାଇଛି। ଶ୍ରଦ୍ଧାଳୁ ମାନେ ପୂଜା ଅର୍ଚନା କରିବା ପରେ ପାହାଡ଼ ଉପର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ମାଲକାନଗିରି ସହର ଦୃଶ୍ୟର ମଜାନିଅନ୍ତି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଏହି ମଲ୍ଲିକେଶ୍ୱର ଶୈବ ପୀଠରେ ଜିଲ୍ଲା ତଥା ବାହାର ଜିଲ୍ଲା ଓ ପୋଡ଼ସି ଶ୍ରଦ୍ଧାଳୁ ମାନଙ୍କର ସୁଅ ଛୁଟିଛି। ସେହିଭଳି ମାଲକାନଗିରି ସହରର ତଳ ସାହି ଶିବମନ୍ଦିର, ହାଟପଦା, ପୁରୁଣା ମେଡିକାଲ, ଶିବାନନ୍ଦ ଆଶ୍ରମ, ରିଲ୍କାମେସନ ଭଳି ଶୈବପୀଠ ଗୁଡିକ ମଧ୍ୟ ଆଜି ଶିବରାତ୍ରି ପାଇଁ ବେଶ ଲୋକାରଣ୍ୟ ହୋଇଛି। ବିଳମ୍ବିତ ରାତିରେ ମହାଦୀପ ଉଠିବା ସହ ହରିହରି ଭେଟର ଦର୍ଶନ ପାଇଁ ଶ୍ରଦ୍ଧାଳୁ ମାନେ ସକାଳୁ ଉପବାସ ରହି ଅଖଣ୍ଡ ଦୀପ ଜାଳି ପୂଜା କରୁଥିବା ଦେଖିବାକୁ ମିଳିଛି।

**ରାମନାଗୁଡ଼ା :** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକର ବିଭିନ୍ନ ଶିବାଳୟରେ ଶନିବାର ବିଳମ୍ବିତ ରାତିରୁ ଶ୍ରଦ୍ଧାଳୁମାନଙ୍କର ଭିଡ଼ ଦେଖାଯାଇଥିଲା। ବିଶେଷକରି ରାମନାଗୁଡ଼ା ଅଞ୍ଚଳର ଲିଙ୍ଗରାଇ, ଗୋସେଇଁ ଗୁଲୁମୁଣ୍ଡା, ଗୁମଡ଼ା, ଗୁଲୁଣ୍ଡି, ଦେଉଳା, ରାମନାଗୁଡ଼ା ଆଦି ପୁରାତନ ଶିବ ମନ୍ଦିର ଗୁଡ଼ିକରେ ଭକ୍ତମାନେ ଲମ୍ବା ଲାଇନ୍‌ରେ ଛିଡା ହୋଇ ଜଳାଭିଷେକ ଓ ପୂଜାର୍ଚ୍ଚନା କରିଥିଲେ। ପ୍ରଭାତରୁ ହିଁ ଶିବ ମନ୍ଦିରରେ ଘଣ୍ଟନାଦ ଓ ହରହର ମହାଦେବ ଧ୍ୱନୀରେ ପରିବେଶ ଭକ୍ତିମୟ ହୋଇଯାଇଥିଲା। ମହିଳା, ପୁରୁଷ ଓ ଯୁବପିଢ଼ି ସମେତ ସମସ୍ତ ବର୍ଗର ଲୋକ ଶିବଲିଙ୍ଗରେ ଜଳ, ଦୁଗ୍ଧ, ବେଲପତ୍ର ଅର୍ପଣ କରି ଶାନ୍ତି ଓ ସୁଖ ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ। କିଛି ମନ୍ଦିରରେ ଭଜନ, କୀର୍ତ୍ତନ ଓ ରୁଦ୍ରାଭିଷେକର ଆୟୋଜନ କରାଯାଇଥିଲା। ମନ୍ଦିର କମିଟି ପକ୍ଷରୁ ଶ୍ରଦ୍ଧାଳୁ ମାନଙ୍କ ସୁବିଧା ପାଇଁ ପାଣି ବ୍ୟବସ୍ଥା ଓ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ସୁରକ୍ଷା ବ୍ୟବସ୍ଥା କଠୋର କରାଯାଇଥିବା ବେଳେ ଗୁଣୁପୁର ଏସଡିପିଓ ବାବୁଲି ନାୟକ, ଗୁଣୁପୁର ଥାନା ଅଧିକାରୀ, ରାମନାଗୁଡ଼ା ଥାନା ଅଧିକାରୀ ସୁନିତା ବେହେରା, ରାମନାଗୁଡ଼ା ଥାନା ଏସଆଇ ବାବୁଲା ପ୍ରଧାନ, ଗୁମୁଡ଼ା ଫାଣ୍ଡି ଅଧିକାରୀ ବୀରେନ୍ଦ୍ର କୁମାର ରାୟ ପ୍ରମୁଖ ବିଭିନ୍ନ ଶୈବ ପୀଠ ଗୁଡିକର ତଦାରଖ କରୁଥିଲେ। ମହାଶିବରାତ୍ରୀ ଉପଲକ୍ଷେ ସାରାଦିନ ଧରି ଭକ୍ତମାନଙ୍କ ଆଗମନ ଜାରି ରହିଥିଲା ଓ ପରିବେଶ ଭକ୍ତିମୟ ହୋଇଉଠିଥିଲା।

**ପଦ୍ମପୁର :** ରାୟଗଡ଼ା ଜିଲ୍ଲାର ପଦ୍ମପୁର ତଥା ଏହାର ଆଖପାଖ ଅଞ୍ଚଳରେ ମହାଶିବରାତ୍ରି ଅବସରରେ ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ଐତିହାସିକ ନୀଳକଣ୍ଠେଶ୍ୱର, ଧବଳେଶ୍ୱର, ମଲ୍ଲୀକେଶ୍ୱର,ପୁଡୁକେଶ୍ୱର ମନ୍ଦିରରେ ଆଜି ପ୍ରତ୍ୟୁଷରୁ ମଙ୍ଗଳ ଆଳତି, ରୁଦ୍ରାଭିଷେକ, ପାଶ୍ୱର୍ ଦେବତା ପୂଜା ସହ ସେବକମାନେ ମହାପ୍ରଭୁଙ୍କ ବିଭିନ୍ନ ବେଶରେ ଭୂଷିତ କରାଇଥିଲେ। ଶହଶହ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପଦ୍ମପୁର ପୁଲିସ ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପ୍ରତ୍ୟେକ ସ୍ଥାନରେ ପୁଲିସ ମୁତୟନ କରାଯାଇଥିଲା। ସନ୍ଧ୍ୟାରେ ଆରତୀ ଦର୍ଶନ ସହ ରାତ୍ରୀ ୧୧ଟା ରେ ମହାଦୀପ ଉଠିବ ବୋଲି ଜଣାପଡିଛି। ଠିକ୍ ସେହିପରି ଗୁମୁଡା,କାରେଣୀ ବ୍ରାହ୍ମଣ ଶାସନ, ଇନ୍ଦୁପୁର,ସେରମା,କେନ୍ଦୁଗୁଡାର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ଧୁମଧାମରେ ପାଳିତ ହୋଇଯାଇଛି। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ବିଭିନ୍ନ ପୈରାଣିକ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ବିଭିନ୍ନ ଦୋକାନ ବଜାର ସହ ସୁଦୃଶ୍ୟ ଆଲୋକ ବ୍ୟବସ୍ଥା ମନ୍ଦିର ତରଫରୁ କରାଯାଇଛି।

**ବିଷମକଟକ :** ପବିତ୍ର ଶିବରାତ୍ରି ଜାଗର ଅବସରରେ ଆଜି ରାୟଗଡା ଜିଲ୍ଲା ବିଷମ କଟକ ତଥା ଆଖପାଖ ଅଞ୍ଚଳରେ ରହିଥିବା ମହାଦେବ ମନ୍ଦିରରେ ଭକ୍ତଙ୍କ ସମାଗମ ଲାଗି ରହିଛି। ଚାଟିକୋଣା ଠାରେ ଅବସ୍ଥିତ ପାତାଳେଶ୍ୱର ମନ୍ଦିର ଏକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ହୋଇଥିବା ବେଳେ ଆଜି ଶିବରାତ୍ରି ଜାଗର ଅବସରରେ ମହାଦେବଙ୍କ ପୂଜାର୍ଚ୍ଚନା ଚାଲିଥିବା ବେଳେ ଶିବ ଦର୍ଶନ ନିମନ୍ତେ ଭୋର ସକାଳୁ ସକାଳୁ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଛି। ମହାଦେବଙ୍କୁ ଜଳାଭିଷେକ କରିବା ନିମନ୍ତେ ଲମ୍ବା ଧାଡ଼ି ଲାଗିଥିଲା। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ମନ୍ଦିର ପରିଚାଳନା କମିଟି ତରଫରୁ ସମସ୍ତ ପ୍ରକାରର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି ପଣଷପଦରର ବାବା ଅମରନାଥ ,ବିଷମ କଟକର ତୁମ୍ବେଶ୍ୱର, ନାଗେଶ୍ୱର, ପାତାଳେଶ୍ୱର ଗଜବାହାଲ ନୀଳ କଣ୍ଠେଶ୍ୱର, ଜଗନ୍ନାଥ ପୁର, କାକରାମାସ୍କା, ଦୁର୍ଗୀ, ଡୁକୁମ, ହାଟ ମୁନିଗୁଡା ଓ ପାଇକ ଡ଼ାଲୁଲୁଗୁଡା ଶିବ ମନ୍ଦିରକୁ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଛି। ସମସ୍ତ ମନ୍ଦିରରେ ଭକ୍ତଙ୍କ ଜାଗର ପାଳିବାର ବିଧିବ୍ୟବସ୍ଥା ରହିଥିବାରୁ ଭକ୍ତଙ୍କ ନିମନ୍ତେ ସମସ୍ତ ପ୍ରକାରର ସୁବ୍ୟବସ୍ଥା କରାଯାଇଛି। ବିଭିନ୍ନ ମହାଦେବ ମନ୍ଦିରରେ ହଜାର ହଜାର ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁଲିସ ତରଫରୁ ଏକ ପ୍ଲାଟୁନ ଫର୍ସ ମୁତୟନ କରାଯାଇଥିବା ନେଇ ବିଷମ କଟକ ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ସୂଚନା ଦେଇଛନ୍ତି।

**ଜୟପୁର :** କୋରାପୁଟ ଜିଲ୍ଲା ଜୟପୁର ସହର ଏବଂ ଆଖପାଖ ଗ୍ରାମାଞ୍ଚଳର ବିଭିନ୍ନ ଶୈବପୀଠରେ ରବିବାର ଭକ୍ତ ଓ ଶ୍ରଦ୍ଧାଳୁ ମାନେ ମହାଶିବରାତ୍ରୀ ପାଳନ କରିଛନ୍ତି। ବିଭିନ୍ନ ମନ୍ଦିର ଓ ଶୈବପୀଠରେ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ପ୍ରବଳ ଭିଡ଼ରେ ଶିବରାତ୍ର ତଥା ମହାଜାଗର ଯାତ୍ରା ବିଭିନ୍ନ ଶୈବପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଆନନ୍ଦଉଲ୍ଲାସରେ ପାଳନ ହୋଇଥିଲା। ଆଜି ଭୋରରୁ ଜୟପୁର ସହରର ପଞ୍ଚାନନ, ନୀଳକଣ୍ଠେଶ୍ୱର, ବୈଦନାଥ, ଲୋକନାଥ, ଭୂତନାଥ, ହଟିକେଶ୍ୱର, ଲୋକେଶ୍ୱର, କପିଳେସ୍ୱର, ରାମେଶ୍ୱର, ବାରିଣିପୁଟର ଶକ୍ତିଶ୍ୱର, ଗାଗନାପୁରର ବାବା ବାଲୁଙ୍କେଶ୍ୱର, ପାଞ୍ଜିଆଗୁଡାର ଲୋକନାଥ, ଆମ୍ବାଗୁଡା, ବାଲିଆ, ଜୟନ୍ତୀଗିରି ପ୍ରଭୃତି ଗ୍ରାମ ସହିତ ସହରର ଇରିଗେସନ କୋଲନୀ, ପାରବେଢା, ବାଙ୍କମଠରେ ରହିଥିବା ବିଭନ୍ନ ଶୈବ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭୀଡ ଦେଖିବାକୁ ମିଳିଥିଲା। ଏହିପରି ଭକ୍ତମାନେ ନଡିଆ, କଦଳୀ, ଆଖୁରସ, ପଇଡ, ଖିର, ଦହି ହାତରେ ଧରି ମନ୍ଦିର ସମ୍ମୁଖରେ ଲାଇନରେ ରହିବା ସହ ଠାକୁରଙ୍କ ଦର୍ଶନ ସହ ଭୋଗ ଲାଗି କରିଥିଲେ। ଶିବରାତ୍ରୀ ଅବସରରେ ସଂଧ୍ୟାରେ ସ୍ଥାନୀୟ ରାଜୁ ସାହିସ୍ଥିତ ବାବା ବୈଦନାଥ ମନ୍ଦିର ଏବଂ ପାୱାର ହାଉସ ଆୱା ନାରୀଶ୍ୱର ମନ୍ଦିର ଶିଖର ଉପରକୁ ମହାଦୀପ ଉଠାଯାଇଥିଲା। ଏହାକୁ ଦେଖିବା ପାଇଁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ରହିଥିଲା। ହିନ୍ଦୁ ପରମ୍ପରା ଏବଂ ରୀତିନିତିରେ ବିଳମ୍ବିତ ରାତିରେ ପଞ୍ଚାନନ ଏବଂ ନୀଳକଣ୍ଠେଶ୍ୱର ମନ୍ଦିରରେ ହରିହର ଭେଟ ଆୟୋଜନ କରାଯାଇଥିଲା। ଏହି ଅବସରରେ ପୂଜକ ଓ ପୁରୋହିତ ମାନେ ହୋମଯଜ୍ଞ ଏବଂ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ସାରା ରାତି ଉଜାଗର ରହିବା ସହିତ ପୂଜାର୍ଚ୍ଚନା କରିଥିଲେ। ସହରରେ ଶିବରାତ୍ରି ପାଳନ ଅବସରେ ଶାନ୍ତିଶୃଙ୍ଖଳା ପାଇଁ ବିଭିନ୍ନ ମନ୍ଦିରରେ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେହିପରି ରାଜ୍ୟର ପ୍ରସିଦ୍ଧ ବାବା ଗୁପ୍ତେଶ୍ୱର ଶୈବପୀଠକୁ ରାଜ୍ୟ ଓ ବାହାର ରାଜ୍ୟର ଭକ୍ତ ମାନେ ଜୟପୁର ସହରକୁ ଆସି ଏଠାରୁ ବସ, ଅଟୋ, ଚାରିଚକିଆ ଏବଂ ଦୁଇ ଚକିଆରେ ଯାତ୍ରା କରିଥିଲେ। ପୁରୁଣାଗଡ ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ଭଜନ ସମାରୋହ ସଂଧ୍ୟାରୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଆଜି ଜୟପୁର ସହରରେ ଏକ ଭକ୍ତିମୟ ପରିବେଶରେ ମହାଶିବରାତ୍ରି ଓ ଜାଗର ପାଳନ କରାଯାଇଥିଲା।

**କାକିରିଗୁମା :** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ଗୌଡ଼ଗୁଡା ଶୈବପୀଠ, ଖଜୁରୀପୁଟ, ଭିତରଗୁଡ, ଡୁନୁପାର, କୁଟୁନି ପଦର, କାକିରି ଗୁମା, ଶୈବପୀଠରେ ମୁହାଶିବରାତ୍ର ଅବସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଠାକୁର ଦର୍ଶନ ପାଇଁ ଭିଡ଼ ଜମିଛି । ଭକ୍ତ ଶାନ୍ତି ଶୃଙ୍ଖଳାରେ ଦର୍ଶନ କରିବାକୁ ମନ୍ଦିର କମିଟି ତରଫରୁ ବ୍ୟବସ୍ଥା କରାଯାଇଥିଲା । ଭକ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କାକିରି ଗୁମା ପୁଲିସ ମୁତୟନ ହୋଇଥିଲେ।

**ଲକ୍ଷ୍ମୀପୁର :** ଶିବରାତ୍ରୀ ପାଇଁ ଲକ୍ଷ୍ମୀପୁର ପୁରାତନ ଶିବ ମନ୍ଦିରରେ ରବିବାର ଭୋରରୁ ଆରମ୍ଭ ହୋଇଯାଇଛି ପୂଜାର୍ଚ୍ଚନା। ଭକ୍ତ ମାନେ ସକାଳୁ ଲମ୍ବା ଧାଡ଼ିରେ ଠିଆ ହୋଇ ପୂଜା କରୁଥିବା ଦେଖିବକୁ ମିଳିଛି। ବର୍ଷକୁ ଥରେ ଏହି ଦିନକୁ ଭକ୍ତମାନେ ଜଗି ରହିଥାନ୍ତି । ଶିବ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରି ସାନିଧ ଲାଭ କରି ନିଜ ପରିବାରର ସୁଖ ଓ ସମୃଦ୍ଧି କାମନା କରିଥିଲେ। ଭୋଗ, ବେଲପତ୍ର, ପୁଷ୍ପ ଧରି ଉପବାସ କରି ମହିଳା, ପୁରୁଷ ଓ ଅନେକ ଯୁବକ ଯୁବତୀ ଧାଡ଼ିରେ ଠିଆ ହୋଇ ପୂଜା କରିଛନ୍ତି। ମନ୍ଦିର ପ୍ରାଙ୍ଗଣରେ ଭକ୍ତିଭାବ ପୂର୍ଣ୍ଣ ମନୋଭାବ ଦେଖିବକୁ ମିଳିଥିଲା। ଅତ୍ୟଧିକ ଗହଳିକୁ ଅଖି ଆଗରେ ରଖି ପୁଲିସ ମୁତୟନ କରାଯାଇ ଥିଲା। ରାତିରେ ମହାଦୀପ ଦର୍ଶନ ପାଇଁ ସବୁ ଭକ୍ତ ଅପେକ୍ଷାରେ ରହିଛନ୍ତି।

**କଲ୍ୟାଣସିଂହପୁର :** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଠାରେ ଥିବା ପଞ୍ଚ ମୁଖେଶ୍ୱର ଶୈବପୀଠରେ ଦେଶର କୋଣ ଅନୁକୋଣରୁ ଭକ୍ତଙ୍କ ଭିଡ଼ ଜମିଥିଲା। ଠାକୁର ଦର୍ଶନ ପାଇଁ ମଧ୍ୟରାତ୍ର ଠାରୁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପାହାଡ଼ ଉପରେ ଗୁମ୍ଫା ଭିତରେ ପଞ୍ଚ ମୁଖେଶ୍ୱର ଶିବ ଲିଙ୍ଗ ବିରାଜମାନ ଥିବାରୁ ବର୍ଷକ ବିଭନ୍ନ ସମୟରେ ଭକ୍ତଙ୍କ ଭିଡ଼ ଜମିଥାଏ। ଆଜି ଶିବରାତ୍ର ଓ ଜାଗର ମେଳା ଲାଗୁଥିବାରୁ ବହୁ ଭକ୍ତ ପାହାଡ଼ ତଳ ଠାରୁ ଉପରଯାଏ ୪୮୬ ପାହାଚ ଚଢି ଶୃଙ୍ଖଳିତ ଢଙ୍ଗରେ ଠାକୁର ଦର୍ଶନ କରିଥିଲେ। ଓଡ଼ିଶାର ଅନେକ ଶୈବ ପୀଠ ମଧ୍ୟରୁ ଏହି ଶୈବପୀଠରର ସ୍ଥାନ ଏକ ସ୍ୱତନ୍ତ୍ର ରହିଛି। ଯାହାକି ଦେବତା ମାନଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବାରୁ ଦେବିଗିରି ବୋଲି ନାମ ରହିଛି। ରାଜା ଅମଳରୁ ଆଜିଯାଏ ପାହାଡ଼ ଉପରେ ପୂଜା ପାଉଛନ୍ତି ପଞ୍ଚ ମୁଖେଶ୍ୱର ସ୍ୱଟିକ ଲିଙ୍ଗ। ଅନେକ ଭକ୍ତଙ୍କ ମନସ୍କାମନା ପୂରଣ ହେଲେ ମୁଣ୍ଡନ ହୋଇଥାନ୍ତି। ଆଜି ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ଭକ୍ତ ଠାକୁର ଦର୍ଶନ କରିଜାଗର ପାଳି ଉଜାଗର ରହିବା ପାଇଁ ଭିଡ ଜମିଥିଲା। ସର୍ବ ପୁରାତନ ଐତିହାସିକ ଶୈବ ପୀଠରେ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା କରାଯାଇଥିବାରୁ ଆନନ୍ଦରେ ସେବନ କରିଥିଲେ। ଏହି ଅବସରରେ ସାତ ଦିନ ଧରି ପାହାଡ଼ ତଳେ ଜାଗର ଯାତ୍ରା ଅନୁଷ୍ଠିତ ହେଉଛି। ମିନା ବଜାର ସହ ବିଭିନ୍ନ ଦୋକାନ ବଜାର ବସି ହଜାର ହଜାର ଲୋକଙ୍କ ଭିଡ଼ ଜମିଥାଏ। ସରକାରଙ୍କ ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେଇ ସମସ୍ତ ପ୍ରକାର ସମସ୍ୟା ସାଧାନ କଲେ ବିକାଶ ହୋଇପାରିବ ବୋଲି ଶ୍ରଦ୍ଧାଳୁ ମାନେ ମତବ୍ୟକ୍ତ କରିଥିଲେ। ସେହିପରି ବ୍ଲକର ସଦର, ନାରାୟଣ ପୁର ରାମଲିଙ୍ଗେଶ୍ୱର, ସୁଲିପଦର, ପୂଜାରୀଗୁଡା, ଜିଲୁଣ୍ଡା, ସୁନାଖଣ୍ଡି, ଶିକରପାଇ, ସେରିଗୁମା ଠାରେ ଥିବା ଶିବ ମନ୍ଦିର ମାନଙ୍କ ଠାରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ପୁଲିସ ପ୍ରଶାସନ ପକ୍ଷରୁ ଥାନା ଅଧିକାରୀ ନୀଳକଣ୍ଠ ବେହେରାଙ୍କ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ବିଭିନ୍ନ ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ମଧ୍ୟ ପ୍ରଶାସନକୁ ସହଯୋଗ କରିଥିଲେ।

**କୋରୁକୋଣ୍ଡା :** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ବିଭିନ୍ନ ଶୈବପୀଠରେ ଆଜି ଭକ୍ତଙ୍କ ଭିଡ ଦେଖିବାକୁ ମିଳିଛି। କୋରୁକୋଣ୍ଡା ଶୁବଳେଶ୍ୱର, ଟେକଗୁଡା ଜଳେଶ୍ୱର, ଡୁଟେଲ ଗୁଡା ଲୋକନାଥ, ବାଲାକାଟି ମହାକାଳେଶ୍ୱର, କଣ୍ଟାମାଡି ମଲିକାର୍ଜୁନ, ପୁଷପାଲ୍ଲୀ ଓଁକାରେଶ୍ୱର, ବାଲିମେଳା ଛକ ରାଜଲିଙ୍ଗେଶ୍ୱର ଏହି ସମସ୍ତ ଶୈବ ପୀଠରେ ଆଜି ଭୋର ସମୟରୁ ମହାଦେବଙ୍କ ନୀତି ସମ୍ପୂର୍ଣ କରିବା ପରେ ଭକ୍ତଙ୍କ ଦର୍ଶନ ଆରମ୍ଭ କରାଯାଇଥିଲା। ମହାଦେବଙ୍କ ଆଶିଷ ଲାଭ ନିମନ୍ତେ ଆଖାପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳ ସାରା ଦିନ ତମାମ ଭକ୍ତଙ୍କ ଭିଡ ଲାଗିରହିଥିଲା। ସନ୍ଧ୍ୟା ସମୟରେ ବ୍ରତଧାରୀମାନଙ୍କ ଜାଗର ଦୀପ ପ୍ରଜ୍ୱଳନ ନିମନ୍ତେ ଭିଡ ଜମିବାର ଦେଖିବାକୁ ମିଳିଥିଲା। ଏହି ଅବସରରେ ଭକ୍ତ ମାନେ ନାମ ସଂକୀର୍ତ୍ତନ ମଧ୍ୟ କରିଥିଲେ। ଆଜି ପୁରା ପରିବେଶ ଭକ୍ତିମୟ ହୋଇଉଠି ଥିଲା ଏବଂ ଜୟ ଶିବଶମ୍ଭୁ ନାରାରେ ପ୍ରକମ୍ପିତ ହୋଇଥିଲା। ରାତ୍ର ୧୨ଟା ପରେ ବିଭିନ୍ନ ଶିବ ମନ୍ଦିରରେ ମହାଦୀପ ଉଠାଯିବା ସହିତ ହରଗୌରୀ ଭେଟର କାର୍ଯ୍ୟକ୍ରମ ରହିଥିଲା। ଏହି ଅବସରରେ ବିଭିନ୍ନ ପୀଠରେ ଭଜନ ସମାରୋହ ସହିତ ରାଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାନ କାରାଯିବ ବୋଲି ବିଭିନ୍ନ ପୂଜା କମିଟି କହିଛନ୍ତି। ଶାନ୍ତି ଶୃଙ୍ଖଳାର ସହିତ ଭକ୍ତ ମାନେ କିପରି ଭାବେ ମହାଦେବଙ୍କ ଦର୍ଶନ କରି ପାରିବେ ସେ ନେଇ ପୂଜା କମିଟି ତରଫରୁ ସ୍ୱଚ୍ଛାସେବୀମାନଙ୍କ ସମେତ ପୁଲିସ ବିଭାଗ ମଧ୍ୟ ଉପସ୍ଥିତ ରହିଛନ୍ତି।

**ଗୁଡାରି :** ଗୁଡାରି ପରିଷଦ ତଥା ବ୍ଲକର ବିଭିନ୍ନ ଶୈବ ପୀଠ ମାନଙ୍କରେ ମହାଶିବରାତ୍ର ପାଳିତ ହୋଇଯାଇଛି । ଗୁଡାରି ରାମଲୀଙ୍ଗେଶ୍ୱର ମନ୍ଦିର, ଗୁଡାରି ଗଡ଼ ଏବଂ ଶିରିଗୁଡ଼ା ନିଳକଣ୍ଠ ମନ୍ଦିର, ପଶ୍ଚିମେଶ୍ୱର ମନ୍ଦିର ଢେପାଗୁଡା ସୋମନାଥ ମନ୍ଦିର, ଝିଗିଡି ଭାଟା ଧବଳେଶ୍ୱର ମନ୍ଦିର ଟେମ୍ବାଗୁଡା ଗୁପ୍ତେଶ୍ୱର ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ସେହିପରି ଚନ୍ଦ୍ରପୁର ବ୍ଲକ ନିକଟସ୍ଥ ଶ୍ରୀ ମିନାଝୋଲାରେ ମଧ୍ୟ ଲକ୍ଷାଧିକ ଶ୍ରଦ୍ଧାଳୁ ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ ଭଳି ଅନ୍ୟ ରାଜ୍ୟରୁ ଶ୍ରଦ୍ଧାଳୁ ଏଠାକୁ ଆସି ମୀନକେଶ୍ୱର ବାବାଙ୍କୁ ଦର୍ଶନ କରିଥିଲେ। ମନୋଭରା ପ୍ରାକୃତିକ ଦୃଶ୍ୟ ସାଙ୍ଗକୁ ତିନୋଟି ନଦୀର ସଙ୍ଗମରେ ଭକ୍ତ ସ୍ନାନ କରି ଭକ୍ତି ଓ ଶ୍ରଦ୍ଧାର ସହ ବାବା ମୀନକେଶ୍ୱରଙ୍କୁ ଦର୍ଶନ କଲେ ମାନସିକ ପୁରଣ ହେଉଥିବା କଥିତ ଅଛି। ପ୍ରତ୍ୟେକ ବର୍ଷ ମାନସିକ ଧାରୀ କାର୍ଯ୍ୟ ସଫଳ ହେବା ପରେ ଏଠାକୁ ଆସି ମୁଣ୍ଡନ ହୋଇଥାନ୍ତି । ରାତ୍ର ଜାଗର ସମୟରେ ଲକ୍ଷାଧିକ ଶ୍ରଦ୍ଧାଙ୍କ ସମାଗମ ହୁଏ । କିନ୍ତୁ ପରିତାପରେ ବିଷୟ ଏଠାରେ ପାନୀୟ ଜଳ ସୁବ୍ୟବସ୍ଥା ନାହିଁ କି, ଦୂର ଦୁରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ରହିବା ଏବଂ ବିଶ୍ରାମ ନେବା ବ୍ୟବସ୍ଥା କରାଯାଇନାହିଁ । ଚଳିତ ବର୍ଷ ଶହ ଶହ ଗାଡ଼ି ଚଳାଚଳ ହୋଇଥିବାରୁ ଟ୍ରାଫିକ ସମସ୍ୟା ଦେଖାଯାଇଥିଲା। କିଲୋମିଟର ଧରି ବସ୍, ଗାଡ଼ି ଜାମ୍ ହେବା ଫଳରେ ଯାତ୍ରୀ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୁଲିସ ବାହିନୀ, ଅଗ୍ନିଶମ ବିଭାଗ ମୁତୟନ କରାଯାଇଥିଲେ ମଧ୍ୟ ବସ୍, ଗାଡ଼ି ଜାମ୍‌କୁ ନେଇ ପୁଲିସଙ୍କୁ ନାକେଦମ ହେବାକୁ ପଡିଥିଲା। ରାତ୍ରି ସମୟରେ ନାମ ସଂକୀର୍ତ୍ତନ ସହ ଗଙ୍ଗା ଆଳତୀ, ୧୨ଟାରେ ମହାଦୀପ ପ୍ରଜ୍ୱଳନ ପାଇଁ ନିତି ନିର୍ଘଣ୍ଟ କରାଯାଇଛି। ନଗରରେ ମନ୍ଦିର ଗୁଡିକରେ ଶାନ୍ତି ଶୃଙ୍ଖଳର ଦର୍ଶନ କରିବା ପାଇଁ ଗୁଡାରୀ ଥାନାଧିକାରୀ ବିଶ୍ୱ ବନ୍ଦନୀ ବାଗ ପ୍ରତ୍ୟେକ ଶୈବପୀଠରେ ପୁଲିସ ମୁତୟନ କରିଥିବା ଜଣାପଡ଼ିଛି।

**ତେନ୍ତୁଳିଖୁଣ୍ଟି :** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟିର ବିଭିନ୍ନ ଶୈବ ପୀଠରେ ଜାଗର ଯାତ୍ରା ଉପଲକ୍ଷେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି । ସ୍ଥାନୀୟ ସର୍ପ ମୁଣ୍ଡେଶ୍ୱର ଶୈବପୀଠରେ ମହାଦେବଙ୍କ ପୂଜକ ସାରଥୀ ମାଳି ପୂଜାର୍ଚନା କରିଥିଲେ। ସେହିଭଳି ଗୋପାଳ ଶ୍ରୀକ୍ଷେତ୍ର ପରିସର ଶୈବପୀଠ, ଉପର ଶିବ ମନ୍ଦିର, କପୁର ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର, ଲମତାଗୁଡା ଶୈବ ପୀଠ, ଗତିପୁଟ ଶୈବ ପୀଠ, ଘୁମରେଶ୍ୱର ଶୈବ ପୀଠ ଆଦି ସମସ୍ତ ଶୈବପୀଠରେ ଭକ୍ତଙ୍କ ସାମଗମ ଦେଖିବାକୁ ମିଳିଥିଲା । ଭକ୍ତ ସାମଗମକୁ ନଜରରେ ରଖି ଖାତିଗୁଡା ଏବଂ ତେନ୍ତୁଳିଖୁଣ୍ଟି ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା ହୋଇଥିଲା । ତେନ୍ତୁଳିଖୁଣ୍ଟି ସ୍ଥିତ ଘୁମରେଶ୍ୱର ଶୈବପୀଠରେ ତେନ୍ତୁଳିଖୁଣ୍ଟି ଥାନା ଅଧିକାରୀ ପ୍ରଣବ କୁମାର ଟୁଡୁଙ୍କ ତତ୍ତ୍ୱାବଧାନରେ ପୋଲିସ ବାହିନୀ ଶୃଙ୍ଖଳା ରକ୍ଷା କରିଥିଲେ । ଖାତିଗୁଡା ଥାନା ଅଧିକାରୀ ବୀରେନ୍ଦ୍ର ବାଗଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୋଲିସ ବାହିନୀ ମୃତୟନ ହୋଇ ଖାତିଗୁଡା ଥାନା ଅନ୍ତର୍ଗତ ସମସ୍ତ ଶୈବ ପୀଠରେ ଶୃଙ୍ଖଳା ରକ୍ଷା କରିଥିଲେ। କିଛି ପୀଠରେ ଭକ୍ତଙ୍କ ମନୋରଞ୍ଜନ ପାଇଁ ଆଞ୍ଚଳିକ ନାଟକ ପରିବେଷଣ ହୋଇଥିଲା।

**ଉମରକୋଟ :** ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ସମସ୍ତ ଶୈବପୀଠରେ ଭକ୍ତଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା। ମହାଶିବରାତ୍ରୀ ଅବସରରେ ସମସ୍ତ ଶୈବପୀଠ ଠାରେ ହରିହର ଭେଟ ହେବା ସହ ମହାଦୀପ ଉଠିଥିଲା। ମହା ଶିବରାତ୍ରୀ ଅବସରରେ ସମସ୍ତ ଶୈବପୀଠର କମିଟି ଭକ୍ତଙ୍କ ପାଇଁ ସମସ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଉମରକୋଟ ସହରର ପୋଠାଗଡ ଶୈବପୀଠ , ଧୋଡ୍ରା ଇଙ୍ଗ୍ଲାଜିନ ଶୈବପୀଠ ମନ୍ଦିର ଡିଏନକେ ଇଶାନେଶ୍ୱର ଶିବମନ୍ଦିର ଭାଲୁଗୁଡା ଶିବମନ୍ଦିର ଗୁଲିପାଟଣା ବାବା ବୈଦନାଥ ଶିବ ମନ୍ଦିର, ବୁର୍ଜା ଶୈବପୀଠ ମନ୍ଦିର ଟାଉନ ଶୈବପୀଠ ଦେଓଗାଁ ଶୈବପୀଠ ମନ୍ଦିର ଆଦି ମନ୍ଦିର ଠାରେ ଶ୍ରଦ୍ଧାଳୁ ଭକ୍ତମାନେ ଏକତ୍ରିତ ହୋଇ ଏହା ପାଳନ କରିଥାନ୍ତି। ଦେବ ଦେବ ମହାଦେବଙ୍କ ପୂଜା ଉପାସନା ନିମନ୍ତେ ପ୍ରତ୍ୟେକ ପକ୍ଷର ଚତୁର୍ଦ୍ଦଶୀ ତିଥି ଓ ଶିବରାତ୍ରି ସର୍ବୋତ୍କୃଷ୍ଟ। ଅନ୍ୟ ଦେବତାଙ୍କ ପୂଜା ଦିନରେ ହେଉଥିବା ବେଳେ ଏହି ପର୍ବରେ ଭଗବାନ ଶିବଙ୍କର ପୂଜା ରାତିରେ ହେଇଥାଏ। ବ୍ରତାଚାରୀମାନେ ଉକ୍ତ ଦିନରେ ଉପବାସ ରହି ଓ ସନ୍ଧ୍ୟାରେ ଶିବମନ୍ଦିର ଯାଇ ଅଖଣ୍ଡ ଦୀପ ଜାଳି ଉଜାଗର ରହନ୍ତିଥାନ୍ତି । ସେହି ରାତ୍ରିର ଚାରିପ୍ରହରରେ ଦୀପ ଜାଳିବା ସହିତ ଶିବଙ୍କର ପୂଜା ସହିତ ନାମ ଜପ କରାଯିବାର ବିଧି ରହିଛି।










ସକାଳ
THE SAKALA

# ସମ୍ପାଦକୀୟ



କୌଣସି ସମ୍ଭାବ୍ୟ ବିପଦ ପୂର୍ବରୁ ପ୍ରସ୍ତୁତିରେ ବିଫଳତାର ଅର୍ଥ ତୁମେ ନିଜ ବିଫଳତା ଲାଗି ପ୍ରସ୍ତୁତି କରୁଛ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

## ବୈଧାନିକ ପ୍ରହାର!

ଏକ ନାଟକୀୟ ଘଟଣାକ୍ରମେ ସଂସଦର ଚଳିତ ବଜେଟ୍ ଅଧିବେଶନରେ ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀଙ୍କ ବିରୋଧରେ ଶାସକ ଦଳର ସାଂସଦ ନିଶିକାନ୍ତ ଦୁବେ ଏଭଳି ଏକ ପ୍ରସ୍ତାବ ଆଗତ କରିଛନ୍ତି, ଯାହା ଅନେକ ଜଟିଳ ବୈଧାନିକ ଓ ରାଜନୈତିକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଶାସକଦଳର ନୀତିଗତ ନିଷ୍ପତ୍ତିକୁ ରାହୁଲ୍ ଗାନ୍ଧୀ ଦେଶବିରୋଧୀ ଭାବେ ଅଭିହିତ କରି ଯେଭଳି ଭାବେ ସମାଲୋଚନା କରିଛନ୍ତି ସେଥିରେ ବ୍ୟତିବ୍ୟସ୍ତ ହୋଇ ନିଶିକାନ୍ତ ଦୁବେଙ୍କ ଜରିଆରେ ଶାସକ ଦଳ ଉଦ୍ଦେଶ୍ୟମୂଳକ ଭାବେ ଏଭଳି ଏକ ପ୍ରସ୍ତାବ ଆଗତ କରି ଦେଶର ଜନତାଙ୍କ ଦୃଷ୍ଟି ଏଡ଼ାଇବାକୁ ଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ ହୋଇଛି।

'ସବ୍‌ଷ୍ଟାନ୍‌ସିଆଲ୍ ମୋସନ୍' ଭାବେ ନାମିତ ଏଭଳି ପ୍ରସ୍ତାବକୁ ସଂସଦର ଅମୋଘ ଓ ଶେଷ ଅସ୍ତ୍ର ଭାବେ ସ୍ୱୀକୃତି ଦିଆଯାଇଛି। ରାଷ୍ଟ୍ରପତି କିମ୍ବା ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କୁ ବହିଷ୍କାର ବା ମହାଭିଯୋଗ ପ୍ରସ୍ତାବର ନୀତିଗତ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଏହି ଅସ୍ତ୍ରକୁ ବ୍ୟବହାର କରାଯାଏ। ସାଂସଦ ଶ୍ରୀଦୁବେଙ୍କ ଅଭିଯୋଗର ମର୍ମାର୍ଥ ହେଉଛି ରାହୁଲ୍ ଗାନ୍ଧୀ ବିଦେଶୀ ତତ୍ତ୍ୱ ସହିତ ହାତମିଳାଇ ଭାରତର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରିଛନ୍ତି, ସରକାରଙ୍କ ନୀତି ଓ ନିଷ୍ପତ୍ତିକୁ ଦେଶବିରୋଧୀ ବୋଲି କହି ସଂସଦକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଛନ୍ତି ଏବଂ ସଂସଦର ଅବମାନନା କରିଛନ୍ତି। ତେଣୁ ରାହୁଲ୍ ଗାନ୍ଧୀଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାରୁ ଆଜୀବନ ବାସନ୍ଦ କରାଯାଉ ବୋଲି ପ୍ରସ୍ତାବରେ ଉଲ୍ଲେଖ ରହିଛି।

ଏହି ଉତ୍କଣ୍ଠାପୂର୍ଣ୍ଣ ପ୍ରସ୍ତାବ ଆଲୋଚନା ପରେ ରାହୁଲ୍ ଗାନ୍ଧୀଙ୍କ ରାଜନୈତିକ ଭବିଷ୍ୟତ କ'ଣ ହେବ ତାହା ଯେତେବଡ଼ ପ୍ରଶ୍ନ ନୁହେଁ, ତା'ଠାରୁ ଉଦ୍‌ବେଗଜନକ ହେଉଛି ସଂସଦୀୟ ଗଣତନ୍ତ୍ରରେ ଏହି ପ୍ରସ୍ତାବର ଦୁରୁପଯୋଗ ଅଭିଯୋଗ। ଆମେ ଏଠାରେ ସଂସଦ କିମ୍ବା ସାଂସଦଙ୍କ ନିଷ୍ପତ୍ତିକୁ ଆପତ୍ତିଜନକ ବୋଲି କହୁନାହୁଁ। ସେ ଅଧିକାର ମଧ୍ୟ ଆମର ନାହିଁ। କିନ୍ତୁ ଗଣମାଧ୍ୟମର ଦାୟିତ୍ୱ ଓ କର୍ତ୍ତବ୍ୟ ଭାବରେ ଆଇନ ବିଶାରଦ, ସମ୍ବିଧାନ ବିଶେଷଜ୍ଞ ଓ ବୁଦ୍ଧିଜୀବୀଙ୍କ ମତ ଓ ମନ୍ତବ୍ୟକୁ ଆମ ମାଧ୍ୟମ ଜରିଆରେ ଗଣଙ୍କ ଆଗରେ ଉପସ୍ଥାପନ କରିବାକୁ ଉଚିତ ମଣୁଛୁ।

ବିଶେଷଜ୍ଞଙ୍କ ମତାନୁଯାୟୀ, ଯଦି ବିରୋଧୀ ଦଳ ଅବାନ୍ତର ପ୍ରଶ୍ନ ପଚାରି ଏବଂ ନିରାଧାର ଅଭିଯୋଗ ଆଣି ସଂସଦକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି ତେବେ ତାହାକୁ ଉତ୍ତର ମାଧ୍ୟମରେ ଖଣ୍ଡନ କରିବାର ଅଧିକାର, କ୍ଷମତା ଓ ସୁଯୋଗ ସରକାରଙ୍କ ପାଖରେ ରହିଛି। କିନ୍ତୁ ତା'ବଦଳରେ ଏଭଳି ଏକ ପ୍ରସ୍ତାବ ଆଗତ କରିବାର ଅର୍ଥକୁ ବିଶେଷଜ୍ଞମାନେ ଯେଉଁ ଦୃଷ୍ଟିରେ ଦେଖୁଛନ୍ତି ତାହା ହେଉଛି ବିରୋଧୀ ଦଳର ଯୁକ୍ତିନିଷ୍ଠ ଓ ଅକାଟ୍ୟ ପ୍ରଶ୍ନକୁ ସାମ୍ନା କରି ନ ପାରି ସରକାର ଏଭଳି ଏକ ଅମୋଘ ଅସ୍ତ୍ର ଆଢୁଆଳରେ ଆତ୍ମଗୋପନ କରିବାର ପ୍ରୟାସ କରୁଛନ୍ତି। ପ୍ରଶ୍ନବାଣରୁ ବର୍ତ୍ତିବା ପାଇଁ ବିରୋଧୀ ଦଳର ନେତାଙ୍କୁ ବହିଷ୍କାର କରିବାକୁ ସୁରକ୍ଷିତ ମଣୁଛନ୍ତି। କିନ୍ତୁ ଏହାଦ୍ୱାରା ରାହୁଲ୍ ଗାନ୍ଧୀ ଆଣିଥିବା ଅଭିଯୋଗ ପଛରେ ସତ୍ୟତା ରହିଛି ବୋଲି ପରୋକ୍ଷରେ ସରକାରୀ ଦଳର ସଦସ୍ୟମାନେ ହିଁ ପ୍ରମାଣିତ କରିଦେଉଥିବା ମତ ପ୍ରକାଶ ପାଇଛି। ଏପରିକି ଲୋକସଭା ବାଚସ୍ପତିଙ୍କ ବିରୋଧରେ ବିରୋଧୀ ଦଳ ଅନାସ୍ଥା ପ୍ରସ୍ତାବ ଆଣିଥିବାରୁ ପ୍ରତିଶୋଧପରାୟଣ ହୋଇ ଶାସକ ଦଳ ଉଦ୍ଦେଶ୍ୟମୂଳକ ଭାବେ ବିରୋଧୀ ଦଳ ନେତାଙ୍କ ବିରୋଧରେ 'ସବ୍‌ଷ୍ଟାନ୍‌ସିଆଲ୍ ମୋସନ୍' ଆଣିଥିବା ଚର୍ଚ୍ଚା ହେଉଛି।

ଏବେ ପ୍ରଶ୍ନ ଉଠୁଛି ବିରୋଧୀ ଦଳ ନେତାଙ୍କ ବିରୋଧରେ ଆଗତ ଏହି ପ୍ରସ୍ତାବ ଆଧାରରେ କିଭଳି ପ୍ରକ୍ରିୟା ଚାଲିବ ଏବଂ କ'ଣ ଦଣ୍ଡବିଧାନ ହେବ? ଧାରା ୧୮୪ ଅଧୀନରେ ଆସୁଥିବା ଏହା ଏଭଳି ଏକ ପ୍ରସ୍ତାବ ଯାହା ଉପରେ ଆଲୋଚନା ସହିତ ମତଦାନ ବାଧ୍ୟତାମୂଳକ। ଯଦି ସଂଖ୍ୟାଗରିଷ୍ଠ ସଦସ୍ୟଙ୍କ ମତ ପ୍ରସ୍ତାବ ସପକ୍ଷରେ ଯାଏ ତେବେ ତାହା ପାରିତ ହେବ ଏବଂ ବିରୋଧୀ ଦଳର ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। କିନ୍ତୁ ଏହି ପ୍ରସ୍ତାବ ଆଲୋଚନା ଓ ଭୋଟିଂ ପାଇଁ ଗୃହୀତ ହେବ କି ନାହିଁ ସେ ନିଷ୍ପତ୍ତି ବାଚସ୍ପତିଙ୍କର। ପ୍ରସ୍ତାବକୁ ଗ୍ରହଣ କରିବା ପୂର୍ବରୁ ବାଚସ୍ପତି ମୁଖ୍ୟତଃ ତିନିଟି ବିଷୟ ଯଥା - ସମ୍ପୃକ୍ତ ସଦସ୍ୟ ସଂସଦର ମାନହାନି କରିବା ଭଳି କୌଣସି ଆଚରଣ କରିଛନ୍ତି କି କିମ୍ବା ଉଚ୍ଚାରଣରେ ସଂସଦ ପ୍ରତି ବିଦ୍ରୂପ କରିଛନ୍ତି କି କିମ୍ବା ପୂର୍ବରୁ କୌଣସି ପ୍ରସଙ୍ଗ ଅଦାଲତରେ ବିଚାରାଧୀନ ଅଛି କି ଆଦିର ତର୍ଜମା କରିବେ। ସେହିପରି ପ୍ରସ୍ତାବର ଆଲୋଚନା ବେଳେ ଅନ୍ତତଃ ତିନୋଟି କଥା ପ୍ରମାଣ କରିବାକୁ ପଡ଼ିବ। ତାହା ହେଉଛି ସମ୍ପୃକ୍ତ ସଦସ୍ୟଙ୍କ ଉଚ୍ଚାରଣରେ ତଥ୍ୟଗତ ତ୍ରୁଟି ରହିଛି କି କିମ୍ବା ସେ ଜ୍ଞାତସାରରେ ସଂସଦର ମର୍ଯ୍ୟାଦା ଉଲ୍ଲଙ୍ଘନ କଲାଭଳି ଆଚରଣ ଓ ଉଚ୍ଚାରଣ କରିଛନ୍ତି କି କିମ୍ବା ସଂସଦର ମାନହାନି କରିବାକୁ ତାଙ୍କର କାର୍ଯ୍ୟଧାରା ଉଦ୍ଦେଶ୍ୟମୂଳକ ଥିଲା କି? ଯଦି ଏହା ପ୍ରମାଣିତ ହୋଇ ନ ପାରିବ ତେବେ ପ୍ରସ୍ତାବ କାଟ ଖାଇଯିବ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ଯଦି ସଂଖ୍ୟାଗରିଷ୍ଠତା ଆଧାରରେ କୌଣସି ସଦସ୍ୟଙ୍କୁ ରାଜନୈତିକ ଉଦ୍ଦେଶ୍ୟ ରଖି ବହିଷ୍କାର କରାଯାଏ ସେ ଅଦାଲତରେ ଆବେଦନ କରିପାରିବେ କି ନାହିଁ। ୨୦୦୭ରେ 'ରାଜାରାମ୍ ପାଲ୍ ବନାମ ବାଚସ୍ପତି' ଏବଂ ୨୦୧୦ରେ 'ଅମରିନ୍ଦର ସିଂହ ବନାମ ସଂସଦ' ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ସଂସଦ ଓ ନ୍ୟାୟପାଳିକାର ଲକ୍ଷ୍ମଣରେଖାକୁ ସ୍ପଷ୍ଟ ଓ ସ୍ୱୀକାର କରିଥିଲେ ମଧ୍ୟ ରାୟ ଦେଇଥିଲେ ଯେ ଯଦି 'ସବ୍‌ଷ୍ଟାନ୍‌ସିଆଲ୍ ମୋସନ୍'ରେ ନିଆଯାଇଥିବା ପଦକ୍ଷେପ ଅସାମ୍ବିଧାନିକ ହୋଇଥିବା ହୃଦବୋଧ ହେବ ତେବେ ତାହା ନ୍ୟାୟିକ ସମୀକ୍ଷା ଲାଗି ଗ୍ରହଣ କରାଯାଇପାରିବ। ବିଧାନପାଳିକାର କ୍ଷମତା ଶକ୍ତିଶାଳୀ ଓ ସ୍ୱତନ୍ତ୍ର ହୋଇପାରେ କିନ୍ତୁ ନିରଙ୍କୁଶ ନୁହେଁ। ସେହିପରି ଆଇନ ବିଶେଷଜ୍ଞଙ୍କ ମତାନୁଯାୟୀ ସଂସଦ ଏହି ମୋସନ୍ ବଳରେ କୌଣସି ସଦସ୍ୟଙ୍କ ସେହି ଲୋକସଭା ପାଇଁ ସଦସ୍ୟତା ରଦ୍ଦ କରିଦେଇପାରିବ। ସମ୍ପୃକ୍ତ ସାଂସଦ ପୁଣି ଉପନିର୍ବାଚନ ଜିତି ସଂସଦକୁ ଆସିପାରନ୍ତି। କିନ୍ତୁ କୌଣସି ପରିସ୍ଥିତିରେ ଆଜୀବନ ବାସନ୍ଦ କରିପାରିବ ନାହିଁ। ଏହା ଜନପ୍ରତିନିଧି ଆଇନ-୧୯୫୧ର ଖିଲାପ।

ଏସବୁ ଦୃଷ୍ଟିରୁ ସାଂସଦ ଶ୍ରୀଦୁବେଙ୍କ ଦ୍ୱାରା ଆଗତ ଏହି ମୋସନ୍ ଆଇନସମ୍ମତ ନୁହେଁ, ବରଂ କେବଳ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ଆପାତତଃ ଜଣାପଡୁଛି। ଏଭଳି ଅସୁସ୍ଥ ପରମ୍ପରା ସଂସଦରେ ଭୟର ବାତାବରଣ ସୃଷ୍ଟି କରି ସମ୍ବିଧାନ ପ୍ରଦତ୍ତ ମୌଳିକ ମତାଧିକାରକୁ କ୍ଷୁଣ୍ଣ କରିବ। କୌଣସି ସଦସ୍ୟ ଆଲୋଚନାରେ ଭାଗ ନେବେ ନାହିଁ। ଆଜି ସରକାରରେ ବସିଥିବା ସାଂସଦମାନେ ହୁଏତ ଆସନ୍ତାକାଲି ବିରୋଧୀ ଦଳ ଆସନରେ ବସିପାରନ୍ତି। କଳଙ୍କିତ ପରମ୍ପରା ଥରେ ସୃଷ୍ଟି ହେଲେ ଭବିଷ୍ୟତରେ ତାହା ସେମାନଙ୍କ ପ୍ରତି ମଧ୍ୟ ଲାଗୁ ହେବାର ଆଶଙ୍କା ଏଡ଼ାଇ ଦେଇହେବ ନାହିଁ। ସର୍ବୋପରି ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ଏହି ବୈଧାନିକ ପ୍ରହାର ସାମ୍ବିଧାନିକ ସନ୍ତୁଳନ ଓ ମର୍ଯ୍ୟାଦାକୁ ନଷ୍ଟ କରିଦେବ। ତଥାପି ସଂସଦ ଓ ସାଂସଦଙ୍କ ନିଷ୍ପତ୍ତି ସର୍ବୋପରି।

# ଗଣତନ୍ତ୍ରରେ ଗୋଷ୍ଠୀତନ୍ତ୍ର

**ଗୌରୀ ପ୍ରସାଦ ମହାପାତ୍ର**

ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କ ଅଭିଯୋଗ ଅନୁଯାୟୀ ଏବେ ଭାରତର ଶାସନ ଓ ପ୍ରଶାସନ 'ଗୋଷ୍ଠୀତନ୍ତ୍ର'(ଓଲିଗାର୍କି) କବଳିତ। ବର୍ତ୍ତମାନର ଏନ୍‌ଡିଏ ସରକାର ଅମଳରେ ନିର୍ଦ୍ଦିଷ୍ଟ ଶିଳ୍ପଗୋଷ୍ଠୀକୁ ଆଧାର କରି ଏହି ଚର୍ଚ୍ଚା ଆରମ୍ଭ ହୋଇଥିଲେ ହେଁ ଭାରତୀୟ ଗଣତନ୍ତ୍ରରେ ବିଗତ ଶତାବ୍ଦୀରୁ 'ଗୋଷ୍ଠୀତନ୍ତ୍ର'ର ମୂଳଦୁଆ ପଡ଼ିସାରିଛି। 'ଗୋଷ୍ଠୀତନ୍ତ୍ର'ରେ ଧନାଢ୍ୟ, ବାହୁବଳୀ, ପ୍ରତିପତ୍ତିଶାଳୀ, ରାଜକୀୟ ବଂଶଜ, ଆଭିଜାତ୍ୟ ପରିବାର ସଦସ୍ୟଙ୍କ ଭଳି ନିର୍ଦ୍ଦିଷ୍ଟ ମୁଷ୍ଟିମେୟ ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ଦ୍ୱାରା ସମଗ୍ର ଶାସନ ଓ ପ୍ରଶାସନିକ ବ୍ୟବସ୍ଥା ପରିଚାଳିତ ହୁଏ। ଦେଶର ସମ୍ପଦ, ଶକ୍ତି, ଇଚ୍ଛା ବା ମତ, ନୀତି ନିର୍ଦ୍ଧାରଣ, ଏପରିକି ଗଣମାଧ୍ୟମ ମଧ୍ୟ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ 'ଗୋଷ୍ଠୀତନ୍ତ୍ର' କବଳିତ ବା ନିୟନ୍ତ୍ରିତ ହୁଏ।

ରାଜତନ୍ତ୍ର ଅମଳରେ ରାଜାମାନେ ସ୍ଥଳବିଶେଷରେ ଆର୍ଥିକ ନିଅଣ୍ଟିଆ ସଙ୍କଟର ପରିଚାଳନା ପାଇଁ ସାହୁକାର ବା ଜମିଦାରଙ୍କଠାରୁ ଋଣ ନେଉଥିଲେ ଏବଂ ପ୍ରତିବଦଳରେ ବା ମୂଳ ଓ ସୁଧ ପରିଶୋଧ ପରିବର୍ତ୍ତେ ସେମାନଙ୍କ ଖଜଣା ବାବଦ ଦେୟ କୋହଳ ବା ଛାଡ଼ କରିଦିଆଯାଉଥିଲା। ରାଜତନ୍ତ୍ର ପରବର୍ତ୍ତୀ ସମୟରେ ଗଣତନ୍ତ୍ର ଓ ଏକଛତ୍ରବାଦ ଶାସନ ବ୍ୟବସ୍ଥାରେ ମଧ୍ୟ ଏହି ଧାରା ପ୍ରାୟତଃ ଚଳିଆସିଲା ଏବଂ ତାହା କ୍ରମେ 'ଗୋଷ୍ଠୀତନ୍ତ୍ର'ର ରୂପ ନେଲା। ବସ୍ତୁତଃ ଯେଉଁ ସମୟରୁ ରାଜନୈତିକ ଚାନ୍ଦା ବ୍ୟବସ୍ଥା ଆରମ୍ଭ ହେଲା, ସେହି ସମୟରୁ ହିଁ ଶାସନ ବ୍ୟବସ୍ଥାରେ 'ଗୋଷ୍ଠୀତନ୍ତ୍ର' ତା'ର ଆସ୍ଥାନ ଦୃଢ଼ କରିନେଲା।

ବର୍ତ୍ତମାନର ତୀବ୍ର ପ୍ରତିଯୋଗିତାପୂର୍ଣ୍ଣ ନିର୍ବାଚନୀ ରାଜନୀତିରେ ଶିଳ୍ପଗୋଷ୍ଠୀଙ୍କ ସହାୟତା ବିନା ନିର୍ବାଚନୀ ଖର୍ଚ୍ଚ ତୁଲାଇବା ଓ ଜିତିବା ଏକପ୍ରକାର ଅସମ୍ଭବ। ତେଣୁ ଭାରତ ସମେତ ସମଗ୍ର ବିଶ୍ୱରେ ପ୍ରାୟ ସବୁ ରାଜନୈତିକ ଦଳ ଶିଳ୍ପପତି ଓ ଧନାଢ୍ୟ ଗୋଷ୍ଠୀଙ୍କ ସହାୟତା ଭିକ୍ଷା କରୁଥିବା ଏକ ଅପ୍ରିୟ ସତ୍ୟ। ଯେଉଁ ଶିଳ୍ପପତି ଯେତେ ବଡ଼ ଆକାରର ଚାନ୍ଦା ଦେଇଥିବେ କ୍ଷମତାସୀନ ରାଜନୈତିକ ଦଳଠାରୁ ସେହି ଅନୁପାତରେ ଅନୁକମ୍ପା ଆଶା ଓ ଦାବି କରିବା ସ୍ୱାଭାବିକ। ଏହା ମଧ୍ୟ ଅନସ୍ୱୀକାର୍ଯ୍ୟ ଯେ ବିନା ସରକାରୀ ସହାୟତା କିମ୍ବା ଅନୁକମ୍ପାରେ କୌଣସି ଶିଳ୍ପପତି ତ୍ୱରିତ ବ୍ୟବସାୟିକ ସଫଳତା ଲାଭ କରିବା ସହଜ ନୁହେଁ। ତେଣୁ 'ଦାନ-ପ୍ରତିଦାନ' ବା 'ଉପକାର-ଉପକୃତ'ର ଏହି ଧାରାରେ ଉଭୟ ଗୋଷ୍ଠୀର ପରସ୍ପର ଉପରେ ସ୍ୱାର୍ଥକୈନ୍ଦ୍ରିକ ନିର୍ଭରଶୀଳତାରୁ ଯେଉଁ ମଧୁଚନ୍ଦ୍ରିକାଟିଏ ଜନ୍ମ ନେଉଛି ତାହା 'ଗୋଷ୍ଠୀତନ୍ତ୍ର' ଭାବେ ପ୍ରାଧାନ୍ୟ ବିସ୍ତାର କରିଚାଲିଛି।

ତତ୍କାଳୀନ ସୋଭିଏତ୍ ସଂଘକୁ 'ଗୋଷ୍ଠୀତନ୍ତ୍ର'ର ଆଦ୍ୟ ଜନ୍ମଭୂମି ଭାବରେ ଗ୍ରହଣ କରାଯାଏ। ସେଠାରେ ବ୍ୟବସାୟୀମାନେ ପ୍ରଚୁର ଅର୍ଥବଳରେ ଶାସନ କ୍ଷମତାକୁ ନିୟନ୍ତ୍ରଣ କରି ଅଭିଷ୍ଟ ସିଦ୍ଧି କରିବାର ଯେଉଁ ପରମ୍ପରାଟି ଆରମ୍ଭ କରିଥିଲେ ତାହା ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ଗଣତାନ୍ତ୍ରିକ ରାଷ୍ଟ୍ରକୁ ବ୍ୟାପିଛି। ଏପରିକି ବିଶ୍ୱର ସର୍ବପୁରାତନ ଗଣତନ୍ତ୍ର ଆମେରିକାର ଗତ ରାଷ୍ଟ୍ରପତି ନିର୍ବାଚନ ଦୃଶ୍ୟପଟ୍ଟରେ ଏହି ସଂସ୍କୃତି ଦୃଶ୍ୟମାନ ହୋଇଥିଲା।

ଏବେ ଭାରତୀୟ ଗଣତନ୍ତ୍ରରେ 'ଗୋଷ୍ଠୀତନ୍ତ୍ର'ର ଉପସ୍ଥିତି କଥା ବିଚାର କରାଯାଉ। କେବଳ ଅବାଧ ଓ ମୁକ୍ତ ମତଦାନ ଅଧିକାର ବ୍ୟବସ୍ଥାକୁ ଛାଡ଼ିଦେଲେ ଆମ ନିର୍ବାଚନ ବ୍ୟବସ୍ଥା ପ୍ରାୟତଃ ଅର୍ଥବଳ ଓ ବାହୁବଳ କବଳିତ। ନିର୍ବାଚନ ପ୍ରଚାର ପାଇଁ ପ୍ରାର୍ଥୀମାନଙ୍କର ଯେଉଁ ସର୍ବାଧିକ ଖର୍ଚ୍ଚ ସୀମା ନିର୍ବାଚନ ଆୟୋଗ ଧାର୍ଯ୍ୟ କରନ୍ତି ତାହାର ପ୍ରାୟ ୧୦୦ ଗୁଣା ଅଧିକ ଖର୍ଚ୍ଚ ହୁଏ। ଅଧିକନ୍ତୁ ଗତ ବିହାର ବିଧାନସଭା ନିର୍ବାଚନରେ 'ନୋଟ୍ ଫର ଭୋଟ'କୁ ଯେପରି ଯୋଜନାର ନାମ ଦେଇ ସରକାରୀ ଭାବେ ବୈଧ କରିଦିଆଗଲା ଏବଂ ତାହାର ସୁପ୍ରଭାବ ମଧ୍ୟ ନିର୍ବାଚନ ଫଳାଫଳରେ ପ୍ରତିଫଳିତ ହେଲା ତାହା ଏ ପର୍ଯ୍ୟନ୍ତ ବିସ୍ମୃତ ହୋଇନାହିଁ। ଯେଉଁ ସରକାର ପାଖରେ ଶିକ୍ଷା ସ୍ୱାସ୍ଥ୍ୟ ଭଳି ଲୋକଙ୍କର ମୌଳିକ ଅଧିକାର ସୁନିଶ୍ଚିତ କରିବାକୁ ସମ୍ବଳର ଅଭାବ ରହିଛି ସେହି ରାଜ୍ୟ ନିର୍ବାଚନ ପୂର୍ବରୁ 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା'ରେ ତତ୍କାଳ ୭, ୫୦୦ କୋଟି ଟଙ୍କା ବାଣ୍ଟିବା ପାଇଁ (୭୫ ଲକ୍ଷ ମହିଳାଙ୍କୁ ୧୦ ହଜାର ଟଙ୍କା ଲେଖାଏଁ) ସମ୍ବଳ ଯୋଗାଡ଼ କଲା କେଉଁଠୁ ଏବଂ ଯୋଜନା(୭୫ ଲକ୍ଷ ମହିଳାଙ୍କୁ ଆଉ ୧ଲକ୍ଷ ୯୦ ହଜାର ଟଙ୍କା ଲେଖାଏଁ) ଜାରି ରଖିବ କେମିତି? ଏକ ନିର୍ଦ୍ଦିଷ୍ଟ ଶିଳ୍ପଗୋଷ୍ଠୀ ପକ୍ଷରୁ ଏହି ବିପୁଳ ଅର୍ଥ ଯୋଗାଇ ଦିଆଯାଇଛି ବୋଲି ହୋଇଥିବା ଅଭିଯୋଗ ଯଦି ସତ ହୁଏ ତେବେ ନିର୍ବାଚିତ ସରକାର ସମ୍ପୃକ୍ତ ଶିଳ୍ପଗୋଷ୍ଠୀକୁ ଅନୁକମ୍ପାରେ ଆପ୍ୟାୟିତ କରିବାକୁ ଏକପ୍ରକାର ବାଧ୍ୟ।

ଆମ ଗଣତନ୍ତ୍ରରେ ଏଭଳି ଧନାଢ୍ୟ ଓ ପ୍ରତିପତ୍ତିଶାଳୀମାନେ ହିଁ ସମଗ୍ର ଶାସନ ବ୍ୟବସ୍ଥାକୁ ଏଭଳି ନିର୍ବାଚନୀ ଖର୍ଚ୍ଚ ଭରଣା ଜରିଆରେ ନିୟନ୍ତ୍ରଣ କରିଆସୁଛନ୍ତି ଏବଂ ସରକାରମାନେ ମଧ୍ୟ ଏହି ଗୋଷ୍ଠୀକୁ ସୁହାଇବା ଭଳି ନୀତି ନିୟମମାନ ପ୍ରଣୟନ କରିବାକୁ ଏକପ୍ରକାର ବିବଶ ହୋଇପଡୁଛନ୍ତି। ବିଗତ କିଛିବର୍ଷର ଶାସନର ଧାରା ଓ ଘଟଣାକୁ ଅନୁଧ୍ୟାନ କଲେ ଏହି ଧାରଣା ଆହୁରି ଦୃଢ଼ ହେଉଛି। ନୂଆ ଯୋଜନା ଓ ନୀତି ନିର୍ଦ୍ଧାରଣ ସହିତ ନିର୍ଦ୍ଦିଷ୍ଟ ଶିଳ୍ପଗୋଷ୍ଠୀମାନଙ୍କର ବ୍ୟବସାୟ ସାମ୍ରାଜ୍ୟ ସମ୍ପ୍ରସାରଣ, ନିର୍ଦ୍ଦିଷ୍ଟ ବ୍ୟବସାୟୀ ଗୋଷ୍ଠୀକୁ ସୁହାଇବା ଭଳି ପ୍ରଚଳିତ ନିୟମରେ ସଂଶୋଧନ, କଟକଣାର ସରଳୀକରଣ ଆଦି ଯେ ଆଦୌ କାକତାଳିକ ନୁହେଁ, ତାହା ଆଉ କେତେଦିନ ଅସ୍ୱୀକାର କରି ରହିହେବ? 'ନ୍ୟାଶନାଲ୍ ମନିଟାଇଜେସନ୍ ପାଇପଲାଇନ୍(ଏନ୍‌ଏମ୍‌ପି)', ଗ୍ରୀନ୍ ଏନର୍ଜି ଆଇନ, ବନ୍ଦର ଘରୋଇକରଣ ପରି ନିକଟ ଅତୀତରେ କେନ୍ଦ୍ର ସରକାର ଘୋଷଣା କରିଥିବା କେତେକ ନିଷ୍ପତ୍ତି ଭାରତୀୟ ଗଣତନ୍ତ୍ରରେ 'ଗୋଷ୍ଠୀତନ୍ତ୍ର'ର ଆଧିପତ୍ୟ ଅଭିଯୋଗର ଭିତ୍ତିକୁ ଆହୁରି ସୁଦୃଢ଼ କରୁଛି।

କେବଳ ଏନ୍‌ଏମ୍‌ପି କଥା ଦେଖାଯାଉ। କେନ୍ଦ୍ର ସରକାରଙ୍କ କହିବା ଅନୁଯାୟୀ ଏନ୍‌ଏମ୍‌ପି ଯୋଜନାରେ କେତେକ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ପରିଚାଳନା ଘରୋଇ ସଂସ୍ଥାଙ୍କୁ ହସ୍ତାନ୍ତର କରାଯିବ। ପ୍ରତିବଦଳରେ ସରକାର ପାଇବାକୁ ଥିବା ବିପୁଳ ପାଣ୍ଠି ଦେଶ ହିତରେ ବିନିଯୋଗ ହେବ। ଏହି ଯୋଜନାରେ ୨୦୨୨ରୁ ୨୦୨୫ ମଧ୍ୟରେ ପ୍ରାୟ ୨୨ଟି ସଂସ୍ଥାର ଘରୋଇକରଣ ଜରିଆରେ ପ୍ରାୟ ୬ ଲକ୍ଷ କୋଟି ଟଙ୍କା ସଂଗ୍ରହ କରାଯିବ। ଏଥିମଧ୍ୟରେ ରହିଛି ସଡ଼କ ପରିବହନ କ୍ଷେତ୍ରରୁ ୧ ଲକ୍ଷ ୬୦ ହଜାର କୋଟି ଟଙ୍କା, ରେଳବାଇରୁ ୧ ଲକ୍ଷ ୫୨ ହଜାର ୪୯୬ କୋଟି ଟଙ୍କା, ବିଦ୍ୟୁତ ବିତରଣରୁ ୪୫ ହଜାର ୨୦୦ କୋଟି ଟଙ୍କା, ବିଦ୍ୟୁତ ଉତ୍ପାଦନରୁ ୩୯ ହଜାର ୮୩୨ କୋଟି ଟଙ୍କା, ପ୍ରାକୃତିକ ଗ୍ୟାସ୍ ପାଇପ୍ ଲାଇନ୍ ସମ୍ପ୍ରସାରଣରୁ ୨୪ ହଜାର ୪୬୨ କୋଟି ଟଙ୍କା ଏବଂ ଟେଲିକମ୍, ଭଣ୍ଡାରଣ, ଖଣି, ବିମାନ ଚଳାଚଳ, ବନ୍ଦର, ସହରାଞ୍ଚଳ ଗୃହ ନିର୍ମାଣ, କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ଭଳି ଭିତ୍ତିଭୂମି ବିକାଶ କ୍ଷେତ୍ର।

ଧାର୍ଯ୍ୟ ଲକ୍ଷ୍ୟ କେତେ ସଫଳ ହୋଇଛି ତାହା ଭିନ୍ନ କଥା। କିନ୍ତୁ ପ୍ରଶ୍ନ ଉଠୁଛି ଯେ ଏହିକ୍ରମରେ ଜନସ୍ୱାର୍ଥରେ ସମର୍ପିତ ରାଷ୍ଟ୍ରର ସମ୍ପତ୍ତି ମୁଷ୍ଟିମେୟ ଘରୋଇ ଶିଳ୍ପପତିଙ୍କ ହାତମୁଠାକୁ ଚାଲିଯିବ ନାହିଁ କି? ପରବର୍ତ୍ତୀ ସମୟରେ ସେମାନେ ଲୋକହିତ ବଦଳରେ ନିଜକୁ ସୁହାଇବା ଭଳି ସେହିସବୁ ସଂସ୍ଥାକୁ ପରିଚାଳନା ଯେ ନକରିବେ ସେହି ନିଶ୍ଚିତତା କିଏ କରିବ? ସରକାରଙ୍କ ସ୍ପଷ୍ଟୀକରଣ ହେଲା ଏନ୍‌ଏମ୍‌ପି ଯୋଜନାରେ କୌଣସି ସଂସ୍ଥାର ମାଲିକାନା ନୁହେଁ ବରଂ ପରିଚାଳନା ଦାୟିତ୍ୱ ହସ୍ତାନ୍ତର କରାଯିବ। ସେମାନେ ନିଜସ୍ୱ ନିବେଶରେ ସଂସ୍ଥାର ବିକାଶ କରିବେ। ତେବେ ବିନା କୌଣସି ସ୍ୱାର୍ଥରେ କୌଣସି ସଂସ୍ଥା କାହିଁକି ଏତେ ବିପୁଳ ପରିମାଣର ନିବେଶ କରିବେ? ପୁଣି ଯେଉଁ କ୍ଷେତ୍ରଗୁଡ଼ିକ ଜନକଲ୍ୟାଣ ସହିତ ସିଧାସଳଖ ସମ୍ପୃକ୍ତ ସେଥିରେ ଏତେ ବଡ଼ ବିପଦ ଆଶଙ୍କା ଘରୋଇ ସଂସ୍ଥା ମୁଣ୍ଡାଇବେ କାହିଁକି? ଏନ୍‌ଏମ୍‌ପିରେ ନିବେଶ ପରିଚାଳନା ଓ ବିକାଶ କାର୍ଯ୍ୟକ୍ରମ ତଦାରଖ କରିବା ପାଇଁ କୌଣସି ସର୍ତ୍ତ ନ ଥିବାରୁ ଘରୋଇ ସଂସ୍ଥାମାନେ ଯଥାସମ୍ଭବ କମ୍ ନିବେଶରେ ଉପରୋକ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପ୍ରଚୁର ଲାଭ ଅର୍ଜନ କରିବେ ଏବଂ ଏହିକ୍ରମରେ କିଛିବର୍ଷ ପରେ ରୁଗ୍ଣ ପ୍ରାୟ ସେହି ସବୁ ସଂସ୍ଥାଗୁଡ଼ିକୁ ସରକାରଙ୍କୁ ଫେରାଇ ଦେବା ଅସମ୍ଭବ ନୁହେଁ। ଏକଥା ଯେ ସରକାର ଓ ତାଙ୍କର ନୀତି ନିର୍ଦ୍ଧାରକମାନେ ଜାଣି ନ ଥିବେ ତାହା ଭାବିବା ଧୃଷ୍ଟତା ହେବ।

ଏମିତିରେ ଦେଖିବାକୁ ଗଲେ ଭାରତର ପ୍ରାକୃତିକ ଇନ୍ଧନ, ବିଦ୍ୟୁତ୍, ବନ୍ଦର, ଲଜିଷ୍ଟିକ୍, ଟେଲିକମ୍ ଆଦି ଶିଳ୍ପ କ୍ଷେତ୍ରର ସିଂହଭାଗ କାହା ହାତରେ, ତାହା ଜନସାଧାରଣଙ୍କୁ ଆଉ ଅଛପା ନାହିଁ। ଗତ ଆର୍ଥିକ ବର୍ଷରେ ବିଭିନ୍ନ ଜାତୀୟ ଓ ଆଞ୍ଚଳିକ ଦଳମାନେ ୮, ୩୩୫ କୋଟି ଟଙ୍କା ଚାନ୍ଦା ଆକାରରେ ପାଇଛନ୍ତି। ନିର୍ବାଚନୀ ବଣ୍ଡ ଜରିଆରେ ୨୦୧୮ରୁ ୨୦୨୪ ମଧ୍ୟରେ ନିର୍ବାଚନୀ ଚାନ୍ଦାର ପରିମାଣ ୧୬ ହଜାର କୋଟି ଟଙ୍କା ଥିବା ବେଳେ ସାମଗ୍ରିକ ଭାବେ ଶାସକ ଦଳମାନଙ୍କ ଖାତାକୁ ଏଥିରୁ ୮୫% ଯାଇଛି। ଏହିଧାରାରେ ଭାରତ ଏକ ଜନକଲ୍ୟାଣ ରାଷ୍ଟ୍ରରୁ 'ଗୋଷ୍ଠୀତନ୍ତ୍ର' ରାଷ୍ଟ୍ରରେ ପରିଣତ ହେବାର ଧାରା ଆରମ୍ଭ ହୋଇସାରିଛି ବୋଲି ହେଉଥିବା ଅଭିଯୋଗରେ ଆଶ୍ଚର୍ଯ୍ୟ କିମ୍ବା ବିଚଳିତ ହେବାର ନାହିଁ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି

## କୃଷି ଓ କ୍ଷୁଦ୍ରଶିଳ୍ପର ବଳିଦାନ ମାଗୁଛି

**ସିଦ୍ଧାର୍ଥ କର ମହାପାତ୍ର**

ଭାରତ-ଆମେରିକା ଦ୍ୱାରା ସମ୍ପ୍ରତି ଘୋଷିତ ଚୂଡ଼ାନ୍ତ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିକୁ କେନ୍ଦ୍ର ସରକାର ଏକ ବଡ଼ ଆର୍ଥିକ ଓ କୂଟନୈତିକ ସଫଳତା ବୋଲି ପ୍ରଚାର କରୁଛନ୍ତି। ସରକାରୀ ବିବୃତ୍ତି ଅନୁସାରେ ଏହି ଚୁକ୍ତି ଭାରତୀୟ ରପ୍ତାନି ବଢ଼ାଇବ, ନୂଆ ନିଯୁକ୍ତି ସୃଷ୍ଟି କରିବ ଏବଂ ଭାରତକୁ ବିଶ୍ୱ ବାଣିଜ୍ୟରେ ଶକ୍ତିଶାଳୀ କରିବ। କିନ୍ତୁ ଏହି ଉତ୍ସାହଜନକ ଦାବି ପଛରେ ଦେଶର କୃଷକ ଓ କ୍ଷୁଦ୍ରଶିଳ୍ପ ପାଇଁ ଅନେକ ଗଭୀର ପ୍ରଶ୍ନ ଓ ଆଶଙ୍କା ଲୁଚି ରହିଛି।

ଏହି ଚୁକ୍ତିର ମୂଳ ଲକ୍ଷ୍ୟ ହେଉଛି ଦୁଇ ଦେଶ ମଧ୍ୟରେ ଶୁଳ୍କ ହ୍ରାସ କରି ବଜାରକୁ ଅଧିକ ଉନ୍ମୁକ୍ତ କରିବା। ଆମେରିକା ପରି ଏକ ଉନ୍ନତ ଓ ରିହାତି ପ୍ରାପ୍ତ ଅର୍ଥନୀତି ସହ ଭାରତର କୃଷି ଓ କ୍ଷୁଦ୍ରଶିଳ୍ପର ଏପରି ସିଧା ପ୍ରତିଦ୍ୱନ୍ଦ୍ୱିତା ଅବାସ୍ତବ। ଆମେରିକାର କୃଷି ଉତ୍ପାଦନ ବିଶାଳ ପୁଞ୍ଜି, ଆଧୁନିକ ପ୍ରଯୁକ୍ତି ଓ ସରକାରୀ ସହାୟତା ଉପରେ ଭିତ୍ତି କରିଥିବା ବେଳେ ଭାରତର କୃଷି ଏଯାବତ୍ ଭାଗଚାଷୀ, ନାମମାତ୍ର ଚାଷୀ, ଅନିଶ୍ଚିତ ବଜାର ଓ ପ୍ରାକୃତିକ ଦୁର୍ବିପାକ ଭଳି ଆହ୍ୱାନକୁ ସମ୍ମୁଖୀନ ହୋଇଆସୁଛି। ସରକାର କହୁଛନ୍ତି ଯେ ଧାନ, ଗହମ, ଡାଲି, ଦୁଧ, ଚିନି ଆଦିକୁ ଏହି ଚୁକ୍ତିରୁ ବାଦ ଦିଆଯାଇଛି। କିନ୍ତୁ ଏହି ଆଶ୍ୱାସନା ସ୍ଥାୟୀ ନୁହେଁ। ମଧ୍ୟବର୍ତ୍ତୀକାଳୀନ ଚୁକ୍ତିର ଅର୍ଥ ହେଉଛି ଆଗାମୀ ଦିନରେ ଆଉ ବଡ଼ ଚୁକ୍ତି ଏବଂ କଠିନ ସର୍ତ୍ତ। ଗତ ଅଭିଜ୍ଞତା କହୁଛି, ବିଶ୍ୱ ବାଣିଜ୍ୟର ଚାପରେ ଏପରି ସୁରକ୍ଷା ଧୀରେଧୀରେ ହଟିଯାଏ ଏବଂ ଶେଷରେ ସସାଧାରଣ ଚାଷୀ କ୍ଷତି ସହେ।

ଆମେରିକୀୟ ପଶୁଖାଦ୍ୟ, ସୋୟାବିନ୍, ମକା ପ୍ରକ୍ରିୟାକୃତ ଖାଦ୍ୟ ଆକାରରେ ଭାରତୀୟ ବଜାରକୁ ପ୍ରବେଶ କଲେ ଘରୋଇ ଉତ୍ପାଦକ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ। ଆଜି ଯେଉଁ କୃଷକ ଋଣ, ଅଭାବୀ ବିକ୍ରି ଓ ପ୍ରାକୃତିକ ବିପର୍ଯ୍ୟୟ ସହ ଲଢୁଛନ୍ତି, ସେମାନଙ୍କ ପାଇଁ ଏହି ଚୁକ୍ତି ଆଉ ଏକ ସମସ୍ୟା ସୃଷ୍ଟି କରିବ। ସେହିପରି ଶୁଳ୍କ ହ୍ରାସ ହେଲେ ଆମେରିକୀୟ ଶିଳ୍ପ ପଦାର୍ଥ ଭାରତୀୟ ବଜାରରେ ଶସ୍ତା ହୋଇ ପହଞ୍ଚିବ। ସେମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ଭାରତୀୟ ଉଦ୍ୟୋଗୀଙ୍କ ପାଇଁ ପ୍ରାୟ ଅସମ୍ଭବ। ଏହା ଫଳରେ ଅନେକ ଛୋଟ କାରଖାନା ବନ୍ଦ ହେବାର ଆଶଙ୍କା ରହିଛି, ଯାହା ଗ୍ରାମୀଣ ଓ ସହର ଉଭୟ କ୍ଷେତ୍ରରେ ନିଯୁକ୍ତି ସଙ୍କଟ ସୃଷ୍ଟି କରିପାରେ।

ରଣନୈତିକ ସହଯୋଗିତା ନାମରେ ଯଦି ଭାରତ ନିଜ ଅର୍ଥନୈତିକ ସ୍ୱାଧୀନତାକୁ ଶିଥିଳ କରେ, ତେବେ ତାହା ଦୀର୍ଘକାଳୀନ ଭିତ୍ତିରେ ଦେଶ ପାଇଁ ହାନିକାରକ ହେବ। ଗୋଟିଏ ଶକ୍ତିଶାଳୀ ଦେଶର ଚାପକୁ ଅଧିକ ଗୁରୁତ୍ୱ ଦେବା ଦେଶ ସ୍ୱାର୍ଥ ପାଇଁ ଉଚିତ ନୁହେଁ। ବିଶ୍ୱ ସହ ବାଣିଜ୍ୟ ଅପରିହାର୍ଯ୍ୟ। କିନ୍ତୁ ବାଣିଜ୍ୟ ଚୁକ୍ତି ଯଦି ଦେଶର କୃଷକ, ଶ୍ରମିକ ଓ ଉତ୍ପାଦକଙ୍କୁ ଅସୁରକ୍ଷିତ କରେ, ତାହାକୁ ସଫଳତା ବୋଲି କୁହାଯାଇପାରିବ ନାହିଁ। ପ୍ରକୃତ ଉନ୍ନତି ତାହା, ଯାହାର ଫଳ ସବୁଠୁ ଦୁର୍ବଳ ଶ୍ରେଣୀ ପର୍ଯ୍ୟନ୍ତ ପହଞ୍ଚେ। ଏହିପରି ପରିସ୍ଥିତିରେ ଆବଶ୍ୟକ ହେଉଛି ସାର୍ବଜନୀନ ଆଲୋଚନା, ସଂସଦୀୟ ନିରୀକ୍ଷଣ, ପୂର୍ଣ୍ଣ ସ୍ୱଚ୍ଛତା ଓ ଦେଶବାସୀଙ୍କ ସମ୍ମୁଖରେ ଖୋଲା ଉପସ୍ଥାପନ। ନଚେତ୍, ଭାରତ-ଆମେରିକା ମଧ୍ୟବର୍ତ୍ତୀକଳୀନ ବାଣିଜ୍ୟ ଚୁକ୍ତି ଉନ୍ନତି ନାମରେ କୃଷକ ଓ କ୍ଷୁଦ୍ରଶିଳ୍ପପତିଙ୍କ ବଳିଦାନର ଏକ ଉଦାହରଣ ହୋଇ ରହିବ।

ରଘୁନାଥପୁର(ବାରିପଦା), ମୋ: ୯୬୮୧୬୩୫୦୮୬

## ପରାଧୀନତାର ରାସ୍ତା ଖୋଲିବ

**ଡ. ବିଶ୍ୱଜିତ୍**

ବ୍ରିଟିଶ ପରାଧୀନତାକୁ ଭାରତ ଭୁଲି ନ ଥିବା ବେଳେ ବର୍ତ୍ତମାନ ଭାରତ ସରକାର ଆମେରିକା ସହ କରିଥିବା ବାଣିଜ୍ୟ ଚୁକ୍ତି ପୁଣି ଆମକୁ ପରାଧୀନତାର ଅନ୍ଧକାର ଦିଗକୁ ନେଇଯାଇଛି। ଏହି ଚୁକ୍ତି ଯୋଗୁଁ ଭାରତୀୟ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ବନ୍ଦ ହୋଇଯିବା ସହ କୃଷି କ୍ଷେତ୍ର ବିଶେଷ ଭାବରେ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଚୁକ୍ତି ଅନୁଯାୟୀ ଆମେରିକା ଭାରତୀୟ ବୟନ, ପୋଷାକ, ଚମଡ଼ା ଓ ଜୋତା ଉଦ୍ୟୋଗ, ପ୍ଲାଷ୍ଟିକ୍ ଓ ରବର ଉତ୍ପାଦ ଉପରେ ୧୮% ପାରସ୍ପରିକ ଶୁଳ୍କ ଲଗାଇବ। ଏହି ଶିଳ୍ପଗୁଡ଼ିକ ହେଉଛି ଭାରତର ରପ୍ତାନିର ମେରୁଦଣ୍ଡ ଏବଂ ଲକ୍ଷାଧିକ ଲୋକଙ୍କୁ ରୋଜଗାର ଦେଇଥାଏ। ଶୁଳ୍କ ବୃଦ୍ଧି ଫଳରେ ଏହି ଉତ୍ପାଦଗୁଡ଼ିକ ଆମେରିକାର ବଜାରରେ ବାଂଲାଦେଶ, ଭିଏତନାମ୍ ଆଦି ଉତ୍ପାଦ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାର କ୍ଷମତା ହରାଇବ। ଫଳସ୍ୱରୂପ ଭାରତ ରପ୍ତାନି ହ୍ରାସ ଏବଂ ରୋଜଗାର କ୍ଷତିର ଶିକାର ହେବ। ଭାରତରେ ଆମେରିକୀୟ କୃଷି ଉତ୍ପାଦ, ପଶୁ ଖାଦ୍ୟ, ବାଦାମ, ସୋୟାବିନ୍ ତେଲ, ସେଓ ଆଦି ଫଳ ଓ ଡ୍ରାଏଫ୍ରୁଟ ଉପରେ ଆମଦାନୀ ଶୁଳ୍କ ନ ରହିବା ଫଳରେ ଉନ୍ନତ କୃଷି, ପ୍ରଯୁକ୍ତି ଓ ପ୍ରଚୁର ରିହାତିଯୁକ୍ତ ଆମେରିକୀୟ କୃଷିଜାତ ଦ୍ରବ୍ୟ ଭାରତୀୟ କୃଷକମାନଙ୍କୁ କାଙ୍ଗାଳ କରିଦେବ।

ଏହି ଚୁକ୍ତିରେ ରହିଥିବା ସର୍ତ୍ତ ଅନୁସାରେ ଭାରତ ରୁଷରୁ ଶସ୍ତା ପେଟ୍ରୋଲିୟମ ଖରିଦ ନକରି ଆମେରିକା ବା ଏହା ଅଧୀନସ୍ଥ ଭେନେଜୁଏଲାରୁ ମାହାଙ୍ଗା ତେଲ କିଣିବାକୁ ବାଧ୍ୟ ହେବ। ଗତ ଚାରିମାସରେ ଭାରତୀୟ ତୈଳ କମ୍ପାନୀମାନେ ରୁଷରୁ ଶସ୍ତା ତେଲ କିଣିବା ଦ୍ୱାରା ଆମେ ପ୍ରାୟ ତେପନ ହଜାର କୋଟି ଟଙ୍କା ଲାଭ ପାଇଛନ୍ତି। ଆମେରିକାରୁ କିଣିଲେ ଭାରତ ଉପରେ ଏହା ବଡ଼ ବୋଝ ହେବ। ସବୁଠୁ ଅପମାନଜନକ କଥା ହେଉଛି, ଯଦି କେବେ ଭାରତ ରୁଷରୁ ତେଲ କିଣିବାକୁ ଚେଷ୍ଟା କରେ ତେବେ ଆମେରିକା ଆମ ଉପରେ ମନଇଚ୍ଛା କର ଲଗାଇବାର ଧମକ ଏହି ଚୁକ୍ତିରେ ରହିଛି। ସେହିଭଳି ଆମେରିକାର ଧମକରେ ଇରାନର ଚାବାହର ବନ୍ଦରରେ ୧୧୦୦କୋଟି ଟଙ୍କା ଖର୍ଚ୍ଚ କରି ସୁଦ୍ଧା ଭାରତ ସେଠାରୁ ଫେରିଆସିବ।

ଆମେରିକା-ବାଂଲାଦେଶ ବାଣିଜ୍ୟ ଚୁକ୍ତିରେ କପା ଓ ଅନ୍ୟ ବସ୍ତ୍ର ସାମଗ୍ରୀ ଆମେରିକାରୁ ଖରିଦ କଲେ ବାଂଲାଦେଶ ବିନା ଆମଦାନୀ ଶୁଳ୍କରେ ଖରିଦ କରିବାକୁ ଥିବାରୁ ଏହାଦ୍ୱାରା ଭାରତର କପା ଓ ଅନ୍ୟାନ୍ୟ ସାମଗ୍ରୀ ରପ୍ତାନୀର ଚାଳିଶ ପ୍ରତିଶତ ପ୍ରଭାବିତ ହେବ। ସେହିପରି ବିଦେଶ ନୀତି କ୍ଷେତ୍ରରେ ଭାରତର ସ୍ୱାଧୀନତା ବିପନ୍ନ ହେବା ସହ ରପ୍ତାନି କ୍ଷେତ୍ରରେ ସ୍ୱାୟତ୍ତତା ଲୋପ ପାଇ ଦେଶର ଅର୍ଥନୈତିକ ସାର୍ବଭୌମତ୍ୱ ସମାପ୍ତ ହେବ।

ଭୁବନେଶ୍ୱର ମୋ : ୯୪୩୭୨୧୮୭୧୭

# ଆମ ବୃକ୍ଷଲତା ଆମ ଜୀବନ

## ଅଗସ୍ତି

(Agasti or White Dragon Tree or Vegetable Hummingbird)

ପ୍ରକୃତି-ପରିବେଶ

**ସୌଭାଗ୍ୟସୁନ୍ଦର**

ଅଗସ୍ତି ମାଲେସିଆର ଏକ ମୂଳ ଜାତ ଉଦ୍ଭିଦ। ଏହା ଭାରତ, ଇଣ୍ଡୋନେସିଆ, ମିଆଁମାର, ଫିଲିପାଇନ୍ସ, ଶ୍ରୀଲଙ୍କା ସମେତ ବିଶ୍ୱର ଅନେକ ଅଞ୍ଚଳରେ ଚାଷ କରାଯାଏ। ଫୁଲଗୁଡ଼ିକ ବଗ ପକ୍ଷୀ ପରି ଦେଖିବାକୁ ସୁନ୍ଦର। କିଛି ସ୍ଥାନରେ ଏହାକୁ ସ୍ଥାନୀୟ ଭାବରେ 'ଗୁଞ୍ଜଫୁଲ' କୁହାଯାଏ। ଅଗଷ୍ଟ (ଶରତ) ମାସରେ ଏହାର ଫୁଲ ଫୁଟୁଥିବାରୁ ଏହାକୁ 'ଅଗସ୍ତି ଉଦ୍ଭିଦ' ମଧ୍ୟ କୁହାଯାଏ। ଧର୍ମଧାରଣାରେ ହିମାଳୟରେ ଆୟୁର୍ବେଦିକ ରସାୟନ ପଦ୍ଧତି ଅଭ୍ୟାସ କରୁଥିବା ପ୍ରସିଦ୍ଧ 'ଅଗସ୍ତି' ମୁନିଙ୍କ ନାମରେ ଏହାର ନାମକରଣ କରାଯାଇଛି। ଅଗସ୍ତି ଫୁଲ ଭଗବାନ ଶିବଙ୍କୁ ଅର୍ପଣ କରାଯାଏ।

ଅଗସ୍ତି ଏକ ଦ୍ରୁତ ବଢୁଥିବା ନରମ କାଷ୍ଠଯୁକ୍ତ ବହୁବର୍ଷୀୟ ବୃକ୍ଷ। ପ୍ରାୟ ୨୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢୁଥିବା ଏହି ବୃକ୍ଷର ଶାଖାଗୁଡ଼ିକ କାଣ୍ଡର ଶୀର୍ଷରେ ଏକ ଖୋଲା ମୁକୁଟ ଭଳି ଝୁଲି ରହିଥାଏ। କାଣ୍ଡ ଓ ଡାଳରେ ପତ୍ରଝଡ଼ା ଦାଗ ସ୍ପଷ୍ଟ ଦେଖାଯାଏ। ପତ୍ରଟି ଡେଙ୍ଫ ଯୁକ୍ତ, ସମପକ୍ଷଳ ଯୌଗିକ, ୧୦-୨୦ ପତ୍ରକ ଧାରଣ କରିଥାଏ। ଫୁଲଗୁଡ଼ିକ ବୃନ୍ତଯୁକ୍ତ, ଲମ୍ବାଳିଆ, ଡଙ୍ଗା ଆକୃତିର, ଧଳା, ଲାଲ କିମ୍ବା ଗୋଲାପୀ, ସୁଗନ୍ଧିତ, ଆକାରରେ ବଡ଼ ଓ ଆକର୍ଷଣୀୟ। ଫଳଟି ଶିମ୍ବ ଭଳି ଲମ୍ବା, ପତଳା। ପ୍ରତ୍ୟେକଟିରେ ପ୍ରାୟ ୧୫- ୩୦ ଟି ବିହନ ଥାଏ। ଏହା ଅଗଷ୍ଟରୁ ନଭେମ୍ବର ମଧ୍ୟରେ ଫୁଲ ଧରିଥାଏ।

ଅଗସ୍ତି ବୃକ୍ଷର ସମସ୍ତ ଅଂଶ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ। ଏହା ତିନୋଟି ଦୋଷ ଯଥା ବାତ, ପିତ୍ତ ଓ କଫକୁ ସନ୍ତୁଳିତ କରେ। ମୁଖ୍ୟତଃ କଫ ଦୋଷକୁ ଦୂର କରେ, ଯାହା ବିଭିନ୍ନ ରୋଗକୁ ପ୍ରତିରୋଧ କରିବାରେ ସାହାଯ୍ୟ କରେ। ଏଥିରେ ଜ୍ୱର, ଅନ୍ଧାରକଣା, ନାକରୁ ପାଣି ବୋହିବା, ଖାଦ୍ୟ ବିଷାକ୍ତତା, କୋଷ୍ଠକାଠିନ୍ୟ, ସଂକ୍ରମଣ, ପେଟ ଯନ୍ତ୍ରଣା, ଯକୃତ ଓ ପ୍ଲୀହା ରୋଗ, ଫୁଲା, ଦୁର୍ବଳତା, ବାନ୍ତି, ମୁଣ୍ଡ ବୁଲା, ମଧୁମେହ, ମ୍ୟାଲେରିଆ, ମୁଖ ଓ ଗଳା ସମସ୍ୟା, ମ୍ୟାଲେରିଆ, ଗଣ୍ଠି ଯନ୍ତ୍ରଣା, ପ୍ରଦାହ, ଆଲଜାଇମର, ମାଇଗ୍ରେନ୍, ଶାରୀରିକ ଓ ମାନସିକ ଦୁର୍ବଳତା, କୃମି, ରକ୍ତସ୍ରାବ, ଲ୍ୟୁକୋରିଆ ଆଦି ରୋଗ ଉପଶମର ପ୍ରଚୁର ଔଷଧୀୟ ତତ୍ତ୍ୱ ରହିଛି। ଏଥିରେ ମଧ୍ୟ କର୍କଟ ରୋଗ ପ୍ରତିରୋଧୀ ଗୁଣ ଅଛି। ସ୍ମୃତିଶକ୍ତିକୁ ଉନ୍ନତ କରିବାରେ ଅଗସ୍ତି ଏକ ଅବ୍ୟର୍ଥ ଔଷଧ। ଏହାର ଗର୍ଭନିରୋଧକ ଗୁଣ ଯୋଗୁଁ ଗର୍ଭାବସ୍ଥାରେ ସେବନକୁ ବାରଣ କରାଯାଇଛି।

ଶୁଖିଲା ପତ୍ରଗୁଡ଼ିକୁ ଚା' ଭାବରେ ସେବନ କରାଯାଏ। ସ୍ୱାଦିଷ୍ଟ ରେସିପି ବା ଖାଦ୍ୟ ତିଆରି କରିବା ପାଇଁ ପତ୍ର, ଫୁଲ ଏବଂ ଫଳକୁ ରୋଷେଇରେ ବ୍ୟବହାର କରାଯାଏ। କଅଁଳ ପତ୍ର ଓ ଫଳକୁ ପନିପରିବା ଭାବରେ ଖିଆଯାଏ। ଭାରତରେ ଏହାକୁ ରସୁଣ, ହଳଦୀ, ମୁଗ ଡାଲି, ସୋରିଷ, ପିଆଜ, କଞ୍ଚା ଲଙ୍କା ହିଙ୍ଗୁ ଏବଂ ଲୁଣ ସହିତ ସିଝାଇ ଖିଆଯାଏ। ଏହାକୁ ଗୃହପାଳିତ ପ୍ରାଣୀଙ୍କ ପାଇଁ ଉଚ୍ଚ ପୁଷ୍ଟିକର ଖାଦ୍ୟ ଭାବରେ ମଧ୍ୟ ବ୍ୟବହାର କରାଯାଏ, କିନ୍ତୁ ଏହା କୁକୁଡ଼ାମାନଙ୍କ ପାଇଁ ଘାତକ। ଅଗସ୍ତି ଗଛର କାଠ ସାଧାରଣତଃ ଛୋଟ ଫର୍ନିଚର ତିଆରି ପାଇଁ ବ୍ୟବହାର କରାଯାଏ। ଏହି ଗଛର ରସ ହୀରାକୁ ବିଶୋଧନ କରିବାରେ ସାହାଯ୍ୟ କରିପାରେ।

ଅଗସ୍ତିର ଫାଇଟୋକେମିକାଲ୍ ବା ଜୈବ ରାସାୟନିକ ବିଶ୍ଳେଷଣରୁ ଜଣାଯାଏ ଯେ ଏଥିରେ ଆଲକାଲଏଡ୍, ଫ୍ଲାଭୋନଏଡ୍, ସାପୋନିନ୍, ଫିନୋଲ୍ସ, ଟାନିନ୍, ଟର୍ପେନୋଏଡ୍ସ, କ୍ୱିନୋନ୍ସ, ଷ୍ଟେରଏଡ୍ସ ଓ ପ୍ରୋଟିନର ଉପସ୍ଥିତି ରହିଛି। ଏହା ଭିଟାମିନ୍ ସି, ଭିଟାମିନ୍ ବି୯, ଭିଟାମିନ୍ ବି୧ ଏବଂ ଭିଟାମିନ୍ ବି୨, ଫୋଲେଟ୍, ଲୌହ, ସେଲେନିୟମ୍ ଇତ୍ୟାଦି ପୁଷ୍ଟିକର ତତ୍ତ୍ୱ, ଭିଟାମିନ୍ ଓ ଖଣିଜ ପଦାର୍ଥର ଏକ ଭଲ ଉତ୍ସ। ଏହା ପ୍ରୋଟିନ୍ ଓ ଟ୍ରିପ୍ଟୋଫାନ୍, ଥ୍ରେଓନାଇନ୍, ଆଇସୋଲିଉସିନ୍, ଲ୍ୟୁସିନ୍, ଲାଇସିନ୍ ଭଳି ଆମିନୋ ଏସିଡ୍‌ରେ ଭରପୂର।

ଅଗସ୍ତି ସହଜରେ ବିହନ ଦ୍ୱାରା ପୁନଃଉତ୍ପାଦିତ ହୁଏ। ଉଦ୍ଭିଦୀୟ ବଂଶବୃଦ୍ଧି କାଣ୍ଡ ଏବଂ ଡାଳ କଟାରୁ ମଧ୍ୟ କରାଯାଇପାରିବ। ଅଗସ୍ତି ପ୍ରାୟତଃ ଧାନକ୍ଷେତ ମଧ୍ୟରେ ଚାଷ କରାଯାଏ ଏବଂ ଏକ ଚାରା ଗଛ ଭାବରେ ଆନ୍ତଃଫସଲ କରାଯାଏ। ଏହା ଏକ ମରୁଡ଼ି ସହିଷ୍ଣୁ ଏବଂ କ୍ଷୀପ୍ରଗତିରେ ବଢୁଥିବା ଛାୟାପ୍ରଦାନକାରୀ ଉଦ୍ଭିଦ। ଉତ୍କୃଷ୍ଟ ମାଟି, ଉଷ୍ଣ ଏବଂ ଆର୍ଦ୍ର ଜଳବାୟୁରେ ଭଲ ଭାବରେ ବଢ଼ିଥାଏ। ବାୟୋମାସ ବା ଜୈବପୃଷ୍ଟ ଉଦ୍ଭିଦ ହୋଇଥିବାରୁ ମାଟିର ଉର୍ବରତା ବୃଦ୍ଧି କରିବାରେ ସାହାଯ୍ୟ କରେ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଜୁ ମହିଳା ଜନତା ଦଳର ନବକଳେବର

- ୧୮ ନେତ୍ରୀଙ୍କୁ ବରିଷ୍ଠ ଉପସଭାନେତ୍ରୀ ଦାୟିତ୍ୱ
- ୧୩ ନେତ୍ରୀ ହେଲେ ଜୋନାଲ ସଭାନେତ୍ରୀ ଓ କାର୍ଯ୍ୟକାରୀ ସଭାନେତ୍ରୀ
- ୨୬ ସାଂଗଠନିକ ଜିଲ୍ଲାରେ ସଭାନେତ୍ରୀ ଓ କାର୍ଯ୍ୟକାରୀ ସଭାନେତ୍ରୀ ନିଯୁକ୍ତ

ଭୁବନେଶ୍ୱର,୧୫।୨ (ସମିସ): ବିଜୁ ମହିଳା ଜନତା ଦଳ (ବିଏମ୍‌ଜେଡି) ସାଂଗଠନିକ ନବକଳେବର କରିଛନ୍ତି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ। ରାଜ୍ୟସ୍ତରରୁ ଆରମ୍ଭ କରି ଜୋନ୍, ବିଭିନ୍ନ ନେତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହାସହ ଦଳର ୨୬ଟି ସାଂଗଠନିକ ଜିଲ୍ଲା ପାଇଁ ସଭାନେତ୍ରୀ ଓ କାର୍ଯ୍ୟକାରୀ ସଭାନେତ୍ରୀଙ୍କୁ ନିଯୁକ୍ତି ମିଳିଛି। ରାଜ୍ୟସ୍ତରରେ ୧୮ ଜଣ ନେତ୍ରୀଙ୍କୁ ବରିଷ୍ଠ ଉପସଭାନେତ୍ରୀ, ୪୨ଜଣଙ୍କୁ ଉପସଭାନେତ୍ରୀ, ୫୧ଜଣଙ୍କୁ ସାଧାରଣ ସମ୍ପାଦିକା ଓ ୪୨ଜଣଙ୍କୁ ସମ୍ପାଦିକା ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଜୋନାଲ ସଭାନେତ୍ରୀ ଓ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ୧୩ଜଣଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି।

ସୂଚନାନୁସାରେ, କନକପ୍ରଭା ଲେଙ୍କା, ଉମାଦେବୀ ଅଗ୍ରୱାଲ, କ୍ୟୁ ସୁଲତାନା, ବାସନ୍ତୀ ମଲ୍ଲିକ, ଉଷାରାଣୀ ମହାନ୍ତି, ସରଳା ସ୍ୱାଇଁ, ସୁନୀତି ସିଂହ, ଶକୁନ୍ତଳା ମହାପାତ୍ର, ସନ୍ଧ୍ୟାରାଣୀ ବିଶ୍ୱାଳ, ସବିତା ମହାପାତ୍ର, ଉଷା ପ୍ରଧାନ, ସଂଯୁକ୍ତା ମହାନ୍ତି, ଜୟଶ୍ରୀ ଦାସ, ଗୋପା ମହାନନ୍ଦ, ଶାନ୍ତିଲତା ପ୍ରଧାନ, ଶକୁନ୍ତଳା ସାହୁ, ସୁଭଦ୍ରା ଦାସ, ସ୍ନେହାଞ୍ଜଳି ମହାନ୍ତିଙ୍କୁ ରାଜ୍ୟ ବରିଷ୍ଠ ଉପସଭାନେତ୍ରୀ ଭାବେ ନିଯୁକ୍ତି ମିଳିଛି।

ଅନୁରୂପ ଭାବେ ଅନୁଗୁଳ ଜିଲ୍ଲା ମହିଳା ଜନତା ଦଳର ସଭାନେତ୍ରୀ ଭାବେ ବବିତା ପ୍ରଧାନ, ବୌଦ୍ଧ ପାଇଁ ଦୀପ୍ତିପ୍ରଭା ସ୍ୱାଇଁ, ବରଗଡ଼ କଳ୍ପନା ମାଝୀ, ବଲାଙ୍ଗିର ଗୀତା ବିଶି, ଦେବଗଡ଼ ଅରଣି ପ୍ରଧାନ, ଗଜପତି ସଂଯୁକ୍ତା ବେହେରା, ଜଗତସିଂହପୁର ପାଇଁ ଲୋରା ମହାପାତ୍ର, କଳାହାଣ୍ଡି ପାଇଁ ସବିତା ପ୍ରଧାନ, କେନ୍ଦ୍ରାପଡ଼ା ସରିତା ସାହୁ, ମାଲକାନଗିରି ସମରୀ ଟଙ୍ଗୁଲ, ନବରଙ୍ଗପୁର ମଞ୍ଜୁଳା ମାଝୀ, ନୂଆପଡ଼ା ସନ୍ତୋଷିନୀ ସାମଲ, ନୟାଗଡ଼ ବିଜୟଲକ୍ଷ୍ମୀ ସାହୁ, ରାୟଗଡ଼ା ଅନସୂୟା ମାଝୀ, ସମ୍ବଲପୁର ସଂଯୁକ୍ତା ମେହେର, ସୁବର୍ଣ୍ଣପୁର ପଦ୍ମିନୀ ବଘାର, ସୁନ୍ଦରଗଡ଼ ରଞ୍ଜନା ପଣ୍ଡା, ରାଉରକେଲା ପାଇଁ ସନ୍ଧ୍ୟାରାଣୀ ଲାକ୍ରାଙ୍କୁ ଜିଲ୍ଲା ସଭାନେତ୍ରୀ ଭାବେ ଅବସ୍ଥାପିତ କରାଯାଇଛି। ଏହାସହ ଭଦ୍ରକ ଜିଲ୍ଲାରେ ସଭାନେତ୍ରୀ ଭାବେ ବିଦ୍ୟୁତଲତା ନାୟକ ଓ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ଦେବୀଦତ୍ତା ମହାନ୍ତ, କଟକରେ ଅନିତା ବେହେରା ସଭାନେତ୍ରୀ ଓ ପୂର୍ଣ୍ଣିମା ସିଂହଙ୍କୁ କାର୍ଯ୍ୟକାରୀ ସଭାନେତ୍ରୀ, ଢେଙ୍କାନାଳରେ ସାଗରିକା ମିଶ୍ର ସଭାନେତ୍ରୀ, ଶୁଭଲକ୍ଷ୍ମୀ ସାହୁ କାର୍ଯ୍ୟକାରୀ ସଭାନେତ୍ରୀ, ଝାରସୁଗୁଡ଼ାରେ ଜୟନ୍ତୀ ବହୁ ସଭାନେତ୍ରୀ, ପଦ୍ମିନୀ ସିଂହ କାର୍ଯ୍ୟକାରୀ ସଭାନେତ୍ରୀ କେନ୍ଦୁଝରରେ କମଳିନୀ ପାତ୍ର ସଭାନେତ୍ରୀ, ସାବିତ୍ରୀ ସେଠୀ କାର୍ଯ୍ୟକାରୀ ସଭାନେତ୍ରୀ, କୋରାପୁଟରେ ପାର୍ବତୀ ମସ୍ତିଙ୍କୁ ସଭାନେତ୍ରୀ ଓ ଉର୍ମିଳା ମୁଦୁଲିଙ୍କୁ କାର୍ଯ୍ୟକାରୀ ସଭାନେତ୍ରୀ, ପୁରୀରେ କସ୍ତୁରୀ ସ୍ୱାଇଁଙ୍କୁ ସଭାନେତ୍ରୀ ଓ ମାନସୀ ହରିଚନ୍ଦନଙ୍କୁ ଜିଲ୍ଲା କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।

ଏହାବ୍ୟତୀତ, ୩୫ଟି ସାଂଗଠନିକ ଜିଲ୍ଲା ପାଇଁ ମୋଟ୍ ୧୩ଜଣ ନେତ୍ରୀଙ୍କୁ ଜୋନାଲ୍ ସଭାନେତ୍ରୀ ଓ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ଦାୟିତ୍ୱ ବଣ୍ଟନ କରାଯାଇଛି। ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ ଓ ନୟାଗଡ଼ ଜୋନ୍ ପାଇଁ ପୁଷ୍ପାଞ୍ଜଳି ରଣା ସଭାନେତ୍ରୀ ଓ ରଞ୍ଜୁଲତା ରାୟ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି କଟକ ଜିଲ୍ଲା, କଟକ ସହର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ଢେଙ୍କାନାଳ ଓ ଅନୁଗୁଳ ଜୋନ୍ ପାଇଁ ଜ୍ୟୋତ୍ସ୍ନାମୟୀ ପରିଡ଼ା ସଭାନେତ୍ରୀ ଓ ସ୍ୱର୍ଣ୍ଣଲତା ସାମଲ କାର୍ଯ୍ୟକାରୀ ସଭାନେତ୍ରୀ ଦାୟିତ୍ୱ ପାଇଛନ୍ତି। ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ-୧ ଓ ମୟୂରଭଞ୍ଜ-୨ ଜୋନ୍ ପାଇଁ ପ୍ରୀତିନନ୍ଦା କାନୁନଗୋଙ୍କୁ ସଭାନେତ୍ରୀ ଓ ଉମିଲତା ଦାସଙ୍କୁ କାର୍ଯ୍ୟକାରୀ ସଭାନେତ୍ରୀ, ସୁନ୍ଦରଗଡ଼, ରାଉରକେଲା, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ବରଗଡ଼ ଜୋନ୍ ପାଇଁ ସିପ୍ରା ମହାନ୍ତିଙ୍କୁ ସଭାନେତ୍ରୀ ଓ ନିଲ୍ କୁମାରୀ ନାୟକଙ୍କୁ କାର୍ଯ୍ୟକାରୀ ସଭାନେତ୍ରୀ ଦାୟିତ୍ୱ ଦିଆଯାଇଛି। ବଲାଙ୍ଗିର ସୋନପୁର, ନୂଆପଡ଼ା ଓ କଳାହାଣ୍ଡି ପାଇଁ ଲଳିତା ନାୟକଙ୍କୁ ସଭାନେତ୍ରୀ ଓ ଦମୟନ୍ତୀ ବାଗଙ୍କୁ କାର୍ଯ୍ୟକାରୀ ସଭାନେତ୍ରୀ ରୂପେ ଦାୟିତ୍ୱ ବଣ୍ଟନ କରାଯାଇଛି। ଗଞ୍ଜାମ, ବ୍ରହ୍ମପୁର, ଗଜପତି, କନ୍ଧମାଳ ଓ ବୌଦ୍ଧ ଜୋନ୍ ପାଇଁ ମମତା ବିଶୋୟୀଙ୍କୁ ସଭାନେତ୍ରୀ ନିଯୁକ୍ତ କରାଯାଇଛି। ମାଲକାନଗିରି, ନବରଙ୍ଗପୁର, କୋରାପୁଟ ଓ ରାୟଗଡ଼ା ପାଇଁ ନବୀନା ନାୟକଙ୍କୁ ଜୋନାଲ ସଭାନେତ୍ରୀ ଓ ଲତା ରାୟଙ୍କୁ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ଦାୟିତ୍ୱ ଦିଆଯାଇଛି।

■ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ପରିବହନ ପ୍ରକଳ୍ପର ସମୀକ୍ଷା

# ଆଞ୍ଚଳିକ ସଂଯୋଗୀକରଣକୁ ଗୁରୁତ୍ୱ

ଭୁବନେଶ୍ୱର,୧୫।୨(ସମିସ): ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳ ଗସ୍ତ କରି ପ୍ରମୁଖ ବିମାନ ଚଳାଚଳ ଏବଂ ପରିବହନ ପ୍ରକଳ୍ପଗୁଡ଼ିକର ସ୍ଥିତି ସମୀକ୍ଷା କରିଛନ୍ତି। ଶ୍ରୀ ରାଜପୁତ ଉତ୍କେଲା ବିମାନବନ୍ଦର, ଜୟପୁର ବିମାନବନ୍ଦର ସମେତ ନବରଙ୍ଗପୁର ଓ ଭବାନୀପାଟଣାରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଉତ୍କେଲା ବିମାନବନ୍ଦରରେ ସେ ବିମାନ ଚଳାଚଳ ପାଇଁ ପ୍ରସ୍ତୁତି, ଯାତ୍ରୀଙ୍କ ପାଇଁ ଥିବା ସୁବିଧା ଏବଂ ରନ୍-ୱେ ସଂପ୍ରସାରଣ ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ। କେବିକେ ଅଞ୍ଚଳରେ ଆକାଶପଥରେ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସକ୍ରିୟ କରି ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ଉପରେ ସେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ସେହିପରି ଜୟପୁର ବିମାନବନ୍ଦର ଗସ୍ତ କରି ଶ୍ରୀ ରାଜପୁତ ସେଠାକାର ଭିତ୍ତିଭୂମି ବିକାଶ, ସୁରକ୍ଷା ବ୍ୟବସ୍ଥା ଓ ଯାତ୍ରୀ ସେବାର ତଦାରଖ କରିବା ସହ ସ୍ଥାନୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସାଧାରଣ ଲୋକଙ୍କୁ ଶସ୍ତା ଏବଂ ନିର୍ଭରଯୋଗ୍ୟ ବିମାନ ସେବା ଯୋଗାଇ ଦେବା ପାଇଁ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବିମାନ ସେବା ବ୍ୟତୀତ ସଡ଼କ ପରିବହନରେ ସଂସ୍କାର ଆଣିବା ଲକ୍ଷ୍ୟରେ ପ୍ରମୁଖ ଶାସନ ସଚିବ ଭବାନୀପାଟଣାସ୍ଥିତ ଓଏସ୍‌ଆର୍‌ଟିସି ଡିପୋ ଓ ବସଷ୍ଟାଣ୍ଡ ସମେତ ନବରଙ୍ଗପୁରରେ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧାର ସମୀକ୍ଷା କରିଥିଲେ। ବସଷ୍ଟାଣ୍ଡଗୁଡ଼ିକରେ ସ୍ୱଚ୍ଛତା, ଡିଜିଟାଲ୍ ଟିକେଟିଂ ଓ ବସ ଚଳାଚଳର ସଠିକ୍ ସମୟାନୁବର୍ତ୍ତିତା ସୁନିଶ୍ଚିତ କରିବା ସହ ଦୂରଦୂରାନ୍ତ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ବିଶେଷ ରୂପେ ନିର୍ଦ୍ଦେଶ ଦେଇଛନ୍ତି। କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ରାଜସ୍ୱ ଆଦାୟ ସ୍ଥିତିର ଅନୁଧ୍ୟାନ କରିବା ସହ ଏଥିରେ ସ୍ୱଚ୍ଛତା ଆଣିବା ପାଇଁ ଡିଜିଟାଲ୍ ପ୍ରଣାଳୀର ବ୍ୟାପକ ଉପଯୋଗ ଓ ଯାଞ୍ଚ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବାକୁ ସେ କହିଛନ୍ତି।

# ମଦମୁକ୍ତ ରାଜ୍ୟ ଗଠନ ପାଇଁ ମହିଳାଙ୍କ ଶପଥ



ମୋକିମଙ୍କ ସମାବେଶରେ ବିଜେପି ଓ କଂଗ୍ରେସ ନେତ୍ରୀ

ଭୁବନେଶ୍ୱର,୧୫।୨(ସମିସ): ଜାତୀୟ ଯୁବ ଦିବସରେ ଯୁବ ସମାବେଶ। ଏହାପରେ ମହିଳା ନେତ୍ରୀଙ୍କ ସମାବେଶ, କୃଷକନେତାମାନଙ୍କ ସମାବେଶ ଓ ସାମାଜିକ କର୍ମୀମାନଙ୍କ ସମାବେଶ କରି ଏକ ନୂଆ ବିକଳ୍ପର ଆହ୍ୱାନ ଦେଇଛନ୍ତି ବରିଷ୍ଠ ନେତା ମହମ୍ମଦ ମୋକିମ। ଓଡ଼ିଶାରେ ଓଡ଼ିଆଙ୍କ ସ୍ୱାର୍ଥରକ୍ଷା ପାଇଁ ଆଉ ଏକ ନୂତନ ରାଜନୈତିକ ଦଳର ଆବଶ୍ୟକତା ଥିବା ଦର୍ଶାଇ ମୋକିମ୍ କ୍ରମାଗତ ଭାବେ ନିଜର ରାଜନୈତିକ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏହି କ୍ରମରେ ସେ ନିଜର ନୂତନ ଦଳ ଆରମ୍ଭ କରିବା ପୂର୍ବରୁ ନିଜ ସହିତ ଅଧିକରୁ ଅଧିକ ମହିଳା ନେତ୍ରୀଙ୍କୁ ସାମିଲ କରାଇବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ ରବିବାର ରାଜଧାନୀର ଶତାଧିକ ମହିଳା ନେତ୍ରୀ ମୋକିମଙ୍କ ସଂଗଠନରେ ସାମିଲ୍ ହୋଇଛନ୍ତି।

ସ୍ଥାନୀୟ ରୋଟାରୀ ଭବନରେ ଶୈଳବାଳା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏହି ସଭାରେ ମହମ୍ମଦ ମୋକିମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମାଜରେ ମଦ ହିଁ ମହିଳାମାନଙ୍କ ପ୍ରତି ହେଉଥିବା ସମସ୍ତ ଅନ୍ୟାୟ ଅତ୍ୟାଚାରର ମୂଳ କାରଣ ବୋଲି କହିଥିଲେ। ତେଣୁ ତାଙ୍କର ଆଗାମୀ ରାଜନୈତିକ ଦଳ ମଦମୁକ୍ତ ଓଡ଼ିଶା ଗଢିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ମୋକିମ କହିଥିଲେ। ଓଡ଼ିଶାକୁ ସାମାଜିକ ଓ ଅର୍ଥନୈତିକ ସୁଦୃଢ କରିବା ପାଇଁ ପ୍ରଥମେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇବାର ଆବଶ୍ୟକତା ରହିଛି ବୋଲି ସେ ବକ୍ତବ୍ୟ ଦେଇଥିଲେ। ଭୁବନେଶ୍ୱରର ସମସ୍ତ ୬୭ଟି ୱାର୍ଡର ମହିଳାନେତ୍ରୀମାନେ ସାହିବସ୍ତି ବୁଲି ଏହି ବାର୍ତ୍ତା ପହଞ୍ଚାଇବା ପାଇଁ ମୋକିମ ଉପସ୍ଥିତ ନେତ୍ରୀମାନଙ୍କ ସହ ଆଲୋଚନା କରିଥିଲେ।

ଏହି ସଭାରେ ପୂର୍ବତନ ମହିଳା କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦିକା ରେଣୁବାଳା ରଥ, ସାମାଜିକ କର୍ମୀ ଅନୁରାଧା ଦାଶ, ଆରଟିଇ ଆନ୍ଦୋଳନର ମହିଳା ରାଜ୍ୟସଭାପତି କଳ୍ପନା ସାହୁ, ପୂର୍ବତନ କଂଗ୍ରେସ ନେତ୍ରୀ ଅର୍ପିତା ପଟ୍ଟନାୟକ, ଆଇନଜୀବୀ ସୁବିଦିତା ରାୟ ପ୍ରମୁଖ ଉପସ୍ଥିତ ରହି ମହିଳା ସଂଗଠନକୁ ଭୁବନେଶ୍ୱରରେ ମଜଭୁତ କରିବା ପାଇଁ ଆଲୋଚନା କରିଥିଲେ। ବିଜେପି ମହିଳା ମୋର୍ଚ୍ଚାର ପୂର୍ବତନ ଭୁବନେଶ୍ୱର ସମ୍ପାଦିକା ପ୍ରଗତି ରଥ ତାଙ୍କର ଅନେକ ସମର୍ଥକଙ୍କ ସହିତ ଏହି ସଭାରେ ଉପସ୍ଥିତ ଥିଲେ।

ସମୁଦ୍ରରେ ଟଳିଲା ଅଘଟଣ

# ବୁଡ଼ି ଯାଉଥିବା ୫ ପର୍ଯ୍ୟଟକ ଉଦ୍ଧାର

ପୁରୀ,୧୫।୨(ସମିସ): ସମୁଦ୍ରରେ ସ୍ନାନ ବେଳେ ବିଭିନ୍ନ ସମୟରେ ବିପଦରେ ପଡୁଛନ୍ତି ପର୍ଯ୍ୟଟକ। କେତେବେଳେ ଲହଡି ମାଡ଼ରେ ପର୍ଯ୍ୟଟକ ଆହତ ହେଉଛନ୍ତି ତ ପୁଣି କେତେବେଳେ ବୁଡ଼ିଯିବାରୁ ଜୀବନ ଚାଲିଯାଉଛି। ତେବେ ରବିବାର ଏକ ବଡ଼ ଧରଣର ଅଘଟଣ ଟଳିଯାଇଛି। ସବୁଦ୍ରରୁ ଜୀବନ ଫେରିପାଇଛନ୍ତି ୫ ପର୍ଯ୍ୟଟକ। ଢେଉ ମାଡ଼ରେ ଭାସିଯାଉଥିବା ବେଳେ ଦେବଦୂତ ସାଜି ସେମାନଙ୍କୁ ଉଦ୍ଧାର କରିଛନ୍ତି ଲାଇଫ୍‌ଗାର୍ଡ। ସେକ୍ଟର ୨ ଏବଂ ସେକ୍ଟର ୧୦ରେ ଏଭଳି ଅଘଟଣର ସାମ୍ନା କରିଥିଲେ ପର୍ଯ୍ୟଟକ। ସେକ୍ଟର ୨ ଦିଗବାରିଣୀ ନିକଟରେ ଖୋର୍ଦ୍ଧା ମଞ୍ଚେଶ୍ୱରର ବିଭୂ ଦାସ, ହାପି ଦାସ ଏବଂ ସୁଜ୍ଞାନ ଦାସ ଗାଧୋଉଥିଲେ। ତେବେ ରିପ୍ କରେଣ୍ଟରେ ଭିତରକୁ ଭାସି ଯାଉଥିବା ବେଳେ ସେଠାରେ ଉପସ୍ଥିତ ଲାଇଫ୍‌ଗାର୍ଡ ତୁରନ୍ତ ଭିତରକୁ ଯାଇ ସେମାନଙ୍କୁ ଉଦ୍ଧାର କରିଥିଲେ। ସେହିପରି ସେକ୍ଟର ୧୦ ଅଞ୍ଚଳରେ କଟକର ବିରଞ୍ଚି ନାରାୟଣ ସ୍ୱାଇଁ, ବସନ୍ତ କୁମାର ସାମଲ ଉଚ୍ଚ ଲହଡିରେ ଭାସି ଯାଇଥିଲେ। ଅନ୍ୟମାନେ ଡାକ ପକାଇବାରୁ ଲାଇଫ୍‌ଗାର୍ଡ ଦୁଇଜଣଙ୍କୁ ଉଦ୍ଧାର କରିଥିଲେ। ତେବେ ବାରମ୍ବାର ସମୁଦ୍ର ସ୍ନାନବେଳେ ଏଭଳି ଅଘଟଣ ଘଟୁଥିଲେ ମଧ୍ୟ ଅନେକ ସମୟରେ ପର୍ଯ୍ୟଟକମାନେ ସଚେତନ ହେଉନାହାନ୍ତି। କିଛି ପର୍ଯ୍ୟଟକ ଅଛନ୍ତି ସେମାନଙ୍କୁ ଗାଧୋଇବା ପାଇଁ ବାରଣ କଲେ ମଧ୍ୟ ସେମାନେ ଅମାନିଆ ହୋଇଥାନ୍ତି। ଅନ୍ୟପକ୍ଷରେ ପର୍ଯ୍ୟଟକଙ୍କୁ ମଧ୍ୟ କିପରି ଅଧିକ ମାତ୍ରାରେ ସଚେତନ କରାଯିବ ସେ ଦିଗରେ ପ୍ରଶାସନ ମଧ୍ୟ ଧ୍ୟାନ ଦେବା ଦରକାର।

# ଡିଜିଟାଲ ଯୁଗରେ କ୍ୟାସଲେସ୍ ଭିକାରୀ



ପାରଳାଖେମୁଣ୍ଡି, ୧୫।୨ (ସମିସ): ଡିଜିଟାଲ ଯୁଗରେ କ୍ୟାସଲେସ୍ ଭିକାରୀ। ଶୁଣିବାକୁ ଅଡୁଆ ଲାଗୁଥିଲେ ବି ଏପରି ଏକ ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଜୋରସୋର୍‌ରେ ଭାଇରାଲ ହେବାରେ ଲାଗିଛି। ଭାଇରାଲ ଫଟୋଟି ପାରଳାଖେମୁଣ୍ଡିର ବୋଲି ଜଣାଯାଇଛି। ଭାଇରାଲ ଫଟୋରେ ଭିକ୍ଷାବୃତ୍ତି କରୁଥିବା ଜଣେ ମହିଳା ପାଖରେ ଏକ କ୍ୟୁଆର୍ କୋଡ୍ ରଖିଛନ୍ତି। ଯାହା ପାଖରେ ଖୁଚୁରା ବା ଟଙ୍କା ନାହିଁ, ମୋବାଇଲ୍‌ରେ କ୍ୟୁଆର୍ କୋଡ୍ ସ୍କାନ୍ କରି ଭିକ୍ଷା ଦେବାକୁ ସେ ଅନୁରୋଧ କରୁଥିବା ଦେଖାଯାଉଛି। ଖାଲି ଉକ୍ତ ମହିଳା ନୁହେଁ, ପାରଳାଖେମୁଣ୍ଡିସ୍ଥିତ ଦେଉଳବନ୍ଧ ନିକଟରେ ଥିବା ଶିବାଳୟ ପରିସରରେ ବସିଥିବା କିଛି ଭିକାରୀ ଏପରି ଭିକ୍ଷାବୃତ୍ତି କରୁଥିବା ଜଣାଯାଇଛି। ମନ୍ଦିରରେ ଆଜି ସକାଳୁ ସକାଳୁ ପ୍ରବଳ ଭିଡ଼ ଜମିଥିଲା ବେଳେ ଭିକ୍ଷାବୃତ୍ତିର ଏପରି ଶୈଳୀକୁ ନେଇ କିଛି ଲୋକ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଜଣେ ଶ୍ରଦ୍ଧାଳୁ ଏହାର ଏକ ଫଟୋ ନେଇ ସୋସିଆଲ ମିଡିଆରେ ଅପଲୋଡ୍ କରିବା ପରେ ତାହା ଭାଇରାଲ ହେବାରେ ଲାଗିଛି।

■ ତାରିଣୀ ଦର୍ଶନ ନୋହିଲା

# ଗଛରେ ପିଟିହେଲା କାର୍; ଜଣେ ମୃତ

ପରିବାରର ଅନ୍ୟ ୫ ଗୁରୁତର



ଘଟଗାଁ, ୧୫।୨ (ସମିସ): ଭୁବନେଶ୍ୱରରୁ ଏକ କାର୍‌ରେ ତାରିଣୀ ଦର୍ଶନ ପାଇଁ ଘଟଗାଁ ଆସୁଥିବା ବେଳେ ଭାରସାମ୍ୟ ହରାଇ ଗଛରେ ପିଟି ହେବାରୁ ଜଣଙ୍କର ମୃତ୍ୟୁ ହୋଇଛି। ଏଥିରେ ଆଉ ୫ଜଣ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ମୃତାହତମାନେ ଗୋଟିଏ ପରିବାରର। ମୃତକ ହେଲେ, କଟକ ଜିଲ୍ଲା ଆଠଗଡ଼ ବଡମ୍ବା ଗ୍ରାମର ରବୀନ୍ଦ୍ରନାଥ ମହାନ୍ତି। ପବିତ୍ର ମହାଶିବରାତ୍ରି ଅବସରରେ ଝିଅ-ଜ୍ୱାଇଁ ଓ ପରିବାର ସହ ଏକ କାର୍‌ରେ ସେ ମା’ ତାରିଣୀଙ୍କ ଦର୍ଶନ ପାଇଁ ଆସୁଥିଲେ। ଜ୍ୱାଇଁ କାର୍ ଚଳାଉଥିବା ବେଳେ ରବୀନ୍ଦ୍ରନାଥ ଆଗ ସିଟ୍‌ରେ ବସିଥିଲେ। ଧୁବୁଲାବେଡ଼ା ଛକ ନିକଟରେ ଭାରସାମ୍ୟ ହରାଇ କାର୍‌ଟି ରାସ୍ତାକଡ଼ ଏକ ଗଛରେ ପିଟି ହୋଇଯାଇଥିଲା। ଏଥିରେ ଘଟଣାସ୍ଥଳରେ ରବୀନ୍ଦ୍ରନାଥଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟମାନେ ଗୁରୁତର ଆହତ ହୋଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହିତ ତଦନ୍ତ ଚଳାଇଛି।


**AFFIDAVIT**

By virtue of an affidavit sworn before the **Executive Magistrate, Puri, dated 19.01.2026,** I, Sarbeswar Biswal of Vill. sundar, P.O. Gadamrugasira, P.S. Chandanpur, Dist. Puri Odisha-752012, declare that I have changed my name from **SAMBHU BISWAL to SARBESWAR BISWAL.** Henceforth, I shall be known as **SARBESWAR BISWAL** for all purposes.

**AFFIDAVIT**

By virtue of an affidavit sworn before the **Executive Magistrate, Nabarangpur, vide no. 181, dated. 09.02.2026,** I, **BHUBAN BHATRA,** S/o - Damudhar Bhatra, permanent resident of Village - Digaguda, PO - Sanmasigam, PS - Nabarangpur, Dist - Nabarangpur, Odisha, Pin - 764063, declare that I have changed my name from DHANMATI UTARA to BHUBAN BHATRA. Henceforth, I shall be known as **BHUBAN BHATRA** for all purposes.

Sd/- Bhuban Bhatra

**AFFIDAVIT**

By virtue of an affidavit sworn before the **Executive Magistrate, Nabarangpur, vide no. 189, dated 09.02.2026,** I, **MILKU GOUDA,** S/o- Anamu Gouda, permanent resident of Village - Bangalaguda, PO - Manchagam, PS - Khatiguda, Dist - Nabarangpur, Odisha, Pin - 764085, declare that I have changed my name from BASUDEV GAUDA to MILKU GOUDA. Henceforth, I shall be known as **MILKU GOUDA** for all purposes.

Sd/- Milku Gouda

**AFFIDAVIT**

By virtue of an affidavit sworn before the **Executive Magistrate, Nabarangpur, vide no 180, dated 07.02.2026,** I, **SHAIK KAIF,** S/o - Late. Shaik Noor Ayub, permanent resident of - Tota Street, Nabarangpur, PO - Nabarangpur, PS - Nabarangpur, Dist- Nabarangpur, Odisha, Pin - 764059, declare that I have changed my name from M.DI KEPH to SHAIK KAIF. Henceforth, I shall be known as **SHAIK KAIF** for all purposes.

Sd/- Shaik Kaif


## ଅବଶିଷ୍ଟାଂଶ

### ବଢ଼ିଲା ଖରା...

ବାଲେଶ୍ୱର ସମେତ କେନ୍ଦ୍ରାପଡ଼ା ଆଦିରେ ଘନ କୁହୁଡ଼ି ହୋଇଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ କୁହୁଡ଼ିର ପ୍ରଭାବ ଦେଖିବାକୁ ମିଳିଛି। ଘନ କୁହୁଡ଼ି ଯୋଗୁଁ ସକାଳୁ ଗାଡ଼ି ଚଳାଚଳରେ ବ୍ୟାପକ ବ୍ୟାହତ ସୃଷ୍ଟି ହୋଇଛି। ଏହି ସ୍ଥିତି ଆହୁରି ଦିନେ ଦୁଇ ଦିନ ଜାରି ରହିବା ସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତସିଂହପୁର ଜିଲ୍ଲାରେ କୁହୁଡ଼ି ସମ୍ଭାବନା ରହିଥିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

ଅନ୍ୟପଟେ ଦିନ ଭଳି ଏଣିକି ରାତିର ତାପମାତ୍ରାରେ ମଧ୍ୟ ବୃଦ୍ଧି ଘଟିବ। ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟରେ ରାତିର ତାପମାତ୍ରା ୨-୩ ଡିଗ୍ରୀ ବଢ଼ିବାକୁ ଥିବାରୁ ଥଣ୍ଡାର ପ୍ରଭାବ ହ୍ରାସ ପାଇବ। ପାଣିପାଗ କେନ୍ଦ୍ରର ଆକଳନ ଅନୁଯାୟୀ ମଙ୍ଗଳବାର ରାତିଠାରୁ ରାତିର ତାପମାତ୍ରାରେ ହ୍ରାସ ଘଟିବା ଆରମ୍ଭ ହେବ। ତେବେ ତାପମାତ୍ରା ହ୍ରାସ ହେଲେ ମଧ୍ୟ ରାଜ୍ୟରେ ରାତିବେଳେ ଥଣ୍ଡା ଅନୁଭୂତ ଜାରି ରହିବ। ବର୍ତ୍ତମାନ ପର୍ଯ୍ୟନ୍ତ ରାତିରେ କେବେଠାରୁ ଥଣ୍ଡା ସମ୍ପୂର୍ଣ୍ଣ ଅପସାରଣ ହୋଇଯିବ, ସେନେଇ କୌଣସି ସମ୍ଭାବନା ଦେଖାଦେଇ ନାହିଁ।

### କାଲିଠୁ ବିଧାନସଭାର...

ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିଜେପି ବିଧାୟକ ଜୟନାରାୟଣ ମିଶ୍ର ଏବଂ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଉପସ୍ଥିତ ରହିବେ।

ଅନ୍ୟପଟେ ବିଧାନସଭାରେ ଏଥର ଶାସକ ଦଳକୁ ଘେରିବା ପାଇଁ ବିରୋଧୀ ବିଜେଡି ଓ କଂଗ୍ରେସ ମାଳମାଳ ପ୍ରସଙ୍ଗ ସହ ପ୍ରସ୍ତୁତ ହେଉଛନ୍ତି। ସୋମବାର ସନ୍ଧ୍ୟାରେ ଶଙ୍ଖ ଭବନରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ବିଧାୟକ ଦଳ ବୈଠକ ବସିବା ନେଇ ମଧ୍ୟ ସ୍ଥିର ହୋଇଛି। ବୈଠକରେ କେଉଁ ପ୍ରସଙ୍ଗରେ ସରକାରଙ୍କୁ ଦଳ ଘେରିବ, ସେନେଇ ରଣନୀତି ପ୍ରସ୍ତୁତ ହେବ। ଏଥର ମୁଖ୍ୟତଃ ଧାନ କିଣା ଅବ୍ୟବସ୍ଥାକୁ ନେଇ ସରକାରଙ୍କୁ ବିଜେଡି ଅଡୁଆରେ ପକାଇପାରେ।

ସମାନ ଭାବେ କଂଗ୍ରେସ ଦଳ ମଧ୍ୟ ସନ୍ଧ୍ୟା ୫ ଟାରେ ବିଧାୟକ ଦଳ ବୈଠକ ଆୟୋଜନ କରିଛି। ବୈଠକରେ ପିସିସି ସଭାପତି ଭକ୍ତ ଚରଣ ଦାସ ଉପସ୍ଥିତ ରହିବା ସହ ଦଳର ଅନ୍ୟ ସମସ୍ତ ବିଧାୟକମାନେ ଉପସ୍ଥିତ ରହି ନିଜ ଦଳର ରଣନୀତି ପ୍ରସ୍ତୁତ କରିବା ନେଇ ଯୋଜନା ହୋଇଛି। ମଣ୍ଡି ଅବ୍ୟବସ୍ଥା, ମହିଳା ହିଂସା, ଆଇନଶୃଙ୍ଖଳା, ପୋଲାଭରମ୍, ମହାନଦୀ, ପିୟୁସିସି, ସଂରକ୍ଷଣ ପ୍ରସଙ୍ଗରେ ଗୃହରେ ହଲ୍ଲାବୋଲ ହେବା ନେଇ ପୂର୍ବରୁ ଆଭାସ ମିଳି ସାରିଛି। ଏହାସହିତ ଆନ୍ତଃରାଜ୍ୟ ବିବାଦ, ନାରୀ ନିର୍ଯାତନା, ଧାନ କିଣା ଅବ୍ୟବସ୍ଥା, ବେକାରି, ୟୁଜିସି ନୂଆ ନିୟମ, ମିଲର୍ସ-ସରକାର ସଂପର୍କ ଓ ଅଙ୍ଗନବାଡ଼ିରେ ଜାତିପ୍ରଥା ପ୍ରସଙ୍ଗରେ ସରକାରଙ୍କ ବିରୋଧରେ କଂଗ୍ରେସ ଯୁଦ୍ଧ ଦେହିଂ ଡାକରା ଦେବ ବୋଲି ସୂଚନା ମିଳିଛି। ଅନ୍ୟପଟେ ବିରୋଧୀଙ୍କୁ ଠିକଣା ଜବାବ ଦେବାକୁ ସରକାରୀ ଦଳ ମଧ୍ୟ ରଣନୀତି ପ୍ରସ୍ତୁତ କରିଛି।

### ୧୮ ମାସରେ...

ବାବୁମାନଙ୍କ ରାତ୍ରୀଯାପନର ଆସକ୍ତି ପାଇଁ ରାଜ୍ୟବାସୀଙ୍କ ଟିକସ ଅର୍ଥ ବ୍ୟୟ ହେଉଛି। ଦିଲ୍ଲୀରେ ଅଶୋକା ହୋଟେଲରେ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଆତିଥ୍ୟ ପାଇଁ ରାଜ୍ୟ ସରକାର ଇତିମଧ୍ୟରେ ବିପୁଳ ଅର୍ଥ ବ୍ୟୟ କରି ସାରିଛନ୍ତି। ସାଧାରଣ ଅଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ କୋଠରୀ ନିମନ୍ତେ ସରକାର ଦିନକୁ ଅନ୍ୟୂନ ୧୩ ହଜାରରୁ ୧୫ ହଜାର ଟଙ୍କା ବ୍ୟୟ କରୁଛନ୍ତି। ସଚିବସ୍ତରୀୟ ଅଧିକାରୀଙ୍କ ପାଇଁ ୩୦ ହଜାରରୁ ୫୦ ହଜାର, ତଦୁର୍ଦ୍ଧ୍ୱ ପାହ୍ୟାର ଅଧିକାରୀଙ୍କ ପାଇଁ ତହିଁରୁ ଅଧିକ, ମନ୍ତ୍ରୀମାନଙ୍କ ପାଇଁ ପ୍ରାୟ ଦୈନିକ ୭୦ ହଜାରରୁ ୧ ଲକ୍ଷ ଟଙ୍କା ବ୍ୟୟ ହେଉଛି। ସୁଇଟ୍ ପାଇଁ ଏହାର ମୂଲ୍ୟ ଦେଢ଼ ଲକ୍ଷରୁ ଅଧିକ ଏବଂ ଏହା ରାଜ୍ୟ ସରକାର ବହନ କରୁଛନ୍ତି। ଏହା ସତ୍ତ୍ୱେ ଯେଉଁ ଅଧିକାରୀମାନେ ଦିଲ୍ଲୀରେ ଦାପ୍ତରିକ କାର୍ଯ୍ୟପାଇଁ ଯାଉଛନ୍ତି, ସେଠାରେ ସେମାନଙ୍କ କାର୍ଯ୍ୟକଳାପ ଓଡ଼ିଶାର ମାନମର୍ଯ୍ୟାଦା କ୍ଷୁର୍ଣ୍ଣ କରୁଛି। ନିକଟରେ ସରକାରୀ କାର୍ଯ୍ୟରେ ଦିଲ୍ଲୀ ଗସ୍ତ କରିଥିବା ଜଣେ ସ୍ୱତନ୍ତ୍ର ସଚିବ ପାହ୍ୟାର ଓଏଏସ୍ ଅଧିକାରୀ ଓ ତାଙ୍କ ବନ୍ଧୁଙ୍କ କାର୍ଯ୍ୟକଳାପ ରାଜ୍ୟ କ୍ଷମତା ଅଳିନ୍ଦରେ ଆଲୋଡ଼ନ ସୃଷ୍ଟି କରିଛି। ଦିଲ୍ଲୀ ଆବାସିକ କମିଶନର ଘଟଣାର ତଦନ୍ତ ସହ ପୁରା ଘଟଣାର ସିସିଟିଭି ରିପୋର୍ଟ ସଂଗ୍ରହ କରିଛନ୍ତି।

ସୂଚନା ଅନୁସାରେ ଫେବୃଆରୀ ୧୨ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଚାଣକ୍ୟପୁରୀ ସ୍ଥିତ ଅଶୋକା ହୋଟେଲର ୬୩୮ ନମ୍ବର ଏକଜିକ୍ୟୁଟିଭ୍ ସୁଇଟ୍ ରାଜ୍ୟର ଜଣେ ସ୍ୱତନ୍ତ୍ର ସଚିବ ପାହ୍ୟାର ଓଏଏସ୍ ଅଧିକାରୀଙ୍କ ନାମରେ ବୁକିଂ କରାଯାଇଥିଲା। ଏହି ସୁଇଟ୍‌ର ଦୈନିକ ଭଡ଼ା ପ୍ରାୟ ୧୫ ହଜାର ଟଙ୍କା, ମାତ୍ର ସମ୍ପୃକ୍ତ ଅଧିକାରୀଙ୍କଠାରୁ ଦୈନିକ ଭଡ଼ା ଭାବଦରେ ୧୨୦ ଟଙ୍କା ଆଦାୟ ହେବ ଓ ଅବଶିଷ୍ଟ ଦେୟ ରାଜ୍ୟ ସରକାର ଭରଣା କରାଯିବାକୁ ବ୍ୟବସ୍ଥା ହେଲା। ଧାର୍ଯ୍ୟ ୧୨ ତାରିଖରେ ଅଧିକାରୀ ହୋଟେଲରେ ପହଞ୍ଚିଲେ ଓ ସେହିଦିନ ସନ୍ଧ୍ୟାରେ ଅବିଭକ୍ତ ପୁରୀ ଜିଲ୍ଲାର ଜଣେ ବିଜେପି ନେତା ତାଙ୍କ କୋଠରୀକୁ ଆସିଥିଲେ। ସମ୍ପୃକ୍ତ ଅଧିକାରୀ ଓ କଥିତ ବିଜେପି ନେତା ବିଳମ୍ବିତ ରାତି ପର୍ଯ୍ୟନ୍ତ କୋଠରି ମଧ୍ୟରେ ରହିଥିଲେ। ମାତ୍ର ରାତି ପ୍ରାୟ ୧୧ଟା ୪୦ ବେଳକୁ ଅଧିକାରୀଙ୍କ ସେହି କଥିତ ଅତିଥି କୋଠରୀରୁ ବାହାରିବା ବେଳେ ଆଉ ଚାଲିବା ଅବସ୍ଥାରେ ନ ଥିଲେ। ଶେଷରେ ହୋଟେଲର ଦୁଇଜଣ କର୍ମଚାରୀ ତାଙ୍କୁ ସାହାରା ଦେଇ ତଳକୁ ଆଣିବାକୁ ଉଦ୍ୟମ କରିବା ମଧ୍ୟରେ ସେ ପାଟିତୁଣ୍ଡ ଆରମ୍ଭ କରିଦେଲେ। ନିଜର ପରିଆରା ଦେଖାଇ ହୋଟେଲ କର୍ତ୍ତୃପକ୍ଷ ଓ ଅନ୍ୟ କର୍ମଚାରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ଆରମ୍ଭ କରିଦେଲେ। ଯାହାଫଳରେ ହୋଟେଲ୍‌ରେ ଥିବା ଅନ୍ୟ ଅତିଥିମାନେ ଅଶ୍ୱସ୍ତି ଅନୁଭବ କରିଥିଲେ ଓ ସେଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା।

ଏ ସମ୍ପର୍କରେ ଅଭିଯୋଗ ପରେ ଦିଲ୍ଲୀସ୍ଥିତ ଆବାସିକ କମିଶନର ବିଶାଳ ଗଗନ ହୋଟେଲ ସିସିଟିଭି ଯାଞ୍ଚ କରିଛନ୍ତି। ମାତ୍ର ସେଠାରୁ ଆଉ କେଉଁ ତଥ୍ୟ ସେ ପାଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ତେବେ ରାଜ୍ୟ ସରକାରୀ ଅଧିକାରୀମାନଙ୍କୁ ତାରକା ହୋଟେଲରେ ରଖାଯିବା, ସେଠାରେ ତାଙ୍କ ଅତିଥିମାନେ ବିଭିନ୍ନ କାଣ୍ଡ କାରଖାନା କରି ଦେଶର ରାଜଧାନୀରେ ଓଡ଼ିଶାର ଛବି ମଳିନ କରିବା ରାଜ୍ୟବାସୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ହୋଟେଲରେ ସିସିଟିଭି ଭିଡ଼ିଓ ସାର୍ବଜନୀନ କରିବା ପାଇଁ ମଧ୍ୟ ଏବେ ସାଧାରଣରେ ଦାବି ହୋଇଛି। ଅପରପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଘଟଣାର ଖୋଳତାଡ଼ ଆରମ୍ଭ ହୋଇଛି।

### ସ୍ନାତକ ଫଳ...

ଓ ସ୍ନାତକ ମହାବିଦ୍ୟାଳୟ ସେମାନଙ୍କ ଶେଷ ସେମିଷ୍ଟାର ପରୀକ୍ଷା ସାରିବେ। ପରୀକ୍ଷା ସରିବାର ମାସକ ମଧ୍ୟରେ ଅର୍ଥାତ୍ ଜୁନ୍ ୧ ତାରିଖ ସୁଦ୍ଧା ପରୀକ୍ଷାଫଳ ପ୍ରକାଶ କରିବେ। ଏହି ସମୟ ଅବଧି ମଧ୍ୟରେ ଅନ୍ୟ ସେମିଷ୍ଟାର ପରୀକ୍ଷା ମଧ୍ୟ ଅନୁଷ୍ଠିତ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଯଦ୍ୱାରା ଶେଷ ସେମିଷ୍ଟାର ପରୀକ୍ଷା ଦେଉଥିବା ପିଲାଙ୍କ ଅନ୍ୟ ସେମିଷ୍ଟାରରେ ବ୍ୟାକ୍ ଲାଗିଥିଲେ ମଧ୍ୟ ପିଜି ନାମଲେଖାରେ ଅଂଶଗ୍ରହଣ କରିବାକୁ କୌଣସି ଅସୁବିଧା ଉପୁଜିବ ନାହିଁ। ଅପରପକ୍ଷରେ ପରୀକ୍ଷାଫଳ ପ୍ରକାଶ ପାଇବା ପୂର୍ବରୁ ଏକକ ପ୍ରବେଶିକା ପରୀକ୍ଷା ସିପିଇଟି ପାଇଁ ଆବେଦନ ଆରମ୍ଭ ହେବ। ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ଏଥିପାଇଁ ଛାତ୍ରଛାତ୍ରୀମାନେ ଆବେଦନ କରିବେ। ଆବେଦନ ଅବଧି ପ୍ରାୟ ମାସେ ରହିବ। ମେ ପ୍ରଥମ ସପ୍ତାହରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ କରିବାକୁ ଉଚ୍ଚଶିକ୍ଷା ବିଭାଗ ଲକ୍ଷ୍ୟ ରଖିଛି। ପୂର୍ବବର୍ଷ ପରି ଚଳିତ ଥର ମଧ୍ୟ ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି)କୁ ସିପିଇଟି ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯାଇଛି।

କରୋନା ପରେ ଶିକ୍ଷାବର୍ଷ ଚକ୍ରରେ ଅସମାନତା ଦେଖାଦେଇଥିଲା। ସ୍ନାତକ ପରୀକ୍ଷା ବିଳମ୍ବ ହେବା ସହ ରେଜଲ୍ଟ ପ୍ରକାଶ ଓ ପିଜି ନାମଲେଖା ମଧ୍ୟ ବିଳମ୍ବ ହେଉଥିଲା। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଚଳିତବର୍ଷ ନାମଲେଖା ପ୍ରକ୍ରିୟା ଶୀଘ୍ର କରିବାକୁ ବିଭାଗ ଲକ୍ଷ୍ୟ ରଖିଛି। ମାତ୍ର ଗତବର୍ଷ ମଧ୍ୟ ଆଗୁଆ ନାମଲେଖା ପ୍ରକ୍ରିୟା ଆରମ୍ଭ କରିଥିଲେ ମଧ୍ୟ ବିଭାଗ ସଫଳ ହୋଇପାରି ନ ଥିଲା। ବିଭିନ୍ନ ପର୍ଯ୍ୟାୟରେ ନାମଲଖୋ ସରିବା ବେଳକୁ ଅକ୍ଟୋବର ମାସ ହୋଇଗଲା। ପ୍ରାୟ ୫ ମାସ ଧରି ନାମଲେଖା ପ୍ରକ୍ରିୟା ଚାଲିବା ଯୋଗୁଁ ସଠିକ ସମୟରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିବା ସମ୍ଭବ ହୋଇ ନ ଥିଲା। ଯାହାକୁ ଚଳିତ ବର୍ଷ ଅଧିକ ସୁଧାରିବାକୁ ବିଭାଗ ପକ୍ଷରୁ ପ୍ରୟାସ କରାଯାଉଛି।

### ଦର୍ଶନରେ ବିଶୃଙ୍ଖଳା...

ପୁଲିସ କର୍ମଚାରୀମାନେ ନିଜ ବିଭାଗର ସାହେବ ଓ ଅନ୍ୟ ଭିଆଇପି, ଭିଭିଆଇପି ସେବାରେ ଲାଗିଥିବା ଯୋଗୁଁ ଅବ୍ୟବସ୍ଥା ସୀମା ଟପିଥିବା କୁହାଯାଉଛି। ଅନ୍ୟପକ୍ଷରେ ପୁଲିସ କର୍ମଚାରୀମାନଙ୍କ ମନଇଚ୍ଛା କାର୍ଯ୍ୟକୁ ମଧ୍ୟ ସେବାୟତମାନେ ବିରୋଧ କରିଛନ୍ତି। ଭିଆଇପି ଓ ଭିଭିଆଇପିଙ୍କ ପାଇଁ ବାଟ ଖାଲି କରୁଥିବାବେଳେ ସେବାୟତଙ୍କ ପରିବାର ଲୋକଙ୍କୁ ପୁଲିସ ଅଟକାଇବାକୁ ନେଇ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେବାୟତଙ୍କ ପରିବାର ପାଇଁ ଉତ୍ତରଦ୍ୱାରରେ ପ୍ରବେଶ ଥିବା ବେଳେ କିଛି ସେବାୟତ ସେମାନଙ୍କ ପରିବାର ଲୋକଙ୍କୁ ଦକ୍ଷିଣ ଦ୍ୱାର ଦେଇ ଭିତରକୁ ନେବା ସମୟରେ ଧସ୍ତାଧସ୍ତି ପରିସ୍ଥିତି ଉପୁଜିଛି। ପାଟିତୁଣ୍ଡ ଏବଂ ଗାଳିଗୁଲଜରେ ପରିସ୍ଥିତି ଦୀର୍ଘ ସମୟ ଧରି ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଛି। ପରିସ୍ଥିତି ଅଣାୟତ୍ତ ହେବା ଦେଖି ଡିସିପି ଜଗମୋହନ ମିନା ଘଟଣାସ୍ଥଳରେ ପହଞ୍ଚି ସେବାୟତମାନଙ୍କୁ ବୁଝାସୁଝା କରିଥିଲେ। ଏହାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।


**WANTED**

A well-established firm invites applications for the following positions:

1. **Senior Accountant - (1 No.)**
Experience : 10 yrs. above
2. **Junior Accountant - (1 No.)**
Experience : 2-5 yrs. above
3. **Supervisor - (2 Nos.)**
Experience : 2-5 yrs. above
4. **Sales Executive - (1 No.)**
Experience : 2-5 yrs. above

Salary: Best in the industry | Location : Bhubaneswar

Interested candidates can send their CV to
Email: 19sanatang@gmail.com

Contact
7978386707



GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION No-II, KEONJHAR
E-mail: eerw_kjr2@yahoo.com
25001/170/2526

********

"e" Procurement Notice for Road Works
Identification No Online NCB - 17/2025-26.

1. Name of the Work : Road Works
2. Total Number of Work : 02 Nos.
3. Estimated Cost : Rs. 17.00 Lakhs to Rs. 40.00 Lakhs
4. Class of Contractor : 'D'&'C' & 'B' Class
5. Period of Completion : As per annexure of e-Procurement Notice No.17/2025-26 .
6. Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar. |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Keonjhar | Road Online NCB No. 17 | Dt.19.02.26 at 11.00 A.M. | Dt.26.02.26 up to 5.00 P.M. | Dt.25.02.26 up to 5.00 P.M. | Dt.27.02.2026 at 11.00 A.M. |

Further details can be seen from the Website www.tenderorissa.gov.in

Sd/-
Executive Engineer
R.W.Divn.No-II, Keonjhar

OIPR-25001/25093/1/25-26/0017

## କୋଟିଆରେ ପିଏମ୍ କିଷାନ କାର୍ଡ ନେଇ ସର୍ଭେ କରିବାକୁ ଉଦ୍ୟମ

# ଆନ୍ଧ୍ର ସର୍ଭେ ଅଧିକାରୀଙ୍କୁ ତଡ଼ିଲା ପଟ୍ଟାଙ୍ଗି ବ୍ଲକ ପ୍ରଶାସନ



ପଟ୍ଟାଙ୍ଗି,୧୫।୨(ସମିସ): ଓଡ଼ିଶା ଆନ୍ଧ୍ର ମଧ୍ୟରେ ବିବାଦୀୟ କୋଟିଆ ପଞ୍ଚାୟତରେ ପୁର୍ନବାର ଆନ୍ଧ୍ର ରାଜ୍ୟ ପ୍ରଶାସନିକ ଅଧିକାରୀ କିଷାନ କାର୍ଡ ସର୍ଭେ ନିମନ୍ତେ ଅନୁପ୍ରବେଶ କରିଥିଲେ। ଭଣ୍ଡୁର କଲା ପଟ୍ଟାଙ୍ଗି ବ୍ଲକ ପ୍ରଶାସନ । ସର୍ଭେ କରି ନପାରି ଫେରିଲେ ଆନ୍ଧ୍ର ଅଧିକାରୀ। ସୂଚନା ଅନୁଯାୟୀ କୋଟିଆ ପଞ୍ଚାୟତର ସୀମାନ୍ତ ମାଡକାର ଗ୍ରାମରେ ପଡୋଶୀ ଆନ୍ଧ୍ର କରୁଛି ପିଏମ୍ କିଷାନ କାର୍ଡ ପ୍ରଦାନ ନିମନ୍ତେ ସର୍ଭେ। ଆନ୍ଧ୍ର ରାଜ୍ୟର ପାର୍ବତୀପୁରମ ମାନ୍ୟାମ ଜିଲ୍ଲାର ସାଲୁର ବ୍ଲକ ଅଧୀନସ୍ଥ କୃଷି ବିଭାଗ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କୁ ଏକାଠି କରିଥିଲେ। ଅଧିକାରୀ ଗଣ ନିଜ ସହ ଆଣିଥିବା କାଗଜପତ୍ର ସହ ଗ୍ରାମବାସୀଙ୍କ ଆଧାର କାର୍ଡ ଯାଞ୍ଚ କରି ପିଏମ୍ କିଷାନ କାର୍ଡ ଲାଗି ସର୍ଭେ କରୁଥିଲେ। ଉକ୍ତ ଘଟଣା ନେଇ ପଟ୍ଟାଙ୍ଗି ବିଡିଓ ରାମକୃଷ୍ଣ ନାୟକଙ୍କୁ ସୂଚନା ପହଞ୍ଚିଥିଲା। ତୁରନ୍ତ ଘଟଣା ସ୍ଥଳରେ କୋଟିଆ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ କଣ୍ଡା ଗୋଲରୀ ଏବଂ ଏଡିଓ ସୁକାନ୍ତ କୁମାର ରୁଢିଙ୍କୁ ପଠାଇଥିଲେ। ଉକ୍ତ ଅଧିକାରୀ ଗଣ ପହଞ୍ଚି ଆନ୍ଧ୍ର ଅଧିକାରୀଙ୍କୁ ବିରୋଧ କରିବା ପରେ ସେମାନେ ଫେରିଯାଇଥିବା ନେଇ ସୂଚନା ମିଳିଛି। ବାରମ୍ବାର ଓଡ଼ିଶା ପ୍ରଶାସନ ଦ୍ୱାରା ଆନ୍ଧ୍ର ଅଧିକାରୀଙ୍କୁ ବିରୋଧ କରିବା ସତ୍ତ୍ୱେ ଆନ୍ଧ୍ର ତାହାର ପ୍ରକୃତିକୁ ପରିବର୍ତ୍ତନ କରୁନଥିବା ଦେଖିବାକୁ ମିଳିଛି।

## ସାଲୁର ବାଇପାସ୍‌ରେ ଓଡ଼ିଶା ବସ୍ ଦୁର୍ଘଟଣା ଗସ୍ତ



ପଟ୍ଟାଙ୍ଗି,୧୫।୨(ସମିସ): ଓଡ଼ିଶା ସୀମାନ୍ତ ଆନ୍ଧ୍ର ପ୍ରଦେଶର ସୀମାନ୍ତ ସାଲୁର ବାଇପାସ୍ ରୋଡଠାରେ ମାଲକାନଗିରି ଏମ୍‌ଭି ୭୯ଠାରୁ ବିଶାଖାପାଟଣା ଅଭିମୁଖେ ଯାଉଥିବା ବସ୍‌ଟି ଦୁର୍ଘଟଣା ଗସ୍ତ ହୋଇଛି। ବସ୍ ଯାତ୍ରୀଙ୍କୁ ନିକଟ ବିଜୟନଗର ସହରକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଗଲା। ସୂଚନା ଅନୁଯାୟୀ ଶନିବାର ବିଳମ୍ବିତ ରାତ୍ରି ସମୟରେ ମାଲକାନଗିରି ଏମ୍‌ଭି ୭୯ ଠାରୁ ବିଶାଖାପାଟଣା ଅଭିମୁଖେ ୩୧ ଜଣ ଯାତ୍ରୀଙ୍କୁ ଧରି ଯାତ୍ରା କରୁଥିଲା। ରାତି ୨ ଟା ସମୟରେ ଗାଡ଼ିଟି ଆନ୍ଧ୍ର ସୀମାନ୍ତ ସାଲୁର ବାଇପାସ୍ ରୋଡ ଦେଇ ଯାଇଥିବା ସମୟରେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲା। ଉକ୍ତ ଘଟଣା ନେଇ ନିକଟବର୍ତ୍ତି ଗ୍ରାମବାସୀ ଜାଣିବା ସହ ଘଟଣାସ୍ଥଳରେ ପହଞ୍ଚି ସାଲୁର ରୁରାଲ ପୋଲିସଙ୍କୁ ମଧ୍ୟ ଏଥିନେଇ ସୂଚନା ପ୍ରଦାନ କରିଥିଲେ। ଘଟଣା ସ୍ଥଳରେ ପୁଲିସ ଏବଂ ଅଞ୍ଚଳବାସୀ ମିଶି ଆହତଙ୍କୁ ଉଦ୍ଧାର କାର୍ଯ୍ୟ ମଧ୍ୟ ପ୍ରାରମ୍ଭ କରାଯାଇଥିଲା। ଗୁରୁତର ୭ ଯାତ୍ରୀଙ୍କୁ



ନିକଟ ବିଜୟନଗର ସ୍ୱାସ୍ଥ୍ୟକେନ୍ଦ୍ରଙ୍କୁ ସ୍ଥାନାନ୍ତର କରାଯାଇ ଚିକିତ୍ସା ପ୍ରଦାନ କରିଥିବା ବେଳେ କୌଣସି ବ୍ୟକ୍ତି ମୃତାହତ ହୋଇନଥିବା ନେଇ ଜଣାପଡିଛି। ସୂଚନା ଅନୁଯାୟୀ ବସ୍ ଚଳାଇବା ସମୟରେ ଷ୍ଟିୟରିଂଟି ଲକ୍ ହୋଇଯିବା ଫଳରେ ଉକ୍ତ ଦୁର୍ଘଟଣା ଘଟିଥିବା ଜଣାପଡିଛି। ପୁଲିସ ଉକ୍ତ ଘଟଣା ନେଇ ଅଧିକ ତଦନ୍ତ କରୁଥିବା ବେଳେ ବସ୍‌ଟି ଦୁର୍ଘଟଣା ସ୍ଥାନରୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି।

## ମାତୃପିତୃ ପୂଜନ ଦିବସ ପାଳିତ



ଉମରକୋଟ,୧୫।୨(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଚିକଲପଦର ସ୍ଥିତ ଦଣ୍ଡକାରଣ୍ୟ ଉଚ୍ଚ ମାଧମିକ ବିଦ୍ୟାଳୟ ଠାରେ ମାତୃପିତୃ ପୂଜନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ନିଜ ମା' ବାପାଙ୍କ ସହ ସ୍କୁଲରେ ପହଞ୍ଚି ଥିଲେ। ପ୍ରିନ୍ସପାଲ ଶୁଭଙ୍କର ସରକାର ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ସମ୍ପାଦିକା ଦୀପିକା ଅଧିକାରୀ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସ୍କୁଲ ଓ ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢୀ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ନବରଙ୍ଗପୁର ଅତିରିକ୍ତ ଜିଲାପାଳ ତପନ କୁମାର ଖୁଣ୍ଟିଆ, ସନରାଜ ଗଣ୍ଡ, ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ.ସନ୍ତୋଷ ପଣ୍ଡା, ଅବସରପ୍ରାପ୍ତ କୋରାପୁଟ ଜିଲ୍ଲାପାଳ ଗଦାଧର ପରିଡ଼ା, ଶିକ୍ଷକ ଡ. ପ୍ରଦୀପ ମିଶ୍ର ଓ ବିଦ୍ୟାଳୟର ସମ୍ପାଦିକା ଦୀପିକା ଅଧିକାରୀ ଅତିଥିଭାବେ ମଞ୍ଚାସୀନ ଥିଲେ। ଶିକ୍ଷାବିତ୍ ଟୁଟୁବାବୁ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମା' ବାପାଙ୍କୁ ପୂଜା କରିବା ପରମ୍ପରା ବହୁତ ନିଆରା। ଏହା ଭାରତୀୟ ସଂସ୍କୃତିକୁ ମନେ ପକେଇ ଦେଉଛି ବୋଲି ଅତିଥିମାନେ କହିଥିଲେ। ଛାତ୍ରୀଛାତ୍ର ମା'ବାପାଙ୍କୁ ଫୁଲ ଚନ୍ଦନ ପୁଷ୍ପମାଲ୍ୟ ଦେଇ ପୂଜା ଅର୍ଚ୍ଚନା ପରେ ପାଦ ଛୁଇଁ ପ୍ରଣାମ କରିଥିଲେ। ଭାରତୀୟ ପରମ୍ପରା ଓ ସଂସ୍କୃତିକୁ ଏହା ଉଜ୍ଜୀବିତ କରୁଛି ବୋଲି କୁହାଯାଇଛି। ଶେଷରେ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା କାର୍ତ୍ତିକ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।।

## ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

ନବରଙ୍ଗପୁର,୧୫।୨(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ନବରଙ୍ଗପୁର ଥାନା ଅନ୍ତର୍ଗତ ରଙ୍ଗ ମାଟିଗୁଡା ନିକଟସ୍ଥ କାଜୁବାଡ ଠାରେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ଜଣକ ରଙ୍ଗ ମାଟିଗୁଡା ଗ୍ରାମର ଟଭା ସୌରା ବୋଲି ଜଣାପଡିଛି। କାଜୁ ବାଡ଼ରେ ନିଆଁ ଲାଗି ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ଟଭାଙ୍କ ମୃତଦେହ ରହିଥିବା ଦେଖି ଗ୍ରାମବାସୀ ଟଭାଙ୍କ ସ୍ୱାମୀ ଅନାମ ସାବତଙ୍କୁ ଖବର ଦେଇଥିଲେ। ପରିବାରଙ୍କ ତରଫରୁ ପୁଲିସକୁ ସୂଚନା ଦେବା ପରେ ଘଟଣା ସ୍ଥଳରେ ନବରଙ୍ଗପୁର ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ନବରଙ୍ଗପୁର ଜିଲ୍ଲା ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ନେଇଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ତଦନ୍ତ ପରେ ଏହା ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଶ୍ରୀମୀନଝୋଲାରେ ଚତୁର୍ଥ ତ୍ରିବେଣୀ ମହୋତ୍ସବ



ଚନ୍ଦ୍ରପୁର,୧୫।୨(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍‌ର ପ୍ରସିଦ୍ଧ ଶୈବ ପୀଠ ଶ୍ରୀମିନାଝୋଲାଠାରେ ପବିତ୍ର ଜାଗର ଯାତ୍ରା ଉପଲକ୍ଷେ ଜନକଲ୍ୟାଣ ଆଶ୍ରମ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସନ୍ଧ୍ୟା ମହାଆଡମ୍ବରରେ ପାଳିତ ହୋଇଯାଇଛି। ପ୍ରେସ୍ କ୍ଲବ୍ ସଭାପତି ପ୍ରମୋଦ ସାହୁକାରଙ୍କ ସଭାପତିତ୍ୱରେ ଉତ୍ତମ କୁମାର ଦାସଙ୍କ ସଂଯୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସୁଧୀର କୁମାର ଦାସ, ବିଜେପି କାର୍ଯକାରିଣୀ ସଦସ୍ୟ ଶିବଶଙ୍କର ଉଲ୍ଲାକା, ଅଧ୍ୟକ୍ଷ ପଞ୍ଚାୟତ ସମିତି ଚନ୍ଦ୍ରପୁର କୋଇନ କିମ୍ବାକା, ରାମନାଗୁଡାର ରବି ଶଙ୍କର ଗମାଙ୍ଗ, ହନୁମନ୍ତପୁର ସରପଞ୍ଚ ନୀଳମାଇ ଦିବାକା, ଡାଙ୍ଗସୋରଡ଼ା ସରପଞ୍ଚ ଅନିତା, ବୁଢୁବାଲି ସରପଞ୍ଚ, ଏମ୍‌ପି ପ୍ରତିନିଧି ଭିମ ଗଗେରେଙ୍ଗା, ପ୍ରାକ୍ତନ ଜିଲ୍ଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ, ମୁଖ୍ୟବକ୍ତା ପ୍ରାକ୍ତନ ଶାଖା ପରିଚାଳକ ଶଙ୍କର ଦାସ, ମିନାଝୋଲା ଗୀତା ଗୁରୁ କରୁଣାକର ପାତ୍ର ଆଶ୍ରମର ପରିଚାଳକ ସ୍ୱାମୀ ଜନକାନନ୍ଦ ଗିରି, ଉପଦେଷ୍ଟା ପ୍ରେସ କ୍ଲବ୍ ଚନ୍ଦ୍ରଶେଖର ପଣ୍ଡା, ସମ୍ପାଦକ ବିଜୟ ଉଲାକା ପ୍ରମୁଖ ଉପସ୍ଥିତ ରହି ଏହି ମହୋତ୍ସବର ଲକ୍ଷ୍ୟ, ପୌରାଣିକ କିମ୍ବଦନ୍ତୀ ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ। ସମ୍ପାଦକ ଶ୍ରୀ ଉଲ୍ଲାକା ସଂପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ବୃକ୍ଷରୋପଣ ସମାଜ ସେବାକ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚାଉଳ ଧୁଆ, ଫଳ ଫଳିଆ ଓ ବଂଶଧାରା ନଦୀର ମିଳନ ସ୍ଥଳ ଓ ଏହି ପବିତ୍ର ନଦୀ ଗର୍ଭରେ ବିଦ୍ୟମାନ ମୀନକେତନେଶ୍ୱର ନାମରେ ପୂଜିତ, ହର ଓ ହରିଙ୍କ ସଙ୍ଗମ ପୀଠ ଓ ଅନେକ ପୌରାଣିକ ଓ ଆଧ୍ୟାତ୍ମିକ ଚେତନାର ଏହି ଶୈବ ପୀଠକୁ ପଡୋଶୀ ରାଜ୍ୟ, ଜିଲ୍ଲାର ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ, ଭକ୍ତମାନଙ୍କୁ ଏକାଠି କରାଇଥାଏ। ସମସ୍ତ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକଙ୍କ ନିର୍ଦ୍ଦେଶନାରେ, ତହସିଲଦାର ସୁନୀଲ କୁମାର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ୟକାନ୍ତ ବୋଙ୍ଗାଲ, ବିଷମ କଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ, ଚନ୍ଦ୍ରପୁର ଥାନା ଅଧିକାରୀ ଲଳିତ ମୋହନ ସାଗର ଓ ଷ୍ଟାପ, ମୁନିଗୁଡା ଥାନା ଅଧିକାରୀ କେଶବ ଷଡ଼ଙ୍ଗୀ ଓ ଷ୍ଟାପ ଓ ଅନ୍ୟାନ୍ୟ ଜିଲ୍ଲାରୁ ଆସିଥିବା ପୁଲିସ ଫୋର୍ସ, ସୀମା ସୁରକ୍ଷା ବାହିନୀ ସହ ଦୁଇ ଦିନ ଧରି ଏହି ଯାତ୍ରାକୁ ଶାନ୍ତି ଶୃଙ୍ଖଳାରେ ଉପଭୋଗ କରିବା ସହ ପବିତ୍ର ବୁଡ଼ ପକାଇ ନିଜର ମନବାଞ୍ଛନା ପୂର୍ଣ୍ଣ କରନ୍ତି। ସନ୍ଧ୍ୟାରେ ପ୍ରେସକ୍ଲବ୍ ତରଫରୁ ସୁପ୍ରସିଦ୍ଧ ଭଜନ ସନ୍ଧ୍ୟା ଭକ୍ତମାନଙ୍କୁ ବାନ୍ଧି ରଖିଥିଲା। ଭକ୍ତ ମାନଙ୍କ ସମାଗମ ସହ ଏଠାରେ ବାଣିଜ୍ୟ ବ୍ୟବସାୟ ମଧ୍ୟ ଅତି ସୁନ୍ଦର ସହ ଶାନ୍ତି ଶୃଙ୍ଖଳାରେ ହୋଇଥାଏ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରେସ କ୍ଲବ୍‌ର କୋଷାଧ୍ୟକ୍ଷ ହାଡିପା ଗଉଡ଼, ଈଶ୍ୱର ରାଓ ପ୍ରିୟରଞ୍ଜନ ସାହୁକାର, ପ୍ରମୋଦ ମୁଗୁଲୀ ସୁନୀଲ ବଳିଆର ସି. କୈଳାସ ମାଳବିଶଇ ପ୍ରମୁଖ ଉପସ୍ଥିତ ରହି ଏହି ସମସ୍ତ କାର୍ଯ୍ୟକ୍ରମକୁ ସଫଳତାର ସହ ସହଯୋଗ ଓ ପରିଚାଳନା କରିଥିଲେ।

## ଜେଜେବାପା, ଜେଜେମା ଓ ଅଜାଆଈ ସମ୍ମିଳନୀ



କାକିରିଗୁମା,୧୫।୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ କାକିରିଗୁମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜେଜେମା, ଜେଜେ ବାପା, ଅଜା ଆଈ ସମ୍ମିଳନୀ ଅନୁଷ୍ଠିତ ହେଇଥିଲା। ପ୍ରଧାନ ଆଚାର୍ଯ୍ୟ ବିଜୟଲକ୍ଷ୍ମୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟସେନ୍ ବିଶୋଇ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ଆଚାର୍ଯ୍ୟା କାଞ୍ଚିରାଣୀ ହିଆଲ୍ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଦ୍ୟାଳୟର ସଭାପତି ଧନୁର୍ଦ୍ଧର ବିଶୋଇ, ସମ୍ପାଦକ ମୀନକେତନ ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ଆଗେଇ ନେବା ସହ ସମସ୍ତେ ସହଯୋଗ କରିଥିଲେ। ଛାତ୍ର ଛାତ୍ରୀ ଏବଂ ଅଭିଭାବକ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଜେଜେ ବାପା ଜେଜେ ମାଆ, ଅଜାଆଈ ଶିଶୁ ମାନଙ୍କୁ ସ୍ନେହ ଆଦରରେ ତାଙ୍କ ଜୀବନର ଅନୁଭୂତିକୁ ଗପ ମାଧ୍ୟମରେ କହିଥାନ୍ତି। ତାଙ୍କର ଉପସ୍ଥିତି ପରିବାରକୁ ଏକତାରେ ବାନ୍ଧି ରଖେ । ପ୍ରଧାନ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଗୁରୁମା ଉପସ୍ଥିତି ଥିଲେ।

● ୧୮ ରୁ ଯୁକ୍ତ ଦୁଇ ପରୀକ୍ଷା

## ୩୭ କେନ୍ଦ୍ରରେ ପରୀକ୍ଷା ଦେବେ ୧୨୬୬୧ ପରୀକ୍ଷାର୍ଥୀ




କୋରାପୁଟ,୧୫।୨(ସମିସ): ଉଚ୍ଚ ମାଧମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷା ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବାକୁ ଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ମାର୍ଚ୍ଚ ୨୮ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଜିଲ୍ଲାରେ ୩୭ ଟି କେନ୍ଦ୍ରରେ କଳା, ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗରେ ମୋଟ ୧୨ ହଜାର ୬୬୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଜଣା ପଡ଼ିଛି। କଳାରେ ୬୮୭୧ ଜଣ ରେଗୁଲାର ଓ ୬୬୦ ଜଣ ଏକ୍ସ ରେଗୁଲାର ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସେହିପରି ବିଜ୍ଞାନରେ ରେଗୁଲାରରେ ୩୨୩୭ ଏବଂ ଏକ୍ସ ରେଗୁଲାରରେ ୫୫୩ ଜଣ ପରୀକ୍ଷା ଦେବେ। ବାଣିଜ୍ୟ ବିଭାଗରେ ରେଗୁଲାରରେ ୯୦୯ ଏବଂ ଏକ୍ସ ରେଗୁଲାରରେ ୧୦୫ ଜଣ ପରୀକ୍ଷା ଦେବେ। ଭୋକେସନାଲ କୋର୍ସର ରେଗୁଲାରରେ ୨୭୩ ଜଣ ଏବଂ ଏକ୍ସ ରେଗୁଲାରରେ ୫୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। କୋରାପୁଟ ଲାଣ୍ଡିଗୁଡ଼ା ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟ, କୋଟପାଡ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟ, ଲକ୍ଷ୍ମୀପୁର ଉଚ୍ଚ ମାଧମିକ ବିଦ୍ୟାଳୟ, ସେମିଳିଗୁଡା ଉଚ୍ଚ ମାଧମିକ ବିଦ୍ୟାଳୟ, ଏରୋନଟିକସ ଉଚ୍ଚ ମାଧମିକ ବିଦ୍ୟାଳୟ, ସୁନାବେଡା, ବିକ୍ରମଦେବ ଉଚ୍ଚ ମାଧମିକ ବିଦ୍ୟାଳୟ, ଜୟପୁର ଭଳି ୬ ଟି ନୋଡାଲ କେନ୍ଦ୍ରରେ କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନ ପତ୍ର ରଖା ଯାଇ ଥିବା ବେଳେ ସମସ୍ତ ନୋଡାଲ ସେଣ୍ଟର୍ ଏବଂ ପରୀକ୍ଷା କେନ୍ଦ୍ରରେ ସିସି ଟିଭି କ୍ୟାମେରା ସ୍ଥାପନ କରାଯାଇଛି। ପରୀକ୍ଷା ସୁପରିଚାଳନା ପାଇଁ ପରିଷଦ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଭାସି ମାଧ୍ୟମରେ ପରୀକ୍ଷା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଭାସି ବୈଠକରେ ଜୟପୁର ଉପଜିଲ୍ଲାପାଳ ଏ ସସ୍ୟା ରେଡ୍ଡୀ, ସମସ୍ତ କେନ୍ଦ୍ରର ଅଧିକ୍ଷକ, ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଏବଂ ତହସିଲଦାର ମାନେ ଉପସ୍ଥିତ ଥିଲେ। ପରୀକ୍ଷା ସୁପରିଚାଳନା କରିବା ନେଇ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ରହିଥିବା ନିୟମଗୁଡ଼ିକ କଡାକଡି ଭାବେ ପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ,ଜିଲ୍ଲା ବିଜ୍ଞାନ ପରିଦର୍ଶକ ଅନନ୍ତ ଦଳପତି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ଯୁବ ସମାଜସେବୀଙ୍କ ଅକାଳ ବିୟୋଗ



କୋରାପୁଟ,୧୫।୨(ସମିସ): କୋରାପୁଟ ବ୍ଲକ ଡୁମୁରିପୁଟ ଅଞ୍ଚଳର ଯୁବ ସମାଜସେବୀ ଏନ.ମନୋଜ କୁମାରଙ୍କର ଅକାଳ ବିୟୋଗ ଘଟିଛି। କିଛି ଦିନ ପୂର୍ବରୁ ଅଚାନକ ଅସୁସ୍ଥ ହେବାରୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ନ ହେବାରୁ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରା ଯାଇଥିଲା। ଶନିବାର ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମନୋଜଙ୍କର ମୃତ୍ୟୁ ଖବର ପହଞ୍ଚିବା ପରେ ଡୁମୁରିପୁଟ, ବରଗୁଡ଼ା, ନିଘାମନିଗୁଡ଼ାରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି। ଭିଏସଏସ ପାଠାଗାର ସଭାପତି ସୁରେଶ କୁମାର, ସମ୍ପାଦକ ଜଗଦୀଶ ଖୋସଲା, ବରିଷ୍ଠ ସଦସ୍ୟ ତ୍ରିପତି ପାଣିଗ୍ରାହି, ମଧୁ ଖେମୁଣ୍ଡୁ, ବିଷ୍ଣୁ ଦାସ, ସୁକାନ୍ତ ନାୟକ, ଟୁଟୁ ସାହୁ,ଜିତେନ୍ଦ୍ର ସାହୁ, ଅରୁଣ ପାଳ, ବସନ୍ତ ରାଓ, ଅଜୟ ଖରା,ସୁବୋଧ ଚେଟ୍ଟି, ଅକ୍ଷୟ ମହାନ୍ତି,ସୁଶାନ୍ତ ପାଣିଗ୍ରାହି, କୈଳାଶ ନାୟକ ଓ ଗୁରୁନାଥ ନାଗ ପ୍ରମୁଖ ଦୁଃଖ ପ୍ରକାଶ କରିଛନ୍ତି।

## ରାମନାଗୁଡ଼ାରେ ଅଘୋଷିତ ବିଦ୍ୟୁତ୍ କାଟ, ଲୋକେ ହନ୍ତସନ୍ତ

ରାମନାଗୁଡ଼ା,୧୫।୨(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ଅଞ୍ଚଳରେ ଗତ କିଛି ଦିନ ଧରି ବିଦ୍ୟୁତର ଲୁଚକାଳି ଖେଳ ଆରମ୍ଭ ହୋଇଯାଇଛି। ନିରବଛିନ ସେବା ବଦଳରେ ବାରମ୍ବାର ବିଦ୍ୟୁତ ବିଚ୍ଛିନ୍ନ ହେଉଥିବାରୁ ସାଧାରଣ ଲୋକେ ଦୁର୍ଭାଗ୍ୟର ସମ୍ମୁଖୀନ ହେଉଛନ୍ତି। ଦିନ ଓ ରାତିରେ ହଠାତ୍ ବିଦ୍ୟୁତ କାଟ ହେଉଥିବାରୁ ଘରୋଇ କାମ, ପାନୀୟ ଜଳ ସମସ୍ୟା, ଛାତ୍ରଛାତ୍ରୀଙ୍କ ପାଠପଢା ଏବଂ ଛୋଟ ବ୍ୟବସାୟ ଉପରେ ଗୁରୁତର ପ୍ରଭାବ ପଡୁଛି। ସ୍ଥାନୀୟ ନାଗରିକ ମାନେ କହିଛନ୍ତି ଯେ, ବିଦ୍ୟୁତ ବିଭାଗ ପକ୍ଷରୁ କୌଣସି ପୂର୍ବ ସୂଚନା ଦିଆଯାଉନଥିବା ବେଳେ କେବଳ ସୋସିଆଲ ମିଡ଼ିଆରେ ମେସେଜ ମାଧ୍ୟମରେ ସୂଚନା ଦିଆଯାଉଛି । କିନ୍ତୁ ଏହି ମେସେଜକୁ ପଢିବା ପାଇଁ ସବୁ ଲୋକ ଶିକ୍ଷିତ ନାହାନ୍ତି । ଯଦ୍ୱାରା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହା ଫଳରେ ଲୋକମାନେ ଅସୁବିଧାରେ ପଡୁଛନ୍ତି ଓ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ବି ବାଧାପ୍ରାପ୍ତ ହେଉଛି। ଚଳିତ ୧୪ ତାରିଖରେ ଆଖୁସିଂ ଏବଂ ମାର୍ଦିଗୁଡା ନିକଟରେ ଥିବା ଗ୍ରୀଡ଼ର ମରାମତି ନିମନ୍ତେ ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବିଦ୍ୟୁତ କାଟ କରାଯିବ ବୋଲି ସୋସିଆଲ ମିଡ଼ିଆ ରେ ସୂଚନା ଦିଆଯାଇଥିଲା କିନ୍ତୁ ସଠିକ ସମୟରେ ବିଦ୍ୟୁତ ସଂଯୋଗ କରିବା ବଦଳରେ ତିନି ଘଣ୍ଟା ବିଳମ୍ବ ରେ ବିଦ୍ୟୁତ ସଂଯୋଗ କରିଥିବାରୁ ଲୋକ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ବୃଦ୍ଧ, ରୋଗୀ ଓ ଛୋଟ ଶିଶୁମାନେ ବେଶି ପ୍ରଭାବିତ ହେଉଥିବା ଜଣାପଡିଛି। ଏହି ପରିସ୍ଥିତି ପ୍ରତି ଅସନ୍ତୋଷ ପ୍ରକାଶ କରି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି ଯେ ଆଗକୁ ଗ୍ରୀଷ୍ମ ଋତୁର ଆଗମନ ହେବ। ତେଣୁକରି ବିଦ୍ୟୁତ୍ ସମସ୍ୟା ନେଇ ଯାହା ଅଛି ଶୀଘ୍ର ସମାଧାନ କରି ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦେବାକୁ ଦାବି କରିଛନ୍ତି। ନ ହେଲେ ସେମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଲୋକମାନଙ୍କ ଦାବି ଯେ ବିଦ୍ୟୁତ ବିଭାଗ ପୂର୍ବ ସୂଚନା ସହିତ ନିୟମିତ ବିଦ୍ୟୁତ ଯୋଗାଣ ନିଶ୍ଚିତ କରନ୍ତୁ। ଏନେଇ ବିଦ୍ୟୁତ ବିଭାଗର ଅଧିକାରୀଙ୍କ ସହ ସମ୍ପର୍କ କରାଯାଇଥିଲା। ପରବର୍ତ୍ତୀ ସମୟରେ ବିଦ୍ୟୁତ କାଟ କରାଗଲେ ଡକାବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରି ଲୋକମାନଙ୍କୁ ଜଣାଇ ଦିଆଯିବ ବୋଲି ନିଜ ପ୍ରତିକ୍ରିୟାରେ କହିଥିଲେ।

# ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସମ୍ମାନ




ରାୟଗଡ଼,୧୫।୨(ସମିସ) : ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ପକ୍ଷରୁ ଓଡ଼ିଶା ବାଣିଜ୍ୟ ସଂଗଠନର ସହଯୋଗରେ 'ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା : ଏକ ବିକାଶ ଓ ଅନ୍ତର୍ଭୁକ୍ତ ବୃଦ୍ଧି ଦିଗରେ' ଶୀର୍ଷକରେ ଏକ ଦିନିଆ ଜାତୀୟ ସଂପାନ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ସରସ୍ୱତୀ ରାୟ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଅଧକ୍ଷା ଡ଼. ରାୟ ନିଜ ଅଧକ୍ଷୀୟ ଉଦ୍‌ବୋଧନରେ କହିଥିଲେ ଯେ, ବିକଶିତ ଭାରତ ଗଠନ ପାଇଁ ଉଚ୍ଚ ଶିକ୍ଷା ସଂସ୍ଥାମାନେ ଗବେଷଣାମୁଖୀ ଶିକ୍ଷାକୁ ଗୁରୁତ୍ୱ ଦେବା ସହ ସମାଜମୁଖୀ ଉନ୍ନତି ଦିଗରେ କାମ କରିବା ଆବଶ୍ୟକ। ଛାତ୍ରଛାତ୍ରୀମାନେ ନୂତନ ଚିନ୍ତାଧାରା ଓ ନବୀନ ଉଦ୍ୟମ ମାଧ୍ୟମରେ ରାଜ୍ୟ ଓ ଦେଶର ଉନ୍ନତିରେ ଅଂଶୀଦାର ହେବାକୁ ସେ ଆହ୍ୱାନ ଜଣାଇଥିଲେ। ମୁଖ୍ୟ ଅତିଥି ଭାବେ ଝାରଖଣ୍ଡ, ରାଞ୍ଚିସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସହାୟକ ପ୍ରାଧ୍ୟାପକ ଡ. କେ.ବି. ସିଂ ଯୋଗଦେଇ ଉଦ୍‌ବୋଧନରେ ସମାବେଶରେ ଅର୍ଥନୈତିକ ବୃଦ୍ଧିର ଗୁରୁତ୍ୱ ଉପସ୍ଥାପନ କରି କହିଥିଲେ ଯେ, ଗ୍ରାମୀଣ ଓ ଅନୁନ୍ନତ ଅଞ୍ଚଳର ଉନ୍ନତି ବିନା ବିକଶିତ ଭାରତର ସ୍ୱପ୍ନ ସାକାର ହେବ ନାହିଁ। ସେ ଡିଜିଟାଲ୍ ଅର୍ଥନୀତି, କୌଶଳ ବିକାଶ ଓ ଯୁବପିଢ଼ିର ଭୂମିକାକୁ ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର କିଶୋର ଚନ୍ଦ୍ର ରାଉତ, ଅବସରପ୍ରାପ୍ତ ପ୍ରାଧ୍ୟାପକ , ବ୍ରହ୍ମପୁର ବାଣିଜ୍ୟ ଶିକ୍ଷାର ବିକାଶ ଓ ଉଦ୍ୟମ ସୃଷ୍ଟିରେ ଶିକ୍ଷାନୁଷ୍ଠାନମାନଙ୍କ ଭୂମିକା ବିଷୟରେ ବ୍ୟାପକ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ବିଶ୍ୱମୋହନ ଜେନା, ଓଡ଼ିଶା ବାଣିଜ୍ୟ ସଙ୍ଗଠନ ମତ ପ୍ରକାଶ କରି କହିଥିଲେ ଯେ ଶିକ୍ଷକ, ଗବେଷକ ଓ ଶିଳ୍ପ ମଧ୍ୟରେ ସମନ୍ୱୟ ସୃଷ୍ଟି ହେଲେ ସମାବେଶୀ ବିକାଶ ସମ୍ଭବ। ସେ ଏପରି ଜାତୀୟ ପାଠଚକ୍ର ଜ୍ଞାନ ବିନିମୟର ଏକ ଶକ୍ତିଶାଳୀ ମଞ୍ଚ ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକଟ ବିଜ୍ଞାନ ମହାବିଦ୍ୟାଳୟ, ବାଣିଜ୍ୟ ବିଭାଗର ଅଧ୍ୟାପକ ପ୍ରଫେସର ପ୍ରଫୁଲ୍ଲ ରଥ ଅର୍ଥନୈତିକ ବିକାଶ ଓ ଆଧୁନିକ ବାଣିଜ୍ୟ ବ୍ୟବସ୍ଥାର ଭୂମିକା ବିଷୟରେ ମୂଲ୍ୟବାନ ଉଦ୍‌ବୋଧନ ରଖିଥିଲେ। ବାଣିଜ୍ୟ ବିଭାଗର ବିଭାଗ ମୁଖ୍ୟ ଅଧ୍ୟାପକ ସୁବ୍ରତ ପ୍ରଧାନ କାର୍ଯ୍ୟକ୍ରମ ସମନ୍ୱୟକାରୀ ଭାବେ ସଂପାନକୁ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଅଧିବେଶନ ଡ. ମାନସୀ ମହାନ୍ତି ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିବା ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଘାଟନ ପରେ ମୋଟ ୪ଟି ପ୍ରାଯୁକ୍ତିକ ଅଧିବେଶନ ଅନଲାଇନ୍ ଓ ଅଫ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶର ବିଭିନ୍ନ ସ୍ଥାନରୁ ଯୋଗଦେଇଥିବା ଗବେଷକ, ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ନିଜ ଗବେଷଣା ପତ୍ର ଉପସ୍ଥାପନ କରିଥିଲେ। ପରେ ସମାପନୀ ଅଧିବେଶନ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଡ. ପ୍ରଣୟ ପରାଶର, ସହାୟକ ପ୍ରାଧ୍ୟାପକ, କେନ୍ଦ୍ରୀୟ ବିଶ୍ୱଦ୍ୟାଳୟ, ଝାଡ଼ଖଣ୍ଡ ଯୋଗ ଦେଇଥିଲେ। ଶେଷରେ ସମ୍ମାନରେ ଅନ୍‌ଲାଇନ୍ ଓ ଅଫଲାଇନ୍ ମାଧ୍ୟମରେ ଯୋଗଦେଇ ଗବେଷଣା ପତ୍ର ପ୍ରସ୍ତୁତ କରିଥିବା ସମସ୍ତ ଅଂଶ ଗ୍ରହଣକାରଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପି.ଜି କାଉନସିଲ୍ ଚେୟାରମେନ ପି. ଅରୁଣ କୁମାର ଧନ୍ୟବାଦ ଜ୍ଞାପନ କରି ସମସ୍ତ ଅତିଥି, ଅଂଶଗ୍ରହଣକାରୀ ଓ ଆୟୋଜକମାନଙ୍କୁ କୃତଜ୍ଞତା ଜଣାଇଥିଲେ। ବହୁ ସଂଖ୍ୟକ ଗବେଷକ, ଅଧ୍ୟାପକ ଓ ଛାତ୍ରଛାତ୍ରୀ ପତ୍ର ଉପସ୍ଥାପନ କରି ଜାତୀୟ ସଂପାନକୁ ସଫଳ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବାଣିଜ୍ୟ ବିଭାଗର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

■ ଜିଲ୍ଲା ବିଜୁ ମହିଳା ଜନତା ଦଳ

# ଅନୁସୂୟା ସଭାନେତ୍ରୀ, ସରସ୍ୱତୀ ରାଜ୍ୟ ସାଧାରଣ ସମ୍ପାଦିକା

## ଶୁଭ୍ରା, ନାଗଲକ୍ଷ୍ମୀ, ସୁଜାତା ଓ ରଜନୀ ରାଜ୍ୟ ସଂପାଦିକା



ରାୟଗଡ଼ା,୧୫।୨(ସମିସ): ବିଜୁ ଜନତା ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ ରବିବାର ବିଜୁ ମହିଳା ଜନତା ଦଳର ରାଜ୍ୟ ପଦାଧିକାରୀ ଏବଂ ଜିଲ୍ଲା ସଭାନେତ୍ରୀ ତଥା କାର୍ଯ୍ୟକାରୀ ସଭାନେତ୍ରୀଙ୍କ ନାମ ଘୋଷଣା କରିଛନ୍ତି। ଏହି କ୍ରମରେ ଜିଲ୍ଲା ସଭାନେତ୍ରୀ ଭାବେ ପୂର୍ବତନ ଏସଡିସି ଅଧ୍ୟକ୍ଷା ତଥା ରାୟଗଡ଼ା ବିଧାୟକ ପ୍ରାର୍ଥିନୀ ଅନୁସୂୟା ମାଝିଙ୍କୁ ଦାୟିତ୍ୱ ପ୍ରଦାନ କରିଥିବା ବେଳେ ବିଜୁ ମହିଳା ଜନତା ଦଳର ରାଜ୍ୟ ପଦାଧିକାରୀରେ ଜିଲ୍ଲାର ୫ଜଣଙ୍କୁ ସ୍ଥାନ ଦିଆଯାଇଛି। ଏମାନଙ୍କ ମଧ୍ୟରେ ରାୟଗଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝିଙ୍କୁ ରାଜ୍ୟ ସାଧାରଣ ସଂପାଦିକା ଭାବେ ନିଯୁକ୍ତ କରାଯାଇଥିବା ବେଳେ ରାୟଗଡ଼ା ପୌରାଧ୍ୟକ୍ଷା ଶ୍ରୀମତି ଶୁଭ୍ରା ପଣ୍ଡା, ଶ୍ରୀମତି ଇପିଲି ନାଗଲକ୍ଷ୍ମୀ, ଶ୍ରୀମତି ସୁଜାତା ମାଣ୍ଡାଙ୍ଗି, ଶ୍ରୀମତି ରଜନୀ ମାଣ୍ଡାଙ୍ଗିଙ୍କୁ ରାଜ୍ୟ ସଂପାଦିକା ଭାବେ ନିଯୁକ୍ତ କରାଯାଇଛି। ଯାହାକୁ ନେଇ ରାୟଗଡ଼ା ଜିଲ୍ଲାରେ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଶ୍ରୀମତି ଅନୁସୂୟା ମାଝିଙ୍କ ସମେତ ସରସ୍ୱତୀ, ଶୁଭ୍ରା, ନାଗଲକ୍ଷ୍ମୀ, ସୁଜାତା, ରଜନୀଙ୍କ କାର୍ଯ୍ୟ ଦକ୍ଷତା,ନେତୃତ୍ୱ, ଅନୁଭୂତି ଓ ଗୋଟି ଚାଳନା ଆଗକୁ ଦଳକୁ ଆହୁରି ମଜବୁତ୍ ସ୍ଥିତିକୁ ନେବା ସହ ତୃଣମୂଳସ୍ତରରେ ସୁଦୃଢ କରିବ ଏବଂ ଜିଲ୍ଲାରେ ବିଜେଡିର ମହିଳା ସଂଗଠନ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ, ପୌର ଓ ଜିଲ୍ଲା ପରିଷଦ ନିର୍ବାଚନରେ ତାହାର ପ୍ରତିଫଳନ ପ୍ରକାଶ କରିବ ବୋଲି ସାଧାରଣରେ ଆଲୋଚନା ଜୋର ଧରିଛି। ନବ ନିଯୁକ୍ତ ସମସ୍ତ ପଦାଧିକାରୀଙ୍କୁ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, କାର୍ଯ୍ୟକାରୀ ସଭାପତି ପି. ଗୌରୀ ଶଙ୍କର ରାଓ, ରାଜ୍ୟ ସାଧାରଣ ସଂପାଦକ ସୁଧୀର କୁମାର ଦାସ, ପୂର୍ବତନ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗଙ୍କ ସମେତ ଜିଲ୍ଲା କମିଟି ପଦାଧିକାରୀମାନେ ଶୁଭେଚ୍ଛା ଜଣାଇଥିବା ବେଳେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ମାଓ ବ୍ୟାନର ଲଗାଇ ୨ ଗିରଫ

ରାୟଗଡା, ୧୫।୨(ସମିସ):



ରାୟଗଡାରୁ ଦୁଇ ନକଲି ମାଓବାଦୀଙ୍କୁ ଗିରଫ କରିଛି ରାୟଗଡ଼ା ପୁଲିସ। ଏହି ଦୁଇଜଣ ହେଲେ ରାୟଗଡାର ଜଣେ ୱେବ ଚ୍ୟାନେଲ ସାମ୍ବାଦିକ ଅନୁବ୍ରତ ବାରା ଓ ଅନ୍ୟ ଜଣେ ବଳୀ ମାଝୀ। ବଳି ମାଝୀ ଏଥି ପୂର୍ବରୁ ନକ୍ସଲ ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ। ମାଓମୁକ୍ତ ହେବାକୁ ଥିବା ଜିଲ୍ଲାରେ ମାଓ ବ୍ୟାନର ଲଗାଇ ଆତଙ୍କ ଖେଳାଇବା ଅଭିଯୋଗରେ ସମସ୍ତ ଦିଗକୁ ତଦନ୍ତ କରି ଏହି ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଗତ ଦୁଇ ଦିନ ତଳେ ଜିଲ୍ଲାର ଶେଷଖାଲ ଥାନା ଅନ୍ତର୍ଗତ ରାୟଗଡା ସହର ଠାରୁ ମାତ୍ର ଦୁଇ କିମି ଦୂରରେ ଥିବା ରାୟଗଡା-ବାଇଶିଙ୍ଗ ମୁଖ୍ୟ ରାସ୍ତାର ଧୂମାଗୁଡା ଗାଁରେ ମାଓ ବ୍ୟାନର ଲଗାଇଥିବା ବେଳେ ଉକ୍ତ ଦିନ ହିଁ ଚାନ୍ଦିଲି ଥାନା ଅନ୍ତର୍ଗତ ପାଇକପଡା ଓ କଲ୍ୟାଣସିଙ୍ଗପୁର ବ୍ଲକ କୁମ୍ଭାରଗୁଡା ଗାଁ ନିକଟ ଭଳି ଉକ୍ତ ଦୁଇଟି ସ୍ଥାନରେ ନକଲି ମାଓ ପୋଷ୍ଟର ଲଗାଯାଇଥିଲା। ଗିରଫ ଉଭୟଙ୍କୁ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ

## ଗିରଫଙ୍କ ମଧ୍ୟରେ ଜଣେ ୱେବ୍ ସାମ୍ବାଦିକ

ଡାକ୍ତରି ମାଇନା କରାଯାଇଛି। ଏ ନେଇ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମୂଲ୍ୟ କୁମାର ଧରଙ୍କ ପ୍ରତିକ୍ରିୟା ନେବାରୁ ଏ ସଂକ୍ରାନ୍ତରେ ଜିଲ୍ଲା ଏସ୍‌ପି ଆସନ୍ତାକାଲି ସୋମବାର ଦିନ ସାମ୍ବାଦିକ ସମ୍ମିଳନୀରେ ଅଧିକ ସୂଚନା ଦେବେ ବୋଲି କହିଛନ୍ତି। ତେବେ ଜିଲ୍ଲାରେ ଅନେକ ନକଲି ସାମ୍ବାଦିକଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ବେଳେ ଏ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଜିଲ୍ଲାରେ ନକଲି ମାଓବାଦୀ ମାମଲାରେ ପୂର୍ବରୁ କିଛି ନକଲି ସାମ୍ବାଦିକ ଗିରଫ ହୋଇଥିବା ଭଳି ଘଟଣା ସାମ୍ବାଦିକ ସମାଜକୁ ବଦନାମ କରି ଥିବାରୁ ବୁଦ୍ଧିଜୀବୀ ତଥା ବିଭିନ୍ନ ସାମ୍ବାଦିକ ସଂଘ ପକ୍ଷରୁ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଶାସନ ନିକଟରେ ବହୁବାର ଦାବି କରାଯାଇଛି।

# ରାୟଗଡ଼ାର ବିଭିନ୍ନ ଶିବ ମନ୍ଦିରରେ ମହାଶିବରାତ୍ରୀ



ରାୟଗଡ଼ା,୧୫।୨(ସମିସ): ଦେବଦେବ ମହାଦେବଙ୍କ ଆଜି ପବିତ୍ର ମହାଶିବରାତ୍ରି ପୂଜା। ଯାହାକୁ ନେଇ ରାୟଗଡା ଜିଲ୍ଲାର ସମସ୍ତ ଶୈବ ପୀଠ, ମନ୍ଦିରଗୁଡିକ ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ଏଠାରେ ଭକ୍ତ, ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି। ଜିଲ୍ଲାର ବିଷମକଟକର ଚାଟିକୋଣା ସ୍ଥିତ ପାତାଳେଶ୍ୱର ମନ୍ଦିର, ଚନ୍ଦ୍ରପୁରର ଶ୍ରୀ ମୀନାଝୋଲା ଶୈବ ପୀଠ, କଲ୍ୟାଣସିଙ୍ଗପୁର ଦେବଗିରୀ ଶୈବ ପୀଠ, କୋଲନରା ବ୍ଲକର ପାଇକପଡା ଶୈବ ପୀଠ ଭଳି ଅନ୍ୟାନ୍ୟ ପୀଠମନ୍ଦିରଗୁଡିକରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରଭାତରୁ ମନ୍ଦିରଗୁଡିକରେ ଭିଡ଼ ଲାଗିଥିଲା। ଅନେକ ଭକ୍ତ ବ୍ରତ ରଖି ରାତି ଜାଗରଣ କରିଥିଲେ। ମହାଶିବରାତ୍ର ପାଳନ ପାଇଁ ବିଭିନ୍ନ ମନ୍ଦିର ପରିସର ଦୀପ ମାଳିକା ଓ ଫୁଲ ସଜାଣାରେ ଶୋଭା ପାଇଛି। ରାୟଗଡ଼ା ଜିଲ୍ଲାର ବିଭିନ୍ନ ପୁରାତନ ଓ ଲୋକପ୍ରିୟ ଶିବ ମନ୍ଦିରରେ ଏହି ଅବସରରେ ବିଶେଷ ପୂଜା ଆୟୋଜନ ହୋଇଥାଏ। ସ୍ଥାନୀୟ ଲୋକମାନଙ୍କ ସହିତ ଦୂର ଦୂରାନ୍ତରରୁ ଆସୁଥିବା ଭକ୍ତମାନେ ମହାଦେବଙ୍କ ଦର୍ଶନ କରି ଆର୍ଶୀବାଦ ନେଇଥାନ୍ତି। ସୁରକ୍ଷା ଓ ଶୃଙ୍ଖଳା ରକ୍ଷା ପାଇଁ ଏବଂ ଭକ୍ତମାନଙ୍କୁ ମହାଦେବଙ୍କ ସୁବିଧା ଦର୍ଶନ ବ୍ୟବସ୍ଥା ନିମନ୍ତେ ସ୍ୱେଚ୍ଛାସେବକ,ମନ୍ଦିର ପରିଚାଳନା କମିଟି ଓ ପ୍ରଶାସନ ସକ୍ରିୟ ହୋଇଥିବା ଦେଖିବାକୁ ମିଳିଛି। ରାୟଗଡା ସହରର ପ୍ରେମ ପାହାଡ ସ୍ଥିତ ଓମ କାରେଶ୍ୱର ମନ୍ଦିର,ମହାକାଳେଶ୍ୱର ମନ୍ଦିର, ପିଏଚଡି କଲୋନୀ ସ୍ଥିତ ଶ୍ରୀ ବାଲୁଙ୍କେଶ୍ୱର ମନ୍ଦିର, ନଦୀ ସାହି ସ୍ଥିତ ଶ୍ରୀ ମାଲିକ୍ଵାର୍ଜୁନ ମନ୍ଦିର ସମେତ ପୀତାମହଲ, ପେରିଗାଁ, କୋତାପେଟା ଭଳି ସ୍ଥାନରେ ଥିବା ଶିବ ମନ୍ଦିରଗୁଡିକରେ ମହାଶିବରାତ୍ର ପୂଜା ପାଳନ ହୋଇଥିଲା। ଆଜି ରାତ୍ରରେ ମହାଦୀପ ଉଠିବା ପରେ ଭକ୍ତମାନେ ନିଜ ବ୍ରତ ପୂରଣ କରିବେ ବୋଲି ପ୍ରେମ ପାହାଡ ସ୍ଥିତ ଓମ୍ କାରେଶ୍ୱର ମନ୍ଦିର ପୂଜକ ସନ୍ତୋଷ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

# ହଷ୍ଟେଲ ଛାତ୍ରୀଙ୍କ ହାତରେ କଲମ ବଦଳରେ ଝାଡୁ!

ଅମ୍ବାଦଳା,୧୫ ।୨(ସମିସ): ଓଡିଶା ସରକାରଙ୍କ ଶିକ୍ଷା ନୀତି ଅନୁସାରେ କୌଣସି ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ପାଠପଢ଼ା ସହ ଖେଳକୁଦ କରିବା ଛଡା ଅନ୍ୟ କୌଣସି କାର୍ଯ୍ୟରେ ନିୟୋଜିତ ହେବେ ନାହିଁ। କିନ୍ତୁ ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦୃଶ୍ୟ କିଛି ଓଲଟା। ଏହି ବିଦ୍ୟାଳୟରେ ସରକାରଙ୍କ ସବୁ ନୀତି ନିୟମକୁ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇ ଆସୁଥିଲେ ସୁଦ୍ଧା ଜିଲ୍ଲା ପ୍ରଶାସନର ନିରବତା



ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ହାତରେ ବହି କଲମ ଧରିବା ବଦଳରେ ବିଦ୍ୟାଳୟର ହଷ୍ଟେଲ ଛାତ୍ରୀ ଧରୁଛନ୍ତି ଝାଡୁ। ପିଲାମାନେ ପାଠ ପଢି ଭଲ ମଣିଷ ହେବା ପାଇ ବାପା ମା ପିଲାଙ୍କୁ ସ୍କୁଲକୁ ପଠାଇଥାନ୍ତି। କିନ୍ତୁ ଏଠାରେ ଏହାର ବ୍ୟତିକ୍ରମ ଦେଖୁବାକୁ ମିଳିଛି। ସୂଚନା ପ୍ରକାରେ ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳା ମଙ୍ଗଳ ବିଭାଗୀୟ ଅଧୀନରେ ଥିବା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ କିଛିଦିନ ହେବ ହଷ୍ଟେଲରେ ରହୁଥିବା ନବମ ଦଶମ ଶ୍ରେଣୀର ଛାତ୍ରୀ ମାନେ ଝାଡୁ ମାରୁଥିବା ଫଟୋ ଭାଇରାଲ ହେଉଥିବା ଦେଖିବାକୁ ମିଳିଛି। ସ୍କୁଲ ପରିସର ଝାଡୁ ମାରିବା ଭଳି କାର୍ଯ୍ୟ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୋଲା ବାମନ ମୂର୍ତ୍ତି ଛାତ୍ରୀ ମାନଙ୍କ ଦ୍ୱାରା କରା ଯାଉଥିବା ଭାଇରାଲ ଫଟୋ ଦେଖି ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏଭଳି କାର୍ଯ୍ୟକୁ ଦେଖୁ ବୁଦ୍ଧିଜୀବୀ ଓ ଅଭିଭାବକମାନେ ଘୋର ନିନ୍ଦା କରୁଥିବା ଦେଖିବାକୁ ମିଳିଛି। ଏ ବିଷୟରେ ପ୍ରତିକ୍ରିୟା ନେବାକୁ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କୁ ଯୋଗାଯୋଗ କରିବାରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ପେଣ୍ଡ୍ରାଣୀ ମହାବିଦ୍ୟାଳୟରେ ଶିଶୁ କନ୍ୟା ଶିକ୍ଷା କର୍ମଶାଳା




ଉମରକୋଟ,୧୫।୨(ସମିସ): ପେଣ୍ଡ୍ରାଣୀ ମହାବିଦ୍ୟାଳୟରେ କନ୍ୟା ଶିଶୁ ଶିକ୍ଷା ଉପରେ ଏକ ଦିନିକିଆ କର୍ମଶାଳା ତଥା ସଚେତନତା ଶିବିର ଅନୁଷ୍ଠିତ ହେଇଯାଇଛି । କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ଡଃ ଅନିଲ କୁମାର ମିଶ୍ର ଉଦ୍‌ଘାଟନ କରି ଶିଶୁ କନ୍ୟା ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ମହାବିଦ୍ୟାଳୟର ଅଧକ୍ଷ ଡି.ଗିବିନ୍ଦ ରାଓ ଯୋଗଦାନ କରି ଶିଶୁ ଶିକ୍ଷା ସମାଜର ଦକ୍ଷତା ଓ ଦେଶର ସର୍ବାଙ୍ଗୀନ ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ । ସମ୍ମାନିତ ସଂସାଧନ ବ୍ୟକ୍ତି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ପାଲକା ରବୀନ୍ଦ୍ର ଏବଂ ନବରଙ୍ଗପୁର ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଡଃ ସଂଯୁକ୍ତା ପଣ୍ଡା ଯୋଗଦେଇ ଶିଶୁକନ୍ୟା ଶିକ୍ଷାର ଜାତି ଗଠନ ଓ ସମାଜ ପରିବର୍ତ୍ତନରେ ଭୂମିକା ଏବଂ ଛାତ୍ରୀ ମାନଙ୍କୁ ଉଚ୍ଚଶିକ୍ଷା ଅଧ୍ୟୟନ ତଥା ସ୍ୱାବଲମ୍ବି ହେବାପାଇଁ ଉତ୍ସାହିତ କରିଥିଲେ। ପି ଏମ ଉଷା ଯୋଜନାର ନୋଡାଲ ଅଧିକାରୀ ସଂଗୀତା ତ୍ରିପାଠୀ ଏବଂ ଉପ ନୋଡାଲ ଅଧିକାରୀ ଡଃ ଯାହାଙ୍ଗୀର ମହମ୍ମଦ ପିଏମ ଉଷାର ଲକ୍ଷ୍ୟଏବଂ ଉଦ୍ଦେଶ୍ୟ ସହିତ ଶିଶୁକନ୍ୟା ଶିକ୍ଷାର ଗୁରୁତ୍ୱ ଏବଂ ସରକାର ଆରମ୍ଭ କରିଥିବା ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସରକାରୀ ସ୍ନାତକ ମହାବିଦ୍ୟାଳୟ, ରାଇଘର,ସରକାରୀ ସ୍ନାତକ ମହାବିଦ୍ୟାଳୟ, ଝରୀଗାଁ,ଅଲେଖ ମହିମା ସ୍ନାତକ ମହାବିଦ୍ୟାଳୟ, ଧୋଡ୍ରା, ପାନାବେଡା ସ୍ନାତକ ମହାବିଦ୍ୟାଳୟ, ଚନ୍ଦାହାଣ୍ଡି, ଗୁରୁକୃପା ସ୍ନାତକ ମହାବିଦ୍ୟାଳୟ, ଉମରକୋଟ ଏବଂ ରାଇଘରର ଛାତ୍ରୀ ମାନଙ୍କ ସହିତ ପେଣ୍ଡ୍ରାଣୀ ମହାବିଦ୍ୟାଳୟର ଛାତ୍ରୀ ତଥା କର୍ମଚାରୀ ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମଟିକୁ ପିଏମ ଉଷା ଦାୟିତ୍ୱରେ ଥିବା ବାଣିଜ୍ୟ ବିଭାଗର ଅଧ୍ୟାପକ ଶ୍ରୀରାମ ଶଙ୍କର ପଟ୍ଟନାୟକ ପରିଚାଳନା କରିଥିବା ବେଳେ ପଦାର୍ଥ ବିଜ୍ଞାନର ଅଧ୍ୟାପକ ଡଃ ଚିନ୍ମୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିବା ସହିତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

# ଭାଲାମୁଡି ନାଗାରାଜୁଙ୍କୁ ସାହିତ୍ୟ ଶିରୋମଣି ସମ୍ମାନ

ରାୟଗଡ଼ା,୧୫।୨(ସମିସ) : ରାୟଗଡ଼ାର ଜଣେ ବିଶିଷ୍ଟ କବି, ଲେଖକ ତଥା ବରିଷ୍ଠ ସାମ୍ବାଦିକ ଭାଲାମୁଡି ନାଗାରାଜୁଙ୍କୁ ସାହିତ୍ୟକଙ୍କୁ ସାହିତ୍ୟ ଶିରୋମଣି ସମ୍ମାନ ମିଳିଛି। ରବିବାର ଦିନ



ଶ୍ରୀକାକୁଳମର ବାପୁଜୀ କଳାମନ୍ଦିରରେ ଶ୍ରୀକ୍ଲୋଲୁ ସାହିତ୍ୟ ଉତ୍ସବ ଏବଂ ଶ୍ରୀ ଶ୍ରୀ କଳାବେଦିକା ଦ୍ୱାରା ଆୟୋଜିତ ଏକ ଜାତୀୟ ସ୍ତରୀୟ ମେଗା କବି ସମ୍ମିଳନୀରେ ସମ୍ବର୍ଦ୍ଧନା ଦିଆଯାଇଛି। ଏପର୍ଯ୍ୟନ୍ତ ସେ ୧୩୮ଟି କବିତା ଏବଂ ୪୦ଟି ଛୋଟ ଗଳ୍ପ ଲେଖିଛନ୍ତି। ଯାହାମଧ୍ୟରୁ ଅନେକ ଦୈନିକ, ସାପ୍ତାହିକ ଏବଂ ମାସିକ ପତ୍ରିକାରେ ପ୍ରକାଶିତ ହୋଇଛି। ଯାହା ତାଙ୍କୁ ଜଣେ ପ୍ରସିଦ୍ଧ କବି ଭାବେ ପରିଚୟ ପ୍ରଦାନ କରିଛି। ଏହି କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ କଳାବେଦିକା ଆନ୍ତର୍ଜାତୀୟ ସଭାପତି କାଟିମାନନ୍ଦ ପ୍ରତାପ, ରାଷ୍ଟ୍ରୀୟ ସଚିବ ପାର୍ଥ ସାରଥି, ଶ୍ରୀକାକୁଳମ ଡିଭିଜନ ସଭାପତି ଏମ. ନାଗେଶ୍ୱର ରାଓ, ଉତ୍ତର ଆନ୍ଧ୍ର ସଭାପତି ଡି.ଗୋବିନ୍ଦ ରାଓ, କନଭେନର ବି.ଉମାମହେଶ୍ୱର ରାଓ ଏବଂ ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ଶହେରୁ ଅଧିକ କବି ଓ ଲେଖକ ଯୋଗ ଦେଇଥିଲେ। ଏହା ପୂର୍ବରୁ ନାଗରାଜୁ ଗୁରାଜଡା ଫାଉଣ୍ଡେସନ ଆମେରିକା, ରାୟଗଡ଼ା ଶାଖା ଦ୍ୱାରା ସାହିତ୍ୟ ରତ୍ନ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

# ଷ୍ଟେକହୋଲ୍ଡରର ବନ୍ଧୁତପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍; ଏସ୍‌ପି ଏକାଦଶ ଚାମ୍ପିଅନ୍

ରାୟଗଡ଼ା, ୧୫।୨(ସମିସ): ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ସ୍ଥାନୀୟ ଓଷାପଡ଼ା ଟାଉନସିପ ଖେଳ ପଡ଼ିଆ ଠାରେ ଦିନିକିଆ ଦିବାରାତ୍ର ବନ୍ଧୁତପୂର୍ଣ୍ଣ ଷ୍ଟେକହୋଲ୍ଡାର କ୍ରିକେଟ୍ ମ୍ୟାଚ୍ -୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ କ୍ରିକେଟ୍ ପ୍ରତିଯୋଗିତାରେ ଛଅ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ରାୟଗଡ଼ା ଜିଲ୍ଲା ପ୍ରଶାସନ ଏକାଦଶ, ଏସ୍‌ପି ଏକାଦଶ, ବିଶାଖାପାଟଣା ରେଳବାଇ ଏକାଦଶ, ଟିକିରି ରେଳବାଇ ଏକାଦଶ, ସିଆରପିଏଫ୍ ଚତୁର୍ଥ ବାଟାଲିୟନ ଏକାଦଶ ଓ ଆୟୋଜକ ହିଣ୍ଡାଲକୋ ଟିମ୍ ଏକାଦଶ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମ୍ୟାଚ୍ ପ୍ରାରମ୍ଭରେ ୟୁନିଟ୍ ମୁଖ୍ୟ ରବି ନାରାୟଣ ମିଶ୍ର ଯୋଗ ଦେଇ ଖେଳାଳିଙ୍କ ଉତ୍ସାହ ବଢାଇବା ସହ ଖେଳାଳୀ ମନୋଭାବ ପ୍ରଦର୍ଶନ କରି ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଥିଲେ। ଲିଗ୍ ପର୍ଯ୍ୟାୟରେ ତିନୋଟି ମ୍ୟାଚ୍ ଖେଳା ଯାଇଥିବା ସ୍ଥଳେ ଟିକିରି ରେଳବାଇ ଏକାଦଶ ବିଶାଖାପାଟଣା ଏକାଦଶକୁ ହରାଇ ସିଧାସଳଖ ଫାଇନାଲ ମ୍ୟାଚକୁ ଉନ୍ନୀତ ହୋଇଥିବା ବେଳେ ଲିଗ୍ ମ୍ୟାଚ୍ ବିଜୟୀ ହୋଇ ଏସପି ଏକାଦଶ ଓ ହିଣ୍ଡାଲକୋ ଏକାଦଶ ନିର୍ଣ୍ଣାୟକ ସେମିଫାଇନାଲରେ ପହଞ୍ଚିଥିଲେ। ଏକ ରୋମାଞ୍ଚକ ମ୍ୟାଚରେ ଏସପି ଏକାଦଶ ହିଣ୍ଡାଲକୋ ଏକାଦଶକୁ ହରାଇ ଫାଇନାଲ ମ୍ୟାଚ ପାଇଁ ଟିକେଟ ହାସଲ କରିଥିଲା। ତେବେ ଫାଇନାଲ ମ୍ୟାଚରେ ଟିକିରି ରେଳବାଇ ଏକାଦଶ ଲିଗ୍ ପର୍ଯ୍ୟାୟରେ ଉତ୍ତମ ରନରେଟ ହାସଲ କରିଥିବାରୁ ପୂର୍ବରୁ ଫାଇନାଲ ମ୍ୟାଚ ପାଇଁ ଯୋଗ୍ୟ ହୋଇଥିବା ବେଳେ ସିଧାସଳଖ ଏସପି ଏକାଦଶ ସହ ମ୍ୟାଚ୍ ଖେଳାଯାଇଥିଲା। ଅତ୍ୟନ୍ତ ରୋମାଞ୍ଚକର ଏହି ମ୍ୟାଚରେ ଏସପି ଏକାଦଶ ଟସ୍ ବିଜୟୀ ହୋଇ ବଲିଂ ନିଷ୍ପତି ନେଇଥିବା ବେଳେ ୯ ଓଭରରେ ସମସ୍ତ ବ୍ୟାଟ୍ସମ୍ୟାନ୍ ହରାଇ ଟିକିରି ରେଳବାଇ ଟିମ ସଙ୍ଘର୍ଷପୂର୍ଣ୍ଣ ୪୪ ରନ୍ ହାସଲ କରିଥିଲା।



ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ବ୍ୟାଟିଂ କରିବାକୁ ଆସିଥିବା ଏସପି ଏକାଦଶ ଟିମ୍ ସହଜରେ ତିନୋଟି ୱିକେଟ୍ ହରାଇ ଏହି ଲକ୍ଷ ହାସଲ କରିଥିଲା। ଏସପି ଏକାଦଶ ଟିମ ବନ୍ଧୁତାପୂର୍ଣ୍ଣ ଷ୍ଟେକହୋଲ୍ଡାର ମ୍ୟାଚ୍

## ଟିକିରି ରେଳବାଇ ରନର୍ସ ଅପ୍

-୨୦୨୬ ଟାଇଟଲ ବିଜୟୀ ପରେ ଅତିଥି ଭାବେ ଯୋଗ ଦେଇଥିବା ଉପଜିଲ୍ଲାପଳ ରମେଶ କୁମାର ଜେନାଙ୍କ ସମେତ ଉତ୍କଳ ଆଲୁମିନା ୟୁନିଟ୍ ମୁଖ୍ୟ ରବି ନାରାୟଣ ମିଶ୍ର, ଆଦିତ୍ୟ ରିଫାଇନେରି ପ୍ରକଳ୍ପ ମୁଖ୍ୟ ଶ୍ରୀ ମଝର୍ ବେଗଙ୍କ ଦ୍?ାରା ବିଜୟୀ ଟିମକୁ ଟ୍ରଫି ଓ ମେଡାଲ ପ୍ରଦାନ କରାଯାଇଥିଲା। ସେହିପରି ରନର୍ଷଅପ୍ ଟିକିରି ରେଳବାଇ ଏକାଦଶ ଦଳକୁ ଡେପୁଟି କଲେକ୍ଟର ଶ୍ରୀ କୈଳାଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଶ୍ରୀ ମିଶ୍ର ଓ ଶ୍ରୀ ବେଗଙ୍କ ଦ୍ୱାରା ଟ୍ରଫି ଓ ମେଡାଲ ପ୍ରଦାନ କରାଯାଇଥିଲା। ତେବେ ମ୍ୟାଚର ବିଭିନ୍ନ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଅନୁରୂପ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମସ୍ତ ମ୍ୟାଚରେ ଶ୍ରେଷ୍ଠ ବୋଲର ଭାବେ ରମାକାନ୍ତଙ୍କୁ ସ୍ମାରକ ପ୍ରଦାନ କରାଯାଇଥିବାବେଳେ ଶ୍ରେଷ୍ଠ କ୍ୟାଚ୍ ନେଇଥିବାରୁ ସିକନ୍ଦର ଓ ୱିକେଟ୍ କିପିଂ ପାଇଁ ଶୁଭଙ୍କରଙ୍କ ସମେତ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଏନ ସତପଥୀ, ମୋହନ, ଆକାଶଙ୍କୁ ସ୍ମାରକୀ ଓ ମେଡାଲ ପ୍ରଦାନ କରାଯାଇଥିଲା। ଉକ୍ତ ପ୍ରତିଯୋଗିତା ଲୋକସମ୍ପର୍କ ବିଭାଗ ତଥା କର୍ପୋରେଟ ଆଫାୟାର ଜିଏମ୍ ପୀତାମ୍ବର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ଆୟୋଜକ କମିଟିର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ। ଏତତ୍ ବ୍ୟତୀତ ପ୍ରଶାସନ ବିଭାଗର ପ୍ରବନ୍ଧକ ଭୋଜରାଜ୍ ଦାସ ସାଜସଜ୍ଜା ଓ ଉତ୍ତମ ଖାଦ୍ୟପେୟ ଯୋଗାଇ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ଅନ୍ୟତମ ଅତିଥି ଭାବେ ସିଆରପିଏଫ୍ ଚତୁର୍ଥ ବାଟାଲିୟନ କମାଣ୍ଡାନ୍ଟ ଫିରୋଜ୍ କୁଜରୁ, ଏଲ୍ଟି କମାଣ୍ଡାନ୍ଟ ସଂଜୟ ରାଉତଙ୍କ ସମେତ ଦୋରାଗୁଡ଼ା ଥାନା ଅଧିକାରୀ କିରଣ ବାଳା ସାମଲ, ରିଜର୍ଭ ପୁଲିସ ଇନ୍ସପେକ୍ଟର କବିବର ଦେହୁରିଙ୍କ ସମେତ ଉତ୍କଳ ଆଲୁମିନା ଓ ଆଦିତ୍ୟ ରିଫାଇନେରୀର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କୋଣ୍ଡାରେଡି ସମ୍ପ୍ରଦାୟର ବିଶାଳ ଜନସମାବେଶ

ମାଲକାନଗିରି,୧୫ ।୨(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ପପଲୁର ଠାରେ କୋଣ୍ଡାରେଡି ସମ୍ପ୍ରଦାୟ ପକ୍ଷରୁ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। କୋଣ୍ଡାରେଡି ସମାଜର ସଭାପତି ରାମା ରାଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ବଳଭଦ୍ର ମାଝି, ସମ୍ମାନିତ ଅତିଥି ଭାବେ ବିଧାୟକ ନରସିଂହ ମାଡକାମି, ଅନାୟତମ ଅତିଥି ଭାବେ ପୂର୍ବତନ ସାଂସଦ ମୁରଲିଧର ଜେନା, ସମାଜର ସମ୍ପାଦକ ପି ଶ୍ରୀଗୁରୁ, ଆଦିବାସୀ ସଂଘ ସଭାପତି ବାଲରାଜୁ ଗେମେଲ, କାର୍ଯ୍ୟକାରି ସଭାପତି କୋଟେ ପଟ୍ଟୁର, ଜିଲ୍ଲା ଭାଜପା ସଭାପତି ପ୍ରମୁଖ ମଞ୍ଚାସୀନ ଥିଲେ। ବର୍ଷ ବର୍ଷ ଧରି ଏହି କୋଣ୍ଡାରେଡି ସମାଜ ଆଦିବାସୀ ମାନ୍ୟତା ପାଇଁ ସଂଘର୍ଷ କରି ଆସୁଥିବା ବେଳେ ବିଗତ ବର୍ଷ ଫେବୃଆରି ୧୪ ତାରିଖରେ ଏମାନଙ୍କୁ ସରକାର ଆଦିବାସୀ ମାନ୍ୟତା ଦେଇଥିଲେ। ଯାହାକୁ ନେଇ ସେମାନେ ଖୁସି ବ୍ୟକ୍ତ କରିବା ସହ




## ଆଦିବାସୀ ମାନ୍ୟତାର ବର୍ଷ ପୂର୍ତ୍ତି ଉତ୍ସବ

ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ସାଂସଦ ଶ୍ରୀ ମାଝି ପ୍ରକାଶ କରିଥିଲେ ଯେ, ଆଗାମୀ ଦିନରେ ଏହି ସମ୍ପ୍ରଦାୟକୁ ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଯୋଜନା ଉପଲବ୍ଧ କରାଯାଇଛି। ଆଗକୁ ମଧ୍ୟ ଅନ୍ୟ ସମସ୍ତ ଯୋଜନା ଯୋଗାଇ ଦିଆଯିବ। ସେ ନିଜେ ଏହି ମାନ୍ୟତା ପାଇଁ ଗତ ୧୦ ବର୍ଷ ଧରି କେନ୍ଦ୍ର ସରକାରଙ୍କ ସଂଖ୍ୟା ଲଘୁ ମନ୍ତ୍ରାଳୟ ଓ ଆଦିବାସୀ ମନ୍ତ୍ରାଳୟ ନିକଟରେ ବାରମ୍ବାର ଦାବି ଉପସ୍ଥାପନ କରିଥିଲେ। ସରକାର ଏହି ଦବୀୟାର ବାସ୍ତବତାକୁ ବୁଝି ଦାବି ପୁରାଣ କରିଥିଲେ ବୋଲି ଶ୍ରୀ ମାଝି ପ୍ରକାଶ କରିଛନ୍ତି। ତେବେ ପ୍ରକାଶ ଥାଉକି ଜିଲ୍ଲାର ଦୁର୍ଗମ ଏବଂ ଉପାନ୍ତ ଅଞ୍ଚଳ ଭାବେ ଏହି ପପୁଲୁର ଏବଂ କୁର୍ମାନୁର ଗଣତି ହେଉଥିବା ବେଳେ ଏଠାରେ ନକ୍ସଲଙ୍କ ରାଜ ମଧ୍ୟ ଥିଲା। ମୌଳିକ ସୁବିଧା ଏମାନଙ୍କ ପାଇଁ ସାତ ସପନ ଥିବା ବେଳେ ବିଗତ କିଛି ବର୍ଷ ହେବ ଏହି ଗ୍ରାମକୁ ବିକାଶର ଗାଡି ପହଞ୍ଚିଛି। ଅଞ୍ଚଳରେ ବିକାଶ ଆସୁଥିବା ସହ ଏହି ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ମିଳିବ ପରେ ଅଞ୍ଚଳରେ ଖୁଶିର ଲହରୀ ଖେଳିଛି। ଆଗାମୀ ଦିନରେ ଅଞ୍ଚଳରେ ଥିବା ଅନ୍ୟାନ୍ୟ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯାଇବ ବୋଲି ଉପସ୍ଥିତ ଅତିଥି ମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ କୋଣ୍ଡାରେଡି ସମାଜର ସଭା ଗୃହକୁ ଅତିଥି ମାନେ ଉଦ୍‌ଘାଟନ କରିବା ପରେ ଆଦିବାସୀ ପତାକାର ଉତ୍ତୋଳନ କରଯାଇଥିଲା। ପରେ ସ୍ଥାନୀୟ ବିଦ୍ୟାଳୟରେ ସଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ପ୍ରାୟ ୫ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା।

● ସ୍କୁଲରେ ବିଭିନ୍ନ ସମସ୍ୟା

# ୬ ବର୍ଷ ହେଲା ୧୦୦ ଛାତ୍ରୀଙ୍କୁ ମିଳୁନି ଚାଉଳ

ପୋଡ଼ାଗଡ଼,୧୫।୨(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଗିରିଲିଗୁମ୍ମା ପଞ୍ଚାୟତ ମୋହକୁମା ଠାରେ ରହିଛି ସୁବାଷ ବୋଷ ସରକାରୀ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଏଠାରେ ବାଳବାଟିକା ଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅଛି। ଏହି ସ୍କୁଲରେ ମୋଟ ୩୧୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୧୦୦ ଜଣ ଛାତ୍ରୀ ହଷ୍ଟେଲରେ ରହି ପାଠ ପଢ଼ିବା ସୁବିଧା ରହିଛି। କିନ୍ତୁ ସ୍କୁଲ ଓ ହଷ୍ଟେଲ ଛାତ୍ରୀ ପାଇଁ ବିଭିନ୍ନ ସମସ୍ୟା ରହିଥିବା ଦେଖିବାକୁ ମିଳିଛି। ବିଶେଷ କରି ଛାତ୍ରଛାତ୍ରୀମାନେ ବସି ମଧ୍ୟାହ୍ନ ଭୋଜନ ଖାଇବା ଲାଗି କୌଣସି ସୁବିଧା ନାହିଁ। ବସି ଖାଇବା ପାଇଁ ସଫାସୁତୁରା ଘର ନ ଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ, ଅଳିଆ ଆବର୍ଜନା ସ୍ଥାନ ଏବଂ ଗଛ ତଳେ ବସି ଖାଉଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଆମେ ଛାତ୍ରଛାତ୍ରୀ ମାନଙ୍କୁ ଏଭଳି ଅଳିଆ ଥିବା ସ୍ଥାନରେ କାହିଁକି ବସି ଖାଉଛ ବୋଲି ପଚାରି ବୁଝିବାରୁ ଭଲ ଜାଗା ନ ଥିଲେ କେଉଁଠି ବସି ଖାଇବୁ ବୋଲି କହିଥିଲେ। କେବଳ ମଧ୍ୟାହ୍ନଭୋଜନ ନୁହେଁ, ଏଠାରେ ରହୁଥିବା ଅନ୍ତେବାସୀ ଛାତ୍ରୀମାନେ ମଧ୍ୟ ବସି ଖାଇବା ସୁବିଧା ସ୍ଥାନ ନ ଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା କୁହାଯାଇଛି। ବିଶେଷ କରି ଖରାଦିନରେ ଯେମିତି ସେମିତି ବସି ଖାଇ ଦେଉଛୁ, କିନ୍ତୁ ବର୍ଷା ଦିନେ ଆମେ ବହୁତ ଅସୁବିଧା ଭୋଗିବାକୁ ପଡୁଛି ବୋଲି ଛାତ୍ରୀ ମାନେ କହିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ନିରାକାର ଖଟୁଆଙ୍କୁ ଯୋଗାଯୋଗ କରାଯିବାରେ ସେ କହିଥିଲେ ଯେ, ସ୍କୁଲ୍ ସମସ୍ୟାକୁ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରା ଯାଉଛି। କିନ୍ତୁ ସମସ୍ୟାର ସମାଧାନ ନ ହେଲେ ଆମେ କ'ଣ କରିବୁ ବୋଲି କହିଛନ୍ତି। ପୁଣି ସେ କହିଛନ୍ତି ଯେ, ବିଦ୍ୟାଳୟରେ ଛାତ୍ରୀ ମାନଙ୍କ ପାଇଁ ୬ ବର୍ଷ ହେଲା ଚାଉଳ ମିଳୁନି। ପିଲାଙ୍କ ପାଇଁ ସରକାର ଯୋଗାଉ ଥିବା ମାସିକ ଟଙ୍କାରେ ହିଁ ଚାଉଳ, ପନିପରିବା ଏବଂ କସମେଟିକ୍ ସାମାନ କିଣି ଦେବାକୁ ପଡୁଛି। ସେହି ଟଙ୍କାରେ ଚାଉଳ କିଣା ଯାଉଛି ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି। ସୂଚନା ମୁତାବକ, ସୁବାଷ ବୋଷ ଅନ୍ତେବାସୀ ହଷ୍ଟେଲ ଛାତ୍ରୀ ମାନଙ୍କ ପାଇଁ ସରକାର ପ୍ରତିଦିନ ଜଣ ପିଛା ୬୬ ଟଙ୍କା ଦେଉଛନ୍ତି। ମାସକୁ ଜଣେ ଛାତ୍ରୀ ପାଇଁ ୧୯୮୦ ଟଙ୍କା ଆସୁଥିବା ବେଳେ ୧୦୦ ଛାତ୍ରୀ ପାଇଁ ୧ ଲକ୍ଷ ୯୮ ହଜାର ଟଙ୍କା ଆସୁଛି। ପରିତାପର ବିଷୟ ଯେ, ଉକ୍ତ ଟଙ୍କାରୁ ଚାଉଳ କିଣା ଯାଉଛି କହି ବିଭିନ୍ନ ସମୟରେ ଛାତ୍ରୀଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉ ଥିବା କେତେକ ଛାତ୍ରୀ କହିଛନ୍ତି। ଗତ ଗୁରୁବାର ଦିନ ଏହି ବିଦ୍ୟାଳୟରେ ଉପସ୍ଥାନ ଖାତାରେ ୧୮୭ ପିଲାଙ୍କ ଉପସ୍ଥାନ ପଡିଥିବା ପ୍ରଧାନ ଶିକ୍ଷକ ଶ୍ରୀ ଖଟୁଆ କହିଥିଲେ। ତେବେ ବିଭିନ୍ନ ସମୟରେ ପ୍ରଧାନ ଶିକ୍ଷକ ପିଲାଙ୍କ ମିଥ୍ୟା ଉପସ୍ଥାନ ପକାଉଥିବା ଅଭିଯୋଗ ହେଉଛି। କିନ୍ତୁ କୌଣସି ଶିକ୍ଷା ଅଧିକାରୀ ମାନେ ନିୟମିତ ଭାବେ ଖାଦ୍ୟ ତଦାରଖ କରୁନ ଥିବା ଗ୍ରାମବାସୀ କହିଛନ୍ତି। ଏଥିରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମନ୍ମଥ ମାଣ୍ଡାଙ୍ଗିଙ୍କୁ ଯୋଗା ଯୋଗ କରାଯାଇଥିଲା। କିନ୍ତୁ ସେ ଫୋନ୍ ନ ଉଠାଇବାରୁ ପ୍ରତିକ୍ରିୟା ମିଳିପାରିନାହିଁ।








ସକାଳ THE SAKALA
www.sakalaepaper.com


# ତାରିକଙ୍କ ଶପଥ ଉତ୍ସବକୁ ଯିବେ ଲୋକସଭା ବାଚସ୍ପତି ଓମ୍ ବିର୍ଲା



ନୂଆଦିଲ୍ଲୀ,୧୫ ।୨(ଏଜେନ୍ସି): ବାଂଲାଦେଶ ନେସନାଲ ପାର୍ଟି (ଏନ୍‌ସିପି)ର ଅଧକ୍ଷ ତାରିକ ରେହମାନ ଆସନ୍ତା ଫେବୃଆରୀ ୧୭ ତାରିଖରେ ଦେଶର ନୂଆ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ପରମ୍ପରାକୁ ଭାଙ୍ଗି ଏହି ଉତ୍ସବ ରାଷ୍ଟ୍ରପତି ଭବନ ପରିବର୍ତ୍ତେ ଢାକାସ୍ଥିତ ଜାତୀୟ ସଂସଦ ଭବନର ଦକ୍ଷିଣ ପ୍ଲାଜାରେ ଅନୁଷ୍ଠିତ ହେବ। ଏହି ସମାରୋହରେ ଯୋଗ ଦେବା ପାଇଁ ଢାକା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଅନେକ ଆଞ୍ଚଳିକ ନେତାଙ୍କୁ ନିମନ୍ତ୍ରଣ କରାଯାଇଛି। ଶନିବାର ବିଳମ୍ବିତ ରାତିରେ ଭାରତକୁ ଏହି ନିମନ୍ତ୍ରଣ ପଠାଯାଇଛି। ଫେବୃଆରୀ ୧୭ରେ ପ୍ରଧାମନମନ୍ତ୍ରୀ ମୋଦୀ ମୁମ୍ବଇରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କ ସହ ଏକ ଦ୍ୱିପାକ୍ଷିକ ବୈଠକରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ତେଣୁ ସେ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇପାରିବେ ନାହିଁ ବୋଲି କୁହାଯାଇଛି। ଏପରି ସ୍ଥଳେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଓ ବୈଦେଶିକ ସଚିବ ବିକ୍ରମ ମିଶ୍ରି ଏହି ଶପଥ ଗ୍ରହଣ ଉତ୍ସବରେ ଭାରତର ପ୍ରତିନିଧିତ୍ୱ କରିବେ। ପୂର୍ବରୁ ବିଏନ୍‌ପିର ବିଜୟରେ ମୋଦୀ ବାଂଲାଦେଶର ଭାବି ପ୍ରଧାନମନ୍ତ୍ରୀ ତାରିକ ରେହମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରୋନ ଫେବୃଆରୀ ୧୨ରେ ଭାରତ ଗସ୍ତରେ ଆସୁଛନ୍ତି। ୧୭ ତାରିଖରେ ମୁମ୍ବଇରେ ପ୍ରଧାନମନ୍ତ୍ରୀ ମୋଦୀ ଓ ମାକ୍ରୋନଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ସହ କେତୋଟି ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି।


# ମୁନୀରଙ୍କୁ ଅଟକାଇଲେ ସୁରକ୍ଷା ଅଧିକାରୀ



ମ୍ୟୁନିକ୍,୧୫ ।୨(ଏଜେନ୍ସି): ଜର୍ମାନୀର ମ୍ୟୁନିକ୍‌ରେ ଚାଲିଥିବା ସୁରକ୍ଷା ସମ୍ମିଳନୀରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ପାକିସ୍ତାନର ସେନା ମୁଖ୍ୟ ଫିଲ୍ଡ ମାର୍ଶାଲ ଅସୀମ ମୁନୀରଙ୍କୁ ପ୍ରବେଶ ସମୟରେ ଜଣେ ସୁରକ୍ଷା ଅଧିକାରୀ ଅଟକାଇ ତାଙ୍କର ପରିଚୟପତ୍ର ସଠିକ୍ ଭାବେ ଦେଖାଇବାକୁ କହିଥିଲେ। ଏହି ଘଟଣାର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅସୀମ ମୁନୀର ନିଜର ପ୍ରତିନିଧି ଦଳ ସହ ସମ୍ମିଳନୀରେ ଯୋଗ ଦେବାକୁ ପହଞ୍ଚିଥିଲେ। ପ୍ରବେଶ ଦ୍ୱାରରେ ମୁତୟନ ଥିବା ଜଣେ ସୁରକ୍ଷା ଅଧିକାରୀ ଦେଖିଲେ ଯେ, ମୁନୀରଙ୍କ ପରିଚୟ ପତ୍ରରେ ତାଙ୍କ ନାମ ସଠିକ୍ ଭାବେ ଦୃଶ୍ୟମାନ ହେଉନାହିଁ। ଭାଇରାଲ ଭିଡ଼ିଓରେ ଅଧିକାରୀ ଜଣକ ନିଜ ବ୍ୟାଚ୍ ଆଡକୁ ଇସାରା କରି ମୁନୀରଙ୍କୁ କହୁଛନ୍ତି, ଆପଣ ନିଜର ଆଇଡି ସାମ୍ନା ପଟକୁ କରିଦିଅନ୍ତୁ। ଅବଶ୍ୟ ଏହି ଭିଡ଼ିଓରେ କୌଣସି ପ୍ରକାର ଯୁକ୍ତିତର୍କ କିମ୍ବା ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମିଳିନାହିଁ। ଏହି ସମୟରେ ଜର୍ମାନୀରେ ଥିବା ସିନ୍ଧି ରାଜନୈତିକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମୁନୀରଙ୍କ ଗସ୍ତକୁ ବିରୋଧ କରାଯାଇଥିଲା। ପାକିସ୍ତାନରେ ମାନବାଧିକାର ଉଲ୍ଲଂଘନ ପ୍ରସଙ୍ଗ ଉଠାଇବା ସହ ଫିଲ୍ଡ ମାର୍ଶାଲଙ୍କ ଉପସ୍ଥିତିକୁ ନେଇ ଆପତ୍ତି ପ୍ରକାଶ କରାଯାଇଥିଲା।

## ସନ୍ଦେହଜନକ ଥିଲା ଏପଷ୍ଟିନଙ୍କ ମୃତ୍ୟୁ

# ଆତ୍ମହତ୍ୟା ନୁହେଁ; ହତ୍ୟା



ୱାସିଂଟନ,୧୫ ।୨(ଏଜେନ୍ସି): ୨୦୧୯ରେ ନ୍ୟୁୟର୍କ ଜେଲ୍‌ରେ କୁଖ୍ୟାତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନଙ୍କ ମୃତ୍ୟୁକୁ ନେଇ ପୁଣିଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ସେ ଆତ୍ମହତ୍ୟା କରିନାହାନ୍ତି ଓ ତାଙ୍କର ତଣ୍ଟି ଚିପି ହତ୍ୟା କରାଯାଇଛି ବୋଲି ଦାବି କରାଯାଇଛି। ତାଙ୍କ ଶବ ବ୍ୟବଚ୍ଛେଦ ସମୟରେ ଉପସ୍ଥିତ ଥିବା ଫୋରେନସିକ ବିଶେଷଜ୍ଞ ଡାକ୍ତର ମାଇକେଲ ବ୍ୟାଡ଼େନ ଏହି ଦାବି କରିଛନ୍ତି। 'ଦି ଟେଲିଗ୍ରାଫ୍'କୁ ଦେଇଥିବା ସାକ୍ଷାତକାରରେ ସେ କହିଛନ୍ତି ଯେ, ଏହି ମାମଲାର ପୁନଃ ତଦନ୍ତ ହେବା ଆବଶ୍ୟକ। ସରକାରୀ ମେଡିକାଲ ପରୀକ୍ଷାରେ ଏହାକୁ ଆତ୍ମହତ୍ୟା ବୋଲି କୁହାଯାଇଥିଲେ ମଧ୍ୟ ଡାକ୍ତର ବ୍ୟାଡ଼େନଙ୍କ ଅନୁସାରେ ତଥ୍ୟଗୁଡ଼ିକ ହତ୍ୟା ଆଡ଼କୁ ଇସାରା କରୁଛି। ତାଙ୍କ ବେକରେ ୩ଟି ହାଡ଼ ଭାଙ୍ଗିବା ଅସ୍ୱାଭାବିକ ମନେ ହେଉଛି। ବ୍ୟାଡେନ କହିଛନ୍ତି ଯେ ତାଙ୍କର ୫୦ ବର୍ଷର ଅଭିଜ୍ଞତା ମଧ୍ୟରେ ସେ ଆତ୍ମହତ୍ୟା କରିଥିବା କୌଣସି ବ୍ୟକ୍ତିଙ୍କ କ୍ଷେତ୍ରରେ ଏପରି ୩ଟି ହାଡ଼ ଭାଙ୍ଗିଥିବା ଦେଖିନାହାନ୍ତି। ଏଭଳି ଆଘାତ କେବଳ ତଣ୍ଟିଚିପି ହତ୍ୟା କରିବା ସମୟରେ ହୋଇଥାଏ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଏହି ମାମଲାରେ ଚକିତ କଲା ଭଳି ଅନ୍ୟାନ ତଥ୍ୟ ମଧ ମିଳିଛି। ଆମେରିକା ନ୍ୟାୟ ବିଭାଗର ନୂଆ ଦସ୍ତାବିଜ୍‌ରୁ ଜଣାପଡ଼ିଛି ଯେ, ଏପଷ୍ଟିନଙ୍କ ମୃତ୍ୟୁର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ୨୦୧୯ ଅଗଷ୍ଟ ୯ରେ ହିଁ ତାଙ୍କ ମୃତ୍ୟୁ ସମ୍ପର୍କିତ ଆଧିକାରିକ ବୟାନର ଡ୍ରାଫ୍ଟ ପ୍ରସ୍ତୁତ ହୋଇସାରିଥିଲା। ଜେଲ୍‌ର ଅଧିକାରୀମାନେ ଅନେକ ଘଣ୍ଟା ପର୍ଯ୍ୟନ୍ତ ଏପଷ୍ଟିନଙ୍କ ଉପରେ ନଜର ରଖିନଥିଲେ, ଯଦିଓ ୩୦ ମିନିଟ ପର୍ଯ୍ୟନ୍ତ ଯାଞ୍ଚ୍ କରିବା ଅନିବାର୍ଯ୍ୟ ଥିଲା। ପୁଣି ଘଟଣା ସମୟରେ ଜେଲ୍‌ର କିଛି ସିସିଟିଭି କ୍ୟାମେରା କାମ କରୁନଥିଲା। ଆମେରିକୀୟ କଂଗ୍ରେସର ସଦସ୍ୟ ଲରେନ୍ ବୋବର୍ଟ କହିଛନ୍ତି ଯେ, ଏହି ମାମଲାର କିଛି ଦସ୍ତାବିଜରେ 'କ୍ୟାନିବାଲ ରେସ୍ତୁରାଁ' (ମଣିଷ ମାଂସ ଖିଆଯାଉଥିବା ସ୍ଥାନ) ଭଳି ଭୟଙ୍କର ଶବ୍ଦର ବ୍ୟବହାର କରାଯାଇଛି। ତେଣୁ ଏପିଷ୍ଟିନଙ୍କ ମୃତ୍ୟୁ ମାମଲାରେ ପୁଣି ଥରେ ପୁଙ୍ଖାନୁପୁଙ୍ଖ ଯାଞ୍ଚର ଆବଶ୍ୟକତା ରହିଛି। ଏପଷ୍ଟିନ ଫାଇଲକୁ ଆମେରିକା ନ୍ୟାୟ ବିଭାଗ ସାର୍ବଜୀନନ କରିବା ପରେ ସାରା ବିଶ୍ୱରେ ହଇଚଇ ସୃଷ୍ଟି ହୋଇଛି। କେତେକ ବିଶିଷ୍ଟ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନାମ ଏହି ଫାଇଲ୍‌ରେ ଆସିବା ପରେ ସେମାନେ ଅଡୁଆରେ ପଡ଼ିଛନ୍ତି।

## ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

# ମାର୍ଚ୍ଚ ୯ରେ ବିତର୍କ ଓ ଭୋଟିଂ

ନୂଆଦିଲ୍ଲୀ,୧୫ ।୨(ଏଜେନ୍ସି): ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ହଟାଇବା ପାଇଁ ବିରୋଧୀ ଦଳ ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଅଣାଯାଇଛି। ଆସନ୍ତା ମାର୍ଚ୍ଚ ୯ରେ ଏହି ପ୍ରସଙ୍ଗରେ ବିତର୍କ ଓ ଭୋଟିଂ ହେବ ବୋଲି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ରବିବାର ସୂଚନା ଦେଇଛନ୍ତି। ରିଜିଜୁ କହିଛନ୍ତି ଯେ, ଏହି ଅଧିବେଶନ ବେଶ୍ ଆକର୍ଷଣୀୟ ହେବ, କାରଣ ଅନେକ ଜରୁରୀକାଳୀନ ଆଇନ୍ ଓ କିଛି ଗୁରୁତ୍ୱପୂର୍ଣ୍ଣ ବିଲ ସଂସଦରେ ପାରିତ ହେବା ପାଇଁ ଆଗତ କରାଯିବ। ଯଦି ବିରୋଧୀ ଦଳଗୁଡ଼ିକ ଅଧିବେଶନ ପୂର୍ବରୁ ନିଜର ବିରୋଧ ପ୍ରଦର୍ଶନ ଜାରି ରଖନ୍ତି, ତେବେ ଏହା ସେମାନଙ୍କ ପାଇଁ କ୍ଷତିକାରକ ହେବ। ନିୟମ ଅନୁଯାୟୀ ପ୍ରଥମ ଦିନରେ ହିଁ ବାଚସ୍ପତିଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ହେବ ଓ ପରେ ଭୋଟିଂ ହେବ। ଏଥିସହ ସେ ଗିଲୋଟିନର ଚେତାବନୀ ମଧ ଦେଇଛନ୍ତି। ଯଦି ବିରୋଧୀ ଗୃହ କାର୍ଯ୍ୟ ଚଳାଇବାକୁ ନ ଦିଅନ୍ତି, ତେବେ ଆମେ ଗିଲୋଟିନ୍ (ବିନା ଆଲୋଚନାରେ ବିଲ୍ ପାସ୍ କରିବା ପ୍ରକ୍ରିୟା) ପାଇଁ ଯିବୁ। ସେ ସୂଚନା ଦେଇଛନ୍ତି ଯେ, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବାଚସ୍ପତିଙ୍କ ବିରୋଧରେ ଆଗତ ଏହି ଅନାସ୍ଥା ପ୍ରସ୍ତାବରେ ସ୍ୱାକ୍ଷର କରିନାହିଁ। ଅନେକ ଛୋଟ ଦଳ ଗୃହ କାର୍ଯ୍ୟ ବନ୍ଦ କରିବା ସପକ୍ଷରେ ନାହାନ୍ତି। ଉଲ୍ଲେଖଥାଉ କି ଫେବୃଆରୀ ୨ରୁ ବଜେଟ ଅଧିବେଶନର ପ୍ରଥମ ଭାଗ ହଟଗୋଳ ଯୋଗୁଁ ବାଧାପ୍ରାପ୍ତ ହୋଇଥିଲା। ବିଶୃଙ୍ଖଳ ଆଚରଣ ପାଇଁ ୮ ଜଣ ବିରୋଧୀ ଦଳ ସଦସ୍ୟଙ୍କୁ ବଜେଟ ଅଧିବେଶନର ବାକି ସମୟ ପାଇଁ ନିଲମ୍ବିତ କରାଯାଇଥିଲା। ବିରୋଧୀ ଦଳଗୁଡ଼ିକ ବାଚସ୍ପତିଙ୍କ ଉପରେ ପାତରଅନ୍ତର ଆଚରଣ ଅଭିଯୋଗ ଆଣିବା ପରେ ଓମ ବିର୍ଲା ବର୍ତ୍ତମାନ ପାଇଁ ଗୃହ ପରିଚାଳନାରୁ ନିଜକୁ ଦୂରେଇ ରଖିଛନ୍ତି।

# ଆମେରିକା ସହ ପରମାଣୁ ଚୁକ୍ତି ପାଇଁ ଇରାନ ପ୍ରସ୍ତୁତ



ଟ୍ରମ୍ପ କଟକଣା ହଟାଇଲେ ଚୁକ୍ତି ସମ୍ଭବ ବୋଲି କହିଲେ ଉପ- ବୈଦେଶିକ ମନ୍ତ୍ରୀ

ୱାସିଂଟନ/ତେହେରାନ,୧୫ ।୨(ଏଜେନ୍ସି): ଆମେରିକା ସହ ପରମାଣୁ ଚୁକ୍ତିକୁ ନେଇ ଇରାନ ପୁଣିଥରେ ଆଲୋଚନା ପାଇଁ ଇଚ୍ଛା ପ୍ରକାଶ କରିଛି। ଇରାନ ଉପ-ବୈଦେଶିକ ମନ୍ତ୍ରୀ ମଜିଦ ତଖ୍ତ-ରୱାଞ୍ଚି ବିବିସିକୁ ଦେଇଥିବା ସାକ୍ଷାତକାରରେ କହିଛନ୍ତି ଯେ, ଯଦି ଆମେରିକା କଟକଣା ହଟାଇବା ବିଷୟରେ ଆଲୋଚନା ପାଇଁ ପ୍ରସ୍ତୁତ, ତେବେ ଇରାନ ପରମାଣୁ କାର୍ଯ୍ୟକ୍ରମ ସହିତ ଜଡ଼ିତ ଅନେକ ପ୍ରସଙ୍ଗରେ ବୁଝାମଣା କରିବାକୁ ରାଜି ଅଛି। ଆସନ୍ତା ମଙ୍ଗଳବାର ଦିନ ଜେନେଭାଠାରେ ଦୁଇ ଦେଶ ମଧ୍ୟରେ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ହେବ। ଅନ୍ୟପଟେ ଆମେରିକା ପକ୍ଷରୁ ବାରମ୍ବାର କୁହାଯାଇଛି ଯେ, ପରମାଣୁ ଆଲୋଚନା ଅଟକିବା ପଛରେ ଇରାନ ହିଁ ଦାୟୀ। ତେବେ ବାଲିଷ୍ଟିକ ମିସାଇଲ ପ୍ରକଳ୍ପ ଉପରେ ଆମେରିକା ସହ କୌଣସି ଆଲୋଚନା ହେବନାହିଁ ବୋଲି ରୱାଞ୍ଚି କହିଛନ୍ତି। ସେ କହିଛନ୍ତି ଯେ, ଯେତେବେଳେ ଇସ୍ରାଏଲ ଓ ଆମେରିକା ଆମ ଉପରେ ଆକ୍ରମଣ କରିଥିଲେ, ସେତେବେଳେ ଏହି ମିସାଇଲଗୁଡ଼ିକ ହିଁ ଆମକୁ ରକ୍ଷା କରିଥିଲା। ଆମେ ଆମର ପ୍ରତିରକ୍ଷା କ୍ଷମତା କିପରି ଛାଡ଼ି ପାରିବୁ ବୋଲି ସେ ପ୍ରଶ୍ନ କରିଛନ୍ତି। ସେପଟେ ପରମାଣୁ ଅସ୍ତ୍ର ତିଆରିକୁ ରୋକିବା ପାଇଁ ହେବାକୁ ଥିବା ଏହି ଆଲୋଚନାରେ ଇରାନ ଏକ ନୂଆ ପ୍ରସ୍ତାବ ଦେଇଛି। ରୱାଞ୍ଚିଙ୍କ ଅନୁଯାୟୀ, ଇରାନ ୬୦ ପ୍ରତିଶତ ପର୍ଯ୍ୟନ୍ତ ସମ୍ବର୍ଦ୍ଧିତ ୟୁରାନିୟମ ଭଣ୍ଡାରକୁ କମାଇବାକୁ ପ୍ରସ୍ତୁତ ଅଛି।

ସୂଚନାଯୋଗ୍ୟ ଯେ, ୬୦ ପ୍ରତିଶତ ସମ୍ବର୍ଦ୍ଧିତ ୟୁରାନିୟମକୁ 'ୱେପନ ଗ୍ରେଡ୍' ବା ଅସ୍ତ୍ର ତିଆରି ପାଇଁ ଉପଯୁକ୍ତସ୍ତରର ନିକଟତର ବୋଲି ଧରାଯାଏ। ଅପରପକ୍ଷରେ ଆମେରିକାର ବିଶେଷ ଦୂତ ଷ୍ଟିଭ ୱିଟ୍‌କଫ୍ ଚୁକ୍ତି ପାଇଁ କେତୋଟି ସର୍ତ୍ତ ରଖିଛନ୍ତି। ସେଗୁଡ଼ିକ ହେଲା, ୟୁରାନିୟମ ସମ୍ବର୍ଦ୍ଧନା ଉପରେ ସମ୍ପୂର୍ଣ୍ଣ କଟକଣା। ପୂର୍ବରୁ ଗଚ୍ଛିତ ଥିବା ସମ୍ବର୍ଦ୍ଧିତ ୟୁରାନିୟମକୁ ହଟାଇବା। ଦୂରଗାମୀ କ୍ଷେପଣାସ୍ତ୍ର ସଂଖ୍ୟା ସୀମିତ ରଖିବା। ଆଞ୍ଚଳିକ ପ୍ରକ୍ସି ଫୋର୍ସଗୁଡ଼ିକୁ ସହାୟତା ବନ୍ଦ କରିବା। ଇତିମଧ୍ୟରେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢୁଥିବା ବେଳେ ଆମେରିକା ନିଜର ସବୁଠାରୁ ବଡ଼ ଏୟାରକ୍ରାଫ୍ଟ କ୍ୟାରିୟର ସେଠାକୁ ପଠାଇଛି ଓ ଇରାନ ଉପରେ ଚାପ ପ୍ରୟୋଗ କରିବାକୁ ଚେଷ୍ଟା କରୁଛି।

# ଆମେରିକାରେ ନିଖୋଜ ଭାରତୀୟ ଛାତ୍ରଙ୍କ ମୃତଦେହ ଉଦ୍ଧାର



ସାନ ଫ୍ରାନ୍ସିସ୍କୋ,୧୫ ।୨(ଏଜେନ୍ସି): ଆମେରିକାର ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆର ୨୨ ବର୍ଷୀୟ ଭାରତୀୟ ଛାତ୍ର ସାକେତ ଶ୍ରୀନିବାସୈୟାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ଗତ ୬ ଦିନ ହେବ ଅର୍ଥାତ ଫେବୃଆରୀ ୯ରୁ ନିଖୋଜ ଥିଲେ। ସାନ ଫ୍ରାନ୍ସିସ୍କୋସ୍ଥିତ ଭାରତୀୟ ଦୂତାବାସ ରବିବାର ଏହି ସୂଚନାକୁ ନିଶ୍ଚିତ କରିଛି। ଦୂତାବାସ ପକ୍ଷରୁ ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି କୁହାଯାଇଛି ଯେ, ସ୍ଥାନୀୟ ପୁଲିସ ନିଖୋଜ ଛାତ୍ରଙ୍କ ମୃତଦେହ ମିଳିଥିବା ସୂଚନା ଦେଇଛି। ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହ ଦୂତାବାସ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛି। ମୃତଦେହକୁ ଭାରତ ପଠାଇବା ପାଇଁ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରକ୍ଷା କରାଯାଉଥିବା ଦୂତାବାସ ଜଣାଇଛି। ମୃତ ସାକେତଙ୍କୁ ଶେଷଥର ପାଇଁ ବର୍କଲେ ହିଲ୍ସସ୍ଥିତ ଲେକ୍ ଏଞ୍ଜା ନିକଟରେ ଦେଖିବାକୁ ମିଳିଥିଲା। ଏକ ଘରର ଦ୍ୱାର ନିକଟରୁ ତାଙ୍କ ବ୍ୟାଗ୍ ମିଳିଥିଲା। ଏଥିରେ ତାଙ୍କ ପାସପୋର୍ଟ ଓ ଲାପ୍‌ଟପ୍ ରହିଥିଲା। ସାକେତ କର୍ଣ୍ଣାଟକର ବାସିନ୍ଦା ଥିଲେ। ସେ ଆଇଆଇଟି ମାଡ୍ରାସରୁ କେମିକାଲ ଇଞ୍ଜିନିୟରିଂରେ ବିଟେକ କରିବା ପରେ ବର୍କଲେରେ ମାଷ୍ଟର୍ସ କରୁଥିଲେ। ସାକେତ ନିଖୋଜ ହେବା ପରେ ତାଙ୍କ ରୁମ୍ ମେଟ୍ ବନୀତ ସିଂ ସୋସିଆଲ ମିଡିଆରେ ସୂଚନା ମାଗିଥିଲେ।

# ଭାରତକୁ ମିଳିବାକୁ ଥିବା ୧୧୪ଟି ବିମାନ ମଧ୍ୟରୁ ୨୪ଟି ସୁପର ରାଫେଲ

ନୂଆଦିଲ୍ଲୀ,୧୫ ।୨(ଏଜେନ୍ସି): ଭାରତ ୩.୨୫ ଲକ୍ଷ କୋଟି ଟଙ୍କା ମୂଲ୍ୟର ଚୁକ୍ତି ଫ୍ରାନ୍ସ ସହ କରିବାକୁ ଯାଉଛି। ଏହି ଚୁକ୍ତି ଦ୍ୱାରା ଭାରତକୁ ୧୧୪ଟି ରାଫେଲ ଲଢୁଆ ବିମାନ ମିଳିବ। ଫେବୃଆରୀ ୧୭ରୁ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କ ଭାରତ ଗସ୍ତ ସମୟରେ ଏହି ଚୁକ୍ତି ଉପରେ ଚୂଡାନ୍ତ ମୋହର ବାଜିବ। ଏହି ୧୧୪ଟି ବିମାନ ମଧ୍ୟରୁ ୨୪ଟି ବିମାନ ସୁପର ରାଫେଲ ହେବ। ଏହାକୁ ଫ୍ରାନ୍ସ ବିମାନ ନିର୍ମାତ କମ୍ପାନୀ ଡାସଲ୍ଟ ଆଭିଏସନ ଏଫ୍-୫ ନାମରେ ପସ୍ତୁତ କରିଛି। ଅର୍ଥାତ ଏହି ସୁପର ରାଫେଲ ବିମାନର ନାମ ଏଫ୍-୫ ରଖାଯାଇଛି। ବର୍ତ୍ତମାନ ଭରାତୀୟ ବାୟୁସେନା ପାଖରେ ଏଫ୍-୩ ରାଫେଲ ବିମାନ ରହିଛି। ଏଗୁଡିକ ୪.୫ ଜେନେରେସନ ଅର୍ଥାତ ପିଢ଼ିର। କିନ୍ତୁ ଏହି ନୂଆ ଏଫ୍-୫ ବିମାନଗୁଡ଼ିକ ୫ମ କିମ୍ବା ଷଷ୍ଠ ଜେନେରେସନର ବୋଲି କୁହାଯାଉଛି। ଏହି ବିମାନଗୁଡ଼ିକ ଆମେରିକାର ଏଫ୍-୩୫ ଓ ରୁଷର ସୁଖୋଇ-୫୭ଠାରୁ ମଧ ଅଧିକ ଶକ୍ତିଶାଳୀ। ମିଳିବାକୁ ଥିବା ୧୧୪ଟି ବିମାନରୁ ୧୮ ଟି ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ଆସିବ। ବାକି ୯୬ଟି ଭାରତରେ ତିଆରି ହେବ। ଏଥିରେ ୬୦ ପ୍ରତିଶତ ଯନ୍ତ୍ରାଂଶ ସ୍ୱଦେଶୀ ହେବ। ଏଫ୍-୫ ବିମାନଗୁଡ଼ିକ ୨୦୩୦ ପରେ ମିଳିବ। ଏହି ସୁପର ରାଫେଲ ବିମାନଗୁଡିକରେ ଅତ୍ୟାଧୁନିକ ଷ୍ଟେଲ୍‌ଥ କ୍ଷମତା ଓ ପରମାଣୁ ଅସ୍ତ୍ର ନିକ୍ଷେପ କରିବାର ଶକ୍ତି ରହିବ।



ଏଫ୍-୫ ନାମ ରଖାଯାଇଛି, ୨୦୩୦ ପରେ ମିଳିବ ଡେଲିଭରି

# ରମ୍‌ଜାନ୍ ପୂର୍ବରୁ ଦୁବାଇରେ ପାକିସ୍ତାନୀ ଭିକାରିଙ୍କ ଭିଡ଼

ଦୁବାଇ,୧୫ ।୨(ଏଜେନ୍ସି): ରମଜାନ ମାସ ପୂର୍ବରୁ ଦୁବାଇରେ ବିଦେଶୀ, ବିଶେଷ କରି ପାକିସ୍ତାନ ଭିକାରିଙ୍କ ସଂଖ୍ୟା ବଢୁଥିବାରୁ ପୁଲିସ ଏକ ବଡ଼ ଧରଣର ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନ ସମୟରେ ଜଣେ ଭିକାରି ଧରା ପଡ଼ିଛନ୍ତି, ଯିଏ କି ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ସହ ୩ଟି ବିଳାସପୂର୍ଣ୍ଣ କାର୍‌ର ମାଲିକ। ବ୍ରିଗେଡିୟର ଅଲି ସାଲେମ ଅଲ ସାମିସ୍‌ଙ୍କ ଅନୁସାରେ, ଏହି ଠକମାନେ ଜନସାଧାରଣଙ୍କ ଦୟାର ସୁଯୋଗ ନେଇ ପ୍ରଚୁର ଟଙ୍କା ରୋଜଗାର କରିଥାନ୍ତି। ଚଢ଼ାଉ ସମୟରେ ଜଣେ ଭିକାରିଙ୍କ ସତରଞ୍ଚି ତଳୁ ୨୫,୦୦୦ ଦିରହାମ (ପ୍ରାୟ ୬ ଲକ୍ଷରୁ ଅଧିକ ଟଙ୍କା) ଉଦ୍ଧାର କରାଯାଇଛି। ସେହିଭଳି ଜଣେ ଏସୀୟ ବ୍ୟକ୍ତି ନିଜର ଦୁଇବର୍ଷର ପିଲାକୁ ଧରି ମସଜିଦ ବାହାରେ ଭିକ ମାଗୁଥିବା ବେଳେ ତାଙ୍କ ପାଖରୁ ୫ ଲକ୍ଷ ଟଙ୍କା ମିଳିଛି। ଭିକାରିମାନେ କେତେ ରୋଜଗାର କରନ୍ତି ତାହା ଜାଣିବା ପାଇଁ ଶାରଜା ପୁଲିସ ଏକ ପରୀକ୍ଷଣ କରିଥିଲା। ଏଥିରୁ ଜଣାପଡ଼ିଛି ଯେ, ଜଣେ ଭିକାରି ମାତ୍ର ଏକ ଘଣ୍ଟା ମଧ୍ୟରେ ୯,୦୦୦ ଟଙ୍କା (୩୬୭ ଦିରହାମ) ରୋଜଗାର କରିପାରୁଛି। ପୁଲିସ କହିବା ଅନୁଯାୟୀ, ଗିରଫ ହୋଇଥିବା ଲୋକଙ୍କ ମଧ୍ୟରୁ ୯୦ ପ୍ରତିଶତ ପର୍ଯ୍ୟଟକ ଭିସାରେ ଆସି ଭିକ ମାଗୁଛନ୍ତି। ଦୁବାଇରେ ଭିକ୍ଷାବୃତ୍ତି ବିରୋଧରେ କଠୋର ଆଇନ୍ ଲାଗୁ ହୋଇଛି। ଧରାପଡ଼ିଲେ ୫,୦୦୦ ଦିରହାମ ଓ ୩ ମାସ ଜେଲର ବ୍ୟବସ୍ଥା ରହିଛି। ସେହିପରି ବିଦେଶରୁ ଭିକାରି ଆଣୁଥିବା ଲୋକଙ୍କୁ ଅତିକମ୍‌ରେ ୬ ମାସ ଜେଲ ଓ ଏକ ଲକ୍ଷ ଦିରହାମରୁ ଅଧିକ ଜରିମାନା ଦେବାକୁ ପଡ଼ିଥାଏ।



ଜଣଙ୍କ ପାଖରେ ଅଛି ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି, ୩ଟି ଦାମୀ କାର୍

ଘଣ୍ଟାକୁ ହଜାର ହଜାର ଟଙ୍କା ରୋଜଗାର

# କଶ୍ମୀରରେ ୮୦୦୦ ନକଲି ବ୍ୟାଙ୍କ ଖାତା

ନୂଆଦିଲ୍ଲୀ,୧୫ ।୨(ଏଜେନ୍ସି): ଜମ୍ମୁ-କଶ୍ମୀରରେ ସୁରକ୍ଷା ଏଜେନ୍ସିଗୁଡ଼ିକ ଆର୍ଥିକ ଅପରାଧ ଓ ଆତଙ୍କବାଦୀ ପାଣ୍ଠି ବିରୋଧରେ ଏକ ବଡ଼ ତଥା ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଜେନ୍ସିଗୁଡ଼ିକ ୮,୦୦୦ରୁ ଅଧିକ ମ୍ୟୁଲ ଅର୍ଥାତ ଜାଲ ତଥା ନକଲି ଖାତାଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକୁ ଫ୍ରିଜ୍ କରିଛନ୍ତି। ମ୍ୟୁଲ ଆକାଉଣ୍ଟ ଏପରି ଏକ ବ୍ୟାଙ୍କ ଖାତା ଯାହାକୁ ଅପରାଧୀମାନେ ଅବୈଧ ଟଙ୍କା କାରବାର କରିବା ପାଇଁ ବ୍ୟବହାର କରିଥାନ୍ତି। ଅଧିକାଂଶ ସାଧାରଣ ଲୋକଙ୍କୁ କିଛି ଟଙ୍କାର ଲୋଭ ଦେଖାଇ କିମ୍ବା ସେମାନଙ୍କ ଅଜାଣତରେ ସେମାନଙ୍କ କାଗଜପତ୍ର ବ୍ୟବହାର କରି ଏହି ଖାତାଗୁଡ଼ିକ ଖୋଲାଯାଇଥାଏ। ସାଇବର ପୁଲିସ ଓ ଅନ୍ୟାନ୍ୟ ସୁରକ୍ଷା ଏଜେନ୍ସିଗୁଡ଼ିକ ଏହି ଖାତାଗୁଡ଼ିକ ମାଧ୍ୟମରେ ହେଉଥିବା ସନ୍ଦେହଜନକ କାରବାର ଉପରେ ନଜର ରଖିଥିଲେ। ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ବ୍ୟବହୃତ ହେଉଥିବା ପାଣ୍ଠିର ଉତ୍ସକୁ ବନ୍ଦ କରିବା ଓ ସାଇବର ଠକେଇକୁ ରୋକିବା ଏହି ପଦକ୍ଷେପର ମୂଳ କାରଣ ବୋଲି କୁହାଯାଇଛି।

# ଏପ୍ରିଲ ୨୨ରୁ ଖୋଲିବ କେଦାରନାଥ ଧାମ

ଡେରାଡୁନ,୧୫ ।୨(ଏଜେନ୍ସି): ଆସନ୍ତା ଏପ୍ରିଲ ୨୨ ତାରିଖ ସକାଳ ୮ଟାରେ ଶ୍ରଦ୍ଧାଳୁଙ୍କ ପାଇଁ କେଦାରନାଥ ଧାମର ଦ୍ୱାର ପୁଣିଥରେ ଖୋଲିବ। ମହାଶିବରାତ୍ରି ଅବସରରେ ରୁଦ୍ରପ୍ରୟାଗ ଜିଲ୍ଲାର ଉଖୀମଠସ୍ଥିତ ଓମ୍‌କାରେଶ୍ୱର (ଭଗବାନ କେଦାରନାଥଙ୍କ ଶୀତକାଳୀନ ଆସନ) ଠାରେ ଶୁଭ ମୁହୂର୍ତ୍ତ ଗଣନା କରାଯାଇ ଏହି ସୂଚନା ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ସକାଳ ୮ଟା ପରଠାରୁ ଶ୍ରଦ୍ଧାଳୁମାନେ ବାବା କେଦାରଙ୍କ ସ୍ୱୟମ୍ଭୂ ଶିବଲିଙ୍ଗ ଦର୍ଶନ ଓ ପୂଜାର୍ଚ୍ଚନା କରିପାରିବେ। ଦ୍ୱାର ଫିଟିବା ତାରିଖ ସ୍ଥିର ହେବା ପରେ ପ୍ରଶାସନ ଓ ମନ୍ଦିର କର୍ତ୍ତୃପକ୍ଷ ପ୍ରସ୍ତୁତିକୁ ଜୋରଦାର କରିଛନ୍ତି। କେଦାରନାଥ ପଦଯାତ୍ରା ମାର୍ଗରୁ ବରଫ ହଟାଇବା ଓ ଭିତ୍ତିଭୂମି ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ମନ୍ଦିର ଖୋଲିବା ପୂର୍ବରୁ ପରମ୍ପରା ଅନୁଯାୟୀ କେତେକ ଧାର୍ମିକ ରୀତିନୀତିର ପାଳନ କରାଯିବ। ସୂଚନାଯୋଗ୍ୟ ଯେ, ଗତବର୍ଷ ୨୦୨୫ ମେ ୨ ତାରିଖରେ ମନ୍ଦିରର ଦ୍ୱାର ଖୋଲିଥିଲା ଓ ରେକର୍ଡ ସଂଖ୍ୟକ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ।

# ବିଷ୍ଣୋଇ ଗ୍ୟାଙ୍ଗର ୩ ସୁଟର ଗିରଫ

ନୂଆଦିଲ୍ଲୀ,୧୫ ।୨(ଏଜେନ୍ସି): ଦିଲ୍ଲୀରେ ବୱାନା ଅଞ୍ଚଳରେ ଦିଲ୍ଲୀ ପୁଲିସ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ୩ ଜଣ ସୁଟରଙ୍କୁ ଗିରଫ କରିଛି। ଏହି ସୁଟରମାନଙ୍କ ସହ ପୁଲିସର ଗୁଳି ବିନିମୟ ହୋଇଥିଲା। ଗୁଳି ବିନିମୟ ପରେ ହିଁ ପୁଲିସ ଏମାନଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଛି। ସୁଟରମାନେ ବୱାନା-ମୁଣ୍ଡକା କେନାଲ ଅଞ୍ଚଳରେ ଥିବା ସୂଚନା ପାଇଁ ପୁଲିସ ଟିମ୍ ସେଠାରେ ଘୋରାବନ୍ଦୀ କରିଥିଲା। ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କଲା ବେଳେ, ଅଭିଯୁକ୍ତମାନେ ପୁଲିସ ଉପରକୁ ଗୁଳି ଚଳାଇବା ଆରମ୍ଭ କରିଥିଲେ। ପୁଲିସ ପକ୍ଷରୁ ମଧ ଜବାବରେ ଗୁଳି ଚାଳନା ହୋଇଥିଲା। ଗିରଫ ହେବା ପରେ ଅଭିଯୁକ୍ତଙ୍କ ନିକଟରୁ ମାରାତ୍ମକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଲରେନ୍ସ ଗ୍ୟାଙ୍ଗର ସୁଟରମାନେ କେବଳ ଦେଶ ନୁହେଁ ସାରା ବିଶ୍ୱରେ ବିଭିନ୍ନ ଦେଶରେ ରହିଛନ୍ତି। କିଛି ଦିନ ଦଳେ ଏହି ଗ୍ୟାଙ୍ଗର ସଦସ୍ୟମାନେ ଜଣେ ପାକିସ୍ତାନୀ ଡନ୍‌ଙ୍କୁ ହତ୍ୟା କରିବା ପାଇଁ ଧମକ ଦେଇଥିଲେ।

# ୧୦୦୦ରୁ ଅଧିକ ପାଇଲଟ ନିଯୁକ୍ତ କରିବ ଇଣ୍ଡିଗୋ

ନୂଆଦିଲ୍ଲୀ,୧୫ ।୨(ଏଜେନ୍ସି): ଭାରତର ସର୍ବବୃହତ ବେସାମରିକ ବିମାନ ସେବା ସଂସ୍ଥା (ଇଣ୍ଡିଗୋ) ବଡ଼ ଧରଣର ପାଇଲଟ ନିଯୁକ୍ତି ପାଇଁ ପ୍ରସ୍ତୁତି ଚଳାଇଛି। କମ୍ପାନୀ ୧,୦୦୦ରୁ ଅଧିକ ପାଇଲଟଙ୍କୁ ନିଯୁକ୍ତି ଦେବାକୁ ଯୋଜନା କରିଛି। ରିପୋର୍ଟ ଅନୁଯାୟୀ, ଭାରତୀୟ ବିମାନ ଚଳାଚଳ କ୍ଷେତ୍ରରେ କୌଣସି ଏୟାର ଲାଇନ୍ସ ଦ୍ୱାରା ଏହା ଏକ ବଡ଼ ନିଯୁକ୍ତି ପ୍ରକ୍ରିୟା। ଗତ ଡିସେମ୍ବର ମାସରେ ପରିଚାଳନାଗତ ସମସ୍ୟା ଯୋଗୁ ବିମାନ ସେବା ଭିତ୍ତିଭୂମିରେ ସୃଷ୍ଟି ହୋଇଥିବା ସଙ୍କଟକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ସେହି ସମୟରେ କର୍ମଚାରୀଙ୍କ ଅଭାବ ଯୋଗୁଁ ମାତ୍ର ୭ ଦିନ ମଧ୍ୟରେ ପ୍ରାୟ ୫,୦୦୦ ବିମାନ ବାତିଲ କରିବାକୁ ପଡ଼ିଥିଲା, ଯାହା ଯାତ୍ରୀମାନଙ୍କ ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି କରିଥିଲା। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ନିୟାମକ ଆବଶ୍ୟକତା ପୂରଣ କରିବା ପାଇଁ ଇଣ୍ଡିଗୋ ଏହି ନିଯୁକ୍ତି କରୁଛି। ୩ଟି ପଦ ପାଇଁ ଆବେଦନ ଗ୍ରହଣ କରାଯିବ। ସେଗୁଡ଼ିକ ହେଲା, ଟ୍ରେନି ଫାଷ୍ଟ ଅଫିସର, ସିନିୟର ଫାଷ୍ଟ ଅଫିସର ଓ କ୍ୟାପଟେନ। ଇଣ୍ଡିଗୋ ପ୍ରତିମାସରେ ୪ ନୂଆ ବିମାନକୁ ସାମିଲ କରୁଛି। ଏଗୁଡ଼ିକୁ ଚଳାଇବା ପାଇଁ ନୂଆ ପାଇଲଟଙ୍କ ଆବଶ୍ୟକତା ରହିଛି। କମ୍ପାନୀ ପ୍ରତିମାସରେ ୨୦ରୁ ୨୫ ଜଣ ଫାଷ୍ଟ ଅଫିସରଙ୍କୁ କ୍ୟାପଟେନ ପଦବୀକୁ ପଦୋନ୍ନୋତି ଦେଉଛି। ଜଣେ ଟ୍ରେନି ଅଫିସର ପ୍ରସ୍ତୁତି ହେବା ପାଇଁ ୬ ମାସ ସମୟ ଲାଗିଥାଏ। ସେହିପରି କ୍ୟାପଟେନ ହେବା ପାଇଁ ୧,୫୦୦ ଘଣ୍ଟାର ବିମାନ ଚଳାଚଳ ଅଭିଜ୍ଞତା ଆବଶ୍ୟକତା ହୋଇଥାଏ। କମ୍ପାନୀ ବର୍ତ୍ତମାନ ଏହି ନିୟମଗୁଡ଼ିକୁ ଅଧିକ କଡ଼ାକଡ଼ି କରୁଛନ୍ତି।

# ୧୭ ପାକ୍ ସୈନ୍ୟଙ୍କୁ ମୁଣ୍ଡଜାମିନ ରଖିବା ନେଇ ବିଏଲ୍‌ଏର ଦାବି

ଇସଲାମାବାଦ୍,୧୫ ।୨(ଏଜେନ୍ସି): ୧୭ ଜଣ ପାକିସ୍ତାନ ସୈନ୍ୟଙ୍କୁ ବନ୍ଧକ ରଖିଛି ବୋଲି ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍‌ଏ) ରବିବାର ଦାବି କରିଛି। ତେବେ ଏମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ଛାଡ଼ି ଦିଆଯାଇଥିବା ବେଳେ ବାକି ୭ ଏବେ ମଧ କଏଦରେ ଅଛନ୍ତି। ଏହି ବନ୍ଦୀମାନଙ୍କ ବଦଳରେ ନିଜର ସାଥୀ ଲଢୁଆମାନଙ୍କୁ ମୁକ୍ତ କରିବା ପାଇଁ ବିଏଲ୍‌ଏ ପାକିସ୍ତାନ ସରକାରଙ୍କୁ ଏକ ସପ୍ତାହର ସମୟ ଦେଇଛି। ଏହି ଦାବି ବିଏଲ୍‌ଏ ମିଡ଼ିଆ ୱିଙ୍ଗ୍ 'ହକ୍କାଲ' ପକ୍ଷରୁ ଜାରି କରାଯାଇଥିବା ବୟାନରେ କୁହାଯାଇଛି। ତେବେ ପାକିସ୍ତାନ ସେନା କିମ୍ବା ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ କୌଣସି ଆଧିକାରିକ ବୟାନ ଜାରି କରାଯାଇନାହିଁ। ବିଏଲ୍‌ଏ ମୁଖପାତ୍ର ଜିୟନ୍ଦ ବଲୁଚ ଏହି ଘଟଣାକୁ 'ଅପରେସନ ହେରୋଫ'ର ଦ୍ୱିତୀୟ ପର୍ଯ୍ୟାୟ ବୋଲି ବର୍ଣ୍ଣନା କରିଛନ୍ତି। ଉଲ୍ଲେଖଥାଉ କି, ବେଲୁଚିସ୍ତାନର ସ୍ୱାଧୀନତା ପାଇଁ ବିଏଲ୍‌ଏ ଲଢୁଛି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୬୪ ● ପାଉଣ୍ଡ ୧୨୩.୬୨
- ୟୁରୋ ୧୦୭.୬୫ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୪,୭୫୦ (ନୂଆଦିଲ୍ଲୀ)
- ରୁପା : ୨,୭୫,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୬୨୬.୦୦
- ନିଫ୍ଟି ୨୫,୪୭୧.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



**ଟାରିଫ୍‌ରୁ ବମ୍ପର ଆୟ**

# ଆମେରିକା ରାଜସ୍ୱରେ ୩୦୦% ବୃଦ୍ଧି

**ନୂଆଦିଲ୍ଲୀ,୧୫।୨(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅନେକ ଦେଶ ଉପରେ ଟାରିଫ୍ ଲାଗୁ କରିଛନ୍ତି। ଏହା ଏବେ ସରକାରୀ ରାଜସ୍ୱ ବୃଦ୍ଧି କରିଛି। ଆମେରିକାର ଟ୍ରେଜେରୀ ବଜେଟ୍ ଉପରେ ଏହାର ପ୍ରଭାବ ମଧ୍ୟ ସ୍ପଷ୍ଟ ଭାବରେ ଦେଖିବାକୁ ମିଳିଛି। ଜାନୁଆରୀରେ ବଜେଟ ନିଅଣ୍ଟ ଗତ ବର୍ଷ ତୁଳନାରେ ୨୬ ପ୍ରତିଶତ ହ୍ରାସ ପାଇ ୯୫ ବିଲିୟନ ଡଲାର ହୋଇଛି। ୨୦୨୬ ଆର୍ଥିକବର୍ଷର ପ୍ରଥମ ଚାରି ମାସରେ ସରକାରଙ୍କ ବିତ୍ତୀୟ ନିଅଣ୍ଟ ଗତ ବର୍ଷ ତୁଳନାରେ ୧୭ ପ୍ରତିଶତ ହ୍ରାସ ପାଇ ୬୯୭ ବିଲିୟନ ଡଲାର ହୋଇଛି। ତଥାପି, ଏହା ବର୍ଷର ପ୍ରଥମ ଚାରି ମାସରେ ରେକର୍ଡ ହୋଇଥିବା ତୃତୀୟ ସର୍ବବୃହତ ନିଅଣ୍ଟ ଭାବରେ ରହିଛି।

ଏହି ସମୟରେ ସରକାରୀ ରାଜସ୍ୱ ୧୨ ପ୍ରତିଶତ ବୃଦ୍ଧି ପାଇ ୧.୮ ଟ୍ରିଲିୟନ ଡଲାର ହୋଇଛି। ଏଥିରେ ଟାରିଫ୍ ରାଜସ୍ୱ ସର୍ବାଧିକ ଭୂମିକା ଗ୍ରହଣ କରିଥିଲା, ବର୍ଷର ପ୍ରଥମ ୪ ମାସରେ ୩୦୪% ବୃଦ୍ଧି ପାଇ ୧୨୪ ବିଲିୟନ ଡଲାରରେ ପହଞ୍ଚିଛି। ଆମେରିକାରେ ନୂତନ ଆର୍ଥିକ ବର୍ଷ ଅକ୍ଟୋବରରେ ଆରମ୍ଭ ହେଉଛି। ବର୍ଷର ପ୍ରଥମ ଚାରି ମାସରେ, ସରକାର ବ୍ୟକ୍ତିଗତ ଆୟକରରୁ ୯୨୪ ବିଲିୟନ ଡଲାର,

## ବିତ୍ତୀୟ ନିଅଣ୍ଟ କମିଲା




ସାମାଜିକ ବୀମା ଏବଂ ଅବସର ଗ୍ରହଣରୁ ୫୭୯ ବିଲିୟନ ଡଲାର, କର୍ପୋରେଟ୍ ଆୟକରରୁ ୧୧୨ ବିଲିୟନ ଡଲାର ଏବଂ ଉତ୍ପାଦ କରରୁ ୩୧ ବିଲିୟନ ଡଲାର ଆୟ କରିଛନ୍ତି।

ବର୍ଷର ପ୍ରଥମ ଚାରି ମାସରେ ସରକାରୀ ଖର୍ଚ୍ଚ ୨% ବୃଦ୍ଧି ପାଇ ୨.୫ ଟ୍ରିଲିୟନ ଡଲାର ହୋଇଛି। ଏହି ସମୟ ମଧ୍ୟରେ ସାମାଜିକ ସୁରକ୍ଷା ଉପରେ ସରକାରୀ ଖର୍ଚ୍ଚ ୫୪୦ ବିଲିୟନ ଡଲାର ଥିଲା। ସେହିପରି, ମେଡିକେୟାର ଉପରେ ଖର୍ଚ୍ଚ ୪୦୩ ବିଲିୟନ ଡଲାର, ସୁଧ ଦେୟ ୩୪୬ ବିଲିୟନ ଡଲାର, ଜାତୀୟ ପ୍ରତିରକ୍ଷା ୩୪୧ ବିଲିୟନ ଡଲାର, ସ୍ୱାସ୍ଥ୍ୟ ୩୩୮ ବିଲିୟନ ଡଲାର, ଆୟ ସୁରକ୍ଷା ୨୧୬ ବିଲିୟନ ଡଲାର, ପୂର୍ବତନ ସୈନିକ ୧୫୦ ବିଲିୟନ ଡଲାର, ଶିକ୍ଷା ୬୧ ବିଲିୟନ ଡଲାର, ପରିବହନ ୪୩ ବିଲିୟନ ଡଲାର ଏବଂ ଅନ୍ୟାନ୍ୟ ସାମଗ୍ରୀ ୪୩ ବିଲିୟନ ଡଲାର ଥିଲା।

## ଚୀନ୍, ପାକିସ୍ତାନ, ବାଙ୍ଗଲାଦେଶ ତୁଳନାରେ ଭାରତ ଉପରେ କମ୍ ଟାରିଫ୍: ଗୋୟଲ

**ନୂଆଦିଲ୍ଲୀ,୧୫।୨(ଏଜେନ୍ସି):** ମାସ ମାସର ଆଲୋଚନା ପରେ ଭାରତ ଏବଂ ଆମେରିକା ସମ୍ପ୍ରତି ଏକ ବାଣିଜ୍ୟ ଚୁକ୍ତିରେ ସହମତ ହୋଇଛନ୍ତି। ଏହି ଚୁକ୍ତି ଅନୁଯାୟୀ, ୱାଶିଂଟନ୍ ଭାରତୀୟ ରପ୍ତାନି ଉପରେ ଶୁଳ୍କକୁ ୨୫% ରୁ ୧୮% ହ୍ରାସ କରିଛି। ଏହା ସହିତ ଏହା ରୁଷରୁ ଭାରତର ତୈଳ କ୍ରୟ ଉପରେ ଅତିରିକ୍ତ ୨୫% ଶୁଳ୍କ ପ୍ରତ୍ୟାହାର କରିଛି। ଏସବୁ ପରେ ୧୮% ଶୁଳ୍କ ବର୍ତ୍ତମାନ ଭାରତକୁ ଅନେକ ପ୍ରତିଦ୍ୱନ୍ଦ୍ୱୀ ଅର୍ଥନୀତି ତୁଳନାରେ ଆମେରିକା ବଜାରରେ ଅଧିକ ଅନୁକୂଳ ସ୍ଥିତିରେ ରଖିଛି। ଭାରତ ଉପରେ ଶୁଳ୍କ ଚୀନ୍, ପାକିସ୍ତାନ ଏବଂ ବାଂଲାଦେଶ ତୁଳନାରେ କମ୍। ଟ୍ରମ୍ପଙ୍କ ଶୁଳ୍କ ମଧ୍ୟ କିଛି ସଙ୍କେତ ପ୍ରଦାନ କରେ। ଏହା ସ୍ପଷ୍ଟ ଯେ ୱାଶିଂଟନ୍ ଯେଉଁମାନଙ୍କୁ ପ୍ରାଥମିକତା ଦେବାକୁ ଚାହେଁ ସେମାନଙ୍କୁ ଅଧିକ ଶୁଳ୍କ ରିହାତି ଦେଇଛି। ଏହା କେବଳ ବାଣିଜ୍ୟ ପର୍ଯ୍ୟନ୍ତ ସୀମିତ ନୁହେଁ; ଏହା ରଣନୈତିକ ବିଷୟଗୁଡ଼ିକୁ ମଧ୍ୟ ବିସ୍ତାର କରେ। ଜାପାନ ଏବଂ ୟୁରୋପୀୟ ସଂଘ (ଇୟୁ) ସମେତ ବିକଶିତ ଦେଶଗୁଡ଼ିକ ପାଇଁ କମ ଶୁଳ୍କ ହାର ଦ୍ୱାରା ଏହା ପ୍ରମାଣିତ। ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଗୋୟଲ କହିଛନ୍ତି, ଯେତେବେଳେ ଆମେ ଆମେରିକା ସହିତ ଚୁକ୍ତି ସ୍ୱାକ୍ଷର କରିଥିଲୁ, ଏହା ସ୍ପଷ୍ଟ ଥିଲା ଯେ ଆମକୁ ଆମର ଚାଷୀମାନଙ୍କୁ ସୁରକ୍ଷା ଦେବା ଆବଶ୍ୟକ। ତେଣୁ, ଆମେ ଏଫ୍‌ଟିଏରୁ ସମସ୍ତ ପ୍ରମୁଖ କ୍ଷେତ୍ରକୁ ବାଦ ଦେଇପାରିଲୁ, ଯେଉଁଥିରେ ଆମର ଚାଷୀମାନେ ଅଧିକ ଉତ୍ପାଦନ କରୁଥିଲେ କିମ୍ବା ଯାହା ଆମକୁ ଆତ୍ମନିର୍ଭରଶୀଳ କରିବାରେ ସାହାଯ୍ୟ କରିଥିଲା। ଟ୍ରମ୍ପଙ୍କ ଶୁଳ୍କକୁ କେବଳ ଶୁଳ୍କ ଭାବରେ ବିଚାର କରିବା ଏକ ଭୁଲ। ଶୁଳ୍କ ମାଧ୍ୟମରେ, ଆମେରିକା ବ୍ୟକ୍ତିଗତ ଦେଶଗୁଡ଼ିକୁ ପ୍ରାଥମିକତା ଦେଇଛି। ବ୍ରାଜିଲ ଏବଂ ଚୀନ ଉପରେ ଉଚ୍ଚ ଶୁଳ୍କ ସୂଚାଇ ଦିଏ ଯେ ଟ୍ରମ୍ପ ସେମାନଙ୍କୁ ତାଙ୍କ ନିଜ ଦେଶ ସହିତ ସମନ୍ୱିତ ବୋଲି ବିଚାର କରନ୍ତି ନାହିଁ। ଆମେରିକା ନୀତି ସହିତ ସମନ୍ୱିତ ଦେଶମାନଙ୍କ ପାଇଁ ଶୁଳ୍କକୁ କମ୍ ରଖାଯାଇଛି। ବିକଶିତ ଦେଶମାନଙ୍କ ପାଇଁ କମ ଶୁଳ୍କ ଏହାର ପ୍ରମାଣ।

**ମାଇକ୍ରୋସଫ୍ଟ ସିଇଓଙ୍କ ଚେତାବନୀ**

# ବଡ଼ ପଦବୀକୁ ଏଆଇ ବିପଦ

■ **ୱାଶିଂଟନ୍, ୧୫।୨ (ଏଜେନ୍ସି):** ମାଇକ୍ରୋସଫ୍ଟ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ବର୍ଦ୍ଧିତ ପ୍ରଭାବକୁ ନେଇ ଏକ ବଡ଼ ଚେତାବନୀ ଜାରି କରିଛି। ଆଇଟି କ୍ଷେତ୍ରରେ ଏଆଇର ବଢୁଥିବା ପ୍ରଭାବ ଏବଂ ଛଟେଇ ମଧ୍ୟରେ ବଡ଼ ବଡ଼ିଆ ପଦପଦବୀ (ହ୍ୱାଇଟ୍ କଲାର) ଏବେ ବିପଦରେ ବୋଲି ମାଇକ୍ରୋସଫ୍ଟ (ଏମଏସ) ଏଆଇର ସିଇଓ ମୁସ୍ତାଫା ସୁଲେମାନ କହିଛନ୍ତି। ତାଙ୍କ କହିବାନୁଯାୟୀ, ଆଗାମୀ ଦେଢ଼ ବର୍ଷ ମଧ୍ୟରେ ଅଧିକାଂଶ ବଡ଼ ପଦପଦବୀରେ ଏଆଇ ଦ୍ୱାରା କାମ ହେବ। ଅଫିସ୍‌ରେ କାମ କାର୍ଯ୍ୟ ସବୁ ସ୍ୱୟଂଚାଳିତ ହୋଇଯିବ। ଏଆଇର ପ୍ରଭାବ କେବଳ ସଫ୍ଟୱେର ଇଞ୍ଜିନିୟରମାନଙ୍କ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ, ବରଂ ଓକିଲ, ଆକାଉଣ୍ଟାଣ୍ଟ, ପ୍ରୋଜେକ୍ଟ ମ୍ୟାନେଜର ଏବଂ ମାର୍କେଟିଂ ବୃତ୍ତିଧାରୀଙ୍କ କାମ ଉପରେ ମଧ୍ୟ ରହିବ। ତେଣୁ ଏହି ଦେଢ଼ ବର୍ଷ ମଧ୍ୟରେ ପ୍ରାୟ ସମସ୍ତ କମ୍ପ୍ୟୁଟର-ଆଧାରିତ କାମ ସ୍ୱୟଂଚାଳିତ ହେବ। ଆସନ୍ତା ୨-୩ ବର୍ଷ ମଧ୍ୟରେ ଏଆଇ ଏଜେଣ୍ଟମାନେ ବଡ଼ କମ୍ପାନୀଗୁଡିକର କାର୍ଯ୍ୟକୁ ଭଲ ଭାବରେ ପରିଚାଳନା କରିପାରିବେ। ସୁଲେମାନଙ୍କ ଅନୁଯାୟୀ, ଭବିଷ୍ୟତରେ ଏଆଇ ମଡେଲ ସୃଷ୍ଟି କରିବା ବ୍ଲଗ୍ ଲେଖିବା ପରି ସହଜ



**ଦେଢ଼ ବର୍ଷରେ ସବୁ ପଦରେ ସ୍ୱୟଂକ୍ରିୟ ଭାବେ ହେବ କାମ**

ହେବ। ଅନ୍ୟପକ୍ଷରେ, ଏହା ଉପରେ ଭାରତ ସରକାରଙ୍କ ମତ ଭିନ୍ନ। କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲ ଦାବି କରିଛନ୍ତି ଯେ ଏଆଇ ଚାକିରି ଛଡ଼ାଇ ନେବନାହିଁ, ବରଂ ଯୁବକମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ। ଏଆଇ କାମ କରିବାର ପଦ୍ଧତିରେ ପରିବର୍ତ୍ତନ ଆଣି ନୂତନ ସୁଯୋଗ ସୃଷ୍ଟି କରିବ। ୨୩ ଲକ୍ଷରୁ ଅଧିକ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ ସ୍ନାତକ ଶ୍ରମ ସମ୍ବଳରେ ଯୋଗଦେଉଛନ୍ତି। ଏହି ଆଧୁନିକ ପ୍ରଯୁକ୍ତିବିଦ୍ୟା ଏଆଇ ପ୍ରୟୋଗଗୁଡ଼ିକୁ ପରିଚାଳନା କରିବାକୁ ସକ୍ଷମ।

**ଆମେରିକାର ତୈଳ ପ୍ରତିବନ୍ଧକ**

# କ୍ୟୁବାରେ ଗୁରୁତର ଇନ୍ଧନ ସଙ୍କଟ

**ହଭାନା,୧୫।୨(ଏଜେନ୍ସି):** ଆମେରିକାର କଟକଣା କାର୍ଯ୍ୟାନୁଷ୍ଠାନ ଯୋଗୁ କ୍ୟୁବା ଗୁରୁତର ଇନ୍ଧନ ସଙ୍କଟର ସମ୍ମୁଖୀନ ହୋଇଛି। ପରିସ୍ଥିତି ଏପରି ହୋଇଛି ଯେ କ୍ୟାବାରେ ଫେବୃଆରୀ ଶେଷ ସପ୍ତାହରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ସିଗାର କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ମେଳା ଆୟୋଜକ କହିଛନ୍ତି ଯେ ଆମେରିକାର ତୈଳ ପ୍ରତିବନ୍ଧକ କାରଣରୁ ଦେଶରେ ଭୀଷଣ ବିଦ୍ୟୁତ କାଟ ହେଉଛି ଓ ଇନ୍ଧନ ସଙ୍କଟ ଦେଖିବାକୁ ମିଳିଛି। ଏଣୁ ସିଗାର ମେଳା ଆୟୋଜକ ହବାନୋସ ଏସ.ଏ କହିଛନ୍ତି ଯେ ସେ ଏହି ପ୍ରସିଦ୍ଧ ଆୟୋଜନର ମାନ ବଜାୟ ରଖିବାକୁ ଏହାକୁ ସ୍ଥଗିତ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି।

କେବଳ ସିଗାର ଫେଷ୍ଟିଭାଲ ନୁହେଁ, ବିଦ୍ୟୁତ ସଙ୍କଟ କାରଣରୁ କ୍ୟୁବାରେ ଅନ୍ୟ ସାଂସ୍କୃତିକ ଆୟୋଜନ ମଧ୍ୟ ବନ୍ଦ କରାଯାଇଛି। ଏଥିରେ ଏକ ପୁସ୍ତକ ମେଳା ମଧ୍ୟ ରହିଛି। କ୍ୟୁବା ଦ୍ୱୀପ ଗତ କିଛି ବର୍ଷ ହେଲା ଗୁରୁତର ଇନ୍ଧନ ସଂକଟ ଯୋଗୁ ବିଦ୍ୟୁତ କାଟର ସମ୍ମୁଖୀନ ହୋଇ ଆସୁଛି। ଆମେରିକା

**ବାରମ୍ବାର ବିଜୁଳି କାଟ୍ ଯୋଗୁ କାର୍ଯ୍ୟକ୍ରମ ବାତିଲ**

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜାନୁୟାରୀ ଶେଷ ସପ୍ତାହରେ କ୍ୟୁବାକୁ ତୈଳ ବିକ୍ରି କରୁଥିବା ଦେଶଙ୍କ ଉପରେ ଶୁଳ୍କ ଲଗାଇବାକୁ ଧମକ ଦେଇଥିଲେ। କାରଣ ଦ୍ୱୀପର କମ୍ୟୁନିଷ୍ଟ ଶାସକଙ୍କ ଉପରେ ରାଜନୈତିକ ଓ ଆର୍ଥିକ ସଂସ୍କାର ଲାଗୁ କରିବା ପାଇଁ ୱାସିଂଟନ ଚାପ ପକାଉଛି। କ୍ୟୁବା ତା ଶକ୍ତି ଆବଶ୍ୟକତାର ୬୦ ପ୍ରତିଶତ ଆମଦାନୀ କରିଥାଏ ଓ ଏଥି ପାଇଁ ଦୀର୍ଘ ସମୟରୁ ଭେନେଜୁଏଲା ଓ ମେକ୍ସିକୋ ଉପରେ ନିର୍ଭରଶୀଳ। ତେବେ ଗତ ଜାନୁୟାରୀରେ ଭେନେଜୁଏଲାର ତତ୍କାଳୀନ ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଆମେରିକୀୟ ସୈନ୍ୟ ଗିରଫ କରିବା ପରେ ସେଠାରୁ କ୍ୟୁବାର ସିପମେଣ୍ଟ ବାତିଲ ହୋଇ ଯାଇଛି। ସେହିପରି ଟ୍ରମ୍ପଙ୍କ ଶୁଳ୍କ ଧମକ ଯୋଗୁ ଫେବୃଆରୀରୁ ମେକ୍ସିକୋ ତୈଳ ସିପମେଣ୍ଟ ବନ୍ଦ କରିଦେଇଛି। ଇନ୍ଧନ ସଂକଟ କାରଣରୁ ଚଳିତ ସପ୍ତାହ ଆରମ୍ଭରେ କାନାଡାର ୩ ବିମାନ କମ୍ପାନୀ କ୍ୟୁବାକୁ ଉଡାଣ ରଦ୍ଦ କରିଦେଇଛନ୍ତି। ଇନ୍ଧନ ଅଭାବ ଦ୍ୱୀପକୁ ପର୍ଯ୍ୟଟକଙ୍କ ଆଗମନକୁ ପ୍ରଭାବିତ କରିଛି। କେତେକ ଏଜେନ୍ସୀ ଯାତ୍ରା ବାତିଲ୍ କରିଛନ୍ତି। କାରଣ ସରକାର ବିଦ୍ୟୁତ ସଞ୍ଚୟ କରିବା ପାଇଁ ହୋଟେଲ ବନ୍ଦ କରିଦେଇଛନ୍ତି ଓ ପର୍ଯ୍ୟଟକଙ୍କୁ ସ୍ଥାନାନ୍ତରିତ କରିବା କାମ ଜାରି ରହିଛି।

## ଗୁଗଲ୍, ମାଇକ୍ରୋସଫ୍ଟ ସହ କାମ କରିବ ରିଲାଏନ୍ସ

**ନୂଆଦିଲ୍ଲୀ:** ଗୁଗଲ, ମାଇକ୍ରୋସଫ୍ଟ, ନୋକିଆ ଏବଂ ବିଶ୍ୱର ଅନ୍ୟ ପ୍ରମୁଖ ଟେକ୍ କମ୍ପାନିଙ୍କ ସହ ମିଶି କାମ କରିବ ରିଲାଏନ୍ସ ଇଣ୍ଡଷ୍ଟ୍ରି। କାରଣ ମ୍ୟୁନିକ୍ ସୁରକ୍ଷା ସମ୍ମିଳନୀର ଟ୍ରଷ୍ଟେଡ ଟେକ୍ ଆଲାଏନ୍ସ (ଟିଟିଏ) ସହ ଯୋଡ଼ି ହେଲେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଜିଓର ନେତୃତ୍ୱ ନେଉଥିବା ଭାରତର ସବୁଠାରୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀ। ଏହାକୁ କମ୍ପାନି ପାଇଁ ଏକ ବଡ଼ ରଣନୈତିକ ସହଭାଗିତା ଭାବରେ ଦେଖାଯାଉଛି। ସୂଚନାଥାଉକି, ଟିଟିଏରେ ୧୦ଟି ଦେଶର ୧୫ଟି କମ୍ପାନି ରହିଛନ୍ତି। ଏହି ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କ୍ଲାଉଡ୍ ଭିତ୍ତିଭୂମି, ସେମିକଣ୍ଡକ୍ଟର, ସଫ୍ଟୱେୟାର ଏବଂ ଏଆଇ ଆଦି କ୍ଷେତ୍ରରେ ସମାନ ନୀତି ଆଧାରରେ ବିଶ୍ୱସ୍ତ ପ୍ରଯୁକ୍ତିବିଦ୍ୟା ଦିଗରେ କାମ କରିବା। ଏମିତିରେ ଏହି ସଂଗଠନ ସହ ଯୋଡ଼ି ହେବାର ଅର୍ଥ ଜିଓକୁ ଏବେ ପାରଦର୍ଶିତା, ସୁରକ୍ଷା ଏବଂ ଡାଟା ସଂରକ୍ଷଣ ବଜାୟ ରଖିବା ପାଇଁ ବିଶ୍ୱସ୍ତରୀୟ କମ୍ପାନିଙ୍କ ସହଯୋଗ ମିଳିବ। ଯାହାଦ୍ୱାରା ବିଶ୍ୱାସ ବଢ଼ିବ ଏବଂ ପ୍ରଯୁକ୍ତିର ଲାଭ ସାରା ବିଶ୍ୱର ଲୋକଙ୍କ ପାଖରେ ପହଞ୍ଚିପାରିବ। ଟ୍ରଷ୍ଟେଡ୍ ଟେକ୍ ଆଲାଏନ୍ସରେ ଆନ୍ଥ୍ରୋପିକ, ଏଡବ୍ଲ୍ୟୁଏସ୍, କାସାଭା ଟେକ୍ନୋଲୋଜିଜ୍, କୋହେର, ଏରିକ୍ସନ୍, ଗୁଗଲ୍ କ୍ଲାଉଡ୍, ହାନୱା, ଜିଓ ପ୍ଲାଟଫର୍ମ, ମାଇକ୍ରୋସଫ୍ଟ, ନୋକିଆ, ଏନସ୍କେଲ, ଏଡ୍ଟିଟି, ରାପିଡସ୍, ସାବ୍ ଏବଂ ସ୍ୟାପ୍। ଏହି ସଂଗଠନର ଉଦ୍ଦେଶ୍ୟ ଅନୁଯାୟୀ ଏହି କମ୍ପାନୀମାନେ, ଟେକ୍ନୋଲୋଜିର ସୁରକ୍ଷିତ, ନିର୍ଭରଯୋଗ୍ୟ ଏବଂ ଦାୟିତ୍ୱପୂର୍ଣ୍ଣ ଭାବରେ ପରିଚାଳନା ସୁନିଶ୍ଚିତ କରିଥାନ୍ତି, ତାହା ଯେଉଁଠାରେ ବି ତିଆରି ହେଉଥାଉ କିମ୍ବା ନିର୍ମିତ ହେଉଥାଉ। ଏହି ପ୍ରତିଶ୍ରୁତିବଦ୍ଧତାଗୁଡ଼ିକ କମ୍ପାନିଙ୍କୁ ଦୃଢ଼ କର୍ପୋରେଟ୍ ଶାସନ ଏବଂ ନୈତିକ ଆଚରଣ ରଖିବା, ସୁରକ୍ଷିତ ଭାବରେ ପ୍ରଯୁକ୍ତିବିଦ୍ୟା ନିର୍ମାଣ କରିବା ଏବଂ ଏହାର ଜୀବନଚକ୍ରରେ ଦାୟିତ୍ୱପୂର୍ଣ୍ଣ ଭାବରେ ପରିଚାଳନା କରିବା ଏବଂ ଯୋଗାଣକାରୀଙ୍କ ସହିତ ଚୁକ୍ତିଭିତ୍ତିକ ଭାବରେ ବାଧ୍ୟତାମୂଳକ ସୁରକ୍ଷା ଏବଂ ଗୁଣବତ୍ତା ନିଶ୍ଚିତତା ବ୍ୟବହାର କରିବା ଆବଶ୍ୟକ କରେ।

## ବିକ୍ରି ହେଲା ବିଶ୍ୱର ସବୁଠୁ ମହଙ୍ଗା ଡୋମେନ୍

**ନୂଆଦିଲ୍ଲୀ,୧୫।୨(ଏଜେନ୍ସି):** ବର୍ତ୍ତମାନ ସମୟରେ କୌଣସି କମ୍ପାନୀ ବିଷୟରେ ଜାଣିବା ହେଉ କିମ୍ବା ପୁଣି ପାଠପଢ଼ା ସବୁ କିଛି ଓ୍ୱେବସାଇଟରେ ଉପଲବ୍ଧ। ହେଲେ ଦିନ ଥିଲା ଇଣ୍ଟରନେଟରେ କୌଣସି ୱେବସାଇଟ୍ ନାମ କିଣିବା ଏକ ବିରଳ କଥା ଥିଲା। ଡୋମେନ୍‌ର ମୂଲ୍ୟ ବି ଖୁବ୍ କମ୍ ଥିଲା। ଲୋକେ ଏହା ମଧ୍ୟ ଜାଣି ନ ଥିଲେ ଯେ, କୌଣସି ଓ୍ୱେବସାଇଟ ମୂଲ୍ୟ ଭବିଷ୍ୟତରେ ମୂଲ୍ୟବାନ ହୋଇପାରିବ। ତେବେ ନିକଟରେ ଓ୍ୱେବ୍‌ସାଇଟ ସହ ଜଡ଼ିତ ଏକ ରୋଚକ ଘଟଣା ସାମ୍ନାକୁ ଆସିଛି। ଯାହା ଆପଣଙ୍କୁ ନିଶ୍ଚୟ ବିସ୍ମୟ କରିବ। ମାଲେସିଆର ଆର୍ସିଆନ ଇସମାଇଲ୍

**୩୦୦ ଟଙ୍କାରେ କିଣାଯାଇଥିଲା**

ଏକଦା ଗୋଟିଏ ଓ୍ୱେବସାଇଟ କିଣିଥିଲେ ଯାହା ଏବେ ୬୩୦ କୋଟି ଟଙ୍କାରେ ବିକ୍ରି ହୋଇଛି। ଇସମାଇଲ୍ କୁହନ୍ତି, ସେ ୧୯୯୩ରେ ଯେତେବେଳେ ୧୦ ବର୍ଷର ବାଳକ ଥିବାବେଳେ 'ଏଆଇଡଟ୍‌କମ୍' ନାମକ ଏକ ଡୋମେନ୍‌କୁ ନିଜ ମାଆଙ୍କ କ୍ରେଡିଟ୍ କାର୍ଡରେ ମାତ୍ର ୩୦୦ ଟଙ୍କାରେ କିଣିଥିଲେ। ହେଲେ ୩୦ ବର୍ଷ ପରେ ସେହି ସମାନ ଡୋମେନ୍‌ର ମୂଲ୍ୟ ୭୦ ମିଲିୟନ ଡଲାର ବା ୬୩୪ କୋଟି ଟଙ୍କା ହୋଇଛି। ଇସମାଇଲ କହିଛନ୍ତି, ସେତେବେଳେ ଏହା ଏକ ଛୋଟ ଏବଂ ମଜାଦାର କ୍ରୟ ପରି ଅନୁଭବ ହେଉଥିଲା। ତାଙ୍କୁ କେବଳ ନାମଟି ପସନ୍ଦ ଆସିଥିଲା। କାରଣ ଏହା ସହ ଏଆଇ ଅକ୍ଷର ତାଙ୍କ ନିଜ ନାମର ପ୍ରଥମ ଅକ୍ଷର ସହିତ ସମାନ ଥିଲା। ହେଲେ ତାଙ୍କ ପିଲାଦିନର ନିଷ୍ପତ୍ତି ଏବେ କୃତ୍ରିମ ବୁଦ୍ଧିମତ୍ତା ବୃଦ୍ଧି ସହିତ ଜଡ଼ିତ ସବୁଠାରୁ ବଡ଼ ଡିଜିଟାଲ୍ ସଫଳତା କାହାଣୀ ମଧ୍ୟରୁ ଗୋଟିଏ ହୋଇଛି।

## ବେଦାନ୍ତ ଝାରସୁଗୁଡାର ବିଦ୍ୟାଗ୍ରହ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୧୫।୨(ସମିସ):** ବେଦାନ୍ତ ଆଲୁମିନିୟମ, ବ୍ୟାପକ ଶିକ୍ଷା ଶିବିର ମାଧ୍ୟମରେ ଝାରସୁଗୁଡାର ସରକାରୀ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଆଗାମୀ ବୋର୍ଡ ପରୀକ୍ଷା ପାଇଁ ସହାୟତା କରିଛି। ଏହାର ବିଦ୍ୟାଗ୍ରହ ପଦକ୍ଷେପ ଅଧୀନରେ ଆୟୋଜିତ ଜିଲ୍ଲାର ସରକାରୀ ହାଇସ୍କୁଲରେ ଏହିପରି ୪ଟି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ପଦକ୍ଷେପ ମାଧ୍ୟମରେ ବେଦାନ୍ତ ଛାତ୍ରଛାତ୍ରୀମାନଙ୍କୁ ସଂରଚିତ ବିଷୟ ମୂଲ୍ୟାଙ୍କନ ଏବଂ ବିଶେଷଜ୍ଞ ପରାମର୍ଶ ମାଧ୍ୟମରେ ସେମାନଙ୍କର ପରୀକ୍ଷା ପ୍ରସ୍ତୁତି ଏବଂ କ୍ୟାରିଅର ସମ୍ଭାବନାକୁ ଉନ୍ନତ କରିବାରେ ସାହାଯ୍ୟ କରିବା ଲକ୍ଷ୍ୟ ରଖିଛି। ୟୁଜି ହାଇସ୍କୁଲ (ସିରିଆପାଲି), ଭିଏସଏସ ହାଇସ୍କୁଲ (ବେହେରାମାଲ), ପଞ୍ଚାୟତ ହାଇସ୍କୁଲ (ବଡମାଲ) ଏବଂ ସରକାରୀ ହାଇସ୍କୁଲ (ସରବାହାଲ) ରେ ଅନୁଷ୍ଠିତ ଏହି ଶିବିରଗୁଡ଼ିକ ଝାରସୁଗୁଡାର ପ୍ରାୟ ୨୦୦ ଛାତ୍ରଛାତ୍ରୀଙ୍କୁ ଉପକୃତ କରିଛି। ଏହା ଉପରେ ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, ବେଦାନ୍ତ ଝାରସୁଗୁଡାରେ ଆମେ ବିଶ୍ୱାସ କରୁ ଯେ ଶିକ୍ଷା ହେଉଛି ଦୀର୍ଘକାଳୀନ ସମ୍ପ୍ରଦାୟ ବିକାଶର ମୂଳଦୁଆ। ବିଦ୍ୟାଗ୍ରହ ପ୍ରୟାସ ମାଧ୍ୟମରେ ଆମେ ଶିକ୍ଷାଗତ ପ୍ରସ୍ତୁତିକୁ ସୁଦୃଢ଼ କରିବା ଏବଂ ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଅର୍ଥପୂର୍ଣ୍ଣ ମାର୍ଗଦର୍ଶନ ପ୍ରଦାନ କରିବା ପାଇଁ କାର୍ଯ୍ୟ କରୁଛୁ।

## 'ବିଲ୍ ପେ' ଆଣ୍ଡ ଉଇନ୍'ରେ ୫୦୦ ଉପଭୋକ୍ତାଙ୍କୁ ପୁରସ୍କୃତ କଲା ଟିପିସିଓଡିଏଲ୍

**ଭୁବନେଶ୍ୱର, ୧୫।୨(ସମିସ):** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ଠିକ୍ ସମୟରେ ବିଜୁଳି ବିଲ୍ ପୈଠ କରିବା ଏବଂ ଡିଜିଟାଲ୍ କାରବାରକୁ ବୃଦ୍ଧି କରିବା ପାଇଁ 'ବିଲ୍ ପେ' ଆଣ୍ଡ ଉଇନ୍' କାର୍ଯ୍ୟକ୍ରମ ଜାରି ରହିଛି। ବିଶେଷ କରି ଯେଉଁ ଗ୍ରାହକମାନେ କୌଣସି ବକେୟା ନରଖି ନିୟମିତ ଭାବେ ଡିଜିଟାଲ୍ ମାଧ୍ୟମରେ ବିଲ୍ ପୈଠ କରୁଛନ୍ତି, ସେମାନଙ୍କୁ ଏହି ଯୋଜନା ମାଧ୍ୟମରେ ସମ୍ମାନିତ କରାଯାଉଛି। ଏକ କାର୍ଯ୍ୟକ୍ରମରେ ୨୦୨୫ ଜୁଲାଇରୁ ଡିସେମ୍ବର ସମୟ ପାଇଁ ୬ଟି ଭିନ୍ନ ଭିନ୍ନ ବର୍ଗରେ ୫୦୦ ଜଣ ଗ୍ରାହକଙ୍କୁ ପୁରସ୍କାର ପ୍ରଦାନ ନିମନ୍ତେ ମନୋନୀତ କରାଯାଇଛି। ଟିପିସିଓଡିଏଲ୍‌ର ଏମଡିସିଠାରେ ଆୟୋଜିତ ଏହି ଚୟନ ପ୍ରକ୍ରିୟାରେ ଭୁବନେଶ୍ୱରର ୧୫ ଜଣ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ। ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂ କହିଛନ୍ତି ଯେ, ଗ୍ରାହକମାନଙ୍କୁ ଉନ୍ନତ ସେବା ଯୋଗାଇବା ଏବଂ ସେମାନଙ୍କ ସହ ଏକ ଦୃଢ଼ ସମ୍ପର୍କ ସ୍ଥାପନ କରିବା ପାଇଁ ଆମେ ପ୍ରତିବଦ୍ଧ।



## ଷ୍ଟାର୍ଟଅପ୍ ଇଣ୍ଡିଆ ଫଣ୍ଡ ଅଫ୍ ଫଣ୍ଡସ ୨.୦କୁ କ୍ୟାବିନେଟ୍ ଅନୁମୋଦନ

**ନୂଆଦିଲ୍ଲୀ,୧୫।୨(ଏଜେନ୍ସି):** ବର୍ଦ୍ଧିତ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ଏକ ପ୍ରମୁଖ ପ୍ରୋତ୍ସାହନ ସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଷ୍ଟାର୍ଟଅପ୍ ଇଣ୍ଡିଆ ଫଣ୍ଡ ଅଫ୍ ଫଣ୍ଡ୍ସ ୨.୦ (ଷ୍ଟାର୍ଟଅପ୍ ଇଣ୍ଡିଆ ଏଫଓଏଫ ୨.୦) ପ୍ରତିଷ୍ଠାକୁ ମଞ୍ଜୁରି ପ୍ରଦାନ କରିଛି। ଦେଶର ଷ୍ଟାର୍ଟଅପ୍ ଇକୋସିଷ୍ଟମ ପାଇଁ ଭେଞ୍ଚର କ୍ୟାପିଟାଲ ସଂଗ୍ରହ କରିବା ପାଇଁ ଏଥିରେ ମୋଟ ୧୦,୦୦୦ କୋଟି ଟଙ୍କାର ପାଣ୍ଠି ଆବଣ୍ଟନ କରାଯାଇଛି। ଏହି ଯୋଜନାର ଲକ୍ଷ୍ୟ ହେଉଛି ଦୀର୍ଘକାଳୀନ ଘରୋଇ ପୁଞ୍ଜି ସଂଗ୍ରହ, ଭେଞ୍ଚର କ୍ୟାପିଟାଲ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ସାରା ଦେଶରେ ନବୋନ୍ମେଷ ଆଧାରିତ ଉଦ୍ୟୋଗକୁ ସମର୍ଥନ କରି ଭାରତର ଷ୍ଟାର୍ଟଅପ୍ ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟକୁ ତ୍ୱରାନ୍ୱିତ କରିବା। ଷ୍ଟାର୍ଟଅପ୍ ଇଣ୍ଡିଆ ପଦକ୍ଷେପ ଅଧୀନରେ ଆରମ୍ଭ ହୋଇଥିବା ଷ୍ଟାର୍ଟଅପ୍ ଇଣ୍ଡିଆ ଏଫଓଏଫ ୨.୦ ହେଉଛି ଭାରତକୁ ବିଶ୍ୱର ଏକ ପ୍ରମୁଖ ଷ୍ଟାର୍ଟଅପ୍ ରାଷ୍ଟ୍ରରେ ପରିଣତ କରିବା ପାଇଁ ପ୍ରାୟ ଏକ ଦଶନ୍ଧି ଧରି ଚାଲିଥିବା ପ୍ରୟାସର ପରିଣାମ। ୨୦୧୬ରେ ଷ୍ଟାର୍ଟଅପ୍ ଇଣ୍ଡିଆ ଆରମ୍ଭ ହେବା ପରଠାରୁ, ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ପରିବର୍ତ୍ତନ ଆସିଛି।

**ସାଇବର ବୀମା**

# ଡିଜିଟାଲ୍ ଠକେଇ ବିରୁଦ୍ଧରେ ବଡ଼ ଢାଲ

**ନୂଆଦିଲ୍ଲୀ,୧୫।୨(ଏଜେନ୍ସି):** ଆଜିର ଦୁନିଆରେ, ଡିଜିଟାଲ୍ ପେମେଣ୍ଟ ଆମ ଦୈନନ୍ଦିନ ଜୀବନର ଏକ ଅଂଶ ପାଲଟିଛି। ମୋବାଇଲ୍ ବ୍ୟାଙ୍କିଙ୍ଗ, ୟୁପିଆଇ ଏବଂ ଅନ୍‌ଲାଇନ୍ କାରବାର ଜିନିଷଗୁଡ଼ିକୁ ସହଜ କରିଛି, କିନ୍ତୁ ଏହା ସହିତ ସାଇବର ଠକେଇର ବିପଦ ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି। କେତେକ ସମୟରେ ଏକ ଛୋଟ ଅସାବଧାନତା କିମ୍ବା ଏକ ଭୁଲ କ୍ଲିକ୍ କିଛି ମିନିଟ୍ ମଧ୍ୟରେ ବର୍ଷ ବର୍ଷର ସଞ୍ଚୟକୁ ନଷ୍ଟ କରିପାରେ। ଏପରି ପରିସ୍ଥିତିରେ ସାଇବର ବୀମା ଏକ ଦୃଢ଼ ସୁରକ୍ଷା କବଚ ଭାବରେ ଉଭା ହେଉଛି।

ଗତ କିଛି ବର୍ଷ ମଧ୍ୟରେ ଦେଶରେ ଡିଜିଟାଲ୍ ଠକେଇ ମାମଲା ଯଥେଷ୍ଟ ବୃଦ୍ଧି ପାଇଛି। ଇଣ୍ଟରନେଟର ସହଜ ପ୍ରବେଶ ଏବଂ ସଚେତନତାର ଅଭାବର ସୁଯୋଗ ନେଇ, ସାଇବର ଅପରାଧୀମାନେ ଫିସିଂ କଲ୍, ନକଲି ଲିଙ୍କ୍, ଓଟିପି ଠକେଇ




ଏବଂ ୟୁପିଆଇ। ଠକେଇ ମାଧ୍ୟମରେ ଲୋକଙ୍କୁ ଟାର୍ଗେଟ କରୁଛନ୍ତି। ଅନେକ ଲୋକ ସେମାନଙ୍କର କଠିନ ଅର୍ଜିତ ଟଙ୍କା ହରାଇଛନ୍ତି। ଏପରି ପରିସ୍ଥିତିରେ ସାଇବର ବୀମା ଆର୍ଥିକ କ୍ଷତିପୂରଣର ନିଶ୍ଚିତତା ପ୍ରଦାନ କରେ। ଏହି ନୀତି ଅନୁଯାୟୀ, ଯଦି ଆପଣ ୟୁପିଆଇ ଠକେଇ, ଡେବିଟ୍ କିମ୍ବା କ୍ରେଡିଟ୍ କାର୍ଡ ଠକେଇ, ଫିସିଂ ଇ-ମେଲ୍, ଅନଲାଇନ୍ ହ୍ୟାକିଂ କିମ୍ବା ଆଇଡି ଚୋରିର ଶିକାର ହୁଅନ୍ତି, ତେବେ ବୀମା କମ୍ପାନୀ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ହୋଇଥିବା କ୍ଷତି ପାଇଁ କ୍ଷତିପୂରଣ ଦେଇଥାଏ। କିଛି ପଲିସିରେ ଆଇନଗତ ସହାୟତା ଏବଂ ଡାଟା ପୁନରୁଦ୍ଧାର ଭଳି ସେବା ମଧ୍ୟ ଅନ୍ତର୍ଭୁକ୍ତ। ଏହା କେବଳ ଆପଣଙ୍କ ବ୍ୟାଙ୍କ ବାଲାନ୍ସକୁ ସୁରକ୍ଷା ଦିଏ ନାହିଁ ବରଂ ଡିଜିଟାଲ କାରବାରରେ ଆତ୍ମବିଶ୍ୱାସ ମଧ୍ୟ ସୃଷ୍ଟି କରେ। ଦେଶରେ ୟୁପିଆଇ ଏବଂ ଅନ୍‌ଲାଇନ୍ ପେମେଣ୍ଟର ବ୍ୟବହାର ନିରନ୍ତର ବୃଦ୍ଧି ପାଉଛି। ଲକ୍ଷ ଲକ୍ଷ ଲୋକ ପ୍ରତିଦିନ ଡିଜିଟାଲ ପେମେଣ୍ଟ କରୁଛନ୍ତି। ସୁବିଧା ବୃଦ୍ଧି ପାଉଥିବା ବେଳେ ଠକେଇ ପଦ୍ଧତିଗୁଡ଼ିକ ମଧ୍ୟ ଅଧିକ ସୁଦୃଢ଼ ହୋଇଛି। ଏହି ପରିସ୍ଥିତିରେ, କେବଳ ସତର୍କତା ନୁହେଁ ବରଂ ଅତିରିକ୍ତ ସୁରକ୍ଷା ମଧ୍ୟ ଆବଶ୍ୟକ ହୋଇଯାଇଛି। ଆର୍ଥିକ ପରାମର୍ଶଦାତାମାନେ ବିଶ୍ୱାସ କରନ୍ତି ଯେ ସ୍ୱାସ୍ଥ୍ୟ ଏବଂ ଜୀବନ ବୀମା ଯେପରି ଅତ୍ୟାବଶ୍ୟକ, ସେହିପରି ଡିଜିଟାଲ ଯୁଗରେ ସାଇବର ବୀମା ମଧ୍ୟ ଅତି ଜରୁରୀ ହୋଇପଡୁଛି। ଏହା କେବଳ ଆର୍ଥିକ ସୁରକ୍ଷା ପ୍ରଦାନ କରେ ନାହିଁ ବରଂ ମାନସିକ ଶାନ୍ତି ମଧ୍ୟ ପ୍ରଦାନ କରେ। ଡିଜିଟାଲ ଇଣ୍ଡିଆର ଏହି ଯୁଗରେ ସୁରକ୍ଷିତ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାଇବର ବୀମା ଏକ ବୁଦ୍ଧିମାନ ପଦକ୍ଷେପ ଯାହା ଆପଣଙ୍କ କଠିନ ପରିଶ୍ରମର ଅର୍ଥକୁ ଅନଲାଇନ୍ ଠକେଇରୁ ରକ୍ଷା କରିବାରେ ସାହାଯ୍ୟ କରେ ଏବଂ କୌଣସି ଚିନ୍ତା ବିନା ଡିଜିଟାଲ କାରବାର କରିବାକୁ ଅନୁମତି ଦିଏ।

ଇଶାନଙ୍କ ବିସ୍ଫୋରକ ବ୍ୟାଟିଂ, ପେସର୍-ସ୍ପିନରଙ୍କ ମିଳିତ ସଫଳତା, ୬୧ ରନ୍‌ରେ ହାରିଲା ପାକିସ୍ତାନ

# କଲମ୍ବୋରେ ଭାରତର ଦମ୍‌ଦାର ବିଜୟ



କଲମ୍ବୋ,୧୫।୨ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ଚାଲିଥିବା ଟି-୨୦ ବିଶ୍ୱକପ୍ ପୂର୍ବରୁ ପାକିସ୍ତାନ ସରକାର ଓ କ୍ରିକେଟ ବୋର୍ଡର ଅବାସ୍ତବ ନାଟକ ଶେଷରେ ଫ୍ଲପ୍ ସାବ୍ୟସ୍ତ ହୋଇଛି। ଭାରତ ବିପକ୍ଷ ମ୍ୟାଚ୍‌କୁ ବୟକଟ କରିବା ଧମକ ପରେ ଏଠାରେ ଆଜି ଅନୁଷ୍ଠିତ ହାଇଭୋଲ୍ଟେଜ୍ ମୁକାବିଲାରେ ପାକିସ୍ତାନ ଶୋଚନୀୟ ପରାଜୟ ବରଣ କରିଛି। ଏହା ଫଳରେ କ୍ରିକେଟରେ ଭାରତ ଆଗରେ ପାକିସ୍ତାନର ଦମ୍ ଯେ କେତେ କମ୍ ତାହା ବାରମ୍ବାର ପ୍ରମାଣିତ ହୋଇଛି। ଏଠାରେ ରବିବାର ଖେଳାଯାଇଥିବା ଗ୍ରୁପ୍-ଏ'ର ଶୀର୍ଷସ୍ଥାନ ଲାଗି ମୁକାବିଲାରେ କଲମ୍ବୋର ମନ୍ଥର ପିଚ୍‌ରେ ପାକିସ୍ତାନ ସ୍ପିନରଙ୍କ ମାଧ୍ୟମରେ ପ୍ରଭାବୀ ଖେଳିବ ବୋଲି ଆଶା କରାଯାଉଥିଲା। କିନ୍ତୁ ସେମାନଙ୍କ ପ୍ରଭାବକୁ ପ୍ରତିହତ କରି ଏହି ମୁକାବିଲାରେ ଭାରତ ୬୧ ରନ୍‌ରେ ପାକିସ୍ତାନକୁ ପରାସ୍ତ କରିଛି। ଯାହା ଫଳରେ ହ୍ୟାଟ୍ରିକ୍ ବିଜୟ ସହ ଭାରତ ଚଳିତ ଟୁର୍ଣ୍ଣାମେଣ୍ଟରେ ତୃତୀୟ ଦଳ ଭାବେ ସୁପର-୮'ରେ ପ୍ରବେଶ କରିଛି। ପୂର୍ବରୁ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ୍ ହ୍ୟାଟ୍ରିକ୍ ବିଜୟ ସହ ସୁପର-୮'ରେ ସ୍ଥାନ ପକ୍କା କରିଛନ୍ତି।


କଲମ୍ବୋର ରଣସିଂହେ ପ୍ରେମଦାସା ଷ୍ଟାଡିୟମ୍ ପିଚ୍ ସ୍ପିନ୍ ବୋଲରଙ୍କୁ ସାଥ୍ ଦେଇଥିଲା। ଏଥିରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଇଶାନ କିଶାନଙ୍କ ୪୦ ବଲ୍‌ରୁ ୭୭ ରନ୍ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୭୫ ରନ୍ କରିଥିଲା। ଦଳ ପକ୍ଷରୁ କାମଚଳା ସ୍ପିନର ସାଏମ ଆୟୁବ ସର୍ବାଧିକ ୩ଟି ଓ ସମସ୍ତ ସ୍ପିନର ମିଳିତ ଭାବେ ୫ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ୧୭୬ ରନ୍‌ର ଟାର୍ଗେଟ୍‌କୁ ପିଛା କରିଥିବା ପାକିସ୍ତାନ ଭାରତୀୟ ବୋଲିଂର ଉଚିତ ମୁକାବିଲା କରି ନ ପାରି ୧୮ ଓଭରରେ ୧୧୪ ରନ୍ କରିଥିଲା। ଦଳ ପକ୍ଷରୁ କେବଳ ଉସ୍‌ମାନ ଖାନ୍ ୪୪ ରନ୍ କରି ଲଢ଼ିଥିଲେ। ଭାରତ ପକ୍ଷରୁ ପେସର ୪ଟି ଓ ସ୍ପିନରମାନେ ୬ଟି ୱିକେଟ ନେଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଫାଷ୍ଟ ବୋଲର ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ୍ ବୁମ୍‌ରା ୨ଟି ଲେଖାଏଁ, ଦୁଇ ସ୍ପିନର ଅକ୍ଷର ପଟେଲ ଓ ବରୁଣ ଚକ୍ରବର୍ତ୍ତୀ ମଧ୍ୟ ୨ଟି ଲେଖାଏଁ ୱିକେଟ ପାଇଥିଲେ। କୁଲଦୀପ ଯାଦବ ଓ କାମଚଳା ସ୍ପିନର ତିଳକ ବର୍ମା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

ପୂର୍ବରୁ ଭାରତ ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରିଥିଲା। ଦଳର ବିସ୍ଫୋରକ ଓପନର ଅଭିଷେକ ଶର୍ମା ୪ଟି ବଲ୍ ଖେଳିଥିଲେ ମଧ୍ୟ ଖାତା ଖୋଲି ନ ପାରି ସଲମାନ ଅଲି ଆଘାଙ୍କ ଦ୍ୱାରା ଆଉଟ ହୋଇଥିଲେ। ପ୍ରଥମ ଓଭରରୁ ୱିକେଟ ହରାଇବା ପରେ ଇଶାନ କିଶାନ ଆକ୍ରମଣାତ୍ମକ ଖେଳି ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲେ। ସେ ପାୱାର ପ୍ଲେ'ରେ ୪୨, ୨୭ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ପରେ ଅଭିଷେକଙ୍କ ଅନୁପସ୍ଥିତି ଉପଲବ୍ଧ ହୋଇ ନ ଥିଲା। ସେ କିନ୍ତୁ ୪୦ଟି ବଲ୍‌ର ସମ୍ମୁଖୀନ ହୋଇ ୭୭ ରନ୍ କରିଥିଲାବେଳେ ଆୟୁବଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ଏହି ସ୍କୋରରେ ସେ ୧୦ଟି ଚୌକା ଓ ୩ଟି ଛକା ମାରିଥିଲେ। ତାଙ୍କ ଆଉଟ ପରେ ଦ୍ରୁତ ରନ୍ ସଂଗ୍ରହରେ ପାକିସ୍ତାନୀ ସ୍ପିନର ବ୍ରେକ୍ ଲଗାଇଥିଲେ। ବିଶେଷ କରି ଆୟୁବ ଓ ଉସ୍‌ମାନ ତାରିକ୍ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ତିଳକ ବର୍ମା ୨୪ ବଲ୍‌ରୁ ୨୫, ସୂର୍ଯ୍ୟକୁମାର ଯାଦବ ଧୈର୍ଯ୍ୟପୂର୍ଣ୍ଣ ଖେଳି ୨୯ ବଲ୍‌ରୁ ୩୨ ରନ୍ କରିଥିଲେ। ଶେଷ ଭାଗରେ ଶିବମ ଦୁବେ ୧୭ ବଲ୍‌ରୁ ୩ ଚୌକା ଓ ୧ ଛକା ସହ ଦ୍ରୁତ ୨୭, ରିଙ୍କୁ ସିଂ ୪ଟି ବଲ୍‌ରୁ ୧୧ ରନ୍ କରିବା ଫଳରେ ଦଳ ଏକ ସମ୍ମାନଜନକ ସ୍କୋର କରିପାରିଥିଲା। ଅଭିଷେକଙ୍କ ସହ ହାର୍ଦ୍ଦିକ ପାଣ୍ଡ୍ୟା ଖାତା ଖୋଲି ନ ପାରିବାରୁ ଭାରତ ଏକ ବିଶାଳ ସ୍କୋର କରିବାକୁ ବଞ୍ଚିତ ହୋଇଥିଲା। ଭାରତ ଓ ପାକିସ୍ତାନ ମ୍ୟାଚରେ 'ନୋ ହ୍ୟାଣ୍ଡସେକ୍' ଧାରା ବଜାୟ ରହିଛି। ଏଠାରେ ଆଜି ମଧ୍ୟ ଭାରତ ଓ ପାକିସ୍ତାନ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ସଲମାନ ଆଘା ଟସ୍ ସମୟରେ ପରସ୍ପର ହାତ ନ ମିଳାଇ ଚାଲିଯାଇଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ଇନିଂସ: ୧୭୫/୭, ୨୦ ଓଭର (ଇଶାନ-୭୭, ସୂର୍ଯ୍ୟକୁମାର-୩୨, ଶିବମ-୨୭, ତିଳକ-୨୫, ଅଭିଷେକ-୦, ହାର୍ଦ୍ଦିକ-୦, ଆୟୁବ-୩/୨୫, ସଲମାନ-୧/୧୦, ତାରିକ-୧/୨୪, ଆଫ୍ରିଦୀ-୧/୩୧)।

ପାକିସ୍ତାନ ଇନିଂସ : ୧୧୪/୧୦, ୧୮ ଓଭର (ଉସ୍‌ମାନ-୪୪, ସଦାବ-୧୪, ହାର୍ଦ୍ଦିକ-୨/୧୬, ବୁମ୍‌ରା-୨/୧୭, ଅକ୍ଷର-୨/୨୯, ବରୁଣ-୨/୧୭)।



### ଆଜିର ବିଶ୍ୱକପ୍ ମ୍ୟାଚ୍

| ମ୍ୟାଚ୍ | ସମୟ | ସ୍ଥାନ |
|---|---|---|
| ଆଫଗାନିସ୍ତାନ-ୟୁଏଇ | ପୂର୍ବାହ୍ନ ୧୧ଟା | ଦିଲ୍ଲୀ |
| ଇଂଲଣ୍ଡ- ଇଟାଲୀ | ଅପରାହ୍ଣ ୩ଟା | କୋଲକାତା |
| ଅଷ୍ଟ୍ରେଲିଆ-ଶ୍ରୀଲଙ୍କା | ରାତି ୭ଟା | ପାଲେକେଲେ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

● ୱିମେନ ରାଇଜିଂଷ୍ଟାର ଏସିଆ କପ୍

## ପାକିସ୍ତାନ-ଏ'କୁ ହରାଇଲା ଭାରତ-ଏ



ବ୍ୟାଙ୍କକ୍, ୧୫।୨ (ଏଜେନ୍ସି): ପାକିସ୍ତାନ-ଏ'କୁ ୮ ୱିକେଟରେ ପରାସ୍ତ କରି ଭାରତ-ଏ' ଏଠାରେ ଚାଲିଥିବା ୱିମେନ ରାଇଜିଂଷ୍ଟାର ଏସିଆ କପ୍‌ରେ ପ୍ରଥମ ବିଜୟ ହାସଲ କରିଛି। ପୂର୍ବରୁ ୟୁଏଇଠାରୁ ହାରିଥିବା ଭାରତ-ଏ' ଏହି ବିଜୟ ଫଳରେ ସେମିଫାଇନାଲ ଖେଳିବା ଆଶା ତିଷ୍ଠି ରହିଛି। ଏହି ମ୍ୟାଚ୍‌ରେ ଭାରତ-ଏ'ର ସାଇମା ଠାକୁର, ରାଧା ଯାଦବ ଓ ପ୍ରେମା ରାୱତ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ-ଏ ୧୮.୫ ଓଭରରେ ୯୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଦିନେଶ ବୃନ୍ଦାଙ୍କ ଅପରାଜିତ ୫୫ ଓ ଅନୁଷ୍କା ଶର୍ମାଙ୍କ ୨୪ ରନ୍ ସହାୟତାରେ ଭାରତ-ଏ' ୧୦.୧ ଓଭରରେ ୨ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ବୃନ୍ଦାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତ-ଏ' ତାହାର ଶେଷ ଲିଗ୍ ମ୍ୟାଚ୍ ନେପାଳ ସହ ମଙ୍ଗଳବାର ଖେଳିବ।

ଅଷ୍ଟ୍ରେଲିଆ ବିପକ୍ଷରେ ଅରୁନ୍ଧତୀଙ୍କ ଘାତକ ବୋଲିଂ

## ପ୍ରଥମ ଟି-୨୦ରେ ଜିତିଲା ଭାରତ



ସିଡ୍‌ନୀ,୧୫।୨ (ଏଜେନ୍ସି): ମିଡିୟମ ଫାଷ୍ଟ ବୋଲର ଅରୁନ୍ଧତୀ ରେଡ୍ଡୀଙ୍କ ଘାତକ ବୋଲିଂ ଓ ବର୍ଷା ସହାୟତାରେ ଏଠାରେ ଆଜି ଅନୁଷ୍ଠିତ ପ୍ରଥମ ମହିଳା ଟି-୨୦ରେ ଭାରତ ଡିଏଲଏସ୍ ମେଥଡ୍‌ରେ ଅଷ୍ଟ୍ରେଲିଆକୁ ୨୧ ରନ୍‌ରେ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ କାନବେରାରେ ୧୯ ତାରିଖ ଖେଳାଯିବ। ଏହି ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଇନିଂସରେ ୪ ଓଭର ବୋଲିଂ କରି ୨୨ ରନ୍‌ରେ ୪ଟି ୱିକେଟ ନେଇଥିବା ଅରୁନ୍ଧତୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୧୩୩ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଜର୍ଜିଆ ୱେୟାରହାମ୍ ସର୍ବାଧିକ ୩୦, ଫୋଏବ ଲିଚଫେଲ୍ଡ ୨୬ ଓ ଏଲିସେ ପେରୀ ୨୦ ରନ୍ କରିଥିଲେ। ଭାରତ ପକ୍ଷରୁ ଅରୁନ୍ଧତୀଙ୍କ ୪ ୱିକେଟ ବ୍ୟତୀତ ରେଣୁକା ସିଂ ଓ ଶ୍ରୀ ଚରଣୀ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଜବାବରେ ଭାରତ ୫.୧ ଓଭରରେ ଶେଫାଳି ବର୍ମା (୧୧ବଲ୍‌ରେ ୨୧ରନ୍)ଙ୍କ ୱିକେଟ ହରାଇ ୧ ୱିକେଟରେ ୫୦ ରନ୍ କରିଥିଲାବେଳେ ବର୍ଷା ଯୋଗୁଁ ଆଉ ଖେଳ ସମ୍ଭବ ହୋଇ ନ ଥିଲା। ଫଳରେ ଡିଏଲ୍‌ଏସ୍ ମେଥଡ ଅନୁଯାୟୀ ଭାରତକୁ ୨୧ ରନ୍‌ରେ ବିଜୟୀ ଘୋଷିତ କରାଯାଇଥିଲା।

## ପିତୃତ୍ୱ ଛୁଟିରେ ଗଲେ ଫର୍ଗୁସନ

ନୂଆଦିଲ୍ଲୀ, ୧୫।୨ (ଏଜେନ୍ସି): ବିଶ୍ୱକପ୍ ମଝିରୁ ସାମୟିକ ସମୟ ଲାଗି ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ଲୋକି ଫର୍ଗୁସନ ସ୍ୱଦେଶ ଫେରିଯାଇଛନ୍ତି। ଫର୍ଗୁସନଙ୍କ ସ୍ତ୍ରୀ ଇମା ପ୍ରଥମ ସନ୍ତାନ ପ୍ରସବ ଦେବାକୁ ଯାଉଛନ୍ତି। ତେଣୁ ପତ୍ନୀଙ୍କ ସହିତ ଏହି ବିଶେଷ ସମୟ ଅତିବାହିତ କରିବା ପାଇଁ ଫର୍ଗୁସନଙ୍କୁ ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ ସାମୟିକ ପିତୃତ୍ୱ ବିରତି ମିଳିଛି। ଫଳରେ ସେ ନ୍ୟୁଜିଲାଣ୍ଡର ଶେଷ ଲିଗ୍ ମ୍ୟାଚରେ ଖେଳିପାରିବେ ନାହିଁ। ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବା ନ୍ୟୁଜିଲାଣ୍ଡ ଏହାର ଶେଷ ମ୍ୟାଚରେ ମଙ୍ଗଳବାର କାନାଡା ସହ ଖେଳିବ। ନ୍ୟୁଜିଲାଣ୍ଡ ବର୍ତ୍ତମାନ ସୁଦ୍ଧା ୩ ମ୍ୟାଚ୍ ଖେଳି ୨ ବିଜୟ ଓ ଗୋଟିଏ ପରାଜୟ ସହ ୪ ପଏଣ୍ଟ ପାଇ ଦକ୍ଷିଣ ଆଫ୍ରିକା (୬) ପଛକୁ ୨ୟ ସ୍ଥାନରେ ରହିଛି। 'ଏହା ଫର୍ଗୁସନ ଓ ଇମାଙ୍କ ପାଇଁ ଏକ ଅତ୍ୟନ୍ତ ରୋମାଞ୍ଚକ ସମୟ। ଆମେ ଖୁସି ଯେ ଫର୍ଗୁସନ ଏପରି ଏକ ବିଶେଷ ଅବସର ପାଇଁ ଘରେ ରହିବେ। ସେ ସୁପର୍-୮ ପର୍ଯ୍ୟାୟ ବେଳକୁ ପୁଣିଥରେ ଦଳ ସହ ଯୋଗଦେଇଥିବେ'ବୋଲି ନ୍ୟୁଜିଲାଣ୍ଡ କୋଚ୍ ରବ୍ ୱାଲ୍ଟର କହିଛନ୍ତି।



ହୋଲ୍ଡରଙ୍କ ଘାତକ ବୋଲିଂ, ହୋପ୍‌ଙ୍କ ଅର୍ଦ୍ଧଶତକ

## ସୁପର-୮ ରେ ୱେଷ୍ଟଇଣ୍ଡିଜ୍

ମୁମ୍ବଇ,୧୫।୨ (ଏଜେନ୍ସି): ଫାଷ୍ଟ ବୋଲର ଜେସନ ହୋଲ୍ଡର (୨୭ ରନ୍‌ରେ ୪ ୱିକେଟ)ଙ୍କ ଘାତକ ବୋଲିଂ ଓ ସାଇ ହୋପ୍ (୪୪ ବଲ୍‌ରେ ୬୧ରନ୍)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଏଠାରେ ଆଜି ଅନୁଷ୍ଠିତ ଗ୍ରୁପ୍-ସି'ର ଏକ ଲିଗ୍ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ୯ ୱିକେଟରେ ନେପାଳକୁ ପରାସ୍ତ କରିଛି। ଏହା ଫଳରେ ହ୍ୟାଟ୍ରିକ୍ ବିଜୟ ସହ ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଦଳ ଭାବେ ସୁପର-୮'ରେ ପ୍ରବେଶ କରିଛି। ପୂର୍ବରୁ ଦକ୍ଷିଣ ଆଫ୍ରିକା ପ୍ରଥମ ଦଳ ଭାବେ ସୁପର-୮'ରେ ସ୍ଥାନ ସୁରକ୍ଷିତ କରିଥିଲା। ଏହି ଗ୍ରୁପ୍‌ରେ ୱେଷ୍ଟଇଣ୍ଡିଜ୍ ପ୍ରଥମ ମ୍ୟାଚ୍‌ରେ ସ୍କଟଲାଣ୍ଡକୁ ୩୫ ଓ ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡକୁ ୩୦ ରନ୍‌ରେ ହରାଇଥିଲା। ଇଟାଲୀ ସହ ୱେଷ୍ଟଇଣ୍ଡିଜ୍ ତାହାର ଚତୁର୍ଥ ତଥା ଶେଷ ଲିଗ୍ ମ୍ୟାଚ୍ ଆସନ୍ତା ୧୯ରେ ଖେଳିବ।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନେପାଳ ୮ ୱିକେଟରେ ୧୩୩ ରନ୍ କରିଥିଲା। ଦଳ ପକ୍ଷରୁ ଦୀପେନ୍ଦ୍ର ସିଂ ଆଇରୀ ସର୍ବାଧିକ ୫୮ ଓ ସୋମପାଲ କାମି ଅପରାଜିତ ୨୬ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ହୋଲ୍ଡର ୪ଟି ୱିକେଟ ପାଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ୍ ୧୫.୨ ଓଭରରେ କେବଳ ବ୍ରାଣ୍ଡନ କିଙ୍ଗ (୨୨)ଙ୍କ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଅଧିନାୟକ ହୋପ୍ ୪୪ ବଲ୍‌ରୁ ୫ ଚୌକା ଓ ୩ଛକା ସହ ୬୧ ଏବଂ ସିମରନ ହେଟମାୟର ୩୨ବଲ୍‌ରୁ ୪ଚୌକା ଓ ୨ଛକା ସହ ୪୬ ରନ୍‌ରେ ଅପରାଜିତ ରହିଥିଲେ।

ମୋନାକ, ସଞ୍ଜୟଙ୍କ ଅର୍ଦ୍ଧଶତକ

## ବିଜୟ ସହ ୟୁଏସ୍‌ଏ ବିଦା

ଚେନ୍ନଇ,୧୫।୨ (ଏଜେନ୍ସି): ଅଧିନାୟକ ମୋନାକ ପଟେଲ (୩୦ବଲ୍‌ରେ ୫୮ ରନ୍) ଓ ସଞ୍ଜୟ କୃଷ୍ଣମୂର୍ତ୍ତି (୩୩ବଲ୍‌ରେ ଅପରାଜିତ ୬୮ ରନ୍)ଙ୍କ ଅର୍ଦ୍ଧଶତକ ସହାୟତାରେ ଏଠାରେ ରବିବାର ଅନୁଷ୍ଠିତ ଗ୍ରୁପ୍-ଏ'ର ଏକ ଲିଗ୍ ମ୍ୟାଚ୍‌ରେ ୟୁଏସ୍‌ଏ (ୟୁନାଇଟେଡ୍ ଷ୍ଟେଟସ ଅଫ୍ ଆମେରିକା) ୩୧ ରନ୍‌ରେ ନାମିବ୍ୟାକୁ ପରାସ୍ତ କରି ପ୍ରଥମ ବିଜୟ ହାସଲ କରିଛି। ଭାରତ, ପାକିସ୍ତାନ ଓ ନେଦରଲାଣ୍ଡସଠାରୁ ପରାଜିତ ହୋଇଥିବା ୟୁଏସ୍‌ଏ ଏହି ବିଜୟ ସହ ଚଳିତ ବିଶ୍ୱକପ୍‌ରୁ ବିଦା ହୋଇଛି। ଏହି ମ୍ୟାଚ୍‌ରେ ୩୩ବଲ୍‌ରୁ ୪ଚୌକା ଓ ୮ ଛକା ସହ ୬୮ ରନ୍‌ରେ ଅପରାଜିତ ରହିଥିବା ୟୁଏସ୍‌ଏର ସଞ୍ଜୟ କୃଷ୍ଣମୂର୍ତ୍ତିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ୟୁଏସ୍‌ଏ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୧୯୯ ରନ୍ କରିଥିଲା। ଅଧିନାୟକ ମୋନାକ ପଟେଲ ଓ ସଞ୍ଜୟ କୃଷ୍ଣମୂର୍ତ୍ତିଙ୍କ ଅର୍ଦ୍ଧଶତକ ବ୍ୟତୀତ ମିଲିନ୍ଦ କୁମାର ଅପରାଜିତ ୨୮ ଓ ସାୟାନ ଜାହାଙ୍ଗୀର ୨୨ ରନ୍ କରିଥିଲେ। ଜବାବରେ ନାମିବ୍ୟା ସମାନ ସଂଖ୍ୟକ ଓଭର ଖେଳି ୬ ୱିକେଟରେ ୧୬୮ ରନ୍ କରିଥିଲା। ଦଳ ପକ୍ଷରୁ ଲୌରେନ ଷ୍ଟିନକ୍ୟାମ୍ପ ୫୮, ଜେଜେ ସ୍ମିଟ୍ ୩୧ ରନ୍ କରିଥିଲେ। ୟୁଏସ୍ ପକ୍ଷରୁ ଶାଡଲୀ ଭାନ ସ୍କାଲକ୍ୱିକ୍ ସର୍ବାଧିକ ୨ଟି ୱିକେଟ ପାଇଥିଲେ। ଚଳିତ ଟୁର୍ଣ୍ଣାମେଣ୍ଟରେ ଦକ୍ଷିଣ ଆଫ୍ରିକା ଜନ୍ମିତ ୩୭ ବର୍ଷୀୟ ସ୍ପିନର ଶାଡ୍‌ଲୀ ୪ଟି ମ୍ୟାଚ୍ ଖେଳି ୟୁଏସ୍‌ଏ ପକ୍ଷରୁ ସର୍ବାଧିକ ୧୩ଟି ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ସଫଳତା ପାଇଛନ୍ତି।

ତମାଣ୍ଡୋ ପ୍ରିମିୟର ଲିଗ୍

## ସମ୍ବଲପୁର ଏମ୍‌ଏମ୍‌ସିସିର ବିଜୟ

ଭୁବନେଶ୍ୱର,୧୫।୨(ସମିସ): ସମ୍ବଲପୁରର ଏମ୍‌ଏମ୍‌ସିସି ୪୪ ରନ୍‌ର ବୃହତ୍ ବ୍ୟବଧାନରେ କାକଟପୁରର ଏମ୍‌ସିସିକୁ ପରାସ୍ତ କରି ଏଠାରେ ଚାଲିଥିବା ତମାଣ୍ଡୋ ପ୍ରିମିୟର ଲିଗ୍‌ରେ ବିଜୟୀ ହୋଇଛି। ଏହି ମ୍ୟାଚ୍‌ରେ ସମ୍ବଲପୁରର ଆବ୍ରାର ହାସନ ୩୭ ରନ୍‌ରେ ୪ ୱିକେଟ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଅତିଥି ଅଜୟ ପାଟଶାଣୀଙ୍କଠାରୁ ପୁରସ୍କାର ଲାଭ କରିଛନ୍ତି। ଆସନ୍ତାକାଲି ୟୁବି ରକ୍‌ଷ୍ଟାର ଓ ବ୍ରହ୍ମପୁର ଆର୍‌ସି ମଧ୍ୟରେ ପରବର୍ତ୍ତୀ ଲିଗ୍ ମ୍ୟାଚ୍ ଖେଳାଯିବ।


ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସମ୍ବଲପୁର ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୨୦୫ ରନ୍ କରିଥିଲା। ଦଳ ପକ୍ଷରୁ ସତ୍ୟଜିତ ସାବତ ସର୍ବାଧିକ ୪୬, ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ୩୧, ସରୋଜ ପଣ୍ଡା ୨୯ ଓ ସୌମ୍ୟରଞ୍ଜନ ବିଶ୍ୱାଳ ୨୨ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ପ୍ରବୀଣ କୁମାର ସର୍ବାଧିକ ୩ଟି, କାର୍ତ୍ତିକ ବିଶ୍ୱାଳ ଓ ବିଭୂତି ଗୋଛାୟତ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୨୦୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି କାକଟପୁର ୧୯ ଓଭରରେ ୧୬୧ ରନ୍ କରି ଅଲଆଉଟ ହୋଇଯାଇଥିଲା।

ସତୀଶ ସିଂଙ୍କ ୫୯, ଦୁର୍ଗାପ୍ରସାଦ ବେହେରାଙ୍କ ୩୦ କିମ୍ବା ଆଇଏସ ଗିରିଙ୍କ ୨୪ ରନ୍ ଦଳକୁ ଜିତାଇପାରି ନ ଥିଲା। ବିଜୟୀ ଦଳ ପକ୍ଷରୁ ଆବ୍ରାରଙ୍କ ୪ ୱିକେଟ ବ୍ୟତୀତ ଏମ୍‌ଜି ଗୋପାଳ ୩ଟି ଓ ପ୍ରତୀକ ରଞ୍ଜନ ୨ଟି ୱିକେଟ ପାଇଥିଲେ।

■ ମୃତ୍ୟୁଞ୍ଜୟ ପାତ୍ର ସ୍ମାରକୀ ଚେସ୍

## ମହେଶ ଚାମ୍ପିଅନ, ସଞ୍ଜୀବନ ରନର୍ସ ଅପ୍

ଭୁବନେଶ୍ୱର,୧୫।୨(ସମିସ): ପୁରୀର ମହେଶ ପ୍ରସାଦ ସେଠୀ ୭ମ ମୃତ୍ୟୁଞ୍ଜୟ ପାତ୍ର ସ୍ମାରକୀ ଓପନ ଚେସ ଚାମ୍ପିଅନ ହୋଇଛନ୍ତି। ଭୁବନେଶ୍ୱର ଚେସ୍ ଆସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ୪ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ଟାଇବ୍ରେକରରେ ଯାଜପୁରର ସଞ୍ଜୀବନ ନାୟକ ପ୍ରଥମ ରନର୍ସଅପ୍ ଓ ଭୁବନେଶ୍ୱରର ଓମ୍ ଆଦିତ୍ୟ ଖାଡଙ୍ଗା ଦ୍ୱିତୀୟ ରନର୍ସଅପ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱରର ସ୍ୱପ୍ନିଳ ପ୍ରିୟଦର୍ଶୀ, ତନ୍ମୟ ତ୍ରିପାଠୀ, ନଟବର ଦାସ, ସୁରଜ ମହାରଣା ଓ ମନୀଷ ରଞ୍ଜନ ଦାସ ଯଥାକ୍ରମେ ଚତୁର୍ଥରୁ ୮ମ ସ୍ଥାନରେ ରହିଥିଲେ। ଟୁର୍ଣ୍ଣାମେଣ୍ଟକୁ ଓମ୍‌ଗୁରୁକୂଳ ପବ୍ଲିକ୍ ସ୍କୁଲ୍‌ର ଏମ୍‌ଡି ଲକ୍ଷ୍ମୀଧର ବେହେରା ଉଦ୍‌ଘାଟନ କରିଥିଲାବେଳେ ରବିଶଙ୍କର ମାତ୍ର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଥିଲେ। ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।



## ସଦରଲାଣ୍ଡଙ୍କୁ କ୍ରମାଗତ 'ବେଲିଣ୍ଡା କ୍ଲାର୍କ' ପଦକ

ସିଡନୀ, ୧୫।୨ (ଏଜେନ୍ସି): ବର୍ଷ ୨୦୨୫ ଲାଗି ଆନାବେଲ୍ ସଦରଲାଣ୍ଡ ଅଷ୍ଟ୍ରେଲିଆର ଶ୍ରେଷ୍ଠ ମହିଳା କ୍ରିକେଟର୍ ହୋଇଛନ୍ତି। ଏଥିଲାଗି ତାଙ୍କୁ ରବିବାର ସିଡ୍‌ନୀରେ କ୍ରିକେଟ୍ ଅଷ୍ଟ୍ରେଲିଆ ପକ୍ଷରୁ ସମ୍ମାନଜନକ 'ବେଲିଣ୍ଡା କ୍ଲାର୍କ' ପଦକ ପ୍ରଦାନ କରାଯାଇଛି। ଭୋଟିଂ ପ୍ରକ୍ରିୟାରେ ସେ ୩ ଖଣ୍ଡ ଭୋଟରେ ବେଥ୍ ମୁନୀଙ୍କୁ ପଛରେ ପକାଇ ଏହି ପୁରସ୍କାର ଜିତିଛନ୍ତି। ୨୪ ବର୍ଷୀୟା ସଦରଲାଣ୍ଡ କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି ଏହି ପଦକ ବିଜୟୀ ହୋଇଛନ୍ତି। ଫଳରେ ଲଗାତର ଭାବେ 'ବେଲିଣ୍ଡା କ୍ଲାର୍କ' ପଦକ ଜିତିବାରେ ସଦରଲାଣ୍ଡ ଅଷ୍ଟ୍ରେଲିଆର ୫ମ ମହିଳା କ୍ରିକେଟର୍ ହୋଇଛନ୍ତି। ସେହିଭଳି ସଦରଲାଣ୍ଡ ଅଷ୍ଟ୍ରେଲିଆର 'ଶ୍ରେଷ୍ଠ ଦିନିକିଆ ମହିଳା କ୍ରିକେଟର୍' ଏବଂ ବେଥ୍ ମୁନୀ 'ଶ୍ରେଷ୍ଠ ମହିଳା ଟି-୨୦ କ୍ରିକେଟର୍' ପୁରସ୍କାର ଜିତିଛନ୍ତି। ୨୦୨୫ରେ ସଦରଲାଣ୍ଡ ସମସ୍ତ ଫର୍ମାଟରେ ମୋଟ୍ ୨୭ଟି ୱିକେଟ ନେଇଥିବାବେଳେ ୨୫୦ ରନ ସଂଗ୍ରହ କରିଥିଲେ।

● ସିକେ ନାଇଡୁ ଟ୍ରଫି

## ଓଡ଼ିଶାର ପାଳି ପରାଜୟ ଆଶଙ୍କା

ଭୁବନେଶ୍ୱର, ୧୫।୨ (ସମିସ): ମୁମ୍ବଇ ବିପକ୍ଷରେ ଚାଲିଥିବା ୨୫ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ଓଡ଼ିଶା ପାଳି ପରାଜୟ ଆଶଙ୍କାରେ ରହିଛି। ମୁମ୍ବଇର ସଚିନ ତେନ୍ଦୁଲକର ଜିମଖାନା ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ୩୧୫ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଓଡ଼ିଶା ରବିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୨ ୱିକେଟରେ ୧୦୭ ରନ ସଂଗ୍ରହ କରିଛି। ସମ୍ବିତ ବେଜ୍ ୩୬ ଓ ଅଧିନାୟକ ଓମ୍ ଟି ମୁଣ୍ଡେ ୯ ରନରେ ଆଉଟ୍ ହୋଇଛନ୍ତି। ଖେଳ ଶେଷବେଳକୁ ଆୟୂଷ ସୁତାର ୫୨ ଓ ଶ୍ରେୟାଂଶ ଭରଦ୍ୱାଜ ୭ ରନରେ ଅପରାଜିତ ରହିଛନ୍ତି। ହାତରେ ଦ୍ୱିତୀୟ ପାଳିର ୮ ୱିକେଟ୍ ବଳକା ଥାଇ ଓଡ଼ିଶା ଆହୁରି ୨୦୮ ରନ ପଛରେ ରହିଛି। ସୋମବାର ମ୍ୟାଚର ଅନ୍ତିମ ଦିବସ। ଓଡ଼ିଶାକୁ ଏବେ ମ୍ୟାଚ୍ ବଞ୍ଚାଇବାକୁ ହେଲେ ସମ୍ପୂର୍ଣ୍ଣ ଦିନ ବ୍ୟାଟିଂ କରିବା ଜରୁରୀ ହୋଇପଡ଼ିଛି। ପୂର୍ବରୁ ଓଡ଼ିଶାର ପ୍ରଥମ ପାଳି ସ୍କୋର ୧୬୯ ରନ ଜବାବରେ ଘରୋଇ ମୁମ୍ବଇ ୪୮୪ ରନର ବିଶାଳ ସ୍କୋର କରିଥିଲା। ଓପନର ଆୟୁଷ ଜେଠୱା (୧୪୪ ରନ) ଓ ମନନ ଭଟ୍ଟ (୧୧୧) ଶତକୀୟ ପାଳି ଖେଳି ମୁମ୍ବଇକୁ ବଡ଼ ସ୍କୋର ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଶା ପକ୍ଷରୁ ବାମହାତୀ ସ୍ପିନର ବାଦଲ ବିଶ୍ୱାଳ ସର୍ବାଧିକ ୫ଟି ୱିକେଟ୍ ନେଇଥିଲେ।



ରଣଜୀ ଟ୍ରଫି ସେମିଫାଇନାଲ

# ପ୍ରଥମ ଦିନରେ ରାହୁଲ, ପଡ଼ିକଲ, ସୁଦୀପଙ୍କ ଶତକ



ଲକ୍ଷ୍ନୌ, ୧୫।୨ (ଏଜେନ୍ସି): ଚଳିତ ରଣଜୀ ଟ୍ରଫିର ୯୧ତମ ସଂସ୍କରଣର ସେମିଫାଇନାଲ ପର୍ଯ୍ୟାୟ ରବିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ୩ଟି ଶତକୀୟ ପାଳି ଦେଖିବାକୁ ମିଳିଛି। ଲକ୍ଷ୍ନୌର ଏକାନା ଷ୍ଟାଡିୟମରେ ଉତ୍ତରାଖଣ୍ଡ ଓ କର୍ଣ୍ଣାଟକ ପ୍ରଥମ ସେମିଫାଇନାଲରେ ପରସ୍ପରକୁ ଭେଟିଛନ୍ତି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା କର୍ଣ୍ଣାଟକ ଅଧିନାୟକ ଦେବଦତ୍ତ ପଡ଼ିକଲ ଓ ଓପନର ଲୋକେଶ ରାହୁଲଙ୍କ ଶତକୀୟ ପାଳି ବଳରେ ୯୦ ଓଭରରେ ୨ ୱିକେଟ୍ ହରାଇ ୩୫୫ ରନର ସମ୍ମାନଜନକ ସ୍କୋର କରିଛି। ରାହୁଲ ୧୪୧ ରନ କରି ଆଉଟ ହୋଇଛନ୍ତି। ୨୧୧ ବଲର ଏହି ପାଳିରେ ସେ ୧୧ଟି ଚୌକା ଓ ୫ଟି ଛକା ମାରିଛନ୍ତି। ସେହିଭଳି ପଡ଼ିକଲ ୧୬ ଚୌକା ଓ ୨ ଛକା ବଳରେ ୨୩୬ ବଲରୁ ୧୪୮ ରନ କରି ଅପରାଜିତ ରହିଛନ୍ତି। ଦ୍ୱିତୀୟ ୱିକେଟରେ ରାହୁଲ ଓ ପଡ଼ିକଲ ୨୭୮ ରନର ଭାଗୀଦାରି ଗଢ଼ି ଦଳକୁ ବିଶାଳ ସ୍କୋର ଅଭିମୁଖେ ଅଗ୍ରସର କରାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମୟଙ୍କ ଅଗରୱାଲ ୫ ରନରେ ଆଉଟ୍ ହୋଇଥିବାବେଳେ କରୁଣ ନାୟାର ୩୭ ରନରେ ଅପରାଜିତ ରହିଛନ୍ତି। ଅପରପକ୍ଷରେ କୋଲକାତାର କଲ୍ୟାଣୀରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଜମ୍ମୁ କାଶ୍ମୀର ବିପକ୍ଷରେ ଘରୋଇ ବେଙ୍ଗଲ ଭଲ ଆରମ୍ଭ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବେଙ୍ଗଲ ୭୯.୫ ଓଭରରେ ୫ ୱିକେଟ ହରାଇ ୨୪୯ ରନ ସଂଗ୍ରହ କରିଛି। ସୁଦୀପ ଘରାମି ୧୩୬ ରନ କରି ଅପରାଜିତ ରହିଛନ୍ତି। ଜମ୍ମୁର ଆକ୍ବିବ ନବି ଓ ସୁନିଲ କୁମାର ୨ଟି ଲେଖାଏ ୱିକେଟ୍ ନେଇଛନ୍ତି।

## ରାଉରକେଲାରେ ଭାରତ ବିଜୟଶୂନ୍ୟ

ରାଉରକେଲା, ୧୫।୨ (ସମିସ): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତ କ୍ରମାଗତ ୪ର୍ଥ ପରାଜୟ ବରଣ କରିଛି। ବିର୍ସା ମୁଣ୍ଡା ଷ୍ଟାଡିୟମରେ ଖେଳିଥିବା ସମସ୍ତ ୪ଟି ଯାକ ମ୍ୟାଚରେ ପରାସ୍ତ ହୋଇ ବିଜୟ ଖାତା ଖୋଲି ପାରିନି। ରବିବାର ଭାରତ ଏହାର ଶେଷ ତଥା ୪ର୍ଥ ମ୍ୟାଚରେ ଆର୍ଜେଣ୍ଟିନାଠାରୁ ୪-୨ ଗୋଲରେ ପରାସ୍ତ ହୋଇଛି। ଏଠାରେ ଆର୍ଜେଣ୍ଟିନା ନିକଟରୁ ଭାରତର ଏହା କ୍ରମାଗତ ୨ୟ ପରାଜୟ। ଏଥିପୂର୍ବରୁ ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମୁକାବିଲାକୁ ଆର୍ଜେଣ୍ଟିନା ୮-୦ ଗୋଲରେ ଏକପାଖିଆ ଭାବେ ବିଜୟ ଲାଭ କରିଥିଲା। ସେହିଭଳି ଭାରତ ଏଠାରେ ବେଲ୍‌ଜିୟମ ବିପକ୍ଷ ଦୁଇଟି ଯାକ ମ୍ୟାଚକୁ ଯଥାକ୍ରମେ ୩-୧ ଓ ୪-୨ ଗୋଲରେ ହାରିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS